# ମୁଁ ମାଳତୀ କହୁଛି —.



ସମରଜିତ୍ ପଟ୍ଟନାୟକ

# ମୁଁ ମାଳତୀ କହୁଛି

( ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଆଧାରିତ)

ମୂଳ ବଙ୍ଗଳା ଉପନ୍ୟାସ

ଲେଖକ: ୰ ବୁଦ୍ଧଦେବ ବସୁ

ଭାଷାନ୍ତର

ସମରଜିତ୍ ପଟ୍ଟନାୟକ

ପ୍ରକାଶକ

ଆମରି ସତ୍ୟ

# ମୁଁ ମାଳତୀ କହୁଛି

**ଭାଷାନ୍ତର :** ସମରଜିତ୍ ପଟ୍ଟନାୟକ

**ସର୍ବସ୍ୱତ୍ତ୍ୱ ଅଧିକାରୀ :** ନନ୍ଦିତା ପଟ୍ଟନାୟକ

**ପ୍ରଥମ ସଂସ୍କରଣ : ୨୦୨୦**

**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭

**ମୁଦ୍ରଣ:** ପ୍ରତିଭା ପ୍ରିଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର

**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ

**ଲେଖକଙ୍କ ଠିକଣା :** ଏମ-ଆଇ : ୩୯, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭, ଜି : ଖୋରଧା-୭୫୨୦୫୫/

**ଦୂରଭାଷ:**୯୮୬୧୧୨୧୨୦୫

**Mu Malati Kahuchhi**

Translated by : *Samarjit Pattanaik*

©*: Nandita Pattanaik*

*1st Edition : 2020*

**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980

--------------------

**Printed at:**
PRATIVA PRINTERS
Unit -9, Bhubaneswar

--------------------

**Address of the Author -**
M-1/39, M. P. Housing Board Colony .
PO: P.N.College, Dt: Khordha-752057 .Odisha
*Mob:9861121205*

**ISBN 978-93-85900-50-1**

ମୂଲ୍ୟ: ୨୫୦.୦୦ ଟଂକା / **Price: ₹ 250.00**

# ଉତ୍ସର୍ଗ

**ଶ୍ରୀଯୁକ୍ତ ନବକିଶୋର ରାଜ**
ଅବସାରପ୍ରାପ୍ତ ଅତିରିକ୍ତ ଶାସନ ସଚିବ

ପ୍ରିୟ ରାଜ,

ହାତଧରି, ପାଖରେ ବସେଇ ଟିଟିଲାଗଡ଼ରେ ଅବସ୍ଥାନ ସମୟରେ ମୋତେ ବଙ୍ଗଳା ପଢ଼ିବା ଶିଖାଇଦେଇ, ଏ ବହିଟିକୁ ମୋ ହାତକୁ ବଢ଼େଇଦେଇ କହିଥିଲ - ଏହାକୁ ଓଡ଼ିଆରେ ଅନୁବାଦ କର। ଯା ଆଗରୁ କେହି ଅନୁବାଦ କରିନାହିଁ। ଏହା ୧୯୭୪ ମସିହା କଥା। ଅନୁବାଦ ସରିଲା। କିନ୍ତୁ – ସରିଲା ବେଳକୁ ତୁମେ ବଦଳି ହୋଇ ଅନ୍ୟତ୍ର ଚାଲିଯାଇଥିଲ।

ଏବେ ସେହି ବହିଟି ରୂପ ପାଇଛି। ଅନେକ ଦିନରୁ ଅଧା ଫୁଟି ରହିଥିବା କଢ଼ିଟିଏ ଆଜି ଫୁଲଟିଏ ହୋଇ ଫୁଟି ପାରିଛି।

ସେହି ଫୁଲଟିକୁ ତୁମ ହାତରେ ସମର୍ପି ଦେଲି। ଭଲ ମନ୍ଦ ତୁମେ ବୁଝିବ।

**ଇତି**
**ତୁମର ସମରଜିତ୍**

# ଅଭିମତ

ସମରଜିତ୍ ପଟ୍ଟନାୟକ'ଙ୍କ ଦ୍ୱାରା ଅନୁଦିତ ଏହି ବଂଗୀୟ ଉପନ୍ୟାସ "ମୁଁ ମାଳତୀ କହୁଛି" – ମୋତେ ବାସ୍ତବିକ ମୁଗ୍ଧ କରିଛି । ଏହା ଓଡ଼ିଆ ସାହିତ୍ୟ ପାଇଁ ଗୋଟାଏ ସୁଖଦ ଅନୁଭବ ଆଣିଦେବ । ଏହା ଏକ ସାହିତ୍ୟ ପ୍ରେମ – ଯାହା ଦୁଇଟା ଭାଷାକୁ କେବଳ ନିକଟବର୍ତ୍ତୀ କରିବନାହିଁ ବରଂ ଅନ୍ୟ ସାହିତ୍ୟପ୍ରେମୀମାନଙ୍କୁ ଏଦିଗରେ ପ୍ରୋତ୍ସାହିତ କରିବ – ଏଥିରେ ସନ୍ଦେହର ଅବକାଶ ନାହିଁ । "ମୁଁ ମାଳତୀ କହୁଛି" ଉପନ୍ୟାସର ଭାଷାନ୍ତର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଘଟଣା ହୋଇରହିବ ଓ ଓଡ଼ିଆ ସାହିତ୍ୟକୁ ନିଶ୍ଚିତ ଭାବରେ ପରିପୁଷ୍ଟ କରିବା ସହିତ ଅନ୍ୟ ଅନୁବାଦକମାନଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ।

ସମରଜିତ୍ ପଟ୍ଟନାୟକଙ୍କର ଏ ଅଭିନବ ପ୍ରଚେଷ୍ଟା ନିଶ୍ଚୟ ଆଦୃତ ହେବ ଓ ଭବିଷ୍ୟତରେ ଆହୁରି ଅନେକ ଏପରି ରଚନା ତାଙ୍କ କଲମରୁ ଝରିଆସି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରୁ – ଏହାହିଁ ପ୍ରଭୁଙ୍କ ପାଖେ କାମନା କରି – ରହୁଚି ।।

**ପ୍ରାଧ୍ୟାପକ ଡକ୍ଟର ପଦ୍ମଜ ପାଳ**
ବିଶିଷ୍ଟ ଔପନ୍ୟାସିକ



# ଏକ

## ମାଳତୀ

ଯା ହେବାର ଥିଲା ହୋଇଯାଇଛି – ଏବେ ଆଉ କହିବାର କିଛିନାହିଁ । ମାଳତୀ କହୁଛି– ମାଳତୀ ମୁଖୋପାଧ୍ୟାୟ, ଜଣକର ସ୍ତ୍ରୀ, ଜଣକର ଜନନୀ, ମୁଁ ଏହା କରିଛି – କରିଛି ଜୟନ୍ତର ସଂଗେ, ଜୟନ୍ତ ମୋତେ ଚାହେଁ ଏବଂ ମୁବି ତାକୁ ଚାହୁଁଛି । ନୟନାଂଶୁ ହୁଏତ ଭାବୁଛି ଯେ ଯା ଆଗରୁ ମୁଁ ଏମିତି କରିଛିବୋଲି । କିନ୍ତୁ – ନା, ଆଜି ଏଇ ପ୍ରଥମ । ଆଜି ରାତିରେ – ଠିକ୍ ଚାରିଘଣ୍ଟା ଆଗରୁ – ଏଇ ବିଛଣାରେ – ଯେଉଁଠି ମାଳତୀ ଏବେ ଶୋଇରହିଛି । ଯେ କେମିତି ହେଲା ? ଅତି ସହଜ । ସତ କହିବାକୁ ଗଲେ ଯା ଆଗରୁ କାହିଁକି ଏମିତି ହୋଇନଥିଲା, ଜାଣେନା ମୋର ସଂଯମ ଆଉ ଜୟନ୍ତର ଧୈର୍ଯ୍ୟ କଥା ଭାବି ମୁଁ ଆଶ୍ଚର୍ଯ୍ୟ ହୁଏ ।

ରାତି ନଅଟାରେ ଜୟନ୍ତ ଆସି ପହଂଚିଲା ଆମ ଘରେ । ଠିକ୍ ତା'ପରେ ପରେ ଏମିତି ବର୍ଷା ମାଡ଼ିଆସିଲା ଯେ ଆମର ଏଇ ଗଳି ରାସ୍ତାଟା ମାତ୍ର ଅଧଘଣ୍ଟାଏ ଭିତରେ ପାଣିରେ ବୁଡ଼ିଗଲା । ଦଶଟା ବାଜିଲା, ସାଢ଼େ ଦଶଟା ହେଲା – ତଥାପି ବର୍ଷା ଛାଡ଼ିଲାନାହିଁ । ନୟନାଂଶୁ ବେଲେଘାଟା ଯାଇଛନ୍ତି ତାଙ୍କ ବୃଦ୍ଧା ପିଉସୀଙ୍କୁ ଦେଖିବା ଲାଗି । ବୁନି ଅଛି ଶାଶୂଙ୍କ ପାଖରେ ଆଉ ଦୁର୍ଗାମଣୀ ଭଣ୍ଡାର ଘରେ ସପଟିଏ ପକେଇ ଶୋଇପଡ଼ିଛି । ମୁଁ ବାହାର କବାଟର କିଳିଣି ଲଗାଇ ଶୋଇବା ଘରକୁ ପଶି ଆସିଲି – ଘରେ କିଛି ଜିନିଷପତ୍ର ବରଷା ଛିଟାରେ ଭିଜି ଯାଉଛି କି ନାହିଁ ଦେଖିବା ଲାଗି ।

## ମୁଁ ମାଳତୀ କହୁଛି

"ମୋର ସବୁ ସିଗାରେଟ୍ ସରିଗଲା – ନୟନାଂଶୁର ଡ୍ରୟରେ କିଛି ସିଗାରେଟ୍ ଥାଇପାରେ" କହି କହି ଘରଭିତରକୁ ପଶିଆସିଲା ଜୟନ୍ତ । ମୁଁ ଡ୍ରୟର ଖୋଲି ସିଗାରେଟ ଖୋଜୁଛି – ଜୟନ୍ତ ପଛରୁ ଆସି ମୋତେ କୁଣ୍ଢାଇ ଧରିଲା । ମୁଁ ମୁହଁ ଉଠେଇ କହିଲି – ଓ, ତାହେଲେ ତମେ ସିଗାରେଟ ଚାହୁଁନ ? ସେ ମୋ କାନ ଉପରେ ତାର ଓଠ ଦୁଇଟିକୁ ଚିପିଧରି ଆସ୍ତେ ଆସ୍ତେ କହିଲା – "ଲୋଟନ !" ମୁଁ ତାର ହାତକୁ ମୋ ଦେହରୁ ଛଡ଼େଇ ଦେଇ ଘରର ଦରଜା ବନ୍ଦ କରିଦେଲି – ଲାଇଟ୍ ଲିଭେଇ ଦେଲି – ଏମିତି ଘଟଣାଟା ଘଟିଗଲା – ବେଶ୍ ।

ଏବେ ବେଶ୍ ଭଲଲାଗୁଛି ମୋତେ । ଏତେ ଦିନଯାଏ ଏଇଆ ନକରି ମୁଁ ଯେ କି ଭୁଲ୍ କରିଥିଲି – ତା ଆଜି ବୁଝୁଛି । ଅପୂରନ୍ତ ପରିତୃପ୍ତିରେ ଶୋଇପଡ଼ିଥିଲି – ହଠାତ୍ ଆଖି ଖୋଲି ଦେଖେ ତ ଘରର ଲାଇଟ୍ ଜଳୁଛି ଆଉ ଓଦା ତଉଲିଆ ପିନ୍ଧି ନୀରବରେ ନୟନାଂଶୁ ଠିଆହୋଇ ଏକ ଲୟରେ ମୋତେ ଦେଖୁଛି । ହଠାତ୍ ବିଛଣାରେ ଉଠିବସି ପଚାରିଲି – କଣ ଏବେ ଆସିଲ ? ହଁ, ମୋର ପାଇଜାମା ସଫା ହୋଇ କେଉଁଠି ଅଛି ନୟନାଂଶୁ ପଚାରିଲା ।

ହଁ ସବୁ ସେ ବାମ ପାଖ ଡ୍ରୟରେ ଅଛି ବୋଲି କହି ପୁଣି ଆଖି ବୁଜି ଶୋଇପଡ଼ିଲି । ଉଠିବାକୁ ମୋତେ ଇଚ୍ଛା ହେଉନଥାଏ । ଅଂଶୁ କହିଲେ ଏତେ ରାତିରେ ଫ୍ଲାଟ୍‌ର ଦରଜାଟା ଖୋଲା ରହିଛି – କଣ ଠିକ୍ କରିଛ ? ଏତେ ବଡ଼ ଘରେ ତମେ, ବୁଢ଼ୀ ମା, ଦୁର୍ଗାମଣୀ ଛଡ଼ା ଆଉ କେହି ନାହାନ୍ତି – ପୁଣି ସମସ୍ତେ ନିଘୋଡ଼ ନିଦରେ ଶୋଇଛ – ଜାଣି ଜାଣି ଚୋରକୁ ଡାକିବା କଥା ନୁହେଁ କି ?

ଆରେ ! ଦରଜାଟା ଖୋଲା ଥିଲା ନା କଣ ? ମୋ କଥା ଶୁଣିବା ଆଗରୁ ଅଂଶୁ ଲୁଗା ବଦଳେଇବାପାଇଁ ବାଥ୍‌ରୁମ୍‌କୁ ପଶିଯାଇଥିଲା ।

ମୁଁ ହଠାତ୍ ଦେଖିଲି ତା' ଖଟ ଉପରେ ମୋ ପିନ୍ଧା ବ୍ଲାଉଜ୍‌ଟା ପଡ଼ିରହିଛି । ମୁଁ କୌଣସି ପ୍ରକାରେ ଖାଲି ଶାଢ଼ୀଟାକୁ ଦେହରେ ଗୁଡ଼େଇ ଶୋଇଛି । ହଠାତ୍ ଉଠିପଡ଼ି ବ୍ଲାଉଜ୍‌ଟିକୁ ଦେହରେ ଗଳେଇ ପକେଇ ଶାଢ଼ୀଟାକୁ ଟିକେ ସଜାଡ଼ି ପିନ୍ଧିନେଲି – ମୁଣ୍ଡରେ ଟିକେ ପାନିଆ ମାରି – ମୁହଁରେ ଟିକେ ପାଉଡ଼ର ଲେପ ଦେଇଦେଲି –

ଆଇନା ଆଗରେ ଠିଆହୋଇ ନିଜକୁ ନିରେଖି ଦେଖିଲି – କିନ୍ତୁ କାଇଁ ଅନ୍ୟ ଦିନଠାରୁ ତ ମାଳତୀ ଅଲଗା ଦିଶୁନି ? ସତେ ବେଳେ ବେଳେ ଏପରି କେମିତି ଭୁଲ୍ ହୋଇଯାଏ ଯେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସେତେବେଳେ ମୁଁ ପ୍ରେମ କରିବାକୁ ଯାଇ ବି ଦରଜା ବନ୍ଦ କରିବାକୁ ଭୁଲିନଥିଲି। ପ୍ରେମ ତା'ହେଲେ ବେପରୱା – ଉଦ୍ଦାମ ନୁହେଁ ? କିନ୍ତୁ ଜୟନ୍ତ ଚାଲିଗଲା ପରେ ଫ୍ଲାଟ୍ ଦରଜା, ଘରର ଦରଜା ସବୁ ଖୋଲାଥିଲା – ବ୍ଲାଉଜ୍‌ଟାକୁ ବି ଦେହରେ ଗଳେଇ ପକେଇବାକୁ ମନେପଡ଼ିଲାନି – ସାଂଗେ ସାଂଗେ ନିଦ ଲାଗିଯାଇଥିଲା।

ମନକୁ ପାପ ଛୁଇଁଲା – ଅଂଶୁ କିଛି ଲକ୍ଷ୍ୟ କରିନି ତ ? ଲକ୍ଷ୍ୟ କଲେ ବି କ'ଣ ଅଛି ? – ଗୋଟିଏ ବିବାହିତା ସ୍ତ୍ରୀ ତା'ର ଶୋଇବାଘରେ ଯେମିତି ଭାବେ ଶୋଇଲେ ବି ସେଥିରେ କାହାର ବା କଅଣ ଅଛି ?

ଖାଇବାକୁ ବସି ଅଂଶୁ ପଚାରିଲା – ଏତେ ରାତିଯାଏ ଖାଇନଥିଲ କାହିଁକି ? ବାରଟା ବାଜିଲାଣି – ତମେ ଖାଇଦେଇ ପାରିଥାନ୍ତ। ବାରଟା ବାଜିଲାଣି ଭାବି ମନେ ମନେ ଅବାକ୍ ହେଲି। ଜୟନ୍ତ ଆସିବା ପରଠାରୁ ସମୟର ସ୍ଥିତି ଥିଲା କି ନା, ତାହା ସେତେବେଳେ ଭାବିବାକୁ ଅବସର ହିଁ ନଥିଲା। ଯଦି ଜାଣିଥାନ୍ତି ଏତେ ରାତି ହେଲାଣି ବୋଲି ତାହାଲେ ହୁଏତ ଅଂଶୁପାଇଁ ମନରେ ଦୁଶ୍ଚିନ୍ତା ଆସିଥାଆନ୍ତା, ସେ ଘରେ ପାଦ ଦେଲା ମାତ୍ରେ କହିଥାନ୍ତି – କ'ଣ ଏତେ ଡ଼େରି କଲ ଯେ – ରାତି ଏତେ ହେଲାଣି – ମୁଁ ଯେ ତମ କଥା ଭାବି ଭାବି ବ୍ୟସ୍ତ ହେଉଛି। ଅଂଶୁକୁ ଚାହିଁଲି – ମନେହେଲା ସେ ଯେମିତି ଏବେବି ମୋଠାରୁ କିଛି ଶୁଣିବାକୁ ବ୍ୟଗ୍ର। ସେଇଥିପାଇଁ କହିଲି – ତୁମର ଏତେ ଡ଼େରି ହେଲା ଯେ ? କେଉଁଠି ରହିଯାଇଥିଲ ଏତେବେଳ ଯାଏ ?

ଦେଖୁନ କି ଭୀଷଣ ବର୍ଷା ଆଜି କଲିକତାରେ, ବେଲେଘାଟା ଏରିଆ ଆଜି ଗଂଗାପାଲଟି ଯାଇଛି ଯେମିତି। ଚାଲି ଚାଲି ଆସିଲି ଶିଆଲଦା – ସେଠୁ ରିକ୍ସାରେ – ଜୋଡ଼ା ଗୀର୍ଜା ଆସିଲାପରେ ଟାକ୍ସି ପାଇଲି, ଏତେ ସବୁ ଏକ ନିଃଶ୍ୱାସରେ କହି ପକାଇ ସ୍ୱସ୍ତିରେ ନିଶ୍ୱାସ ନେଲା ନୟନାଂଶୁ। ସତେ ଯମେିତି ସୁନ୍ଦରବନରେ ବାଘଟିଏ

ଶିକାର କରି ଆସିଛି । ମନେପଡ଼ିଲା, କିଛିଦିନ ତଳେ ବାଥ୍‌ରୁମ୍‌ରେ ଗୋଟିଏ ବିଛା ଦେଖି ସେ ଖୁବ୍ ଜୋର୍‌ରେ ଚିତ୍କାର କରି ଉଠିଥିଲା – ତା’ ପରେ ନିଜେ କୋଉଠୁ ବାଡ଼ିଟିଏ ଆଣି ସାବଧାନରେ ତାକୁ ମାରି ଫୋପାଡ଼ି ଦେଇ ମୋ ପାଖକୁ ଆସି କହିଲା – ବିଛାଟାକୁ ମାରିଦେଇଛି; ତା’ ଆଡ଼କୁ ଚାହିଁ ମୁଁ ଉତ୍ତର ଦେଲି – ଖୁବ୍ ବୀରପଣିଆ ଦେଖେଇଛ – ସାବାସ୍ । ମନେ ହୋଇଥିଲା ଯେମିତି ଚାରିବର୍ଷ ତଳର ବୁନ୍ନି କହୁଛି ମା  ମା, ଝରକା ଉପରେ କାଉଟିଏ ବସିଥିଲା – ମୁଁ ତାକୁ ଉଡ଼ାଇ ଦେଇଛି । ମଝିରେ ମଝିରେ ମୋର ମନେହୁଏ ଯେମିତି ସେ ଅବୋଧ ବାଳକଟିଏ, ଛୋଟ ପିଲାଟିଏ । ଆଉ ଜଣେ ଯୁବତୀର ସ୍ୱାମୀ ଯଦି ବାଳକ ହୁଏ – ତାକୁ ତାହାଲେ କେମିତି ଲାଗିବ ? ସେ ଜାଗାରେ ଯଦି ଜୟନ୍ତ ହୋଇଥାଆନ୍ତା – ତେବେ ସେ କିଛି ନକହି ନିଜ ଜୋତା ତଳେ ବିଛାଟାକୁ ଦଳିଦେଇ ମାରିଦେଇପାରିଥାନ୍ତା ।

କୁକୁଡ଼ା ମାଂସ ତରକାରି ଲଗେଇ ଭାତ ଖାଉ ଖାଉ ନୟନାଂଶୁ କହିଲା – ତମକୁ କେତେଥର କହିଛି ଯେ ମୋ ପାଇଁ ଅପେକ୍ଷା କରି ବସିବନାହିଁ ବୋଲି – ସମୟାନୁସାରେ ଖାଇନେବ । କହିଲି – ଏକା ଖାଇବାକୁ ମୋତେ ଭଲଲାଗେନି । କଥାଟା କିନ୍ତୁ ନିଛକ ସତ । ଏଥିରେ ଆଦୌ ବାହୁଲ୍ୟ ନଥିଲା – ନୟନାଂଶୁ ଫେରିବା ଯେତେ ଡ଼େରି ହେଉ ପଛେ, ତାକୁ ଛାଡ଼ି ମୁଁ ଏକା ଖାଇପାରେନା – ସେଇଟା ମୋର ଅଭ୍ୟାସ, ହୁଏତ ଯାକୁ ହିଁ ସଂସ୍କାର କୁହନ୍ତି । ଝିଅ ବେଳେ ଦେଖିଛି ବାପାଙ୍କୁ ଅପେକ୍ଷା କରି ମାଆ ବସି ରହି ଥାଆନ୍ତି – ହୁଏତ ସେଇ ଅଭ୍ୟାସଟା ରହିଯାଇଛି । ଖାଉ ଖାଉ ଅଂଶୁ ପଚାରିଲା – କିଏ ଆସିଥିଲେ କି ? ସାଂଗେ ସାଂଗେ କହିଲି, ଜୟନ୍ତ ବାବୁ ଆସିଥିଲେ ଠିକ୍ ନଅଟା ବେଳେ – ତୁମ ଅପେକ୍ଷାରେ ଅନେକ ବେଳ ବସିଥିଲେ ।

ମୋତେ ଅପେକ୍ଷା କରିଥିଲା ? – କାହିଁକି ? ଅଂଶୁ ପଚାରିଲେ  ।

ତାଙ୍କର ପତ୍ର ପତ୍ରିକା ବିଷୟରେ କ’ଣ ଗୋଟାଏ କାମ ଥିଲା । ତାକୁ ବସାଇ ରଖିଲନି – କହିସାରି ନୟନାଂଶୁ ମୋତେ ଚାହିଁଲେ – ମୁଁ ଆଖି ନଫେରେଇ ବରଂ ଅଧିକ ସ୍ଥିର ଦୃଷ୍ଟିରେ ତାକୁ ଚାହିଁଲି । କହିଲି – ବାଃରେ, ରାତି ବାରଟା ଯାଏ କ’ଣ

କାହାକୁ ବସାଇ ରଖାଯାଏ । ତା'ଛଡ଼ା ମୁଁ କହିଲେ ବା ସିଏ ବସିରହିବେ କାହିଁକି ? ତାଙ୍କର କ'ଣ ସ୍ତ୍ରୀ, ପିଲାଛୁଆ ନାହାନ୍ତି ?

ଏ ବର୍ଷା ରାତିରେ ସେ ଗଲା କେମିତି ? ଅଂଶୁ ପଚାରିଲା । ଯାର ଉତ୍ତରରେ ମୁଁ ବଡ଼ ପାଟିରେ ହୁଏତ କହିପାରିଥାନ୍ତି – ସେ କେମିତି ଗଲେ ମୁଁ ବା କେମିତି ଜାଣିବି ? ଅବଶ୍ୟ ତା ନକରି ସାମାନ୍ୟ ହସି କହିଲି – ତମେ ତ ଜାଣ ଜୟନ୍ତବାବୁ କେମିତି ମଣିଷ – ଏସବୁ ବର୍ଷା ସେ ମୋଟେ ଖାତିର କରନ୍ତିନି । ମୋ ହସ ଦେଖି ଅଂଶୁ କହିଲେ ଠିକ୍ କହିଛ – ସେଥର ବୁନ୍ନିର ଜନ୍ମଦିନ କଥା ବେଶ୍ ମନେଅଛି । ବୈଶାଖ ଶେଷର ଝଡ଼ ଏତେ ପ୍ରବଳ ହେଲା ଯେ କଲିକତାର ବସ୍, ଟ୍ରାମ ସବୁ ବନ୍ଦ ହୋଇଗଲା । ଛୋଟ ଛୋଟ ଗଳିରାସ୍ତା ସବୁ ପାଣିରେ ବୁଡ଼ିଥିଲା, ଅଥଚ ଜୟନ୍ତବାବୁ ଚାଲି ଚାଲି ଟଲିଗଂଜରୁ ଏଠିକି ଆସିଥିଲେ – ସତେ ଆଶ୍ଚର୍ଯ୍ୟ ଲାଗେ ସେ କଥା ଭାବିଲେ ।

ମୁଁ କିଛି ଉତ୍ତର ଦେଲିନି – କାରଣ ସେଦିନର ସେଇ ସଂଧ୍ୟାଟିକୁ ମୁଁ ଏଯାଏଁ ବି ଭୁଲିପାରିନି । ନୟନାଂଶୁ ତା ଭଲକରି ଜାଣେ – ଜୀବନରେ ଏମିତି କେତେ ଘଟଣା ଘଟିଯାଏ ଯାହା କେବେ ଭୁଲିହୁଏନା । ମୁଁ ସେଦିନ ହିଁ ବୁଝିପାରିଥିଲି ଯେ ପାଣିରେ ତିନ୍ତି ବୁଡ଼ି, ଖାଲିପାଦରେ ତିନିମାଇଲ ରାସ୍ତା ଚାଲି ଚାଲି ଜୟନ୍ତ ବୁନ୍ନି ପାଇଁ ବା ଅଂଶୁ ପାଇଁ ଆସିନଥିଲା – ଆସିଥିଲା କେବଳ ମୋ'ରି ପାଇଁ । ଅଂଶୁ ବୋଧେ ସେଇଟା ବୁଝି ସାରିଥିଲା – କାରଣ ସେ ବୋକା ନଥିଲା । ତେଣୁ ପ୍ରଥମରୁ ସେ ବେଶ୍ ଜାଣି ସାରିଥିଲା – କ'ଣ ହେଉଛି, କ'ଣ ହେବାକୁ ଯାଉଛି – ଏମିତି ଏକ ବିଷୟରେ ସଚେତନ ନଥିବା ସ୍ୱାମୀ କ'ଣ ପୃଥିବୀରେ ଅଛନ୍ତି ?

ଖାଇସାରି ନୟନାଂଶୁ ସିଗାରେଟ୍ ଲଗାଇଥିଲା । ମୁଁ ପଚାରିଲି – ତମ ପିଉସୀଙ୍କ ଦେହ କେମିତି ଅଛି ? ଅଂଶୁ କହିଲା – ନା, ଅବସ୍ଥା ସେତେ ଭଲ ନୁହେଁ – ଆଉ ବୋଧେ ବେଶୀ ଦିନ ନାହିଁ । କ'ଣ ସେ ଏବେବି ଅଚେତ ଅବସ୍ଥାରେ ଅଛନ୍ତି ? ମୁଁ ପଚାରିଲି । ସେ କହିଲେ – ନା, ଜ୍ଞାନ ଅଛି । ମଝିରେ ମଝିରେ ପଦେ ଅଧେ କଥା ବି କହୁଛନ୍ତି – ତୁଳାରେ ଗଙ୍ଗାଜଳ ପାଟିରେ ଦେଲେ ତାକୁ ଶୋଷି ନେଉଛନ୍ତି ଏବଂ ପାଖରେ ଥିବା ଆତ୍ମୀୟମାନଙ୍କୁ କେବଳ ଅନାଇ ରହୁଛନ୍ତି ।

## ମୁଁ ମାଳତୀ କହୁଛି

ମୁଁ ପଚାରିଲି – ତମକୁ ଚିହ୍ନି ପାରିଲେ ? ହଁ, ଚିହ୍ନିବନି କାହିଁକି ? ହଠାତ୍ ମୋ ପାଟିରୁ ବାହାରିପଡ଼ିଲା – ଆହା ମୋତେ ଟିକେ ସାଙ୍ଗରେ ନେଇଗଲନି ?

ତମକୁ ତ ମୁଁ କହିଲି – କିନ୍ତୁ ତମେ ମନାକଲ । କାହିଁକି ତମେ ମୋତେ ବାଧ କଲନି ସେତେବେଳେ । ନୟନାଂଶୁ ମୋ ଆଡ଼କୁ ଟିକେ ଅନେଇ କହିଲେ – ଇଚ୍ଛା କଲେ କାଲି ବି ଯାଇପାରିବ – ଏଇନା ଆଉ କିଛି ଅଘଟଣ ଘଟିବାର ନାହିଁ । ରୋଗ ତ କିଛି ନାହିଁ କେବଳ ଅତ୍ୟଧିକ ବୟସର ଦୁର୍ବଳତା । ଠିକ୍ ଯେମିତି ସମୟ ଆସିଲେ ଗଛଟିଏ ଆସ୍ତେ ଆସ୍ତେ ଶୁଖି ଶୁଖି ମରିବାକୁ ଆରମ୍ଭ କରେ – ଠିକ୍ ସେମିତି ।

ବେଶ୍ ସେତିକି କଥାବାର୍ତ୍ତାପରେ ଦୁହେଁ ଯେ ଯାହାର ବିଛଣାରେ ଶୋଇପଡ଼ିଲୁ ।

ଛୋଟ ବଖରାଟିରେ ପାଖାପାଖି ଦୁଇଟି ଖଟ, ଏତେ ପାଖରେ ଯେ ହାତ ବଢ଼େଇଲେ ବି ଛୁଇଁ ହେବ । ଯଦି ଅଂଶୁ ନିଦରେ ଶୋଇଯାଇଥାଏ – ତେବେ ତା'ର ନିଶ୍ୱାସ ମୁଁ ବେଶ୍ ଶୁଣିପାରେ ।

ନା, କାଲି ଅନ୍ୟ ରକମରେ ଘରକୁ ସଜାଡ଼ିବାକୁ ପଡ଼ିବ – ଏତେ ପାଖାପାଖି ଦୁଇଟା ଖଟ ପକାଇବା ଆଦୌ ଭଲଲାଗୁନି । ଶୋଇବାର ଛଳନା କରି ଚେଇଁରହି ଆଉ ଜଣଙ୍କର ଘୁମନ୍ତ ଶରୀରର ନିଶ୍ୱାସ ଶୁଣିବାକୁ କାହାକୁ ବା ଭଲଲାଗିବ ? କାଲି ସକାଳୁ ଝରକା ଆଡ଼କୁ ମୋରି ଖଟ ପକାଇଦେବି । ସେପାଖରେ ଖୋଲା ପବନ ଦେହରେ ବାଜିବ – ଭଲ ଲାଗିବ । ସବୁବେଳେ ପଙ୍ଖାତଳେ ଶୋଇ ଶୋଇ ପବନଟା ବାଜି ବାଜି ସକାଳୁ ମୁଣ୍ଡଟା ଭାରି ଭାରି ଲାଗେ । ଏବେ ଅଳ୍ପ ସମୟ ହେଲା ବର୍ଷା ଛାଡ଼ିଛି – ଅଥଚ ପୁଣି ଗରମ ଲାଗିଲାଣି । ଉପରେ ପଙ୍ଖାଟା ଘୁଁ ଘୁଁ ଶବ୍ଦକରି ମୁଣ୍ଡଟା ଘାଣ୍ଟି ପକାଉଛି ଯେମିତି । ଆମେ ଦୁଇଜଣଯାକ ଚେଇଁ ଶୋଇଛୁ । ଦୁହେଁ ଜାଣୁଛୁ ଯେ ଆର ଜଣକ ଚେଇଁ ରହିଛି । ସେଇ ଗୋଟାଏ ଘରେ ଅନ୍ଧାରରେ ଦୁଇଟି ମାଙ୍କଡ଼ସା ପରି ଦୁହେଁ ଜାଲ ବୁଣି ଚାଲିଛୁ । କେତେବେଳେ ଜଣଙ୍କର ବୁଣାଜାଲ ଅନ୍ୟଜଣକୁ ଛୁଇଁଯାଉଛି ତ କେତେବେଳେ ଅନ୍ୟଜାଲ ଭିତରେ ଗୁଡ଼ାଇ ହୋଇଯାଉଛି । ଅନ୍ଧାର ଘରଟା ସତେ ଅବା ଜାଲରେ ଛାଇଗଲା ଯେମିତି । ବାହାରେ

ଆଉ ବର୍ଷା ନାହିଁ – ଅଥଚ ମୁଁ ଏବେବି ବର୍ଷାର ଶବ୍ଦ ଶୁଣିପାରୁଛି । ସତେ ଅବା ଏକ ଘନନୀଳ ସୁଡ଼ଙ୍ଗ ଉପରେ ବୃଷ୍ଟିପାତ ହେଉଛି – ଆଉ ସେଇ ସୁଡ଼ଙ୍ଗର ଛାତ ଭିଜି ବର୍ଷାଜଳ ଥପ୍ ଥପ୍ କରି ଖସି ପଡୁଛି ସେଇ ସୁଡ଼ଙ୍ଗ ଭିତରକୁ । ବେଶ୍ ଗରମ ଲାଗୁଛି । ଆଖିରେ ଗଭୀର ଅନ୍ଧକାର ଘେରିଯାଉଛି ଯେମିତି । ସୁଡ଼ଙ୍ଗଟାର ଯେ ଶେଷ କେଉଁଠି କେହି ଜାଣିପାରୁନି । ମୋର ଯେମିତି ଶ୍ୱାସରୁଦ୍ଧ ହୋଇଯାଉଛି ।

ଓଃ ତମେ ଭାବୁଛ – ମୁଁ ନିଶ୍ଚୟ ଡରିଯାଇଛି ବୋଲି ? – ତାହାଲେ ତମେ ମାଳତୀକୁ ଚିହ୍ନିନାହଁ ।

ଆଜିକୁ ଅନେକ ଦିନ ହେବ ମାଳତୀ ତା'ର ସ୍ୱାମୀକୁ ଏଡ଼ାଇ ଚାଲିଛି । ତା'ର ସ୍ୱାମୀ କିନ୍ତୁ ତାକୁ ଚାହେଁ । ଚାହିଁବନି ବା କାହିଁକି ? କିନ୍ତୁ ନୟନାଂଶୁର ସେଇ ବଙ୍କା ବଙ୍କା ଆଙ୍ଗୁଳିଗୁଡ଼ିକ ତାକୁ ମୋଟେ ଭଲଲାଗେନା, ତା'ର ନିଶ୍ୱାସ ଗନ୍ଧ ତାକୁ ଭଲଲାଗେନା, ସେ ତା'ର ଦେହକୁ ଲାଗି ଶୋଇଥିବା କଥା ଭାବିଲେ ସେ ଶିହିରି ଉଠେ । ନୟନାଂଶୁ ତା'ଦେହରେ ହାତ ଦେଲେ ସେ ଯେମିତି ସତେ ଜଡ଼ ପାଲଟିଯାଏ ।

ମାଳତୀ ବା କ'ଣ କରିପାରନ୍ତା ? ଦେହରେ ପିନ୍ କଣ୍ଟା ଫୋଡ଼ି ଦେଲେ ଆମେ ଯେମିତି "ଉଃ" କହୁ – ଯେ ବି ଠିକ୍ ସେମିତି । ସେ ସ୍ୱାମୀକୁ ବୁଝାଏ ଯେ ଏସବୁ ତାକୁ ଆଉ ଭଲଲାଗୁନି, ଏସବୁ ଯେମିତି ଅରୁଚିକର ଲାଗିଲାଣି – ତା'ର ବିରକ୍ତି ଆସିଲାଣି । ବୟସ ହେଲା, ଝିଅ ଏବେ ବଡ଼ ହେଲାଣି ଇତ୍ୟାଦି କହି କହି ସେ ସ୍ୱାମୀକୁ ତା'ର ଶିଥିଳ କରିପକାଏ ଯେମିତି । କିନ୍ତୁ ମାଳତୀର ବୟସ ମାତ୍ର ବତିଶ ଓ ନୟନାଂଶୁର ସଇଁତିରିଶ – ଆଉ ଝିଅ ଏଇମାତ୍ର ଆଠ ବର୍ଷରେ ପାଦ ଦେଲା । ବେଳେ ବେଳେ ଲାଗେ ଅଂଶୁ ଯେତେବେଳେ ଇତସ୍ତତ ପଦକ୍ଷେପରେ ତା'ର ବିଛଣାକୁ ଫେରିଯାଏ ସେତେବେଳେ ତା'ର ମୁହଁଟା ଯେମିତି କରୁଣ ହୋଇଯାଏ – ଏବଂ ଠିକ୍ ସେଇ ଚେହେରାଟାକୁ ହିଁ ମାଳତୀ ବେଶୀ ଘୃଣା କରେ । ପୁରୁଷ ଲୋକର ଏଭଳି କରୁଣ ଚେହେରା ଯେମିତି ତା'ପକ୍ଷରେ ବିଷ ସଦୃଶ ହୋଇଯାଏ । ଅସଲ କଥା ହେଲା – ଦୁର୍ବଳ ଶକ୍ତିହୀନ ଭଦ୍ର ଲୋକଟିଏ – ଯାହାକୁ ସେ ବୁର୍ଜୟା ବୋଲି ଥଟ୍ଟା କରେ, ଆଉ ଜୟନ୍ତ ଯାହାକୁ ବୁର୍ଜୟା ବୋଲି ଘୃଣା କରେ

– ଯେ ଠିକ୍ ସେମିତି ଚେହେରାଟିଏ। ନୟନାଂଶୁ ଯେତେବେଳେ ସୁଟ୍ ପେଣ୍ଟ୍ ପିନ୍ଧି ଅଫିସ୍ ବାହାରେ ଅଥବା ପାଇଜାମା ପଂଜାବୀ ପିନ୍ଧି ଡ୍ରଇଁରୁମ୍‌ରେ ବସିଥାଏ – ସେତେବେଳେ ମୋତେ ତାକୁ ବେଶ୍ ଭଲଲାଗେ। କଥାବାର୍ତ୍ତାରେ ସେ ବେଶ୍ ଧୁରନ୍ଧର, ଅନେକ ବହି ସେ ପଢ଼ିଛି। ବାହାର ଲୋକଙ୍କ ସାଂଗେ ତା'ର ମାର୍ଜିତ ବ୍ୟବହାର ମୋତେ ବେଶ୍ ଭଲଲାଗେ।

ଯେକୌଣସି ଅବିବାହିତ ଝିଅ ଏବେ ବି ତା'ର ପ୍ରେମରେ ପଡ଼ିଯାଇପାରନ୍ତି। ତା'ର ଅଫିସର କର୍ମଚାରୀ ଅପର୍ଣ୍ଣା ତ ଏକବାରେ ଲଟୁ ଯା ପଛରେ। ମୁଁ ବି ସେମିତି ମୋର ବୟସ ଥିବାବେଳେ ପ୍ରେମରେ ପଡ଼ିଯାଇଥିଲି। ବିବାହ ବେଳେ ଭାବିଥିଲି ମୁଁ ଗଡ଼ ଜିଣିଯାଇଛି ବୋଲି। ବିବାହ ପରେ ଦଶବର୍ଷ କଟିଲା, ବାରବର୍ଷ କଟିଲା, ଯୌବନର ପ୍ରଥମଦିନ ଗୁଡ଼ିକର ନିଶା କଟିଯିବା ପରେ ମୋର କାଇଁକି ମନେ ହେଲା – ନୟନାଂଶୁ ଯେମିତି ଦିନକୁ ଦିନ ପିଲାଟିଏ ପରି ହୋଇଯାଉଥିଲେ। ଆଉ ମୁଁ ତାଙ୍କୁ ସ୍ୱାମୀ ବା ପ୍ରେମିକ ବୋଲି ଆଦୌ ଭାବି ପାରୁନଥିଲି। ମୋର ଏଇ ଦେହଟା ଯେମିତି ମୋଠୁ ଅଲଗା ହୋଇ ନୟନାଂଶୁ ପ୍ରତି ବିରକ୍ତ ହୋଇଉଠିଲା। ମୁଁ କ୍ରମଶଃ ଦୁର୍ବଳ ହୋଇଗଲି। ଥରେ ରୋଗରେ ପଡ଼ିଲି – ଏବଂ ସେଇ ରୋଗଟା ହିଁ ନୟନାଂଶୁକୁ ମୋ'ଠାରୁ ଦୂରରେ ରଖିବାପାଇଁ ଏକ ବାହାନା ହୋଇଗଲା। ମନେ ମନେ ନୟନାଂଶୁ ରାଗିଯାଏ, ଆଉ ସେ ରାଗଟା ତା'ର ଯେ କାହିଁକି ସେ ନିଜେ ବି ଜାଣିପାରେନା। କିନ୍ତୁ ଜୟନ୍ତ ସହିତ ମୋର ଦେଖାହେବା ପରେ – ମୁଁ ତା'ର ରାଗର କାରଣଟା ଠିକ୍ ବୁଝିପାରିଲି।

ପଛକଥା ମନେପଡ଼େ – ବାହାଘର ପରେ ଅଂଶୁର ପିଉସୀ କହିଥିଲେ – ସ୍ୱାମୀ ପରି ଅମୂଲ୍ୟ ସଂପଦ ଆଉ ନାହିଁ – ବୁଝିଲୁ ? ତାଙ୍କ ମୁହଁରୁ ଏକଥା ଶୁଣି ମୋତେ ସେଦିନ ବହୁତ ହସ ମାଡ଼ିଥିଲା – କାରଣ ସେ କୁଆଡେ ମାତ୍ର ୧୩ ବର୍ଷ ବୟସରେ ବିଧବା ହୋଇଥିଲେ। ବାରବର୍ଷ ବୟସରେ ବିବାହ କରି ମାତ୍ର ୧ ବର୍ଷ ପରେ ସ୍ୱାମୀଙ୍କୁ ହରାଇଥିଲେ – ତେଣୁ 'ସ୍ୱାମୀ' ବୋଲି ଯେଉଁ ଲୋକ ତାକୁ ଭଲକରି ଚିହ୍ନିବା ଆଗରୁ ସ୍ୱାମୀକୁ ହରାଇଥିଲେ ସେ। ତେଣୁ ସ୍ୱାମୀ ଶବ୍ଦଟା ତାଙ୍କ ପାଇଁ ଏକ

ଅନାବଶ୍ୟକ ମଇଳା, ଲୋଋକୋଋ ଫାଙ୍କା ଶବ୍ଦଟିଏ – ଅଥଚ ତା'ର ପ୍ରଭାବ ଯେ କେତେ ସାଂଘାତିକ ସେକଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ବିବାହ ପରେ ପ୍ରଥମବର୍ଷଟା ଆମେ ବେଲେଘାଟାରେ ହିଁ ଥିଲୁ, ସେଇଟା ନୟନାଂଶୁର ପୈତୃକ ଘର । ଶଶୁର ଘରେ ସେଇ ବୁଢ଼ୀ ପିଇସୀ ଶାଶୂ ମୋତେ ଟିକିଏ ବେଶୀ ଭଲ ପାଉଥିଲେ – ତେଣୁ ଅତି ସ୍ନେହରେ ସେ ମୋତେ "ତୁ" ବୋଲି ସମ୍ବୋଧନ କରୁଥିଲେ । ମୋତେ କେତେବେଳେ ଏକୁଟିଆ ଦେଖିଲେ – ପାଖରେ ବସାଇ ନୟନାଂଶୁର ପ୍ରଶଂସାରେ ମୁଖରା ହୋଇ ଉଠୁଥିଲେ ସେ – କହନ୍ତି, ନୟନାଂଶୁ ଅନେକ ମେଡ଼ାଲ୍ ପାଇଥିଲା । ତା'ର ସାହେବମାନଙ୍କ ସାଙ୍ଗରେ ବି ଅନେକ ଚିହ୍ନା ପରିଚୟ ଅଛି – ଜାଣିଛୁ ? ମୁଁ ସେତେବେଳେ ରକ୍ତର ପ୍ରଥମ ସ୍ୱାଦ ଋଖିବାକୁ ଆରମ୍ଭ କରିଥାଏ ମାତ୍ର । ତାଙ୍କ ଆଡ଼କୁ ଋହିଁ ଋହିଁ ଭାବୁଥିଲି – ଏଇ ଚିର ବିଧବା, ଚିର କୁମାରୀ ଓ ଚିର ଦୁଃଖିନୀ ମହିଳାଙ୍କୁ ଦେଖିଲେ କାହିଁକି ଦୁଃଖୀ ବୋଲି ମନେହୁଏନା । ସେ କ'ଣ କେବେ ତାଙ୍କ ନିଜ ଜୀବନ ବିଷୟରେ କିଛି ଭାବନ୍ତି ନାହିଁ ? ସତରେ କେତେ ରିକ୍ତ, ବ୍ୟର୍ଥ, ନିଷ୍ଫଳ ଜୀବନଟିଏ ତାଙ୍କର । କିନ୍ତୁ ପ୍ରକୃତରେ ତାଙ୍କ ପରି ଏତେ ହସ ଖୁସି ମିଜାଜର ମହିଳା ମୁଁ ଖୁବ୍ କମ୍ ଦେଖିଛି । ଦିନକୁ ଓଳିଏ ଖାଇ, ମାସରେ ଦୁଇ ଦୁଇଟା ଉପବାସ କରି, ଶିବରାତ୍ରୀରେ ଲମ୍ବା ଉପବାସ କରି ଜୀବନର ଏତେଗୁଡ଼ାଏ ଦିନ ତ ସେ ବେଶ୍ ବିତାଇଦେଇ ପାରିଲେ – ଅଥଚ କେତେ କର୍ମପରାୟଣା ସେ – ଦ୍ୱିପ୍ରହରରେ କେବେ ଶୁଅନ୍ତିନାହିଁ – ବଡ଼ି ପକାନ୍ତି, ଆମ୍ବଆଋର ତିଆରି କରନ୍ତି । ବୁଢ଼ୀ ବୟସରେ ବି ସେ ଖାଲି ଆଖିରେ ଚମତ୍କାର କନ୍ଥା ସିଲାଇ କରିପାରନ୍ତି । ନିରାମିଷ ରୋଷେଇରେ ତାଙ୍କ ହାତର ନିପୁଣତା ବାସ୍ତବିକ ପ୍ରଶଂସନୀୟ । ଖାଲି ହାତରେ ଅଳସୁଆ ହୋଇ ବସିବାର ତାଙ୍କୁ କେହି କେବେ ଦେଖିନାହିଁ । କିଛି ଅଭିଯୋଗ ନାହିଁ, ଅଭିଯୋଗର କିଛି କରାଣ ଥାଇପାରେ – ତାହା ସେ ଜାଣନ୍ତି ନାହିଁ ବୋଲି ବୋଧେ ଅଭିଯୋଗ କରନ୍ତି ନାହିଁ । ଅଦ୍ଭୁତ, କିନ୍ତୁ କେହି ଯଦି ଆସି ତାଙ୍କ କାନରେ ଚୁପ୍ ଚୁପ୍ କରି ବାରମ୍ବାର କୁହନ୍ତା – 'ରମା ସୁନ୍ଦରୀ'! ତମେ ଖୁବ୍ ଦୁଃଖିନୀ, ତୁମେ ବଂଚିତା, ତୁମେ ବିଦ୍ରୋହ କରିବା ଉଚିତ୍ – ତା' ହୋଇଥିଲେ

ହୁଏତ ତାଙ୍କ ଜୀବନ ଅନ୍ୟପ୍ରକାର ହୋଇଥାନ୍ତା । ଜାଣେନା ଆଜି କାହିଁକି ପିଇସୀ'ଙ୍କ କଥା ବହୁତ ମନେପଡୁଛି । ସେ ଅସୁସ୍ଥ – ମାତ୍ର ଆଉ ଦୁଇ ଚାରିଦିନର କଥା ମାତ୍ର – ମୁଁ କାଲି ତାଙ୍କୁ ଦେଖିବାକୁ ଯିବି – ଆଜି ଯାଇଥିଲେ ଜୟନ୍ତ ଆସି ଫେରିଯାଇଥାଆନ୍ତେ । କିନ୍ତୁ କାଲି ନିଶ୍ଚୟ ଯିବି ।

ମୁଁ ବୋହୂ ହେବାପରେ ଖୁବ୍ ଖୁସି ହୋଇଥିଲି । ବିବାହ ପରେ ଖୁବ୍ ଭଲ ବୋହୂଟିଏ ହେବା ଲାଗି ମୁଁ ପ୍ରଥମେ ଚେଷ୍ଟା ବି କରିଥିଲି । ବେଳେଘାଟା ଘର କୋଣରୁ ସମସ୍ତଙ୍କ ସଂଗେ ମିଳିମିଶି ରହିବାକୁ ଚାହୁଁଥିଲି – ହେଲେ ନୟନାଂଶୁ ମୋର ସେ ଚେଷ୍ଟାକୁ ବ୍ୟର୍ଥ କରିଦେଇଥିଲା । ସେ ସବୁବେଳେ କହେ – ମାଆ ଯେତେବେଳେ ରନ୍ଧା ଘରକୁ ଯାଆନ୍ତି – ତମେ ସେତେବେଳେ ତାଙ୍କ ପଛେ ପଛେ ଯାଅ କାହିଁକି ? ବାଃ ଯିବିନି କାହିଁକି ଯେ ? ଉତ୍ତରରେ ନୟନାଂଶୁ କହେ, ଏଇଟା ମୋର ପ୍ରଶ୍ନର ଉତ୍ତର ନୁହେଁ । ସତରେ ଦେଖିବାକୁ ଗଲେ ତମର ରନ୍ଧାଘରେ କିଛି କରିବାର ନଥାଏ । ସେତେବେଳେ ମୁଁ ଏକଥା ଶୁଣି ଖୁବ୍ ଖୁସି ହୋଇଥିଲି – ଯା ହେଉ ନୟନାଂଶୁ ସବୁବେଳେ ମୋତେ ତା ପାଖରେ ପାଇବାକୁ ଚାହେଁ । ଟିକେ ଦୁଷ୍ଟାମୀ କରି କହିଲି – "ମୋର ଇଚ୍ଛା ହୁଏ, ସେଇଥିପାଇଁ ଯାଏଁ" – ହେଲା ? ଉଁ ହୁଁ, ଆଦୌ ନୁହେଁ – ଭଲ ଦିଶିବ, ସେଇଥିପାଇଁ ଯାଅ – ହେଲା । ଏସବୁ ହେଲା ରୀତି – ମନ ଜାଣିବା କଥା – ନୁହେଁ କି ? କହିଲି – ହେଲା ଏବେ ତମ କଥା ଠିକ୍ – କିନ୍ତୁ ଏଥିରେ ଦୋଷ କଅଣ ? ଦୋଷ ଏଇଆ ଯେ – ସେଇଟା ସ୍ୱେଚ୍ଛାକୃତ ନୁହେଁ – ଅସଲ କଥା ହେଲା ଯାହା ତମକୁ ଭଲ ଲାଗୁଛି ସେଇଆ କରୁଛ – କାରଣ, ସେଥିରେ ଅନ୍ୟମାନେ ଖୁସିହେବେ – ପୁଣି ଏମିତି ଭାବପ୍ରକାଶ କରୁଛ ସତେ ଯେମିତି ସେଇଟା ହିଁ ତମକୁ ଖୁବ୍ ଭଲ ଲାଗେ – ନୁହେଁ କି ?

ମୁଁ ହସି ହସି କହିଲି ଅନେକ ଛୋଟ ପିଲା ସ୍କୁଲ ଯିବାକୁ ଆଦୌ ଭଲପାଆନ୍ତି ନାହିଁ – ତା'ବୋଲି କ'ଣ ସେମାନେ ସ୍କୁଲ ନଯିବା ଉଚିତ ? ନୟନାଂଶୁ ଯୁକ୍ତି ବାଢ଼ିଲେ – ସେଇଟା ଆଉ ଏଇଟା ଏକା କଥା ନୁହେଁ – ସ୍କୁଲକୁ ନଗଲେ ପିଲାଟିର ନିଜର କ୍ଷତି ହେବ । କିନ୍ତୁ ଶାଶୂଙ୍କ ଅନିଚ୍ଛା ସତ୍ତ୍ୱେ ଖୁସାମତ କରି ତମ ଆତ୍ମାର କିଛି

ଉନ୍ନତି ହେଉନି। ତା'ଛଡ଼ା ଛୋଟ ପିଲାମାନଙ୍କୁ ଆକଟରେ ରଖିବାକୁ ହୁଏ। କିନ୍ତୁ ତମେ ତ ସାବାଳକ। ତାଙ୍କର ଏଇ ସବୁ କଥାର ଅର୍ଥ ପ୍ରଥମେ ମୁଁ ଠିକ୍ ଭାବେ ବୁଝିପାରୁନଥିଲି। ଥରେ ସେ ତାଙ୍କର ଦାଦାପୁଅ ଭାଇଙ୍କୁ Lout ବୋଲି ମନ୍ତବ୍ୟ କଲେ (କାରଣ ସେ ସବୁକଥାରେ ଯାଡ୍ଡୁ ସିଆଡ୍ଡୁ ବାଜେ ରସିକତା କରେ ଓ ହସି ହସି ଅତି ନିଃସଂକୋଚରେ ଯେକୌଣସି ସମୟରେ ଯେକୌଣସି ବିଛଣାରେ ଶୋଇପଡ଼େ) ଯା ହେଲେ ବି ସେ ଭାଇ ତ ? କିନ୍ତୁ ଏଣେ ମନେ ମନେ ଅଂଶୁକୁ ତାରିଫ୍ ନକରି ବି ରହିପାରେନା ତା'ର ଏଭଳି ସ୍ପଷ୍ଟ ମତାମତ ପାଇଁ। ମୋ ମନର ଛାତ୍ରୀ ଭାବଟା ସେ ପର୍ଯ୍ୟନ୍ତ ବି କେମିତି କଟିଯାଇନଥାଏ। ମୁଁ ଦେଖିଛି ସେ ଶୋଇ ଶୋଇ ଯେଉଁ ବହିସବୁ ପଢ଼ନ୍ତି ସେ ଭିତରକୁ ମୋ ମୁଣ୍ଡ ପଶିପାରେନି। ମୋ ଅପେକ୍ଷା ଯେ ତାଙ୍କର ଅନେକ ବୁଦ୍ଧି – ତା ମୁଁ ମାନି ନେଇଥିଲି। କିନ୍ତୁ ମନର ନିବୃତ୍ତ କୋଣରୁ ବେଳେ ବେଳେ ଅନ୍ୟଗୋଟିଏ ଚିନ୍ତା ଜନ୍ମ ନେଇ ମୋତେ ବିବ୍ରତ ଓ ବ୍ୟତିବ୍ୟସ୍ତ କରିପକାଉଥିଲା। ମୁଁ ଦେଖେ ଯେମିତି କେତୋଟି ବିଷୟ ନୟନାଂଶୁ ଏକବାରେ ବୁଝିପାରେନା, ସେ ବୁଝି ପାରେନା ମୋର ମନ, ମୋର ନାରୀତ୍ୱ, କାହିଁକି ମୁଁ ମୋ ଜାଆ'ଙ୍କ ସାଂଗେ ରୋଷେଇ ଘରକୁ ଯିବାକୁ ଚାହେଁ। କାହିଁକି ମାଆଙ୍କଠାରୁ ମଝିରେ ମଝିରେ ରନ୍ଧା ଶିଖେ ? ଶଶୁର ଘରର ସମସ୍ତଙ୍କ ସହ ମିଶି ନିବିଡ଼ ଭାବେ ମିଳିମିଶି ଚଳିବାକୁ ଚାହେଁ ? ସତରେ ମୋତେ ଏସବୁ ଭଲଲାଗେ ବୋଲି ମୁଁ କରେ। ଏଇ ସହଜ ଛୋଟ କଥାଟିକୁ ନୟନାଂଶୁ ବୁଝେନା କି ବୁଝିବାର ଚେଷ୍ଟା ବି କରେନା।

ଆମର ଯେଉଁ ବିବାହଟି ହେଲା, ସେଥିରେ ସେ ଖାଲି ତା'ର ସ୍ତ୍ରୀକୁ ହିଁ ଚାହେଁ, ଆଉ ମୁଁ ଚାହିଁଥିଲି ଖାଲି ସ୍ୱାମୀକୁ ନୁହେଁ – ସ୍ୱାମୀକୁ କେନ୍ଦ୍ରକରି ଏକ ନୂତନ ଜୀବନ ଗଢ଼ିବାକୁ ଓ ନିଜକୁ ସେଇ ଘରର ସମସ୍ତଙ୍କ ସହିତ ମିଶେଇ ଦେଇ ସବୁଥିରେ ଭାଗୀଦାର ହେବାକୁ। ଏପରିକି ସେ ଘରର ଅଧିକାରୀଣୀ ହେବାକୁ – କିନ୍ତୁ ଅଂଶୁ ମୋତେ ଆସ୍ତେ ଆସ୍ତେ ତା'ନିଜ ରୀତିରେ ଭାବିବାକୁ ଶିଖାଇଲା, ମୋତେ ବୁଝାଇଲା ଯେ ବେଲେଘାଟାର ଏ ଜନବହୁଳ ତିନିମହଲା କୋଠାରେ ଆମର ଚଳିବାକୁ ବହୁତ ଅସୁବିଧା ହେଉଛି। ସେ ମୋତେ ବୁଝାଇଲା ଯେ ଯୌଥ

ପରିବାର ପରି କୁତ୍ସିତ ବ୍ୟାପାର ଆଉକିଛି ନାହିଁ। ଏଥିରେ ପରସ୍ପରକୁ ସମସ୍ତେ ଆଶ୍ରାକରି ପିଣ୍ଡ ପକେଇ ଦିଅନ୍ତି କିନ୍ତୁ କେହି ସୁନ୍ଦରଭାବେ ବା ସ୍ୱଚ୍ଛଳଭାବେ ନିଜକୁ ଗଢ଼ିପାରନ୍ତି ନାହିଁ। କିଛିଦିନ ପରେ ମୁଁ ବି ଠିକ୍ ସେହିପରି ସ୍ୱପ୍ନ ଦେଖିବାକୁ ଲାଗିଲି – କେବେ ଅଲଗା ଘରକୁ ଉଠିଯାଇ ନିଜର ଇଚ୍ଛାରେ ସ୍ୱାଧୀନ ଭାବରେ ରହିପାରିବୁ। ପ୍ରତ୍ୟେକ ସାବାଳକ ମଣିଷ ଗୋଟିଏ ଅଲଗା ବ୍ୟକ୍ତିତ୍ୱ – ତୁମ ଅନ୍ତରର ସେଇ ବ୍ୟକ୍ତିତ୍ୱଟିକୁ ତୁମେ ନିଜେ ହିଁ ଗଢ଼ିତୋଳିବ, ଅନ୍ୟର ଛାଞ୍ଚରେ ସେ ଗଢ଼ାହେବନି – ଏ ଧରଣର କଥା ମୁଁ ନୟନାଂଶୁର ମୁହଁରୁ ଅନେକଥର ଶୁଣିଛି। ଯେତେବେଳେ ନଣନ୍ଦ ଦିଅରମାନଙ୍କ ସାଂଗରେ ଜାମାପଟା କିଣିବାକୁ ବା ହିନ୍ଦୀ ସିନେମା ଦେଖିବାକୁ ବାହାରିଛି ବା ଗୁରୁବାର ଲକ୍ଷ୍ମୀପୂଜାରେ ବସି ବସି ଗୀତ ଗାଇଛି ବା କେବେ ସାନ ଦିଅର ସଂଗେ ବସି କ୍ୟାରମ୍ ଖେଳିଛି – ନୟନାଂଶୁ ଏସବୁ ଦେଖି କହେ – ଶାଢ଼ୀ, ଗହଣା, ହିନ୍ଦୀ ସିନେମା ଏସବୁ ପିଲାଳିଆମି ଛଡ଼ା ଆଉ କିଛି ନୁହେଁ ? ମୁଁ ଜବାବ ଦିଏ – ବାଃରେ, ମୁଁ ତ ପିଲାଟିଏ, ପିଲାଳିଆମି କରିବିନି ତ ଆଉ କଅଣ  କରିବି ? ସେ କହେ – ପିଲାହେବା ଆଉ ପିଲାଳିଆମି କରିବା ଦୁଇଟା ଏକା କଥା ନୁହେଁ। ତାହାଲେ ତଫାତ୍‌ଟା କେଉଁଠି ରହିଲା ମୋତେ ବୁଝେଇ ଦେବେ କି ସାର୍ ! ମୁଁ କହେ, ମୋର ଉତ୍ତର ଶୁଣି ଅଂଶୁ ମୋତେ ଖୁବ୍ ଜୋର୍‌ରେ କୁଣ୍ଢାଇ ଧରି ଏମିତି ଅନେକ କଥା କହେ – ଯାର ସାରାଂଶ ହେଲା – ଏଇ ଏଇ ଜିନିଷ, ବା ଏଇ ଏଇ କାମ। ସବୁ ତାକୁ ଭଲ ଲାଗେନା। ଅର୍ଥାତ୍ ଅନ୍ୟମାନେ ମୋତେ ଯେମିତି ହବାକୁ ଚାହାନ୍ତି ମୋତେ ସେମିତି ହେବାକୁ ଦେବନି ଅଂଶୁ। ନିଜ ଇଚ୍ଛାରେ ଅଂଶୁ ମୋତେ ଗଢ଼ି ତୋଳିବ – ମୁଁ ଅନ୍ୟର ଛାଞ୍ଚରେ ଗଢ଼ା ହେବିନି। ଅଂଶୁ ଯାହାକୁ ବ୍ୟକ୍ତିତ୍ୱ କହେ – ତାହା ପ୍ରକୃତରେ ଏଇଆ। ଏଇ କଥାଟା ମୁଁ ସେତେବେଳେ ମୋଟେ ଭାବିପାରୁନଥିଲି।

କିନ୍ତୁ ଅନେକ ଦିନ ପରେ ସେଇ ଅତୀତର ଦିନଗୁଡ଼ିକର କଥା ଭାବିବାକୁ ଯାଇ ବୋଧହୁଏ ଯେ ସବୁ ମୋର ମନେପଡ଼ିଗଲା – କିମ୍ବା ହୁଏତ ଏଇ ମାତ୍ରେ ହିଁ ଭାବିଲି – ସେତେବେଳେ ଏମିତି କିଛି ମୁଁ ଭାବିପାରୁନଥିଲି – ଯାହା ମୋ ପାଇଁ ବା

ନୟନାଂଶୁ ପାଇଁ କିଛି ଗୌରବର ବିଷୟ ନଥିଲା । ସିଏ ଯେ ପୂର୍ଣ୍ଣମାତ୍ରାରେ ମୋତେ ଅଧିକାର କରିବାକୁ ଚାହୁଁଥିଲା – ସେଥିରେ ମୁଁ ତା'ର ଅସାମାନ୍ୟ ସ୍ନେହର ସଂଧାନ ପାଇଥିଲି – ଆଉ ସେଇ ଚିନ୍ତା ହିଁ ମୋତେ ସାମାନ୍ୟ ମୁଗ୍ଧ କରି ରଖିଥିଲା । ତଥାପି ଯେହେତୁ ମୋର ସ୍ୱାଭାବିକ ବୁଦ୍ଧି ଶୁଦ୍ଧି ଅଛି, ସେତେଦିନ ପର୍ଯ୍ୟନ୍ତ ମୋ ଦେହରୁ ନବବିବାହର ଆବେଶ ଛାଡ଼ିନଥିଲା । ସେତେଦିନ ଯାଏ ମୋର ମନେ ହୋଇଥିଲା ନୟନାଂଶୁ କେମିତି ଏକ ଅତି ବହିପଢ଼ା ମଣିଷଟିଏ । ବହିରେ ଯାହା ପଢ଼ି, ତାକୁ ଭଲଲାଗୁଛି – ତାକୁ ହିଁ ଜୀବନରେ ପ୍ରୟୋଗ କରିବାକୁ ଚାହୁଁଛି । କଲେଜରେ ମୋର ଶେଷ କେତେଟା ମାସ ମୁଁ ତା'ର ଛାତ୍ରୀ ଥିଲି – ସେଇ ଆମର ପ୍ରଥମ ସାକ୍ଷାତ । ସଦ୍ୟ ଚାକିରି କରିଥିବା ଯୁବ ଅଧ୍ୟାପକ, ଭଲ ଚେହେରା, ମାର୍ଜିତ କଥାବାର୍ତ୍ତା – ଆମ ସମସ୍ତଙ୍କୁ ତା'ଆଡ଼କୁ ଆକର୍ଷିତ କରିଥିଲା । କଲେଜରେ ଏମିତି କେହି ଝିଅ ନଥିଲେ ଯିଏକି ତାକୁ ପାଇବାକୁ ମନେ ମନେ ବ୍ୟାକୁଳ ହୋଇନଥିଲା । ମୁଁ ଦିନେ ସାଙ୍ଗମାନଙ୍କ ସାଂଗେ ବାଜିମାରି ଅଂଶୁ ସହିତ କଥାବାର୍ତ୍ତା ହେବି ବୋଲି କହି ଆସନ୍ତାକାଲି ପାଠ ବୁଝିବା ବାହାନାରେ ତାକୁ ଭେଟି କଥାହେବି ବୋଲି କହିଲି । ସାଂଗମାନେ ମଜା ଦେଖିବା ପାଇଁ ଉତ୍କଣ୍ଠିତ ହୋଇଉଠିଥିଲେ । କିନ୍ତୁ ଯେ କ'ଣ ? – ସେ ନିଜେ ଆସି ମୋତେ ପାଠ ପଢ଼େଇ ଦେବ ବୋଲି ହାଜର । ମୋର ବାଜି ମୋର ପାଖରେ ହାର ମାନିଗଲା । ପ୍ରାୟ ଦଶଦିନ ପରେ ଆଉ କିଛି ନୋଟିସ୍ ନ ଦେଇ ଅଂଶୁ ଆସି ଆମ ଘରେ ହାଜର । ସେତେବେଳକୁ ଅଂଶୁ ଦେଇଥିବା ପୁରୁଣା ନୋଟ୍‌କୁ ମୁଁ ଓଲଟାଇ ବି ନଥିଲି । ତେଣୁ ସେଥିରୁ ବାଛି ବାଛି କେତେକ ପାଠ ନୋଟ୍ ପଢ଼ି ମୋତେ ବୁଝାଇଦେଲା ସେ । ସବୁ ମନଦେଇ ଶୁଣି ବି କିଛି ଶୁଣି ପାରୁନଥିଲି ସେଦିନ । ଶୁଣୁଥିଲି ଖାଲି ତା'ର କଣ୍ଠସ୍ୱର ଆଉ ଦେଖୁଥିଲି ତା'ର ସୁନ୍ଦର ମୁହଁର ବିଭିନ୍ନଭାବକୁ । ତା' ପରେ ପରେ ଆମେ ଦୁହେଁ ଅନେକ ଦୂର ଆଗେଇ ଗଲୁ । ଆମ ଘରେ ସମସ୍ତେ ଏ ଖବରଟା ଜାଣିପାରି ଉଦ୍‌ବିଗ୍ନ ହୋଇ ଉଠିଲେ – ଏ ଦୁଇଜଣଙ୍କ ବିବାହ ଶୀଘ୍ର କରିଦେବା ଉଚିତ । ବିବାହଟା ସତେ ଯେମିତି ସର୍ବ ରୋଗନାଶକ ମହୌଷଧି । ସେଇ ବୟସରେ ଅଂଶୁ ମୋତେ ଯେତେ ସବୁ କଥା କହୁଥିଲା – ତା' ଭିତରକୁ

ବହିଲେଖା ବିଷୟଗୁଡ଼ିକ ଆପେ ଆପେ ପଶିଆସୁଥିଲା । ବିବାହ ପରେ ମଧ୍ୟ ସେସବୁ ସେମିତି ଚାଲିଥିଲା ।

ରାତିରେ ଘରକୁ ଫେରିବା ପରେ ବା ରବିବାର ଦ୍ୱିପ୍ରହରରେ ଖାଇସାରିବା ପରେ ସେ ମୋତେ ଅନେକ ଇଂରାଜୀ କବିତା ସବୁ ପଢ଼ି ଶୁଣାଏ – ସବୁ ପ୍ରେମର କବିତା – ଇଂରାଜୀ କବି D.H Lawrence କୁ ନେଇ ମାତିଥାନ୍ତି ସେତେବେଳେ । କିନ୍ତୁ ଏଇଟା ତ Courtship ନଥିଲା ସେତେବେଳେ ଯେ – ମୁଁ ଯେମିତି ଭାବରେ ହେଉ ତାକୁ ମୋ ପାଖରେ ପାଇ ଖୁସି ହୋଇଯିବି । ତେଣୁ ଖୁବ୍ ସ୍ୱାଭାବିକ ଭାବେ ମୁଁ ତା' ପାଖରୁ ଅନ୍ୟ ରକମ ବ୍ୟବହାର ଆଶା କରୁଥିଲି । ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ – ଯେଉଁ ଲୋକ ଠିକ୍ ପୁରୁଷ ପରି ପ୍ରେମ କରିପାରେ – ସେ ପ୍ରେମ କବିତା ବା ପଢ଼ି ଶୁଣାଇବ କାହିଁକି ? ସେଇ ସେଇ କଥା ଅନେକଥର କହିବା ବା କାହିଁକି ? ଆଉ ଯେତେବେଳେ ସେ ମୋତେ ପାଖକୁ ଟାଣେ ସେତେବେଳେ ବି ଏତେ ନରମ ଆଉ ଧୀର ଭାବରେ ମୋତେ ଟାଣେ ଯେ – ମୋର କାହିଁକି ତା ପ୍ରତି ଦୟା ହୁଏ – ମନେହୁଏ ଏଇ ପ୍ରେମଟାକୁ ସିଏ ଯେମିତି ତର୍ଜମା କରୁଛି । ଅବଶ୍ୟ ଅନିଚ୍ଛା ବଶତଃ ହେଲେ ବି ମୋ ମୁହଁରୁ ବାହାରି ଆସେ – ଅଂଶୁ ଏମିତି କ'ଣ ହେଉଛ ? ଯାଉ ସିଆଉ ଅନେକ କଥା ଯାହାକି ପ୍ରାୟ ଝିଅମାନେ କହିଥାନ୍ତି – ପୁରୁଷମାନଙ୍କୁ ବେଶୀ ବେଶୀ ଆକୃଷ୍ଟ କରିବାପାଇଁ – ବେଶୀ ଉତ୍ତେଜିତ କରିବାପାଇଁ । କିନ୍ତୁ ପ୍ରେମର ଏମିତି ଚରମ ମୁହୂର୍ତ୍ତରେ ବି ମୋର କାହିଁକି ମନେ ହେଉଥିଲା ଯେ ଅଂଶୁ ମୋତେ ପ୍ରକୃତରେ ଭଲପାଏନି । ମୋତେ ଭଲପାଏ ବୋଲି ସେଇ ଧାରଣାଟିକୁ ହିଁ ସେ ବୋଧେ ବେଶୀ ଭଲପାଏ । ଅଥଚ ଏଇ ଭଲପାଇବା କଥାକୁ ନେଇ – କେତେ ବଡ଼ ବଡ଼ ବକ୍ତୃତା ଦିଏ ସେ ।

ଆମ ବିବାହର ପାଞ୍ଚ ମାସ ପରେ ଏମିତି ଗୋଟିଏ ଘଟଣା କଲିକତାରେ ଘଟିଲା – ଯାହାକୁ ନେଇ କଲିକତାରେ ଚହଳ ପଡ଼ିଯାଇଥିଲା – ଜଣେ ନାମଯାଦା ବାରିଷ୍ଟର, ବୟସ ୫୫ ହେବ, ଗୋଟିଏ ଏମ୍.ଏ ପଢୁଥିବା ଛାତ୍ରୀକୁ ନେଇ ବମ୍ବେ ପଳେଇଗଲେ – କଥା ଅଦାଲତ ପର୍ଯ୍ୟନ୍ତ ପହଂଚିଲା, ହେଲେ କିଛି ଫଳ ହେଲାନି ।

ପରେ ଜଣାଗଲା ସେଇ ଝିଅଟିକୁ ବାରିଷ୍ଟର କୋର୍ଟରେ ବିବାହ କରିଛନ୍ତି ଓ ତାଙ୍କର ପ୍ରଥମ ସ୍ତ୍ରୀକୁ କଲିକତାରେ ଥିବା ବଙ୍ଗଳା ସହିତ ମାସକୁ ପାଂଚଶହ ଟଙ୍କା ଲେଖାଏଁ ଦେବେବୋଲି ଲେଖି ଦେଇଛନ୍ତି । ଏକଥା ସବୁଆଡ଼େ ଚର୍ଚ୍ଚା ହେଉଥାଏ । ନାମୀ ସଂବାଦପତ୍ରମାନେ ବାରିଷ୍ଟରଙ୍କ ନାମକୁ ଗୋପନ ରଖି ତୀବ୍ର ସମାଲୋଚନା ମୂଳକ ଲେଖା ସବୁ ଛାପି ଚାଲିଥାନ୍ତି । ଆମର ବେଲେଘାଟା ଘରେ ବି ଏଇ ବିଷୟରେ ଅନେକ ଆଳାପ ଆଲୋଚନା ହେଉଥାଏ ସେ ସମୟରେ । ସମସ୍ତେ ଏଇ ଘଟଣାକୁ କଟୁ ସମାଲୋଚନା କରୁଥିବାବେଳେ ନୟନାଂଶୁ ଖୋଲା ଭାବରେ ଅନ୍ୟ କଥା କହୁଥିଲେ । ଦିନେ ମୁଁ ତାଙ୍କୁ କହିଲି ଯେ ସେଇ ବାରିଷ୍ଟରଙ୍କୁ ଲଂପଟ ଛଡ଼ା ଅନ୍ୟକିଛି କୁହାଯାଇନପାରେ । ହଠାତ୍ ଉତ୍ତରରେ ଅଂଶୁ କହିଲେ – ଲଂପଟମାନଙ୍କ ପାଇଁ କ'ଣ କଲିକତାରେ ଜାଗା ନାହିଁ । ତା'ଛଡ଼ା ଭଦ୍ର ଲୋକଟିର ତ୍ୟାଗ ଆଖିରେ ପଡୁନି ? କଲିକତାରେ ଏତେ ବଡ଼ ଓକିଲାତି ତାକୁ ଛାଡ଼ିବାକୁ ପଡ଼ିଲା – ସେଥିରେ ପୁଣି ଲୋକନିନ୍ଦା ? ହଠାତ୍ ମୁଁ କହିଲି – ଛାଡ଼ ଛାଡ଼ ତମର ସେ ତ୍ୟାଗ, ଲୋକନିନ୍ଦା ଗୋଟାଏ ବୁଢ଼ା ହଡା ମଣିଷ, ତେଣେ ସେ ଝିଅଟା ବିବାହିତା – ଦୁଇଜଣଙ୍କୁ ଖୁଣ୍ଟରେ ବାନ୍ଧିପକାଇ ଖାଲି ଚାବୁକ ମାରିବା କଥା – ତେବେ ଯାଇ ଠିକ୍ ହୋଇଥାନ୍ତା ?

ଅଂଶୁ ଗଂଭୀର ଦୃଷ୍ଟିରେ ମୋତେ ଅନେଇ କହିଲେ – ତମେ ପିଲା ଲୋକ – କିଛି ବୁଝିପାରୁନ । ୟା ପରେ ଅନେକଥର ମଧ୍ୟ ନୟନାଂଶୁ ସହିତ ମୋର ତର୍କ ବିତର୍କ ହୁଏ । ନୟନାଂଶୁ ଯୁକ୍ତି ବାଢ଼ନ୍ତି – ସ୍ୱାମୀ ସ୍ତ୍ରୀ ବା ସ୍ତ୍ରୀ ପୁରୁଷ ମଧ୍ୟରେ ସଂପର୍କ କହିଲେ ଭଲପାଇବାଟା ହେଉଛି ମୂଳକଥା । ଭଗବାନଙ୍କ ଦୃଷ୍ଟିରେ ବିବାହ ବୋଲି କିଛିନାହିଁ । ଦାଂପତ୍ୟ ନାମରେ ଘରେ ଘରେ ବ୍ୟଭିଚାର ଚାଲିଛି । ସ୍ୱାମୀ ସ୍ତ୍ରୀ ଭିତରେ ଦାମ୍ପତ୍ୟ ପ୍ରେମ ନଥାଇ ଏକାଠି ବାସକରିବା ଗର୍ହିତ । ସ୍ତ୍ରୀ ତା'ର ସ୍ୱାମୀ ଓ ଆତ୍ମୀୟ ସ୍ୱଜନମାନଙ୍କ ଛଡ଼ା ଅନ୍ୟ କୌଣସି ପୁରୁଷମାନଙ୍କ ସହିତ ମିଳାମିଶା କରିବାର ସୁଯୋଗ ପାଏନା – ତାହା ହିଁ ତଥାକଥିତ "ସତୀତ୍ୱ" । ଏମିତି ଅନେକ ଉଦାହରଣ ମୋତେ ଶୁଣାଏ ନୟନାଂଶୁ – ସତେ ଯେମିତି କ୍ଲାସରେ ଲେକ୍‌ଚର ଦେଉଛି । ସେ କହେ ଭଲପାଇବାର ଗୋଟିଏ ପରୀକ୍ଷା ହେବା ନିହାତି ଦରକାର – କିନ୍ତୁ ଅନ୍ୟମାନଙ୍କ

ସଂଗେ ପ୍ରତିଦ୍ୱନ୍ଦିତା ନହେଲେ ତା ସଂମ୍ଭବ ହୋଇପାରେନାହିଁ। ଯେହେତୁ ଅମୁକ ଲୋକଟା କା'ର ସ୍ୱାମୀ ବା କା'ର ସ୍ତ୍ରୀ – ଖାଲି ସେଇଥିପାଇଁ ତାକୁ ତା'ର ଜୀବନ କାଟିବାକୁ କେହି ବାଧ୍ୟ ନୁହେଁ। ସଂପର୍କଟା ଯଦି ବ୍ୟକ୍ତିଗତ ଉପାୟର ନହୋଇ ଗୋଟିଏ ମୁଖସ୍ତ କରା ଗୀତ ପରି ହୁଏ କିମ୍ବା ଯଦି ଅନ୍ୟ କିଛି ଉପାୟର ଅଭାବରୁ ଲୋକେ ତାକୁ ଜାବୁଡ଼ି ଧରିଥାଆନ୍ତି – ତା'ହେଲେ ଅନ୍ୟ ଉପରେ ଏମିତି ଲଦି ଦେବାଟାକୁ ଜୁଲମ୍ ବୋଲି କୁହାଯିବ ଏବଂ ତାକୁ ମାନିନେବାଟାକୁ ଭଣ୍ଡାମୀ ହିଁ କୁହାଯିବ। ବିଶେଷତଃ ଏଇ ସନାତନ ଭାରତବର୍ଷରେ 'ବିବାହ' କହିଲେ ଏଇଆ ହିଁ ବୁଝନ୍ତି। ନୟନାଂଶୁର ଏଇ ସବୁ କଥାର କୌଣସି ସଠିକ୍ ଜବାବ ମୁଁ ଦେଇପାରେନି କିନ୍ତୁ ଶୁଣିବାବେଳେ ମୋର ଭୀଷଣ ରାଗ ହୁଏ – କାରଣ ସେତେବେଳେ ମୁଁ ନବ ବଧୂ – କ୍ଷୁଧିତ କୁମାରୀତ୍ୱରୁ ତତୋଧିକ କ୍ଷୁଧିତ ନାରୀତ୍ୱର ପାହାଚକୁ ଏଇମାତ୍ର ଉଠିବାକୁ ଆରମ୍ଭ କରିଛି ଓ ବିବାହର ସମ୍ବନ୍ଧଟା ମୋତେ ସେତେବେଳେ ବେଶ୍ ଭଲ ଲାଗୁଥାଏ। ଏତେ ଭଲ ଲାଗୁଥାଏ ଯେ ମୋର ବିଶ୍ୱାସ ଆସୁଥାଏ ସତେ ଯେପରି ଏଇଟା ମୋର ଜନ୍ମ ଜନ୍ମାନ୍ତର ସମ୍ବନ୍ଧ। ଦିନେ କହିଲି – ତମ ମତରେ ମଣିଷ ବି କୁକୁର ବା ବିଲେଇ ପରି ହେବା ଉଚିତ – ଯଥା ସବୁବେଳେ ସୁଖ ଲାଳସା ଖୋଜି ବୁଲିବା ଏଇଆ ତ ! – ସେ ଉତ୍ତର ଦେଲା – ପଶୁ ସହ ମଣିଷର ତୁଳନା ହୁଏନା, ଭଲପାଇବାଟା କ'ଣ ସେଇଟା ପଶୁମାନେ ଜାଣନ୍ତି ନାହିଁ। ସେମାନଙ୍କର ଖାଲି ଦେହ ଅଛି – ମନ ନାହିଁ। ମୁଁ ଉତ୍ତର ଦେଲି – ତୁମ ମୁହଁରେ ଖାଲି ସେଇ ଗୋଟିଏ କଥା – "ଭଲ ପାଇବା", ଏଇ ଭଲପାଇବାଟା ଯେ ପ୍ରକୃତରେ କ'ଣ ମୋତେ ବୁଝେଇ ପାରିବ ? ଅଂଶୁ କହିଲେ – ଭଲପାଇବାଟା ଏମିତି ଜିନିଷ ତୁମେ ନିଜେ ନ ବୁଝିଲେ ତମକୁ କେବି ବି ବୁଝେଇ ପାରିବେନି।

ମୁଁ ବିଭା ହେବା ପୂର୍ବରୁ ନୟନାଂଶୁର ପ୍ରେମରେ ପଡ଼ିଥିଲି। କିନ୍ତୁ ବିଭା ହେବା ପରେ ମୋର କାହିଁକି ମନେ ହେଲା – ଏଇ ପ୍ରେମ କରିବା ବ୍ୟାପାରଟା ଏତେ ଜରୁରୀ ନୁହେଁ । ବିବାହଟା ହିଁ ପ୍ରକୃତରେ ଅସଲ କଥା। ଥରେ ବିବାହ ହୋଇସାରିଲା ପରେ ସାରାଜୀବନ ଆଉ ଭାବିବାର ଦରକାର ପଡ଼େନି। ଠିକ୍ ସେଇଥିପାଇଁ ନୟନାଂଶୁ

ଯାହା କହୁନା କାହିଁକି – ଠିକଣା କରାଯାଇଥିବା ବିବାହ ବିପକ୍ଷରେ ପ୍ରକୃତ ଯୁକ୍ତି ଆଉ କିଛିନାହିଁ। ମୁଁ ଦିନେ ପଚାରିଥିଲି – "ତୁମ ସହିତ ମୋର ବିବାହ ପ୍ରସ୍ତାବ ଆସିଥିଲେ ତମେ କ'ଣ ମନା କରିପାରିଥାଆନ୍ତ ?" ସେ ଉତ୍ତର ଦେଲେ – ପାଗଳ ନା କ'ଣ ? ଯାହାକୁ ଚିହ୍ନିନି ବା ଜାଣିନି ତାକୁ କେମିତି ବାହାହେବି, ମୁଁ କହିଲି – ମନେକର ଏକ ସମୟରେ ତମେ ମୋତେ ଖୁବ୍ ଭଲପାଇଲ ଏବଂ ପର ମୁହୂର୍ତ୍ତରେ ଯଦି ଆଉଜଣଙ୍କୁ ମୋ'ଠୁ ବେଶୀ ଭଲ ଲାଗେ ତା'ହେଲେ ?

ସାମାନ୍ୟ ହସି ଅଂଶୁ କହିଲା – ସଂଭାବନା ତ ସବୁବେଳେ ଅଛି – ତା'ବୋଲି ଭୟ କଲେ ଚଳିବ କେମିତି ? ମୋତେ କିନ୍ତୁ ଅଂଶୁର ସେ କଥାଗୁଡ଼ାକ ଭାରି ଖରାପ ଲାଗିଲା – ତେଣୁ ଟିକିଏ ଉଚ୍ଚ ସ୍ୱରରେ କହିଲି – ମୁଁ କିନ୍ତୁ ତୁମ ଛଡ଼ା ଅନ୍ୟକାହାକୁ ମୋ ସ୍ୱାମୀ ଭାବେ କଳ୍ପନାବି କରିପାରେନି, ମୋ ଛଡ଼ା ଆଉ କିଏ ତମର ସ୍ତ୍ରୀ ହେଉ ଏକଥା ଆଦୌ ଭାବି ପାରେନି। ନୟନାଂଶୁ ଅଳ୍ପ ହସି କହିଲେ – ପିଲା ଲୋକ।

ଯାର ଅଳ୍ପ କିଛି ଦିନ ପରେ ଆମେ ଦୁଇଜଣ ଥରେ ଗୋଟିଏ ସଂଗୀତ ଆସରକୁ ଯାଇଥିଲୁ। ସାଂଗରେ ମୋ ମାଆ ବି ଥିଲେ। ମୁକ୍ତିପଦ ଘୋଷ ପ୍ରଥମେ ଗୋଟିଏ "ମାଲକୋଷ" ଓ ପରେ ପରେ ଲକ୍ଷ୍ନୌ ଘରାନା ଢାଞ୍ଚାରେ ଗୋଟିଏ ଠୁମ୍ରୀ ଗାଇ ଶୁଣାଇଲେ। ବାସ୍ତବିକ ଅପୂର୍ବ ଆଳାପ – ମନ ମନ୍ତ୍ରମୁଗ୍ଧ ହୋଇଗଲା ଯେପରି। ନୟନାଂଶୁ ଗୀତ ମୋଟେ ଭଲପାଏନି, ମୁଁ ନିହାତି ବାଧ କରିବାରୁ ସେ ଆମ ସଂଗେ ଯାଇଥିଲା ଏବଂ କାଠ କଣ୍ଢେଇଟିଏ ପରି ସେଇଠି ଶେଷ ଯାଏ ବସି ରହିଥିଲା। ସବୁ ସରିଲା ପରେ ଯେତେବେଳେ ବାହାରକୁ ଆସିଲୁ – ମାଆ ପଚାରିଲେ – "ତୋତେ କେମିତି ଲାଗିଲା ଅଂଶୁ – ଅତି ଚମତ୍କାର ନୁହେଁ ?" ଅତି ଶୁଷ୍କ କଣ୍ଠରେ ଅଂଶୁ କହିଥିଲା – ହଁ ଅତି ଚମତ୍କାର । କିନ୍ତୁ ମୋ ମନ ପୂରା ବୁଡ଼ିଯାଇଥିଲା ସେଇ ସଂଗୀତର ଅପୂର୍ବ ମୂର୍ଚ୍ଛନା ଭିତରେ, ମନେ ପଡୁଥିଲା ଗାୟକଙ୍କ ମୁହଁର ଭାବ ଭଙ୍ଗୀ, ଆଖି, ହାତର ଚାଳନା ଇତ୍ୟାଦି ଇତ୍ୟାଦି। ହଠାତ୍ କହିଲି – ମୁକ୍ତିପଦ ଘୋଷଙ୍କ ସ୍ତ୍ରୀ କେତେ ଭାଗ୍ୟବତୀ କହିଲ ? ତା ଶୁଣି ମା ସାଂଗେ ସାଂଗେ କହିଲେ – ବୋକୀଙ୍କ ପରି କଥା କହୁଛୁ କ'ଣ ? ଘରକୁ ଫେରି ଭାବି ଭାବି ଅନେକ ସମୟ ପରେ

## ମୁଁ ମାଳତୀ କହୁଛି

ବୁଝିପାରିଥିଲି ମୋର ଭୁଲ୍‌ଟା – ଅମୁକର ସ୍ତ୍ରୀ ଭାଗ୍ୟବତୀ – ଏକଥା କହିବାର ମାନେ ହେଉଛି – ମୁଁ ସେଇ ମହିଳାଙ୍କୁ ହିଂସା କରେ । ଅର୍ଥାତ୍ ମୁଁ ସେଇ ଲୋକର ସ୍ତ୍ରୀ ବା ପ୍ରେମିକା ହେବାକୁ ଇଚ୍ଛା କରୁଛି । ଆଉ ଏକଥା ମନେ ମନେ ଭାବିଲେ ବି ମୁହଁ ଖୋଲି କହିବା କୌଣସି ବିବାହିତା ଝିଅ ପକ୍ଷରେ ଆଦୌ ଉଚିତ ନୁହେଁ – ବିଶେଷକରି ସ୍ୱାମୀର ଉପସ୍ଥିତିରେ। ଠିକ୍ ସେଇ ସମୟରେ ମୁଁ ବୁଝିପାରିଥିଲି ଏଇ ବିବାହ ପରମ୍ପରାଟା ମଣିଷର କି ଆଶ୍ଚର୍ଯ୍ୟ ଆବିଷ୍କାର । ଧରାଯାଉ – ମୋର ଯଦି ବିବାହ ହୋଇନଥାନ୍ତା ତାହାଲେ ଆଜି ଯେ ନୟନାଂଶୁର ପ୍ରେମରେ ପଡ଼ିଛି ଓ ଗତକାଲି ମୁକ୍ତିପଦ ଘୋଷଙ୍କ ଗୀତ ଶୁଣି ତାଙ୍କ ପ୍ରେମରେ ଯେ ମୁଁ ପଡ଼ିନଥାନ୍ତି ଏକଥା କିଏ କହିବ ? କିନ୍ତୁ ମୁଁ ବିବାହିତା ବୋଲି କ'ଣ ସେମିତି ଭାବିବି ନାହିଁ – ଓ ଭାବିଲେ ବି ଚୁପ୍ ରହିଯିବି ଓ ମାଆଙ୍କ କଥାରେ ଏକମତ ହେବି ଯେ – ଏମିତି ଭାବିବାଟା ନିହାତି ଅନୁଚିତ୍ ? ଏଇତ ଆମର ପ୍ରେମ ନୟନାଂଶୁ ଭାଷାରେ, ତା'ଉପରେ ଭରସା ରଖିଲେ ପ୍ରତ୍ୟେକଟା ମଣିଷ ଯେ ପରସ୍ପରଠାରୁ କେତେ ବିଚ୍ଛିନ୍ନ ହୋଇଯାଆନ୍ତେ, – ଏଇ ବିବାହ ବନ୍ଧନଟା ସିନା ମଣିଷକୁ ଏତେ ମଜବୁତ୍ ଭାବେ ବାନ୍ଧି ରଖିଛି ।

ଭିଜା ଭିଜା ଥଣ୍ଡା ପବନ ସହିତ ଥିରି ଥିରି ପୁଣି ବର୍ଷା ଆସିଲା । ତମେ ଏବେ କ'ଣ କରୁଛ ଜୟନ୍ତ ? ଶୋଇପଡ଼ିଛ କି ? ନା ଆଖି ବୁଜି ଅକ୍ଷର ଭିତରକୁ ଚାହିଁ ରହିଛ ? ନା, ତମେ ନୟନାଂଶୁ ନୁହେଁ – ତମେ ଜୟନ୍ତ, – ସ୍ୱାସ୍ଥ୍ୟବାନ, ଶକ୍ତିଶାଳୀ ପୁରୁଷ ତମେ । ମ୍ଳାନ ରକ୍ତରେ ଗଢ଼ା ଭାବୁକ ପୁରୁଷ ତୁମେ ନୁହେଁ – ତୁମେ ଭାବନାରେ ବିଶ୍ୱାସ କରନା, ଯେଉଁ ଜିନିଷଟା ଯାହା – ତାହା ତୁମ ପାଖରେ ଠିକ୍ ସେଇଆ । କ୍ଷୁଧା ହେଲେ ଖାଇବାକୁ ପଡ଼େ, ପ୍ରେମ ପାଇଲେ ପ୍ରେମ କରିବାକୁ ହୁଏ – ଏସବୁ ତୁମ ପାଖରେ ତର୍କର କଥା ନୁହେଁ। ମୁଁ ଜାଣେ ତୁମେ ଏବେ କ'ଣ କରୁଛ ? ଏତେ ଦିନଧରି ତୁମେ ହୁଏତ ରାତିରେ ବିଛଣାରେ ଶୋଇ ମୋତେ କଳ୍ପନା କରି କରି ଛଟ ପଟ ହୋଇଛ – ବର୍ଷା ତୁମକୁ ଅନେକ ଯନ୍ତ୍ରଣା ଦେଇଛି । କିନ୍ତୁ ଆଜି ତୁମେ ତୁମର ଲୋଟନକୁ ପାଇଛ । ଡାକ୍ତରର ଇଂଜେକ୍‌ସନ୍ ଛୁଞ୍ଚିରେ ରକ୍ତ ପଶିଲା ପରି ମୁଁ ତମ ହାତକୁ ଉଠି ଆସିଛି – ସେଇଥିପାଇଁ ଆଜି ନିଶ୍ଚିନ୍ତରେ ଶୋଇପଡ଼ିଛ ତୁମେ –

ସାରାଦିନ ଖଟି ଖଟି ହାଲିଆ ହୋଇଯାଇଥିବା ଲୋକଟି ଯେମିତି ଶୋଇଯାଏ – ଠିକ୍ ସେମିତି । କୋଉ ମଇଳା ଲୁଗା ଭର୍ତ୍ତି ବସ୍ତାଟିଏ ପରି ତୁମ ପାଖରେ ଶୋଇଛି ତୁମର ସ୍ତ୍ରୀ । କାଲି ସକାଳେ ତମେ ନୂଆ ପ୍ରେରଣା ନେଇ କାମକୁ ବାହାରି ପ୍ରେସ୍‌ରେ ବସି ଯାଡୁ ସିଆଡୁ କିଛି ଲେଖା ଲେଖି କରିବ, ବିଜ୍ଞାପନଟିଏ ଲାଗି ଇଆଡ଼େ ସିଆଡ଼େ ବୁଲାବୁଲି କରିବ । ଏଆର କଣ୍ଡିସଣ୍ଡ ଅଫିସରେ ବସି ତୁମେ ଦିନ କାଟନା ଜୟନ୍ତ – ମୁଁ ଜାଣେ ତମେ ଖରାରେ ସିଝି, ବର୍ଷାରେ ଭିଜି, ଟ୍ରାମ୍ ବା ବସ୍‌ରେ ବସି ସାରାଦିନ ଘୁରୁଥାଅ । ତମେ ସ୍ୱାଧୀନ – ହେ ମୋର ପ୍ରିୟ ଜୟନ୍ତ, ହେ ମୋର ମନର ମଣିଷ ତୁମପାଇଁ ମୁଁ ପୁଣି ତୃଷାର୍ତ୍ତ । ଏଇ ବର୍ଷାର ରିମ୍‌ଝିମ୍ ଶବ୍ଦ ହିଁ ମୋର ତୃଷ୍ଣା ବଢ଼ାଇଛି । ଆଉଥରେ ଫେରିଯିବା ଚାଲ ସେଇ ସୁଡ଼ଙ୍ଗ ଭିତରକୁ ଜୟନ୍ତ । ଯେଉଁଠି ଛାତଫାଟି ଜଳଧାରା ବୋହିଆସେ । ମୋତେ ଖୁଉବ୍ ଶୋଷ ଲାଗୁଛି ଜୟନ୍ତ – ଅଥଚ ପାଣି ରୋଷେଇ ଘରେ ଅଛି – ମୁଁ କେମିତି ଉଠିଯିବି ? ନୟନାଂଶୁର ନିଦ ଯଦି ଭାଂଗିଯାଏ – ସେ ଯଦି କିଛି କହେ ବା କୌଣସି ପ୍ରକାରେ ପ୍ରମାଣ କରେ ଯେ ସେ ବି ଶୋଇପାରିନି ଏବଂ ସେ ଖୋଲା ଖୋଲି କିଛି ପଚାରି ବସେ ଓ ମୋତେ ବାଧ କରେ ତା'ର ଉତ୍ତର ଦେବାକୁ ? ନା, ବର୍ତ୍ତମାନ ମୁଁ ସେ ସବୁ ଚାହୁଁନି । କୌଣସି କଥାର ଯୁକ୍ତି ତର୍କ ବି ଚାହୁଁନି ।

ମୁଁ ଏବେ ତୁମକୁ ଭଲପାଉଛି ଜୟନ୍ତ – ମୋତେ ଭଲପାଇବାକୁ ଦିଅ – ଶୋଇ ଶୋଇ ତମକୁ ଭଲପାଉଛି – ଏଇ ବରଂ ଭଲ – ଏମିତି ତୃଷ୍ଣା ଏମିତି ଚିନ୍ତା ନେଇ ଚୁପ୍‌ଚାପ୍ ଶୋଇରହିବା, ଇଏ ବେଶ୍ ଭଲ ।





# ଦୁଇ

**ନୟନାଂଶୁ –**

କିଛି ଯାଏ ଆସେନା, ଯେଉଁଥିରେ ପ୍ରକୃତରେ କିଛି ଥାଏ ତାହା ହେଉଛି ଇଚ୍ଛା – ଆଉ ଇଚ୍ଛାଟା ପୂରଣ ହେଲା କି ନା ସେଇଟା ଗୋଟାଏ ଦୈବ ଘଟଣା ମାତ୍ର। ସୁଯୋଗ ପାଇଲେ ପୂରଣ ହେବ ନହେଲେ ନାହିଁ – କିଛି ତଫାତ୍ ନାହିଁ ସେଥିରେ। ଚେନ୍‌ରେ ବନ୍ଧା କୁକୁର ପରି ଆମର ଏ ଶରୀରଟା, – ଆଉ ମନଟା ତାକୁ ଟାଣେ – ଟାଣି ନେଇଯାଏ। ମନ ଯେତେବେଳେ ଯୁଆଡ଼େ ଯାଏ କେହି ତା'ର ବିରୋଧ କରିପାରେନା – କିନ୍ତୁ ଏ ଶରୀର ନିହାତି ଗୋଟାଏ ଜଡ଼ ପଦାର୍ଥ ବୋଲି ସବୁବେଳେ ପଛରେ ପଡ଼ିଥାଏ। ନୂଆ କିଛି ଘଟିନି – ଖାଲି ମନର ହୁକୁମ ତାମିଲ କରିଛି – ତୁମର ଶରୀର। ମାଳତୀ ! ତୁମେ ବ୍ୟସ୍ତ ହୁଅନା, ମୋ ତରଫରୁ ମୁଁ କହୁଛି – ସବୁ ଠିକ୍ ଅଛି – କିଛି ଯାଏ ଆସେନା।

ଆଲୁଅ ଜଳାଇ ଦେଖିଲି ସୁନ୍ଦର ଗୋଟିଏ ଛବି – ମାଳତୀ ଘୁମାଇଁ ପଡ଼ିଛି, ଶାଢ଼ୀଟା ଆଣ୍ଠୁ ପର୍ଯ୍ୟନ୍ତ ଉଠିଯାଇ ନିଟୋଳ ଗୋଡ଼ଟିଏ ଦିଶୁଛି, ଛାତିରୁ ଲୁଗା ଖସିଯାଇ ଗୋଟିଏ ସ୍ତନ ପୂରା ବାହାରି ପଡ଼ିଛି – ସଂପୂର୍ଣ୍ଣ ଗୋଲାକାର ଓ ଉର୍ଦ୍ଧ୍ୱଗାମୀ – ସତେ ବା ଗୋଟିଏ ଶ୍ୟାମାଙ୍ଗୀ "ଭେନ୍‌ସ"। ସମଗ୍ର ଘୁମନ୍ତ ଶରୀର ଭିତରେ ଏଇ ଗୋଟିଏ ଅନାବୃତ ସ୍ତନ ଯେମିତି ଆଖିଖୋଲି ଚାହିଁ ରହିଛି ଅପୂର୍ବ ରୂପ ଓ ଚେତନାର ସ୍ପର୍ଦ୍ଧା ନେଇ – ଲୋକମାନଙ୍କଠାରୁ ଅଭିନନ୍ଦିତ ହେବାକୁ। ଝିପି ଝିପିକା ବର୍ଷା ଭିଜା ଦେହରେ ଠିଆହୋଇ ଦେଖିବାକୁ ବେଶ୍ ଭଲ ଲାଗୁଥିଲା ମୋତେ – ଏବଂ ଆଖି ଦେଇ ତା' ଘୁମନ୍ତ ଦେହରୁ କିଛି ଉତ୍ତାପ ଟାଣି ନେଉଥିଲି ଯେମିତି। ମନେ ହେଲା

ହଠାତ୍ ଯଦି ସେ ଉଠିପଡ଼େ ତା'ହେଲେ ସେ ହୁଏତ ଲଜ୍ଜିତ ହେବ, – ତେଣୁ ପାଖକୁ ଯାଇ ତା ଦେହକୁ ନ ଛୁଇଁ ଶାଢ଼ୀଟାକୁ ପାଦ ପର୍ଯ୍ୟନ୍ତ ଟାଣି ଘୋଡ଼ାଇ ଦେଲି। ସ୍ତନଟିକୁ ମଧ୍ୟ ଆସ୍ତେ କରି ଲୁଗାରେ ଘୋଡ଼ାଇ ଦେଲି। ଦେଖିଲି ତା'ର ଚଦରଟା ଅନେକ ଜାଗାରେ କୁଞ୍ଚିତ – ଗୋଟିଏ ତକିଆରେ ସେ ମୁଣ୍ଡ ଦେଇ ଶୋଇଛି ଆଉ ମଝିରେ ଆଉ ଗୋଟିଏ ତକିଆ ମଝିରେ ଟିକେ ଖାଲ ହୋଇ ପଡ଼ିରହିଛି – ତା' ପାଖରେ। ଖଟର ଗୋଟିଏ କୋଣରେ ତା'ର ବ୍ଲାଉଜ୍ ଓ ବ୍ରା – ଯେମିତିକି ତରତରରେ କାଢ଼ି ପିଙ୍ଗି ଦିଆଯାଇଛି।

ଭିଜା ଲୁଗା ବଦଳିବାକୁ ବାଥ୍‌ରୁମ୍‌କୁ ଯାଇ ମୋର ମନେ ହେଲା ଅନେକ ଦିନ ପରେ ଆଜି ତୋଫା ଆଲୁଅରେ ମୁଁ ମାଳତୀର ଦେହକୁ ଦେଖିଲି – ମନେ ହେଲା ଆଗ ଅପେକ୍ଷା ତା'ର ଦେହ ଅଧିକତର ସୁନ୍ଦର ହୋଇଯାଇଛି। ଚିକ୍କଣ ପୂରିଲା ପୂରିଲା ଦେହ – ଯାହାକୁ ଯୌବନର ମଧ୍ୟାହ୍ନ କୁହାଯାଇପାରେ। ଠିକ୍ ଯା ପରେ ସବୁ ବଦଳିଯିବ – ହୁଏତ ରୋଗା ହୋଇଯାଇଥିବ ନହେଲେ ଦୁର୍ବଳ ଚର୍ମ ଓହଳି ପଡ଼ିଥିବ ଅଥବା ଚର୍ବି ଜମିଯାଇ ଦେହର ଆକୃତି କଦାକାର ହୋଇଯାଇଥିବ। ତଥାପି ମୋର କାଇଁ ମନେହୁଏ ଏମିତି ସୁନ୍ଦର ଚେହେରା ନେଇ ମାଳତୀ ଆହୁରି ଦଶବର୍ଷ କଟେଇ ଦେଇପାରିବ। ମାଳତୀ ଏବେକାର ପରି ସଚେତନ ରହିଲେ ଅନେକଦିନ ଯାଏ ତା'ର ଯେ ଚେହେରା ବଜାୟ ରଖିପାରିବ। କିନ୍ତୁ ମୋ ମନରେ ଅନ୍ୟ ରକମର ଭାବନା ଆସୁଥିଲା – ଯେମିତି କି – ମାଳତୀ ଖୁବ୍ ମୋଟି ହୋଇଯାଇ ଅତି କଦାକାର ହୋଇଯାଉ – ତା'ହେଲେ ଅନ୍ୟ କେହି ଲୋକ ଆଖି ପକେଇବେ ନାହିଁ। ମୁଁ ଚାହେଁ ଅନ୍ୟ କେହି ପୁରୁଷ ତାକୁ ଆଖି ଫେରେଇ ନଦେଖୁ। କିନ୍ତୁ ଆପାତତଃ ତା'ର ଶରୀରର ଆକର୍ଷଣ ମୋତେ ମାନିବାକୁ ହେଲା – ଯେଉଁଦିନ ଅସ୍ତବ୍ୟସ୍ତ ଶାଢ଼ୀ ଭିତରେ ତା'ର ନଗ୍ନ ଗୋଡ଼ଟି ମୋର ନଜରରେ ପଡ଼ିଥିଲା। ଅବଶ୍ୟ ଅନେକଦିନ ପରେ ମୁଁ ଦେଖିଲି – ସେଇ ନିରୋଳା ଉନ୍ମୁକ୍ତ ସ୍ତନଟି ପୁଉଣି ଆଖି ଆଗରେ ଭାସି ଉଠିଲା – କେଉଁଠି ଟିକିଏ ହେଲେ ବି ଭାଙ୍ଗ ପଡ଼ିନି, ମଝିରେ ଥିବା କଳା ଗୋଲାକାର ଅଂଶଟିର ରଙ୍ଗ ଟିକିଏ ଗାଢ଼ ହୋଇଛି ବୋଧହୁଏ (ତା'ର

ସ୍ତନରେ ପ୍ରଚୁର କ୍ଷୀର ଥିଲେ ବି ମାତ୍ର ଦୁଇମାସ ପରେ ସେ ବୁନିକୁ ସ୍ତନ୍ୟପାନରୁ ବଂଚିତ କରି ରଖିଥିଲା) । ତାଳ ପରି ସେଇ କଳା ମୁଣ୍ଡଳୀର ତଳ ପାଖକୁ କ୍ରମଶଃ ଇଶତ୍ ଗୋଲାପୀ ରଙ୍ଗର ଆଭା ସତେ ଯେମିତି ଶିଶୁଟିଏ ପରି ଅନେଇଁ ରହିଛି – ଅବା କେଉଁ ଚିର ସୁଖୀ ନିଷ୍ପାପ ଆଖିଟିଏ ଯେମିତି କାନ୍ଦୁଛି – ଏଇ, ମୋତେ କ'ଣ କହିବ ? ଆଉ ବେଶୀ ସମୟ ଅନାଇଁ ନପାରି ଶାଢ଼ୀଟା ଧୀରେ ଧୀରେ ଟାଣି ସ୍ତନଟିକୁ ଯତ୍ନରେ ଘୋଡ଼ାଇ ଦେଲି – ଇଚ୍ଛାକରି ବି ସ୍ତନଟିକୁ ଛୁଇଁ ପାରିଲିନି – କାହିଁକି ? ବୋଧହୁଏ ମୋର ସଭ୍ୟତାବୋଧ, ଶାଳୀନତା ଜ୍ଞାନ, ବିଜ୍ଞତା ଯୋଗୁଁ । ସବୁ ସେଇ ବହି ପଢ଼ି ଶିଖିଥିବା ବାଜେ କଥା; ଯେତେ ଯାହାହେଲେ ବି ମୁଁ ତା'ର ସ୍ୱାମୀ – ମୁଁ ସେଇ ମାଂସପିଣ୍ଡୁଳାଟିକୁ ହଲାଇ ଦେଇ ତାକୁ ଉଠେଇ ପାରିଥାନ୍ତି । ତା'ର କଅଁଳିଆ ବେକକୁ ଦୁଇ ପାଖରୁ ଚିପିଧରି ଖୋଲି ଦେଇପାରିଥାନ୍ତି ତା'ର ଘୁମନ୍ତ ଆଖି ଦୁଇଟିକୁ – ତାକୁ ଜାବୁଡ଼ି ଧରି ଉଠାଇ ନେଇପାରିଥାନ୍ତି ମୋର ଖଟ ଉପରକୁ । କିନ୍ତୁ ନା, ମୋ ପରି ଜଣେ ଫୁଲ୍ ବାବୁ ପକ୍ଷରେ ଏସବୁ କରିବା ସମ୍ଭବ ନୁହେଁ । ତା'ମାନେ ଏଇଆ ନୁହେଁ ଯେ ଏମିତି କରିବାକୁ ମୋର ଇଚ୍ଛାନାହିଁ କି ଆଗ୍ରହ ନାହିଁ । ପ୍ରକୃତରେ କହିବାକୁ ଗଲେ ଆଗ୍ରହ ଅଛି ଏବଂ ମୁଁ ଭଲକରି ଜାଣେ ଯେ ଶ୍ରୀମତୀଙ୍କର ଏସବୁକୁ ଅପସନ୍ଦ ନୁହେଁ, ଆଉ ସେଇଥିପାଇଁ ଖାଲି ଜୟନ୍ତକୁ ମୁଁ ଦୋଷ ଦେଇପାରେନା । କିନ୍ତୁ ସେ ଯଦି ଜୟନ୍ତ ନହୋଇ ଅନ୍ୟ କେହି ହୋଇଥାଆନ୍ତା – ଯେପରିକି ମୋର ଅନ୍ୟ କେହି ବଂଧୁ – ତା'ହେଲେ କଥା ଅନ୍ୟ ରକମ ହୋଇଥାନ୍ତା ।

ବାଥରୁମ୍ ଭିତରେ ମୁଁ ଜାଣି ଜାଣି ଡେ଼ରି କଲି, ଯେମିତି ମୁଁ ଭିତରେ ବ୍ରସ୍ କରୁ କରୁ ସେ ଉଠି ନିଜର ଶାଢ଼ୀ, ବ୍ଲାଉଜ୍ ଆଦି ପିନ୍ଧି ପକାଇ ବିଛଣାଟା ଠିକ୍ ଭାବେ ସଜାଡ଼ି ପକାଏ । ବାହାରକୁ ଆସି ଦେଖେତ ମାଳତୀ ବିଛଣାପତ୍ର ସବୁ ଠିକ୍ କରିଦେଇଛି ।

ତା'ର ମୁହାଁମୁହିଁ ଖାଇବାକୁ ବସିଥିଲି, ଜୋର ଜୋର୍ ନିଃଶ୍ୱାସ ପ୍ରଶ୍ୱାସ ନେଉଥିଲି ମୁଁ, ମଝିରେ ମଝିରେ ଦମ୍ ଅଟକିଗଲା ପରି ଲାଗୁଥିଲା – ତଥାପି ଚେଷ୍ଟା କରି ମୁଁ ପ୍ରଥମେ କଥା ଆରମ୍ଭ କଲି – ଆଉ ମୋତେ ଭଲଲାଗିଲା ଯେ ମାଳତୀ ବି ସାଂଗେ

ସାଂଗେ ମୋ କଥାର ଉତ୍ତର ଦେଉଥିଲା । ଚେଷ୍ଟା କରି ଆସ୍ତେ ଆସ୍ତେ ଖାଇବାକୁ ଆରମ୍ଭ କଲି – ସତରେ ବର୍ଷାରେ ଓଦାହୋଇ ଏତେବାଟ ଚାଲି ଚାଲି ଆସି ପ୍ରଚୁର ଭୋକ ବି ହେଉଥିଲା । ଭାବୁଥିଲି ପେଟପୂରା ଖାଇଦେଲେ ନିଦ ହୋଇଯିବ । କିନ୍ତୁ କ୍ଳାନ୍ତ ଯଦିଓ – ଆଖିରେ କିନ୍ତୁ ନିଦ ନାହିଁ । ଆଜିର ବର୍ଷାରେ ମୁଁ ଯେମିତି ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି । ମୋର ଦେହରେ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ଭୀଷଣ ବ୍ୟଥା – ସତେ ଯେମିତି ଘରକୁ ଫେରିଲାବେଳେ ଶିଆଳଦା'ରେ କାହା ହାତରୁ ପ୍ରଚୁର ମାଡ଼ ଖାଇଛି ।

ଥରେ କିନ୍ତୁ ପ୍ରକୃତରେ ମାଡ଼ ଖାଇଥିଲି । ଯେତେବେଳେ ମୁଁ ଫାଷ୍ଟ ଇୟରରେ ପଢୁଥିଲି ମୋର ସାଂଗ ସୁବ୍ରତ ସାଂଗରେ ଘରକୁ ଫେରୁଥାଏ – ସଂଧ୍ୟାରେ । ଅଳ୍ପଦିନ ତଳେ ଦେଖିଥିବା "Blue Angel" ସିନେମା ଉପରେ କଥା ହୋଇ ଆମେ ଆସୁଥାଉ – ସେତେବେଳେ ଆମର ବେଲେଘାଟା ଏରିଆଟା ଗୋଟିଏ ଛୋଟ ମଫସଲ ଗାଁ ପରିଥିଲା, ରାସ୍ତାକଡ଼ରେ ବିଜୁଳିବତୀ ନଥିଲା, ସବୁଆଡ଼େ ଅଂଧାରିଆ ଲାଗୁଥାଏ – ହଠାତ୍ କୁଆଡୁ ଦୁଇଟା ଗୁଣ୍ଡାଲୋକ ଆମ ଉପରକୁ ଝାମ୍ପି ପଡ଼ିଲେ – ସ୍କାଉଣ୍ଡ୍ରେଲ୍ ଆଉ ସେଠିକି ଯିବୁ, ଆଉ ବଦମାସୀ କରିବୁ – କହି ମୋ ପିଠିରେ ଆଉ ସୁବ୍ରତ ପିଠିରେ ବି ଦୁଇ ତିନିଟା ବିଧା ଦେଇ ଛାଇପରି କୁଆଡ଼େ ଉଭେଇ ଗଲେ । ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ – ତେଣୁ ଚିହ୍ନିବା ସମ୍ଭବପର ନଥିଲା । ଆମ ପାଖରେ ପଢ଼ାବହି, ଖାତା, ପେନ୍ ଯାହାଥିଲା ତାକୁ ସବୁ ସେ ଛାପି ଛାପିକା ଅଂଧାର ଭିତରେ ଅଣ୍ଡାଳି ଅଣ୍ଡାଳି ଗୋଟେଇ ନେଲୁ – ଖଣ୍ଡେ ବହି କିନ୍ତୁ ମିଳିଲାନାହିଁ, ସେଥିପାଇଁ ଆଉ ସମୟ ନଷ୍ଟ ନକରି ଯେ ଯାହା ଘରକୁ ଫେରିଗଲୁ । ଆମେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲୁ ଯେ ଏମିତି ଗୋଟିଏ ଘଟଣା ଘଟିବ । ଆମେ ଏକବାର ଆଶ୍ଚର୍ଯ୍ୟ ହୋଇଯାଇଥିଲୁ – କ'ଣ ଯେ ଘଟିଲା ତାହା ବୁଝିବାକୁ ସମୟ ପାଇନଥିଲୁ । ଏମିତି ଆଶ୍ଚର୍ଯ୍ୟ ଓ ବୋକା ବନିଯିବା ଅନୁଭୂତି ମୋତେ ଅନେକ ସମୟ ପର୍ଯ୍ୟନ୍ତ ଆଚ୍ଛନ୍ନ କରି ରଖିଥିଲା । ପ୍ରକୃତରେ କହିବାକୁ ଗଲେ ତା'ର ପ୍ରକୃତ କାରଣଟା ମୁଁ ମୋଟେ ଖୋଜିକରି ପାଉନଥିଲି । ସୁବ୍ରତକୁ ବା ମୋତେ କିଏ କାହିଁକି ମାଡ଼ ମାରିବାକୁ ଚାହିଁବ – ତାହା ମୋ ପକ୍ଷରେ କଳ୍ପନାତୀତ ଥିଲା । ଶୋଇ ଶୋଇ ସେଦିନ ରାତିରେ ଅନେକ

ସମୟ ପର୍ଯ୍ୟନ୍ତ ଭାବିଥିଲି – କିଏ ସେମାନେ ? ଆମ ଉପରେ ସେମାନଙ୍କର ରାଗ କାହିଁକି । ଏଇ କଥା ଭାବି ଭାବି ଘଟଣାର ବିଶ୍ଲେଷଣ କରୁ କରୁ ଆଶ୍ଚର୍ଯ୍ୟ ଲାଗିଲା ଯେ ମାଡ଼ଖାଇ ମଧ୍ୟ ଆମେ ସେଦିନ ଚିତ୍କାର ବି କରିନଥିଲୁ – ପ୍ରତିରକ୍ଷା ଲାଗି ଚେଷ୍ଟା ବି କରିନୁ । ସେମାନେ ଦୁଇଜଣକୁ ଆମେ ବି ଦୁଇଜଣ ଥିଲୁ । ଧରାଯାଉ ତାଙ୍କ ଦେହରେ ବେଶୀ ବଳ ଥିଲା – ତଥାପି ଆମେ ବାଧା ତ ଦେଇପାରିଥାନ୍ତୁ – ଅଥବା ଭଲକରି ଦେଖିନେଇଥାନ୍ତୁ ଲୋକ ଦୁଇଜଣ କିଏ ବୋଲି । ମୋର ମନେ ହେଲା – ମୁଁ ତ ମୋର ଜୀବନରେ କାହାକୁ ହାତଟେକି ମାରିନି କି – ମାରିପାରେନି – କାରଣ ହାତଟେକି ମାରିଛି ଭାବିଲେ ମୋତେ ନିଜକୁ ଭାରି ଘୃଣା ଲାଗେ । ଜଣକୁ ମାରିବାକୁ ହେଲେ ତା'ର ଝାଳୁଆ ଦେହଟାକୁ ଛୁଇଁବାକୁ ପଡ଼େ – ଆଉ କେତୋଟି ମାଂସପେଶୀ ସହିତ ଏକପ୍ରକାର ଆତ୍ମୀୟତା କରିବା ଦରକାର ହୁଏ । ନା, ନା ମୁଁ ତା କରିପାରିବିନି । ଏସବୁ କଥା ସେତେବେଳେ ହୁଏତ ମୁଁ ଭାବିପାରିବିନି – କିନ୍ତୁ ଧୀରେ ଧୀରେ ପରେ ମୋର ମନକୁ ଆସିଲା । ଗୋଟିଏ କଥା ସେଦିନ ରାତିରେ ସ୍ପଷ୍ଟ ଅନୁଭବ କଲି ତା'ହେଲା – କୌଣସି ପ୍ରକାର ପରସ୍ପରର ସଂଘର୍ଷ ବା ଛଆଁ ଛୁଇଁ ଯାହା ବି ହେଉନା କାହିଁକି ଦୁଇଟା ଦେହର ଘନିଷ୍ଠତା ହେବାଟା ଗୋଟାଏ ଅସୁନ୍ଦର କଥା ।

ଅବଶ୍ୟ ୟାର ଏକ ଖୁବ୍ ବଡ଼ ବ୍ୟତିକ୍ରମ ଅଛି ଓ ତା'ବି ମୋତେ ବୁଝିବାକୁ ଡେ଼ରି ହୋଇନି – ଯଦିଓ ତା'ମାନି ନେବାକୁ ମୋତେ ବେଶ୍ କିଛି ସମୟ ଲାଗିଥିଲା । ଦୁଇବର୍ଷ ପରେ – ସେତେବେଳେ ତୃତୀୟ ବାର୍ଷିକ ଶ୍ରେଣୀର ଛାତ୍ର । ସୁବ୍ରତ ମୋତେ ଚୁପ୍ ଚୁପ୍ କହିଲା – ସେ କାଣ୍ଡଟା କିଏ କରିଥିଲା ଜାଣୁ ? କେଉଁ କାଣ୍ଡ ? ସେଇ ଯେ ତୋତେ ଆଉ ମୋତେ ଦୁଇଜଣ ମାଡ଼ ମାରିଥିଲେ । ସେ ହେଉଛି ବିମଳ – ଅର୍ଥନୀତି ଅନର୍ସର ଛାତ୍ର ବିମଳ ଗୁପ୍ତ । ଏକଥା ତୁ କେମିତି ଜାଣିଲୁ ବୋଲି ପଚାରିଲି । ସେ କହିଲା – ଏକଥା ବିମଳ ମୋତେ ନିଜେ କହିଛି । ତା'ର ରାଗଟା ଥିଲା ତୋ ଉପରେ – କାରଣ ସେ ଭାବୁଥିଲା ତା' ଭଉଣୀକୁ ତୁ ବେନାମୀ ପ୍ରେମପତ୍ର ଦେଇଛୁ ବୋଲି, ଗାର୍ଲ ସ୍କୁଲ ସାମ୍ନାରେ ଖାଲି ତାକୁ ଦେଖିବା ଲାଗି ତୁ ଅନେକ ସମୟ ଠିଆ

ହୋଇ ରହୁ। ମୁଁ କହିଲି – ଆରେ ! ତା'ର ଯେ ଭଉଣୀ ଅଛି ଏକଥା ତ ମୁଁ ଜାଣେନି। ଆରେ ହଁ – ଅଛି କହି ସୁବ୍ରତ ପାଟିରେ ସୁସୁରୀ ମାରିଲା। ମୋର ସ୍ପଷ୍ଟ ଧାରଣା ହେଲା ଯେ ବିମଳର ଭଉଣୀ ସହିତ ସୁବ୍ରତ'ର ଘନିଷ୍ଠତା ବେଶ୍ ବଢ଼ିଉଠିଛି। ମଝିରେ ମଝିରେ ସୁବ୍ରତ ବି ତାଙ୍କ ଘରକୁ ଯାଏ। ତା' ପରେ ପରେ ଏମିତି ହୋଇଛି କି ମୁଁ ବିମଲ, ସୁବ୍ରତ ସହିତ ଯାଇ କଲେଜ କ୍ୟାଣ୍ଟିନ୍‌ରେ ଚ'ଖାଇଛି ଅନେକଥର. ବିମଳ, ସୁବ୍ରତ ଓ ମୁଁ ପାର୍କରେ ବସି ୟାଡୁ ସିଆଡୁ ଅନେକ ଗପ କରିଛୁ। ସେ ଯା ହେଉ ବିମଳ ଉପରେ କାହିଁକି ଇଛା କରି ବି ମୁଁ ରାଗିପାରିଲି ନାହିଁ ସେଦିନ। ବେଳେବେଳେ ଭାବେ ମୋର ମୁଣ୍ଡ ଭିତରେ ରାଗଟା ଏତେ କମ୍ କାହିଁକି ? ବୋଧହୁଏ ରାଗଟା ମୋର ମୁଣ୍ଡ ଭିତରେ ବରଫ ପରି ଜମାଟ ବାନ୍ଧି ରହିଯାଏ। ମୋର ରାଗର ପରିପ୍ରକାଶଟା ବୋଧେ ଏଇପରି – ଏଥିରେ ଅନ୍ୟଲୋକର କିଛି କ୍ଷତି ହୁଏନାହିଁ। ମୁଁ ନିଶ୍ଚିନ୍ତ ରହିପାରେ। ମନେ ମନେ ଭାବେ ମୁଁ ତାକୁ କ୍ଷମାକରି ଦିଏ – ସେଇଟା ହିଁ ମୋ ପକ୍ଷରେ ଉପଯୁକ୍ତ ଶାସ୍ତି।

ବିମଳ ଘରେ ବିମଳ ହିଁ ସୁବ୍ରତର ଆକର୍ଷଣ ନୁହେଁ। ଅନ୍ୟ ଆକର୍ଷଣ ହେଲା ବିମଳର ତିନୋଟି ଭଉଣୀ ୧୪ ବର୍ଷର, ୧୫ ବର୍ଷର, ୧୭ ବର୍ଷର। ମୋତେ ଏକୁଟିଆ ପାଇଲେ ସୁବ୍ରତ ଏସବୁ କଥା ମୋ ଆଗରେ ଗପେ। ବଡ଼ ଭଉଣୀର ନାମ ହେଲା ମନିକା – ସୁବ୍ରତ କହିବାନୁସାରେ ସେଇଟି ବେଶ୍ ସୁନ୍ଦର ଚେହେରା – ତିନିଜଣଙ୍କ ଭିତରୁ ସେହି ବେଶୀ ସୁନ୍ଦର। ବିମଳ ତିନି ଭଉଣୀଙ୍କୁ ସାଙ୍ଗରେ ନେଇ ମଝିରେ ମଝିରେ ସିନେମା ଦେଖିବାକୁ ଯାଏ। ଏକାଠି ସିନେମା ହଲରେ ବସିବାବେଳେ ବିମଳ ମଉକା ଦେଖି ମନିକା ପାଖ ସିଟ୍‌ରେ ବସିପଡ଼େ। ତା'ହାତକୁ ହାତରେ ଧରି ଗୋଡ଼ ଉପରେ ଗୋଡ଼ ରଖି ଚପା ଦିଏ। ଥରେ ମୁଁ ତା'ର ଭଉଣୀକୁ ପ୍ରେମ ପତ୍ର ଲେଖେ ବୋଲି ବିମଳ ମୋତେ ମାଡ଼ ମାରିଥିଲା। ଅଥଚ ସେ ନିଜେ ନିଜର ଭଉଣୀମାନଙ୍କୁ ସୁବ୍ରତ ସାଂଗେ ମିଶିବାକୁ ସାହାଯ୍ୟ କରୁଛି। ଏଇକଥାଟା ସେତେବେଳେ ମୋର ବୁଝିପାରିବା ଉଚିତ ଥିଲା – କିନ୍ତୁ ତା ହୋଇନି। ପ୍ରକୃତରେ କହିବାକୁ ଗଲେ ବିମଳ ବା ତା'ର ଭଉଣୀମାନଙ୍କ ବିଷୟରେ ମୋର ଟିକିଏ

## ମୁଁ ମାଳତୀ କହୁଛି

ହେଲେବି କୌଣସି କୌତୁହଳ ନଥିଲା – ତେଣୁ ଭଦ୍ରତା ଦୃଷ୍ଟିରୁ ସୁବ୍ରତର କଥାରେ ମୁଁ ଯାଉଥିଲି । ଦିନେ ସୁବ୍ରତ ମୋତେ କହିଲା – କାଲି ରାତିରେ ହଠାତ୍ ମନିକାକୁ ଛାତଉପରେ ଏକୁଟିଆ ପାଇ ସେ କେମିତି ଅନେକ ସମୟଯାଏ ତାକୁ ଚୁମା ଦେଇଥିଲା । ତା'ର ବିସ୍ତୃତ ବିବରଣୀ ଶୁଣି ମୁଁ ସତରେ ଆଶ୍ଚର୍ଯ୍ୟ ହୋଇଥିଲି – କାରଣ ସେତେଦିନ ପର୍ଯ୍ୟନ୍ତ ମୁଁ ଜାଣିନଥିଲି ଯେ କବିମାନେ ଯାହାକୁ "ଚୁମ୍ବନ" ବୋଲି କହିଥାନ୍ତି ସେଥିରେ ଲାଳସିକ୍ତ ଜିହ୍ୱାର ବି କିଛି ଅଂଶ ଅଛି । ଟିକିଏ ସଂକୋଚ ଲାଗିଲା ମୋତେ ଏସବୁ ବର୍ଣ୍ଣନା ଶୁଣି ।

ସବୁ ପିଲାଙ୍କର ଏମିତି ହୁଏ କି ନା ଜାଣେନା – କିନ୍ତୁ ବୟସର ସନ୍ଧିକ୍ଷଣରେ ମୁଁ ଖୁବ୍ କଷ୍ଟ ପାଇଥିଲି । ସେତେବେଳେ ଯେ ମୋର କି ଯନ୍ତ୍ରଣା ହୋଇଥିଲା– ଯେତେବେଳେ ଚଉଦ ବର୍ଷ ବୟସରେ ପ୍ରଥମେ ସଂଧାନ ପାଇଲି ଯେ ମୋର ଦେହ ଭିତରେ ଆଉ ଗୋଟାଏ ଦେହ ଲୁଚି ରହିଛି – ଆଖି ନାଇଁ, କାନ ନାଇଁ କିନ୍ତୁ କି ଭୀଷଣ ଭାବେ ଜୀବନ୍ତ ସେ – ଲୁଗା ତଳେ ଲୁଚି ରହିଥିବା ଏକ ଜନ୍ତୁ – ଦେହରେ ଗୋଟିଏ ଅଂଶ ଅଥଚ ହାତ ଗୋଡ଼ ପରି ମୋର ବାଧ୍ୟ ନୁହେଁ – ସେ ସ୍ୱାଧୀନ, ତା'ର ନିଜର ଗୋଟିଏ ସ୍ୱତନ୍ତ୍ର ଇଚ୍ଛା ଅଛି – ଯେତେବେଳେ ସେ ଉଠିପଡ଼େ ମୋତେ ଚଉରିଆଡ଼ ଅଂଧାର ଦେଖାଯାଏ । ସବୁ ନାରୀ ମୂର୍ତ୍ତି ମୋତେ ଯେମିତି କଟାକ୍ଷ ହାଣୁଥିଲେ – ପବନ ପରି, ସୁଗନ୍ଧ ପରି । ଭୂଗୋଳ ଖାତାରେ ବସି ବସି ଝିଅମାନଙ୍କର ଛବି ଆଙ୍କେ – କ୍ୟାଲେଣ୍ଡରର ନାରୀ ଛବିମାନଙ୍କ ସହ ମନକୁ ମନ କଥାହୁଏ । ମାତ୍ର ଦିନେ ମୋର ଏ ମଧୁର ଖେଳ ଭାଙ୍ଗିଦେଇ ମୋର ଦ୍ୱିତୀୟ ଶରୀର ଆହୁରି ଶକ୍ତିବାନ୍ ହୋଇଉଠିଲା । ତା'ର ହିଂସ୍ରତା'ରେ ମୁଁ ଭୟଭୀତ ହେଲି – କିନ୍ତୁ ମଝିରେ ମଝିରେ ନିଜ ହାତରେ ତା'ର ଦାବି ପୂରଣ ନକରି ରହି ପାରିଲିନାହିଁ । ତା'ପରେ ମୋର ମନେ ହେଲା ମୁଁ ଯେମିତି ଅପରାଧ କରିଛି – ବାପା ମାଆଙ୍କ ଆଖିକୁ ଅନେଇ ପାରିନି, ସମସ୍ତଙ୍କ ଠାରୁ ଦୂରେଇ ରହେ । ଗୋଟିଏ ପଟେ ସ୍କୁଲରେ ଶିକ୍ଷକ ଓ ଅନ୍ୟପଟେ ଜଣେ ମଧ୍ୟ ବୟସ୍କ ଆତ୍ମୀୟ ଏମିତି ବିଭିନ୍ନ ପ୍ରକାର ଉପଦେଶ ଦେବାକୁ ଲାଗିଲେ – ଯାହାଫଳରେ ମୋର ଅପରାଧ ବୋଧ ଓ ଅପରାଧ ବୋଧ'ର କାରଣ

ଉଭୟ ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ଦେହ ଓ ମନର ଏମିତି ଅବସ୍ଥା ନେଇ ମୁଁ ସ୍କୁଲ ଛାଡ଼ି କଲେଜରେ ପାଦ ଦେଲି ।

ମାଟ୍ରିକ୍ ପରୀକ୍ଷା ପରେ ଯେତେବେଳେ କ୍ରିଷ୍ଣନଗର ପିଇସୀ ମା'ଙ୍କ ଘରକୁ ବୁଲିବାକୁ ଆସେ – ସେତେବେଳେ ମୁଁ ପ୍ରଥମେ ସଚେତନ ଭାବେ କୌଣସି ଝିଅକୁ ଛୁଇଁବାକୁ ପାଏ – ଏଥର ବି ଭୁଲ୍ କଲି, କହିବାର ସେମିତି କିଛି ନାହିଁ – ଗୟନା ଓ ଛୁଟ୍‌କି ନାମରେ ତେର, ଚଉଦ ବର୍ଷର ଦୁଇଟି ଭଉଣୀ, କବିତା ଲେଖିବା ଭଳି ସେମାନଙ୍କର ସେମିତି କିଛି ସୌନ୍ଦର୍ଯ୍ୟ ନଥିଲା – ଗୟନା ଟିକେ ଟେରୀ, ଗୋଲ୍‌ଗାଲ୍ – ଆଉ ଚୁଟ୍‌କୀ ପାତଳୀ ହୋଇ ଟିକିଏ ଲମ୍ବାଳିଆ ଚେହେରା – ତା ମୁହଁକୁ ଚାହିଁଲେ ପ୍ରଥମେ ଆଖିରେ ପଡ଼େ ତା'ର ବଡ଼ ବଡ଼ କେତେଟା ଦାନ୍ତ – ଯାହା ନ ହସିଲେ ସେମିତି ପଦାକୁ ବାହାରି ରହିଥାଏ । ଜଜ୍ କୋର୍ଟର କେହି ଜଣେ ଟାଇପିଷ୍ଟ ବାବୁଙ୍କର ଝିଅ ସେମାନେ । ପିଇସୀ ମା'ଙ୍କ ସାହିରେ ରହନ୍ତି ସେମାନେ ବିବାହ ପ୍ରସଙ୍ଗ ଚାଲିଛି ବୋଲି ସ୍କୁଲ ଯିବା ବନ୍ଦ କରାଇ ଘରେ ରଖାଯାଇଛି ସେମାନଙ୍କୁ । ସେମାନେ ସାହିରେ ସମୟ କଟାନ୍ତି – ମଝିରେ ମଝିରେ ସମୟ କଟାଇବା ପାଇଁ ପିଇସୀ'ଙ୍କ ଘରକୁ ଆସନ୍ତି ସେମାନେ । ଦାରିଦ୍ର୍ୟ ଯୋଗୁଁ ହେଉ ଅବା ବହୁ ସନ୍ତାନବତୀ ମାଆଙ୍କର ଅମନଯୋଗିତା ଯୋଗୁଁ ହେଉ – ସେମାନଙ୍କ ଜାମାପଟା ପ୍ରାୟ ମଇଳା ଥାଏ – ସେଥିଲାଗି ଭାରି ମ୍ଲେଛ ଲାଗନ୍ତି ଦୁଇଜଣଯାକ । ମୁଁ ଯେଉଁଠି ବସି ପଢ଼ାପଢ଼ି କରେ ସେମାନେ ଅଯଥା ମୋର ବହି, ଘଡ଼ି, ଫାଉଣ୍ଟେନ୍‌କୁ ଖେଳାଖେଳି କରନ୍ତି – ଘଡ଼ିଟା କେଉଁଠୁ ଆଣିଲ ? କଲମଟା ତମକୁ କିଏ ଦେଇଛି ? ଏତେ ବଡ଼ ବଡ଼ ବାଳ କାହିଁକି ରଖିଛ ? ଏମିତି ନାନା ରକମର ପ୍ରଶ୍ନ ପଚାରନ୍ତି । ଏଇଟା କି ବହି ପଢୁଛ ? ବୋଲି କହି ଯେତେବେଳେ ମୋ ବହି ଉପରେ ନଇଁ ପଡ଼ନ୍ତି – ସେତେବେଳେ ଢିଲା ସେମିଜ୍ ଭିତରୁ ଯୌବନର ପ୍ରମାଣ ଫୁଟିପଡ଼େ । ବେଳେ ବେଳେ ଏତେ ପାଖକୁ ଲାଗି କଥା ହୁଅନ୍ତି ଯେ ତାଙ୍କ ଦେହର ଝାଳ ଗଂଧରେ ମୋର ନାକ ଶିର୍ ଶିର୍ କରିଉଠେ । ପିଇସୀ ମା' ମଝିରେ ମଝିରେ ଦେଖିକରି ପାଟିକରନ୍ତି – ଯାଅ ଘରକୁ ଯାଅ – ତା'କୁ ପଢ଼ାବେଳେ ବିରକ୍ତ କରନା – ସେମାନେ ଖିଲ୍ ଖିଲ୍ ହସି ଉଠି

ପଳେଇ ଯାଆନ୍ତି। କିଛି ସମୟ ପରେ ପୁଣି ଚାଲିଆସନ୍ତି ଦୁଇଜଣଯାକ। ବେଳେବେଳେ ଗୟନା ଏକା ବା କେତେବେଳେ ଚୁଟ୍‌କୀ ଏକା ଆସେ। ଏମିତି ହେଉ ହେଉ ଦିନେ ହଠାତ୍ ମୁଁ ଗୟନା'ର ସେମିଜ୍ ଉପରେ ହାତ ରଖିଲି – ସେ ହାତଟା ଉଠାଇ ନେଇ ତା ସେମିଜ୍ ଭିତରେ ପୂରେଇ ଦେଲା – ତା'ପରେ ଏଇ ଖେଳ ମୋତେ ଚୁଟ୍‌କି ସାଂଗେ ବି ଖେଳିବାକୁ ପଡ଼ିଲା। ବେଳେ ବେଳେ ଏକ ସମୟରେ ଦୁଇଜଣଙ୍କ ସାଂଗେ ବି ଏଇ ଖେଳ ଖେଳିବାକୁ ପଡ଼ିଲା, ହେଲେ ଏଥିରୁ ମୁଁ ପ୍ରକୃତ ସୁଖ ପାଇଲିନାହିଁ। ପ୍ରକୃତ କଥା କହିବାକୁ ଗଲେ "ଶ୍ରୀ ମନୀନ୍ଦ୍ର ଲାଲ୍ ବାସୁ" ଙ୍କ "ରମଳା" ବା "ସତ୍ୟେନ୍ଦ୍ର ଦତ୍ତ" ଙ୍କର କବିତା ପଢ଼ିବାକୁ ମୋତେ ବେଶ୍ ଭଲଲାଗେ।

ସେ ଝିଅ ଦୁଇଟି ପ୍ରତି ମୋର ଏମିତି ଅବଜ୍ଞା ହେଲା ଯେ ସେମାନେ ଝିଅ ବୋଲି ମୁଁ ଭାବି ପାରୁନଥିଲି। ଝିଅ ଶବ୍ଦଟି ଭିତରେ ମୁଁ ଯେତେ ସ୍ୱପ୍ନ ଆଉ କବିତା ଭରି ଦେଇଥିଲି – ତା'ସହିତ ଏ ଦୁଇଜଣଙ୍କର କୌଣସି ସାମଞ୍ଜସ୍ୟ ନଥିଲା। ମୁଁ ତାଙ୍କୁ କେବେ ଚୁମା ବି ଦେଇନି – କି ଚୁମା ଦେବାପାଇଁ ପ୍ରଲୁବ୍‌ଧ ବି ହୋଇନି। କାରଣ ଚୁମ୍ବନ ହେଲା ପ୍ରେମର ଘୋଷଣା, ସ୍ୱାକ୍ଷର, ଚୁକ୍ତିପତ୍ର। ଆଉ ଏମାନଙ୍କ ସହିତ ମୋର ପ୍ରେମ ହେବା ସଂପୂର୍ଣ୍ଣ ଅସମ୍ଭବ। ଏମାନଙ୍କ ଦେହର ଦୁର୍ଗନ୍ଧ ମୋତେ କଷ୍ଟଦିଏ, ଏମାନଙ୍କ ବୋକା, ଅମାର୍ଜିତ କଥାବାର୍ତ୍ତାରେ ମୁଁ ବିରକ୍ତ ହୁଏ। ଏମାନଙ୍କ ଦେହର ମାଂସ ଉପରେ ଯେ ମୁଁ ହାତ ଦେଇଛି – ସେ'ତ କେବଳ ଜନ୍ତୁର ତାଡ଼ନାରେ। କିନ୍ତୁ ଏମିତି ସେ ଜନ୍ତୁର ଯେପରି ତୃପ୍ତିନାହିଁ। ସେ ଯେ ପ୍ରକୃତରେ କ'ଣ ଚାହେଁ ସେ ବିଷୟରେ ମୋର ଧାରଣା ସଂପୂର୍ଣ୍ଣ ଅସ୍ପଷ୍ଟ। ଏତେ ଭିତରେ ବି ପିଇସୀ ମା ବା ଅନ୍ୟ କାହା ସାମ୍‌ନାରେ ଧରାପଡ଼ିଯିବାର ଭୟ। ଅଥଚ ଝିଅ ଦୁଇଜଣ ଏମିତି ସମୟରେ ଆସନ୍ତି – ଯେତେବେଳେ କି ମୁଁ ଏକଲା ଥାଏ। ସେମାନେ ସତେ ଯେମିତି ସୁଯୋଗ ପାଇଁ ଅନ୍ୟ କାହା ପାଖରେ ଘୂରି ବୁଲୁଥାଆନ୍ତି – ଆଉ ସତେ ଯେମିତି ମୁଁ ସେମାନଙ୍କର ଅପେକ୍ଷାରେ ବସି ରହିଛି। ଏଇମିତି ତାଙ୍କର ହାବଭାବ ପରିଷ୍କାର ଜଣାପଡ଼େ। ଆସ୍ତେ ଆସ୍ତେ ଏଇ ସବୁ ବ୍ୟାପାରଟା ମୋତେ କାହିଁକି ତିକ୍ତ ମନେ ହେଲା।

କଲିକତା ଫେରି ଆସିଲା ବେଳେ ଭାବି ଆଶ୍ୱସ୍ତ ହେଲି ଯେ, ଯା ହେଉ ଗୟନା ଆଉ ଚୁଟ୍‌କି ସହିତ ଆଉ ଜମା ଦେଖା ହବନି ।

କଲେଜକୁ ଆସି ମୋର ଗୋଟାଏ ପରିବର୍ତ୍ତନ ହୋଇଥିଲା । ମୁଁ ପିଲାବେଳୁ ପଢ଼ିବାକୁ ଖୁବ୍ ଭଲପାଏ । "ଚୟନିକା"ର ଅର୍ଦ୍ଧେକ କବିତା ମୋର ମୁଖସ୍ଥ । "ଶରତଚନ୍ଦ୍ର" ଙ୍କର କୌଣସି କୌଣସି ବହି ପନ୍ଦର କୋଡ଼ିଏ ଥର ବି ପଢ଼ିଛି । ଥରେ ସାରା ରାତି ଅନିଦ୍ରା ହୋଇ "ଗୋକୁଳ ନାଗ୍" ର "ପଥିକ"ପଢ଼ିଥିଲି । ଆଉ ଏତେ ଝଡ଼୍ ଝନ୍‌ଜା ଭିତରେ ମୁଁ ଯେ ଅସମ୍ଭାଳ ହୋଇ ପଡ଼ିନି ଏଇ ହେଉଛି ତା'ର କାରଣ । କଲେଜ ଲାଇବ୍ରେରୀରେ ଆଉ ଗୋଟିଏ ବଡ଼ ଆଶ୍ରୟର ସନ୍ଧାନ ପାଇଲି । ମୋର ଆଖି ଓ ମନ ଏକ ଲୟରେ ବସି ଛପା ଅକ୍ଷର ସବୁକୁ ଖୋଜି ଖୋଜି ଗ୍ରଟିଚୁଟି ଖାଇବାକୁ ଲାଗିଲେ । ଆଉ ସେଇ ସବୁ ଖୋରାକ ପାଇ ମୋର ମନେ ହେଲା ମୁଁ ଯେମିତି ବୟୋଃସନ୍ଧିର ଜ୍ୱାଳା, ଯନ୍ତ୍ରଣା ଅତିକ୍ରମ କରି ସ୍ୱାବଲମ୍ବୀ ଯୁବକଟିଏ ହୋଇଉଠିଛି । ମୋତେ ସବୁଠୁ ବେଶୀ ଭଲ ଲାଗିଲା ଦୁଇଜଣ ଋଷୀୟ ଲେଖକଙ୍କୁ – ତୁର୍ଗୋନଭ୍ ଓ ଚେକଭ୍ । ଏମାନଙ୍କ ବହିଭିତରୁ ଯେମିତି ମୋର କୈଶୋରର ସ୍ୱପ୍ନ ଆସି ମୋ ଆଗରେ ଉଭାହେଲା । ପବନ ପରି, ସୁରପରି ଓ ସୁଗନ୍ଧ ପରି – ମଧୁର ମଧୁର ଝିଅଟିଏ ଅବା । ପୁରୁଣା ଘରର ବଡ଼ ବଡ଼ ଅନ୍ଧାର କୋଠରୀ ଭିତରେ ଶାଦା ପୋଷାକ ପିନ୍ଧି ସେ ବସିରହିଥାଏ ମୋ'ଲାଗି, ଚନ୍ଦ୍ରାଲୋକର ଛାଇ ଆଲୁଅ ଭିତରେ ସେ ଯେମିତି ବଗିଚ୍ଚରେ ପଦଚ୍ଚରଣା କରୁଥାଏ – ଟ୍ରେନ୍ ଛାଡ଼ିବାର ଅଳ୍ପ ଆଗରୁ ତା'ର ବଡ଼ ବଡ଼ କରୁଣ ଆଖିରେ ମୁଁ ଦେଖିବାକୁ ପାଏ ସାରା ଆକାଶକୁ । କିଛିଟା ମୋର ମନଗଢ଼ା ଆଉ କିଛିଟା ଏହି ସାହିତ୍ୟ ବହିରୁ ସଂଗୃହୀତ । ସେ ଦିନରାତି ମୋତେ କ୍ଷତବିକ୍ଷତ କରିବାକୁ ଲାଗିଲା । ମୁଁ ବୁଝିପାରିଲି ଯେ ଏଇ ବୁକୁ ଭିତରର ଦୁକୁ ଦୁକୁ, ଏଇ ଦୀର୍ଘଶ୍ୱାସ, ଏଇ ଆଖିର ଚ୍ଚହାଣି, ଏଇ ଯେ କଥା କହିବାକୁ ଯାଇ ହଠାତ୍ ଚୁପ୍ ରହିଯିବା, ଚିଠି ଲେଖିସାରି ଚିରି ପକେଇ ଦେବା ଆଉ ରାତି ସାରା ମୁଣ୍ଡ ଭିତରର ଗୁଣୁ ଗୁଣୁ ଗୀତ – ଯାର ହିଁ ନାମ ପ୍ରେମ । ଆଉ ଏଇ ପ୍ରେମ ମୋ ଜୀବନର ସବୁଠାରୁ ସୁନ୍ଦର, ସବୁଠାରୁ ପବିତ୍ର ସଂପଦ ।

ଏଇ ପ୍ରେମକୁ ବାହ୍ୟ ଜଗତରେ ଗୋଟିଏ ରୂପ ଦେବାକୁ ମୁଁ ବାଛି ନେଇଥିଲି କୁସୁମ'କୁ ।

କୁସୁମ'କୁ ମୁଁ ଭଲପାଏ । ଏଇ ଅକୁହା କଥାଟା ତା'ର ଚାରିଆଡ଼େ ଘୂରି ଘୂରି ବୁଲିଲା – ଏଇ ବିଗ୍ରହ ଆଗରେ ଧୂପର ଧୂଆଁପରି । ସେ ବୁଝି ନେଇଥିଲା ମୋର ଅକୁହା କଥା । ଆଖିର ଚାହାଣୀରେ ସେ ତା'ର ଉତ୍ତର ମୋତେ ବୁଝେଇ ଦେଲା ଯେ, ସେ ମୋତେ ଭଲପାଏ । ଆମ ଦୁଇଜଣଙ୍କ ଭିତରେ ଏହା ଗୋପନ ବ୍ୟବସ୍ଥା – ଗୋଟାଏ ଅଲିଖିତ ଚୁକ୍ତି ପତ୍ର । ପ୍ରେମରେ ପଡ଼ିବୁ ବୋଲି ସ୍ଥିର କରିଛୁ ତ – ତେଣୁ ଆମେ ପ୍ରେମରେ ପଡ଼ିଛୁ । କୁସୁମ ମୋ'ଠାରୁ ବୟସରେ ଛୋଟ ହେଲେ ବି ସଂପର୍କରେ ମୋ ଆଉ ସିଏ ମୋର ମାଉସୀ ହେବ । ସଂପର୍କଟା ଅତି ନିକଟ ନହେଲେ ବି ଦୁଇ ପରିବାରରେ ଯିବା ଆସିବା ଓ ମିଳାମିଶା ଅଛି । ତା'ସହିତ ମୋର ଦେଖା କରିବାରେ କିଛି କଟକଣା ନାହିଁ । କିନ୍ତୁ ସୁବ୍ରତ ଯେମିତି ମନିକା ସାଂଗରେ ଆଗେଇଛି – ସେମିତି କିଛି ମୋର କୁସୁମ ସଂଗେ ହୋଇନି । ସାହସ ବା ସୁଯୋଗର ଅଭାବରୁ ନୁହେଁ – ମୁଁ ନିଜେ ଇଚ୍ଛା କରିନି ବୋଲି ହିଁ – ହୋଇନି । ମଧୁର, ସୁନ୍ଦର, ପବିତ୍ର ଏଇ ପ୍ରେମ – ଶରୀର ଦେଇ ତାକୁ କ'ଣ ଆମେ କଳଙ୍କିତ କରିପାରିବା ? ଦେଖାହୁଏ, କଥାବାର୍ତ୍ତା ବି ହୁଏ, ଛାତି ଧଡ଼ ଧଡ଼ କରେ – ଆଖିରେ ଆଖିରେ ଆଲୁଅ ଜଳିଉଠେ । ସେ ପାଖ ଦେଇ ଚାଲିଗଲେ ଝାପ୍‌ସା ଗୋଟାଏ ସୁଗନ୍ଧ ସଂଚରିଯାଏ ମୋ ଚତୁଃପାର୍ଶ୍ୱରେ । ଦ୍ୱିପହରେ ବସି ବସି ତା'ର କଥା ଭାବି ଭାବି ସମୟ କଟିଯାଏ । ଏଇ ଯଥେଷ୍ଟ – ଯା ଠୁ ଅଧିକା ହେଲେ ସେସବୁ ନଷ୍ଟ ହୋଇଯିବ । ତଥାପି ବେଳେ ବେଳେ ମୋର ଏ ଦେହଟାକୁ ମୁଁ ଆକଟ କରିପାରେନା – ଜନ୍ତୁଟାକୁ ପୋଷା ମନେଇ ପାରେନା । ମୋର ନିର୍ଜନତମ, ମଧୁରତମ ମୁହୂର୍ତ୍ତରେ ସେ ମୋତେ ଆକ୍ରମଣ କରେ । ଅଂଧ, ବଧିର, ଲାଲ ଟକ ଟକ ପାଟିଟା ଆଁ କରି ବୁଦାର ଆଢୁଆଳରୁ ସେ ବାଘ ପରି ଝପଟି ଆସେ ମୋର ଅତି କୋମଳ ଭାବନା ଗୁଡ଼ାକ ଉପରକୁ । ସମୟ ସମୟରେ ଏତେ କଷ୍ଟ ପାଏ ଯେ ଜନ୍ତୁଟାର କ୍ଷୁଧା ଶେଷ ହେବା ପାଇଁ ରାସ୍ତାକୁ ବାହାରି ପଡ଼େ । କିନ୍ତୁ ଏତେ ବଡ଼ ରାସ୍ତା ଛାଡ଼ି ଗଳିରେ ପଶିବାକୁ ଯେମିତି ମୋର ସାହସ ହୁଏନି ।

ଥରେ ଆଷାଢ଼ ମାସରେ ଏମିତି ବର୍ଷା ଆରମ୍ଭ ହେଲା ଯେ ଆଉ ଛାଡ଼ିଲାନି – ପୂରା ସାତଦିନ ଧରି ଘରେ ଅଟକି ରହିବାକୁ ପଡ଼ିଲା । କଲେଜରେ ସେତେବେଳେ ଗ୍ରୀଷ୍ମଛୁଟି – କାମ ଦାମ କିଛି ନଥାଏ । ଧୋବାର ବି ଆଉ ଦେଖା ନଥାଏ – ଲୁଗା ପଟା ସବୁ ମଇଳା ହୋଇ ଗଦା ହୋଇ ରହିଥାଏ । ବହିପତ୍ର ବି ପଢ଼ାପଢ଼ି କରିବାକୁ ଜମା ଇଚ୍ଛା ହେଉନଥାଏ । ସେଇ ବିରକ୍ତିକର ଦିନଗୁଡ଼ିକରେ ମୋର ମନ ଓ ଦେହର ଜ୍ୱଳନ ଉତ୍ପାତ କରିବାକୁ ଲାଗିଲା – ସେ କୌଣସି ସାମାନ୍ୟ ପ୍ରତିମା ନୁହେଁ – ସେ ହେଉଛି ଗୋଟାଏ ସ୍ଥୂଳ, ଜୀବନ୍ତ, ମାଂସାଳ ମୂର୍ତ୍ତି – ଯା'ର ନିଶ୍ୱାସ ଖୁବ୍ ଘନ ଓ ଉଷ୍ଣ, ଓଠ ଫେନାୟିତ, ହାତ ଦିଇଟା ସାପପରି । ଦିନେ ଏମିତି ସମୟ ଆସିଲା ଯେ – ଯେତେବେଳେ ମୁଁ ତା'ଛଡ଼ା ଆଉ କିଛି ଭାବିପାରିଲି ନାହିଁ । ଶେଷରେ ଦିନେ ଅସହ୍ୟ ହୋଇଉଠିଲା ଏସବୁ – ଯେଉଁଦିନ ବର୍ଷା ଛାଡ଼ିଲା, ଠିକ୍ ସେଇଦିନ ଘରଛାଡ଼ି ବାହାରି ପଡ଼ିଲି । କୌଣସି ବଂଧୁର ସଂଧାନ କରିନି, କେଉଁଠି ଦଣ୍ଡେ ବି ଠିଆ ହୋଇନି – ଏକବାରେ ସିଧା ଚାଲିଆସିଲି  ସଂଜ ପରେ "ହାଡ଼କଟା ଗଳି"କୁ । ଆଗରୁ ଆଉ କେବେ ଏଇ ଗଳି ଭିତରକୁ ଆସିନଥିଲି – ଏଇ ପ୍ରଥମ । ଆଗରେ ହଠାତ୍ ଦେଖିବାକୁ ପାଇଲି ଅଦ୍ଭୁତ ଗୋଟାଏ ଦୃଶ୍ୟ – ଅଙ୍କା ବଙ୍କା ସରୁ ଗଳିର ଦୁଇପାର୍ଶ୍ୱରେ ଦେହ ଦେଖାଇ ଠିଆ ହୋଇଛନ୍ତି ସ୍ତ୍ରୀ ଲୋକମାନେ – ଦେହକୁ ଦେହ ଲଗାଇ; ବତୀଖୁଣ୍ଟର ଅସ୍ପଷ୍ଟ ଆଲୋକ ତଳେ ଅବା ଆହୁରି ସରୁ ଗଳି ଭିତରେ । ଆଉ ପୁରୁଷମାନେ ଦଳ ଦଳ ହୋଇ – ସେଇ ଦେହଜିବୀମାନଙ୍କୁ ଟିକେ ଅନେଇ ଦେଇ ଚାଲିଯାଉଛନ୍ତି – ପୁଣି ଫେରିଆସୁଛନ୍ତି ଛୋଟ ଛୋଟ ଦଳରେ । କିଏ ବା ଶୁଖିଲା ମୁହଁରେ ଏକା ଏକା, କିଏ ଛତା ତଳେ ମୁହଁ ଲୁଚାଇ, କିଏ ବା ଛାଇ ଭିତରେ ଛାଇ ପରି ମିଶିଯାଇ, କିଏ ବା ରିକ୍ସାରେ, କିଏ ଇଷତ୍ ଟଳୁଛି ଓ ଗୁଣୁଗୁଣୁ ଗୀତ ଗାଉଛି – କିଏ ବା ହାତରେ ଚଂପା ଫୁଲର ମାଳା ଗୁଡ଼ାଇ ଝୁଲି ଝୁଲି ଚାଲିଛି ଚିନ୍ତନ ମନରେ – ଗୋଟିଏ ଘରର ଦରଜା ହଠାତ୍ ଖୋଲିଗଲା – ତା'ଭିତରୁ ହୋ ହାଲ୍ଲା, ଘୁଙ୍ଗୁର ଓ ହାରମୋନିୟମ୍‌ର ସ୍ୱର  – ଏଣେ ପୁଣି ଝିପ୍ ଝିପ୍ ବର୍ଷା, କାଦୁଅ – ଗଳିଟା ଏତେ ସରୁ ଆଉ ଏତେ ବେଶୀ ଲୋକର ଠେଲାପେଲା ଭିତରେ ମୋର

## ମୁଁ ମାଳତୀ କହୁଛି

ମନେ ହେଲା ମୋ ମୁଣ୍ଡ ଉପରେ ଆଉ ଆକାଶ ନାହିଁ ବୋଧେ। ମୁଁ ଯେମିତି ଗୋଟାଏ ପ୍ରକାଣ୍ଡ ଜୀର୍ଣ୍ଣ ଘର ଭିତରେ ପଶିଯାଇଛି ଓ ମୋ ଉପସ୍ଥିତିର ସୂଚନା ପାଇ ଭଂଗା କାନ୍ଥ ଭିତରୁ ଯେମିତି ଛୁଟିଆସୁଛି ଉଇ'ର ଏକ ସ୍ରୋତ, ଫଟା ମେଜର ଫାଙ୍କ ଭିତରୁ ଧାଡ଼ି ଧାଡ଼ି ପିମ୍ପୁଡ଼ି ଧାଇଁ ଆସୁଛନ୍ତି। ଝରିଆଡ଼ ଦୁର୍ଗନ୍ଧରେ ଭର୍ତ୍ତି। ଥଣ୍ଡା ବେଙ୍ଗ ସବୁ ପାଦ ଉପରକୁ ଡ଼େଇଁ ପଡୁଛନ୍ତି – ସତେ ଯେମିତି ପୃଥିବୀର ଯାବତୀୟ କୁତ୍ସିତ ଜିନିଷ ଭିତରେ ମୁଁ ପଥଭ୍ରଷ୍ଟ ହୋଇଯାଇଛି। ବାନ୍ତି ବାନ୍ତି ଲାଗୁଛି। ହୃତପିଣ୍ଡ ସତେ ଯେମିତି ତଣ୍ଟି ଉପରକୁ ଉଠି ଆସୁଛି । ଆଖି ଝାପ୍‌ସା, ଅଣ୍ଟାତଳ ପ୍ରଚଣ୍ଡ ଚପାରେ ଫାଟି ଯାଉଛି ଯେମିତି। କିନ୍ତୁ ଆଜି ମନ ଦୃଢ଼ କରି ଆସିଛି – କେବେ ଫେରିଯିବିନି। ହଠାତ୍ ଗୋଟିଏ ଝିଅ ପାଖରେ ଅଟକିଗଲି – ସେ ମୋର ଗାଲରେ ହାତଦେଇ ଆଉଁସି କହିଲା – ଛୋଟ ବାଳୁତ ପିଲା – ହଉ, ଆସିଛ ଯେତେବେଳେ ଆସ ମୋ ପଛେ ପଛେ। ଅନେକ ଦୁର୍ଗନ୍ଧମୟ ଆର୍ବଜନା ପାରହୋଇ ତା'ଘର ଭିତରକୁ ଆସିଲି। ଏକତାଲା ଘର, ଗୋଟିଏ ମାତ୍ର ଝରକା, ମଝିରେ ଖଟ ଉପରେ ବିଛଣା, କାନ୍ଥରେ ପୃଥୁଳାକାୟ ଯୁବତୀଙ୍କର ଶାଢ଼ୀ ଉଡ଼ିଯାଉଥିବାର ଦୃଶ୍ୟ। ମୁଁ ନିଜକୁ ବେଶ୍ ପ୍ରାପ୍ତ ବୟସ୍କ ବୋଲି ଧାରଣା ଦେଇ ଝିଅଟିକୁ ପାଖରେ ବସେଇ, ତକିଆରେ ଭରାଦେଇ ବସିଲି। କିନ୍ତୁ ଭାବିପାରିଲିନି ଏକ୍ଷଣି ମୋର କ'ଣ କହିବା ବା କରିବା ଉଚିତ୍। କାନ ପାଖରେ କ'ଣ ଗୋଟାଏ ଫିଁ ଫିଁ ଶବ୍ଦ ହେଲା। ଝିଅଟି ପାନ ଡ଼ବାରୁ ପାନ ଖଣ୍ଡେ ଦେଖାଇ ପଚାରିଲା – ଖାଇବ ? ମୁଁ ଜଣେ ପୋଖତ ଗରାଖ ପରି କହିଲି – କି ମସଲା ଦେଇଛ ସେଥିରେ ? ଝିଅଟି ହଠାତ୍ ଉଠିପଡ଼ି ଠିଆହୋଇ ପଡ଼ିଲା ଓ ଶାଢ଼ୀଟାକୁ ତଳୁ ତା'ର ଛାତି ପର୍ଯ୍ୟନ୍ତ ଟେକି ଧରିଲା – କହିଲା ଏଇ ମସଲା ଦେଇଛି। ଠିକ୍ ସେଇ ସମୟରେ ମୋର ଦେହଟା ଯେମିତି ବରଫ ପରି ଥଣ୍ଡା ହୋଇଗଲା – ଝିଅଟି ଧୀରେ କରି ଖଟ ଉପରେ ଶୋଇପଡ଼ି – ଆଣ୍ଠୁ ଉପର ଯାଏଁ ଲୁଗା ଟେକି କହିଲା – କ'ଣ ବସିଛ କାହିଁକି ? ସତେତ ? ମୁଁ କିଛି କରିପାରୁନି କାହିଁକି ? ମୁଁ ସେଇ ଜନ୍ତୁଟାକୁ ଖୋଜି ପାଉନି – ସେ ବୋଧେ ଜାକି ଜୁକି ହୋଇ କୋଉ ଗାତ ଭିତରେ ଲୁଚି ଯାଇଛି ନା କ'ଣ, – ମୁଁ ତାକୁ ଯେତେ କହୁଛି ବାହାରକୁ ଆ, ବାହାରକୁ ଆ,

ବାହାରି ଆ, ଜୁଆଞ୍ଚେର । ପୋକପରି ମୋଡ଼ି ହୋଇ ଗାତରେ ଲୁଚି ଯାଉଛୁ କାହିଁକି ? ବାହାରିଆ – ଦେଖିବା ତୋର ଶକ୍ତି କେତେ ? ହଠାତ୍ ମୋତେ ଦରଜା ପାଖରେ ଠିଆ ହେବାର ଦେଖି ଝିଅଟି ଉଠିପଡ଼ିଲା – ମୁଁ କେତୋଟା ଟଙ୍କା ତା'ଉପରକୁ ଫୋପାଡ଼ି ଦେଇ ଝଡ଼ ପରି ସେଠୁ ବାହାରି ଆସିଲି ।

ସତରେ ଘୃଣା ଲାଗେ ଭାବିଲେ । ତା'ହେଲେ ବେପାରଟା ଏଇଭଳି ନା କ'ଣ ? ସବୁ ଝିଅଙ୍କର ଶାଢ଼ୀତଳେ ଗୋଟାଏ ଦେହ ଅଛି – ଏପରିକି କୁସୁମର ମଧ୍ୟ । ହୁଏତ କ୍ଲାସରେ ବସିଛି, ସାର୍ ଫରାସୀ ବିପ୍ଳବ ପଢ଼ାଉଛନ୍ତି – ମୁହଁ ସାମ୍ନାରେ ଭାସି ଉଠୁଛି ଗୋଟିଏ ଛବି – ବାଥରୁମରେ – କୁସୁମ ନିର୍ଦ୍ଦୋଷ ଅଥଚ ପ୍ରୟୋଜନୀୟ ସ୍ୱାସ୍ଥ୍ୟକର କାମ କରୁଛି – ଏଇ ସବୁ କାମ ତାକୁ ମଧ୍ୟ କରିବାକୁ ହୁଏ । ଠିକ୍ ଏମିତି ଶାଢ଼ୀ ଉପରକୁ ଉଠାଇ ଧରିବାକୁ ହୁଏ ଯେତେବେଳେ ମୁଁ ମନେ ମନେ ଚିତ୍କାର କରେ  ନା ନା – ମୁଁ ଯା କରିପାରିବି ନାହିଁ । ଏହା ମିଛ, ଅସହ୍ୟ । ଦୁଇ ହାତରେ ପବନକୁ ଜାବୁଡ଼ି ଧରେ, ଜାବୁଡ଼ି ଧରେ ଅନ୍ୟ ଏକ କୁସୁମକୁ – ସାଦା ଲମ୍ବା ପୋଷାକ ପରିହିତା, ଗୋଟିଏ ପୁରୁଣା ଘରର ବଡ଼ ବଡ଼ ଅନ୍ଧାରୁଆ ଘର ଭିତରେ ସ୍ୱପ୍ନ ପରି ଝିଲ ମିଲ୍ କରୁଥିବା ତା'ର ଦେହ । କୁସୁମ ! ତୁମେ ମୋର ପ୍ରେମ, ତୁମେ ମୋର ସ୍ୱପ୍ନ ।

ଅନ୍ୟ ଏକ କାରଣରୁ ମୁଁ ମଝିରେ ମଝିରେ ମନରେ କଷ୍ଟପାଏ । ଯେତେବେଳେ ମୋର ସନ୍ଦେହ ହୁଏ ଯେ ଅନ୍ୟ ପିଲାମାନଙ୍କ ତୁଳନାରେ ଏପରିକି ସୁବ୍ରତ ତୁଳନାରେ ସୁଦ୍ଧା ମୁଁ ଯଥେଷ୍ଟ ଟାଣୁଆ ନୁହେଁ । ପରୀକ୍ଷାରେ ଭଲ ନମ୍ବର ପାଇବା ଆଶାରେ ସେମାନେ କପି'ର ପ୍ରବଳ ଆଶ୍ରୟ ନେଇଥାନ୍ତି – ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବେଳେ ବେଳେ ଯାବତୀୟ ବାଜେ କଥା ହୁଅନ୍ତି – କ୍ୟାଣ୍ଟିନ୍‌ରେ ଋହା ଟେବୁଲ ବାଡ଼େଇ ଭାଙ୍ଗି ଦିଅନ୍ତି – ବେଳେ ବେଳେ ଏସବୁର କାରଣ ମୁଁ ବୁଝିପାରେନା । ଆଉ ସେମାନେ ଯେତେବେଳେ ମୋ ମୁଣ୍ଡ ଭିତରେ ସେଇ ଅର୍ଥଟା ପୂରାଇବାକୁ ଚେଷ୍ଟା କରନ୍ତି – ସେତେବେଳେ ମୁଁ ଲଜ୍ଜାରେ ଲାଲ ହୋଇ ହାତ ପାପୁଲିରେ ମୋ ମୁହଁ ଲୁଋଇ ଦିଏ ।

## ମୁଁ ମାଳତୀ କହୁଛି

ମୁଁ ଯେତେବେଳେ ଫୋର୍ଥ ଇଅର୍‌ରେ ପଢୁଥିଲି – ସେତେବେଳ ଯାଏଁ ମୁଁ ଜାଣିନଥିଲି – ସ୍ତ୍ରୀ, ପୁରୁଷର ମିଳନ ପଦ୍ଧତିଟା ଠିକ୍ କେମିତି, ଆଉ ମାତୃଗର୍ଭରୁ ସନ୍ତାନଟା ଠିକ୍ କେଉଁ ରାସ୍ତାବାଟେ ବାହାରେ । ଏଇ ସବୁ କଥା ସାଂଗ ମେଳରେ ଶୁଣା, ଘରେ ବୟସ୍କମାନଙ୍କ ମୁହଁରେ ନାନା ରକମର କଥା ଶୁଣି, ତାଳି ପକାଇ ମୁଁ ଯେଉଁଦିନ ପ୍ରକୃତରେ ଠିକ୍ କଥାଟା ବୁଝିପାରିଲି, ସେଦିନ ଲଜ୍ଜାରେ ମୋର ମନର ଅବସ୍ଥା କହିଲେ ନସରେ । ଛି ! କି କୁତ୍ସିତ, କି ଜଘନ୍ୟ । ଏ ସମସ୍ତଙ୍କୁ କ'ଣ ଏଇଆ କରିବାକୁ ହୁଏ ? ଏଇଆ କ'ଣ କରିବାକୁ ହେବ ସମସ୍ତଙ୍କୁ ? ଖାଲି ବେଶ୍ୟାମାନଙ୍କ ସହିତ ନୁହେଁ – ନିଜର ସ୍ତ୍ରୀ ସହିତ ବି, ଆଉ ମୋର ବାପା, ମାଆ ସେମାନେ ବି ? ଛି ! ଛି ! ଏଇଟା ଅନ୍ୟରକମର ହେଲାନି କାହିଁକି ? ଓଠରେ ଓଠ ଲଗାଇ ଚୁମା ଖାଇଲେ ଯଦି ସନ୍ତାନ ଜନ୍ମ ହୋଇପାରୁଥାନ୍ତା । ନିଶ୍ୱାସରେ ନିଶ୍ୱାସ ମିଶାଇ ଅଥବା ସ୍ତ୍ରୀ ଓ ପୁରୁଷ ଯଦି ଏକା ଏକା ଜନ୍ମ ଦେଇ ପାରୁଥାନ୍ତେ – ଠିକ୍ ଯେମିତି ଲେଖାଅଛି ମହାଭାରତ ଓ ବାଇବେଲ୍‌ରେ । ଯେକୌଣସି ଅନ୍ୟ ଉପାୟରେ ଏହା କ'ଣ ସମ୍ଭବ ନଥିଲା ? କେବଳ ସେଇ ଗୋଟିଏ ଚିନ୍ତା ମୋତେ ମୃତବତ୍ ନିଶ୍ଚଳ କରି ରଖିଥାଏ । କେତେ ନିର୍ମଳ, ପବିତ୍ର ଆଉ କେତେ ସୁନ୍ଦର ମୋର ପ୍ରେମ । ତା' ପଛରେ ଏତେ କୁତ୍ସିତ ଘୃଣ୍ୟ ହେବ ଆମର ପ୍ରେମ ? ନା, କଦାପି ନୁହେଁ । ଏକ୍‌ବାରେ ଅସମ୍ଭବ ।

କୁସୁମର ଯେତେବେଳେ ବିବାହ ହୁଏ ମୁଁ ସେତେବେଳେ ଏମ୍.ଏ ପଢୁଥାଏ । ମୋତେ କିଛିଟା ଦୁଃଖ ଲାଗିଥିଲା ନିଶ୍ଚୟ – କାରଣ, ଇଚ୍ଛା କଲାମାତ୍ରେ ତାକୁ ଆଉ ମୁଁ ଦେଖିପାରିବିନାହିଁ । କିନ୍ତୁ ମନେ ମନେ ଏୟା ଭାବି ଖୁସି ହେଲି ଯେ – ମୋର ମଧ୍ୟ ଏହା ଏକ ବିଫଳ ପ୍ରେମ ହେଲା । ମନେ ମନେ ଭାବିଲି ଯେଉଁ ପ୍ରେମ ବିୟୋଗାନ୍ତକ – ସେଇଟା ହିଁ ବେଶୀ ଗଭୀର । କୁସୁମ ଚିରଦିନ ମୋର ସୁର, ସ୍ୱପ୍ନ ଓ ସୁଗନ୍ଧ ହୋଇ ରହିଲା । ଶରୀରଟାକୁ ବାଦ୍‌ଦେଲେ ଯାଇ ପ୍ରେମ ସତ୍ୟ ହୁଏ ଆଉ ଯେଉଁଥିରେ ଶରୀରର ଅଂଶ ଥାଏ ତାହା ଆଦୌ ପ୍ରେମ ହୋଇପାରେନା । ଏପରି ଧାରଣା ସେତେବେଳେ ବି ମୋର ବଦ୍ଧମୂଳ ଥିଲା । କିନ୍ତୁ ଥରେ କୁସୁମ ସାଙ୍ଗରେ ମୋର ଗୋଟିଏ ନୂଆ ରକମର ଅଭିଜ୍ଞତା ହେଲା । ବିବାହର କେତେ ମାସ ପରେ କୁସୁମ

କଲିକତା ଆସିଥାଏ । ତା' ସ୍ୱାମୀ ଛୁଟି କଟାଇ କର୍ମକ୍ଷେତ୍ରକୁ ଫେରିଗଲେ । ଆମ ଘରକୁ କୁସୁମ ପ୍ରାୟ ଆସେ – ବିବାହ ପରେ ସ୍ୱାଧୀନତା ଅନେକ ବଢ଼ିଯାଇଛି । ଏବେ ମୋ ସାଙ୍ଗେ ତା'ର ବ୍ୟବହାର ଅତି ସ୍ୱଚ୍ଛନ୍ଦ ହୋଇଯାଇଛି । ମୁଁ ତାକୁ ମନେ ମନେ ପ୍ରେମିକା ବୋଲି ଭାବେ – ଆଉ ଏ ଭୂମିକା ସ୍ୱୀକାର କରିନେବାରେ ସେ ବି କେବେ ଆପତ୍ତି କରିନି । ଆଖିରେ ଆଖିରେ ଆମ ଭିତରେ ଏଇ ବାର୍ତ୍ତାର ବିନିମୟ ହୁଏ । ଦିନେ ରାତିରେ ସେ ଆମ ଘରେ ଥାଏ – ରାତିରେ ଖାଇ ସାରି ସେ ମୋ କୋଠରୀକୁ ଆସିଲା । ତିନିମହଲା ଗୋଟିଏ କଣକୁ ମୋର ଏ ରୁମ୍‌ଟା । ମୋର ବିଛଣାରେ ବସି ସେ ୟାଡୁ ସିଆଡୁ ଅନେକ କଥା କହିଲା – ଆସ୍ତେ ଆସ୍ତେ ଘରର କୋଳାହଳ ନୀରବ ହେଲାପରେ କୁସୁମ କହିଲା – ମୋତେ ଭାରି କ୍ଲାନ୍ତ ଲାଗୁଛି, ମୁଁ ଟିକେ ଶୋଇ ପଡ଼େ ଏଇଠି । ତକିଆରେ ମୁଣ୍ଡ ରଖି କହିଲା – କି ସୁନ୍ଦର ଜ୍ୟୋସ୍ନା ଆଜି – ଏଇ ଆଲୁଅଟା'ର କ'ଣ ଦରକାର ? ଚୈତ୍ର ମାସ, ଜଳ ପରି ତରଳ ଜ୍ୟୋସ୍ନା, ଉତ୍ତଳା ପବନ – କୁସୁମର ଗାଲ ଆଉ ଓଠ ଉପରେ ଜହ୍ନର ଆଲୁଅ – ଆଖି ଦୁଇଟା ଆହୁରି ଗାଢ଼, ଆହୁରି ଗଭୀର – ଖାଲି ଚୁମା ଖାଇ ଖାଇ ସେ ରାତିଟା କଟେଇ ଦେଲୁ ଆମେ ଦିହେଁ । ସୁବ୍ରତ ଯେମିତି ବର୍ଣ୍ଣନା କରିଥିଲା ଠିକ୍ ସେମିତି ଭାବେ ମୁଁ ତାକୁ ଆଦୌ ଜାବୁଡ଼ି ଧରିନାହିଁ – ମୋର ହାତ ଦୁଇଟି ନିହାତି ଅକାମି ହୋଇ ରହିଲା ସେତେବେଳେ । କେବଳ ଓଠ ଖୋଲି ତା'ର ସୁନ୍ଦର ମୁହଁର ସବୁ ନିଶ୍ୱାସ ଶୋଷି ନେଉଥିଲି । ସୁଗନ୍ଧ ଭରା, ଅପୁରନ୍ତ ଫେଣର ସେ ଉତ୍ସଟିଏ ସତେବା । ଖଟରେ ବସି ନଇଁପଡ଼ି ମୁହଁକୁ ମୋର ବୁଡ଼େଇ ଦେଲି ସେଇ "ସୁସ୍ୱାଦୁ" ଉତ୍ସଭିତରେ । ଖାଲି ସେତିକି ଆଉ ଅଧିକ କିଛି ନୁହେଁ । କାମନା ଓ ସଂଯତ, ସ୍ୱାଧୀନତା ଓ ସଂଭୋଗ ବ୍ରହ୍ମଚର୍ଯ୍ୟ ଓ ଇନ୍ଦ୍ରିୟ ବିଳାସର ଏକ ଅପୂର୍ବ ସମ୍ମିଶ୍ରଣ ଭିତରେ ସେଦିନର ସେଇ ପବନମିଶା ଉତ୍ତଳା ଜହ୍ନ ରାତିଟା କଟିଗଲା । ଆଶ୍ଚର୍ଯ୍ୟ ଏୟା ଯେ ଇୟାଠୁ ଅଧିକ କିଛି ଲାଗି ମୋର ଇଚ୍ଛା ବି ହେଲାନି, ଆଉ କୁସୁମ ବି ଆଉ କିଛି ଅଧିକା ପାଇଁ ଅଳି କଲାନି – ହୁଏତ ଭାବୁଥିବ ଏଇତକ ହିଁ ତା'ପାଇଁ ନିରାପଦ – କିମ୍ବା ହୁଏତ ନିରାଶ ହୋଇଥିବ ସେଦିନ ମୋର ବ୍ୟବହାରରେ । ଏଇ ଘଟଣା ପରେ ସେ

ଆଉ କେବେ ଆମ ଘରେ ରାତି କଟେଇନି । କାଳେ ପାଖରେ ଥିଲେ ବ୍ୟାପାରଟା ବଢ଼ିଯିବ ସେଇ ଭୟରେ ବୋଧହୁଏ ଏଡ଼େଇ ଚାଲୁଥିଲା । କିନ୍ତୁ ଆଶ୍ଚର୍ଯ୍ୟ କଥା ମୋ ମୁଣ୍ଡରେ ଆଉ କିଛି ଅଧିକା ଆଗେଇବା କଥା ମୋଟେ ଖେଳିନି । ମୋର କିଛି ଅତୃପ୍ତି ନଥିଲା । ମୁଁ ସେତେବେଳେ ବି ପିଲାଲୋକ – ଖୁବ୍ ରୋମାଣ୍ଟିକ୍ । ତା'ପରେ କେତେଟା ଦିନ ଧରି ମୋର ସ୍ନାୟୁ ତନ୍ତ୍ରରେ ଯେମିତି ଏକ ନୂଆ ଶିହରଣ ଆସେ – ମୋତେ ଲାଗେ ସତେ ଯେମିତି ମୋର ସ୍ୱପ୍ନକୁ ମୁଁ ମୋ ପାଖରେ ପାଇଛି – ପ୍ରମାଣ ପାଇଛି ସ୍ୱପ୍ନଟା ଖାଲି ଗୋଟାଏ ପୁସ୍ତକଗତ ବ୍ୟାପାର ନୁହଁ ।

ଆମର ବାସର ରାତି – ଆଜି ପରି, ସାରା ରାତି ବର୍ଷା ଲାଗି ରହିଥାଏ ସେଦିନ । ଆଜି ପରି ଦେହକୁ ଦେହ ଲଗେଇ ଶୋଇଥାଉ ଆମେ ଦୁହେଁ – ରାତି ସାରା ଅନିଦ୍ରା ରହି – କିନ୍ତୁ ଠିକ୍ ଆଜିପରି ନୁହେଁ – ଗୋଟିଏ ବର୍ଷର ମିଳାମିଶା, ଅନେକ ଉତ୍କଣ୍ଠିତ ମିଳାମିଶା ପରେ ପାଇଛି ମାଳତୀକୁ – ତା'ରି ପାଖରେ ଗୋଟିଏ ବିଛଣାରେ ଶୋଇଛି । ଘର କୋଣରେ ଦୀପଟିଏ ଜଳୁଛି । ହିନ୍ଦୁ ମତରେ ଆମ ବିବାହ ହୋଇଥିଲା – ଭବାନୀପୁରରେ ହରିଶ୍ମୁଖାର୍ଜୀ ରୋଡ୍‌ରେ, ଭଡ଼ାଘରେ – ଲଗ୍ନ ଥିଲା ରାତି ଦେଢ଼ଟାରେ – କିନ୍ତୁ ସବୁ କାମ ସରିବାକୁ କେତେବେଳ ହେଲା କେଜାଣି, ମାଳତୀକୁ ପୁଣି ଉପାସରେ ରଖିଲେ ତା'ର ମା । ଆଗରୁ ଭାବୁଥିଲି ଏପରି ଅଯଥା ସମୟର ବ୍ୟବହାର ନିହାତି କ୍ଲାନ୍ତିକର, କିଛି ବିରକ୍ତି କର । ତଥାପି ଏସବୁ ମୁହୂର୍ତ୍ତ କେମିତି କଟିଗଲା ଯେ ମୋଟେ ଜାଣି ହେଲାନି । ଘର ଭିତରେ ନୂଆ ବିଛଣାରେ ମୁଁ ଶୋଇଛି, ଘର ଭିତରେ ପିଲିସଜ ଉପରେ ଦୀପଟିଏ ଜଳୁଛି, ଘର ସାରା ଜୁଇଫୁଲର ଗନ୍ଧରେ ମହକି ଉଠୁଛି । ନୂଆ ବନାରସୀ ପାଟର ଖସ୍ ଖାସ୍ ଶବ୍ଦ, ମୁଁ ତା'କୁ ଭଲଭାବେ ଦେଖି ବି ପାରୁନଥାଏ – କିନ୍ତୁ ପ୍ରତି ରକ୍ତ କଣିକାରେ ଅନୁଭବ କରୁଥାଏ ତାର ସତ୍ତା । ଗୋଟାଏ ଅତିବଡ ପାଚିଲା ଆତଟିଏ ପରି ସତେ ବା ମୁଁ ଫାଟି ଯାଉଛି – ସବୁଆଡ଼କୁ ଛିଟିକି ପଡୁଛି ଯେମିତି । ବାହାରେ ନିସ୍ତବ୍ଧତା ସହିତ ଅବିରାମ ବର୍ଷାର ଶବ୍ଦ – ମୁଁ ପୁଉଣି ଥରେ ଚୁମା ଦେଲି ତା'ର ଓଠରେ – ଚୁମା ତ ନୁହେଁ – ଓଠ ଉପରେ ଓଠକୁ ଛୁଆଁଇ ଦେଲି ମାତ୍ର । ପରେ ହାତ ରଖିଲି ତା'ସ୍ତନ ଉପରେ –

ପକ୍ଷୀଟିଏ ପରି ନରମ ଆଉ ଉଷୁମ ଆଉ ଜୀବନ୍ତ – ମନେ ହେଲା ମୋର ହାତ ତଳେ ଯେମିତି ତା'ର ହୃତପିଣ୍ଡ ଟିକ୍ ଟିକ୍ କରୁଛି। ରାତିଯାକ ବର୍ଷା ଆଉ ବର୍ଷାର ଶବ୍ଦ, ଆମେ କେହି ବି ଶୋଇନୁ ସେଦିନ ରାତିରେ – ଖାଲି ପାଖାପାଖି ଶୋଇ ପରସ୍ପରକୁ ଅନୁଭବ କରିଛୁ ମାତ୍ର। ଆମେ ଏବେ ବିବାହିତ – ସ୍ୱାମୀ, ସ୍ତ୍ରୀ। ପ୍ରାଣ ଯାହା ଚହେଁ – ରକ୍ତ ଯାହା ମାଗେ ତା' ଆମେ ଏବେ ନିଶ୍ଚନ୍ତରେ କରିପାରିବୁ। କିନ୍ତୁ କିଛି ନକରିବାଟା ହିଁ ମୋର ମନେ ହେଲା – ଖୁବ୍ ଭଲ। ଖୁବ୍ ସୁନ୍ଦର, ଖୁବ୍ ଆନନ୍ଦମୟ। ମୁଁ ଏବେ ତାକୁ ପାଇଛି। ସେଇ ପ୍ରତୀକ୍ଷା କରିବାଟା ହିଁ ବୋଧହୁଏ ଚରିତ୍ରବତ୍ତା। କୁହ ମାଳତୀ – ସତ କରି କହ – ତମେ କ'ଣ ନିରାଶ ହୋଇଥିଲ ସେଦିନ ?

ବିବାହ କରି ମୁଁ ବେଶ୍ ସୁଖୀ ହୋଇଥିଲି – ପରିପୂର୍ଣ୍ଣ ଭାବରେ ସୁଖୀ, ମାଳତୀ ସାଂଗରେ ଚିହ୍ନା ହେବାର କେତେ ଦିନ ପରେ ମୁଁ ଜାଣିପାରିଲି ଯେ ମୁଁ ତା'ରି ଦେହଟାକୁ ହିଁ ଚହୁଁଛି। ତା'ର ମୁଣ୍ଡର କେଶଠାରୁ ଗୋଡ଼ର ନଖ ପର୍ଯ୍ୟନ୍ତ ସମସ୍ତ ଶରୀରଟା ମୋ ପାଖରେ ଏକାନ୍ତ ଭାବରେ କାମ୍ୟ ହୋଇଉଠୁଛନ୍ତି। ଅଥଚ ଆମର ପ୍ରେମର ସ୍ୱପ୍ନକୁ ତା ମଳିନ କରି ଦେଉନି – ବରଂ ଅଧିକ ଗାଢ଼ କରିଦେଉଛି। ଯେଉଁ ସବୁ ଅବସ୍ଥାରେ କୁସୁମ କଥା କଳ୍ପନା କରି ମୁଁ ଚମକି ଉଠିଛି – ସେ ସବୁ ମାଳତୀ ପକ୍ଷେ ଶୋଭନୀୟ ନୁହେଁ। ତା'ର ଦେହରେ ଏମିତି କିଛି ନାହିଁ ଯାହା ଅସୁନ୍ଦର ବୋଲି କୁହାଯିବ। ମୋର ମନେ ହୁଏ ତା'ର ଗାଲକୁ ବି ଚଟି ନେଇପାରେ – ସେ ଖାଇସାରି ଛାଡ଼ି ଯାଇଥିବା ଜିନିଷକୁ ଖାଇଦେବାକୁ ମୋର ଆଦୌ କୁଣ୍ଠାବୋଧ ହୁଏନି। ଯେଉଁଦିନ ସେ ମାସିକ ଋତୁବ୍ୟଥାରେ ବ୍ୟସ୍ତ ହୋଇଯାଏ – ସେଦିନ ତା'ପ୍ରତି ମୋର ଆକର୍ଷଣ ଆହୁରି ବଢ଼ିଯାଏ। ଏତ ସେଇ ନାରୀ, ଯାହକୁ ଏକ ସଂଗେ ଭଲପାଇବି – ଉପଭୋଗ କରିବି। ମନେ ହେଲା ତା'ରି ପାଖକୁ ଆସି ତ ଏତେ ଦିନ ପରେ ମୋର ଶରୀର ଓ ମନର ବିବାଦ ଦୂର ହେଲା। ଏତେଦିନ ଯାଏ ଯେମିତି ଦୁଇଖଣ୍ଡ ହୋଇ ବଂଚି ରହିଥିଲି ଓ ଏବେ ମୋର ସେଇ ଦୁଇଖଣ୍ଡ ସତେ ଯେମିତି ଯୋଡ଼ି ହୋଇଗଲା – ଓ ମୁଁ ରୀତିମତ ଗୋଟାଏ ମଣିଷ ହୋଇଯାଇଛି।

## ମୁଁ ମାଳତୀ କହୁଛି

ମୋର ବିବାହ ଓ ମାଳତୀର ସଂପର୍କ ଭିତରେ ଏଇଟା ହିଁ ସବୁଠାରୁ ଆଶ୍ଚର୍ଯ୍ୟ ଓ ସବୁଠାରୁ ସୁନ୍ଦର ବୋଲି ମନେହେଲା । ଏଇ ମୋର ସେଇ ମନ, ସେଇ ମନ ସାଂଗେ ବନ୍ଧୁତା'ର ହାତ ପାତି ଦେଇଛି । ମନ ଭିତର ସେଇ ଜନ୍ତୁଟା ଏବେ ବଂଧୁତାର ହାତ ପାତିଦେଇଛି । ଅଥଚ ମନ ଭିତରେ ତା'ର ଗୁଣୁଗୁଣୁ ସ୍ୱର ଓ ସୁଗନ୍ଧ ମୋତେ ଚଇତ୍ରର ପବନପରି ମୋହାବିଷ୍ଟ କରି ରଖିଛି – ଜୀବନର ଏଇ ପ୍ରଥମଥର ପାଇଁ ମୋର ମନେ ହେଲା ମୁଁ ଯେମିତି ଜଣେ ସଂପୂର୍ଣ୍ଣ ମଣିଷ ହୋଇଯାଇଛି – ପୂରାପୂରି ପୁରୁଷ, ସ୍ୱାଧୀନ, ସ୍ୱାବଲମ୍ବୀ ଓ ଆତ୍ମସ୍ଥ ।

କିନ୍ତୁ ନୟନାଂଶୁ ! ସେସବୁ ତୁମର ପିଲାଳିଆମି । ପ୍ରଥମରୁ ତୁମର ବିବାହଟା ଥିଲା ଗୋଟାଏ ଭଣ୍ଡାମୀ – ଆଉ ତାହା ମାଳତୀ ଯୋଗୁ ନୁହେଁ, କେବଳ ତୁମରି ଦୋଷରୁ । ସେଇ ସବୁ ବଂଗାଳୀ ଯୁବକମାନଙ୍କ ଉପରେ ଥିଲା ତୁମର ଅସୀମ ଅବଜ୍ଞା – ଯେଉଁମାନେ କି ଲାଭ କ୍ଷତିର ହିସାବ କରି ବିବାହ କରନ୍ତି – ରୂପ, ଶ୍ୱଶୁରଙ୍କ ଟଙ୍କା, ସାମାଜିକ ମର୍ଯ୍ୟାଦା ଏସବୁକୁ ଗୋଟିଏ ବନ୍‌ଶୀ କଣ୍ଟାରେ ଗୁନ୍ଥିବା ଆଶାରେ ଏମ୍.ଏ ପାସ୍ କରି, ଉଚ୍ଚ ଚାକିରି କରିବି – ଯେଉଁମାନେ କି ପ୍ରେମ ବିବାହ କରନ୍ତି – ସେମାନେ ଗତ ରାତିର ଅଭିଜ୍ଞତା ସବୁକୁ ବନ୍ଧୁମାନଙ୍କ ଆଗରେ ରସେଇ ରସେଇ ଗପ ଜମାନ୍ତି । କିନ୍ତୁ ମୁଁ ତୁମକୁ ପଚାରି ପାରେ କି – ପଚିଶ୍ ବର୍ଷର ଜଣେ ସୁଦର୍ଶନ ଯୁବକ – ତୁମେ ବା କି ପ୍ରକାର ପ୍ରେମିକ ବା ସ୍ୱାମୀ ଥିଲ ? ତୁମର ମନେ ଅଛି – ବିବାହ ଆଗରୁ ମାଳତୀ ଯେତେବେଳେ ତା'ମାଆଙ୍କ ସାଙ୍ଗରେ କିଛି ଗୋଟାଏ କାମରେ ତୁମଘରକୁ ଯାଇଥିଲା – ଯେଉଁ ସମୟରେ କି ତୁମେ ମାଳତୀକୁ ବହୁତ ଲମ୍ବା ଚିଠି ଲେଖୁଥିଲ ଆଉ ମାଳତୀ ସେଇ ଚିଠି ପଢ଼ି ତୁମକୁ ଥଟ୍ଟା କରି ଅନେକ କଥା କହୁଥିଲା । "ଅବହାୱା – ସଂବାଦ" – ଯେଉଁ ଉପନ୍ୟାସ ତୁମେ କେବେବି ପୂରା ଲେଖି ପାରିବନାହିଁ – ତା'ରି କେତୋଟି ଛିନ୍ନ ପୃଷ୍ଠା ଥିଲା ସେଇ ଚିଠିଗୁଡ଼ାକ । ମେଘୁଆ ଦିନ, ସେଦିନର କାଗଜରେ କିଛି ଖବର, ଚୈତ୍ରର ଦ୍ୱିପହରେ "ଚୌରଂଗୀ" ରେ ଟ୍ରାମ – ଏମିତି ସବୁ କଥାର ଆଡୁଆଳରେ ତୁମେ ତୁମର ମନକୁ ଖୋଲି ଦେଇଥିଲ ମାଳତୀ ଆଗରେ – ଯେମିତିକି ସେ ତୁମର ଜଣେ ପୁରୁଷ ବନ୍ଧୁ – ଝିଅ

ନୁହେଁ କି ପ୍ରଣୟିନୀ ନୁହେଁ – ତୁମର ଚିଠିରେ ସେ ଏଇ କଥାଟା ଶୁଣିବାକୁ ଚାହୁଁନି ଯେ ତା'ର ଅନୁପସ୍ଥିତିରେ ତୁମେ ଖୁବ୍ କଷ୍ଟ ପାଉଛ। କିନ୍ତୁ କେବଳ ସେଇ କଥାଟା ତୁମେ କେବେ ଲେଖିବ ନାହିଁ – ଯଦିଓ ତାହାହିଁ ସତ୍ୟ – କାରଣ, ତା' ଲେଖିବାକୁ ତୁମ ଆତ୍ମ ସମ୍ମାନରେ ବାଧା ଆସେ। ସେଇଟା ଅତି ସାଧାରଣ, ସେଇଟା ଅନ୍ୟମାନଙ୍କ ପରି। ଭାବି ଦେଖ – ବିବାହ ପରର ପ୍ରଥମ କେତେ ମାସ ତୁମେ ତାକୁ କବିତା ପଢ଼ି ଶୁଣାଅ – ବାଛି ବାଛି ପୁରାଣ, ଇତିହାସରୁ ସୁନ୍ଦର ସୁନ୍ଦର ପ୍ରେମର କାହାଣୀ ବର୍ଣ୍ଣନା କର। ବୁଝି ବି ସେ ବୁଝିପାରେନା, ବେଳେ ବେଳେ ବିରକ୍ତ ହୁଏ, ଶୁଣେନି, ହାଇ ମାରେ ସେ। ଯେତେବେଳେ ପ୍ରେମ କରିବା କଥା ସେତେବେଳେ ପ୍ରେମର କଥା କହି ବୃଥା ସମୟ ନଷ୍ଟ କରିବା କିଛି ମାନେ ହୁଏନା। ତମେ ଲକ୍ଷ୍ୟ ବି କରିପାରନ ଯେ ତୁମେ ତୁମର ସ୍ତ୍ରୀକୁ ଯଥେଷ୍ଟ ଭଲପାଇପାରୁନ। ତାକୁ ବି ଯଥେଷ୍ଟ ସୁଯୋଗ ବା ଅବକାଶ ଦେଇନ ତମେ, – ତମକୁ ଭଲପାଇବା ପାଇଁ। ଆଉ ଆଜି ? ଆଜି ତ ତୁମେ ବେଶ୍ ଦେଖିପାରୁଛ – ଯେଉଁ ପ୍ରେମକୁ ନେଇ ତମେ ଚଉଦ ବର୍ଷ ବୟସରୁ ଏତେ କଥା ଭାବୁଛ – ଆଉ କହୁଛ ତା'ର ପ୍ରକୃତ ରୂପଟା କ'ଣ ?

ଏଇ ଜୟନ୍ତ – ସ୍ଥୂଳ, ଅର୍ଦ୍ଧଶିକ୍ଷିତ, ବେପରୱା – ଅଥଚ ତା'ରି ଯୋଗୁ ଆଜି ଉନ୍ମୁକ୍ତ ହେଲା ଯେ ତମ ଆଗରେ "ଟିବ୍‌ସିଆନୋ" ର କୌଣସି ଏକ ଛାତ୍ର ଦ୍ୱାରା ଅଙ୍କିତ ଏକ ଶ୍ୟାମାଙ୍ଗୀ ଯୁବତୀ – ଭେନସ୍'ର ଶରୀର। ଆଉ ତମେ ନୟନାଂଶୁ – ଶୋଇ ଶୋଇ ଭାବୁଛ – ଖାଲି ଭାବୁଛ – ଯେମିତିକି ଜୀବନସାରା ଖାଲି ଭାବି ଆସିଛ – ଏତେ ବେଶୀ ଭାବି ଭାବି ଶେଷରେ ତମେ ଅକ୍ଷମ ହୋଇଯାଇଛ। ତା' ନହୋଇଥିଲେ ଏତେ ଦିନ ପରେ କ'ଣ ଅପର୍ଣ୍ଣା ପ୍ରତି ଆଉଟିକେ ଅଧିକା ଦୃଷ୍ଟି ଦେଇନଥାନ୍ତ ?

କ'ଣ କରିବାକୁ କହୁଛ ମୋତେ ? ମାଳତୀକୁ ଛାଡ଼ି ଅପର୍ଣ୍ଣାକୁ ବିବାହ କରିବି ? ବୋକା – ନିହାତି ବୋକା – ବିଭାହେବ କାହିଁକି ? ଆଉ କେତେ ସ୍ପଷ୍ଟ ଭାବରେ ସେ ଭଦ୍ର ମହିଳା ସାହସ ଦେଇପାରେ ଯେ ସେ ସେତିକିରେ ହିଁ ରାଜି। ସ୍ୱାମୀଠାରୁ ବିଚ୍ଛେଦ ହେବାପରେ ଅପର୍ଣ୍ଣା ଏକା ରହେ ଏ ଫ୍ଲାଟ୍‌ରେ। ନିଜେ ଚାକିରୀ

କରି ଚଳେ – ଛୁଆ ପିଲା ନାହିଁ – ଜଂଜାଳ ନାହିଁ – ବେଶ୍ ଚମତ୍କାର । ସେ ତୁମକୁ ପସନ୍ଦ କରେ – ଆଉ ତମକୁ ଯେ ସେ ଖରାପ ଲାଗେ ତାହା ବି ନୁହେଁ । ତା'ହେଲେ ଫୁଲ ଯଦି ସ୍ୱଇଚ୍ଛାରେ ଆଗେଇ ଆସେ – କ୍ଷଣିକର ମଧୁ ଲୁଟି ନେବନି କାହିଁକି ? କିନ୍ତୁ ଶେଷରେ ଯଦି ପ୍ରେମରେ ପଡ଼ିଯାଏ, ଯଦି ସତକୁ ସତ ତାକୁ ଭଲପାଇ ବସେ ? ହଁ, ତାହେଲେ ତ ଆଉରି ଭଲ । ବେଶ୍ କିଛିଟା ଦୁଃଖ ନେଇ ସେ ବିଳାସ କରିପାରିବ । ନା, ଥାଉ – ଆଉ ଝାମେଲା ଦରକାର ନାହିଁ । ମୁଁ ନିରୋଳା ମନରେ ରହିବାକୁ ଚାହେଁ – ସେଇ ନୈଶ ଅନୁଷ୍ଠାନକୁ ବାଦ୍ ଦେଇ ବି ଜୀବନ କଟେଇ ପାରିବି – ବାଦ୍ ଦେବାଟା ହିଁ ଅଭ୍ୟାସ ହୋଇଗଲା ମାଳତୀର ସୌଜନ୍ୟରୁ ।

ଭୀରୁ – ଅକ୍ଷମ ତୁମେ । ଶରୀରକୁ ତୁମର ଭୟ – ଭଲ ପାଇବାଟାକୁ ବି ତୁମର ଭୟ । ଭଲପାଇବାଟାକୁ ହୁଏତ ନୁହେଁ । ଏକା କଥା – ଏ ଦୁଇଟାଯାକ ଏକାକଥା ନୟନାଂଶୁ । ଭଲପାଇବା ବ୍ୟାପାରରେ ଶରୀର ହିଁ ଅସଲ – ଆରମ୍ଭ, ଶେଷ, ସବୁ ଏଇ ଦେହ । ଅର୍ଦ୍ଧ ବୟସ୍କ ସ୍ୱାମୀ – ସ୍ତ୍ରୀର ଭିତରେ ଏତେ କଳିଗୋଳ କାହିଁକି ଜାଣ ? ଯେହେତୁ ସେମାନଙ୍କର ଶରୀର ଶିଥିଳ ହୋଇଆସୁଛି । ବୃଦ୍ଧ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଉତ୍ପୀଡ଼ିତ କରନ୍ତି କାହିଁକି ? ଯେହେତୁ ସେମାନଙ୍କର ଶରୀରର ସ୍ନାୟୁ ସବୁ ମୃତ ହୋଇଯାଇଥାଏ – ତେଣୁ ପ୍ରତିହିଂସା ସ୍ୱାଭାବିକ । ଭଲପାଇବାଟା ଜୈବ, ଭଲପାଇବା ଯୌନ ଆଉ ଶରୀର ନଥିଲେ ସେ ଭଲପାଇବାର ମାନେ କିଛି ନଥାଏ । ବିଦ୍ୟୁତ୍ ପରି, ବୈଦ୍ୟୁତିକ ସଂସ୍ପର୍ଶ ପରି, ଏଇ ଶରୀର ସାଂଗେ ଶରୀରର ପ୍ରେମ । ଘରେ ସବୁବେଳେ ଆଲୁଅ ଜଳେନା, ଅଥଚ ସୁଇଚ୍ ଟିପିଲେ ଆଲୁଅ ଜଳେ – ଯେହେତୁ ତା'ଭିତରେ ସବୁବେଳେ ବିଦ୍ୟୁତ୍ ସ୍ରୋତ ଜୀବିତ ଥାଏ – ଇଏ ବି ଠିକ୍ ସେମିତି – ଶରୀର ଶରୀର ମଧ୍ୟରେ ଥାଏ ବୈଦୁତିକ ସଂଯୋଗ – ତେଣୁ ଯେତେବେଳେ ତମେ ପ୍ରେମ କରୁନାହଁ ସେତେବେଳେ ବି ପ୍ରେମ ଜୀବିତ ଥାଏ ଦେହର ପ୍ରତ୍ୟେକ ସ୍ନାୟୁରେ । ସେତେବେଳେ ବି ସେଇ ସ୍ରୋତ ଦେହରେ ପ୍ରବାହିତ ହେଉଥାଏ । ସେଇଥିପାଇଁ ତ ସେତେବେଳର କଥା ମଧୁର, ଦୂରେଇ ଯିବାଟା ମଧୁର, କଳହ ମଧୁର, କଳହ ପରେ ମିଳନ ଆଉରି ବେଶୀ ମଧୁର । ଏଇ ସବୁର ମୂଳ ଏଇ ଶରୀର

– ଆଉ ତୁମର ସେଇ ଯୋଗାଯୋଗ ଆଜି ମାଳତୀଠାରୁ ଛିନ୍ନ ହୋଇଯାଉଛି ନୟନାଂଶୁ – ଶରୀରରୁ ଶରୀରକୁ ବିଦ୍ୟୁତ୍ ଆଉ ପ୍ରବାହିତ ହୋଇପାରୁନି । ତେଣୁ ତମେ ଯେତେ ସୁଇଚ୍ ଟିପ – ଆଉ ଆଲୁଅ ଜଳିବନି । ପାୱାର ହାଉସ୍ ଧ୍ୱଂସ ହୋଇଯାଇଛି – କିନ୍ତୁ ତଥାପି କେଉଁଠି ଯେମିତି ବିଦ୍ୟୁତ୍ ତିଆରି ହେଉଛି ତୁମର ଆଉ ଅପର୍ଣ୍ଣା ଭିତରେ । ଖୋରାକ ନପାଇ ତୁମର ଶରୀର ମରିଯାଉଛି – ଆଉ ସେଥିରେ ପୁଣି ଜୀଇଁ ଉଠିବ ଅପର୍ଣ୍ଣା ? ସେ କି ତୁମକୁ ତୁମର ଯୌବନ ଫେରାଇ ଦେଇପାରିବ ? ବୃଥା କଥା, ଉଠ, ଜାଗିଉଠ, ନୟନାଂଶୁ, ମନସ୍ଥିର କର, ଯାଅ କାଲି ଅପର୍ଣ୍ଣା ପାଖକୁ – ତାକୁ ନେଇ ପାର୍କ ଷ୍ଟ୍ରିଟ୍‌ର କେଉଁ ରେସ୍ତୋରାଁରେ ଡ଼ିନର କର – ନିଜେ ଡ୍ରିଙ୍କ୍ କରି ତାକୁ ବି ମଦ ପିଆଇଦିଅ – ତା'ପରେ ତା'ର ଫ୍ଲାଟ୍‌କୁ ଫେରିଯାଅ । ଟେକ୍ସିରୁ ଓହ୍ଲାଇଲା ବେଳକୁ ସେ ହୁଏତ କହିବ – ଆସନ୍ତୁ କପେ କଫି ପିଇକରି ଯିବା – କେବଳ ତୁମର ଭୀରୁତା ଛଡ଼ା ସେତେବେଳେ ଆଉ କିଛି ବାଧାନଥିବ ନୟନାଂଶୁ । ତୁମର ଚାଳିଶ ବର୍ଷକୁ ଆଉ କେତେ ବା ଡ଼େରି – ଏବେବି କଣ ତୁମେ ଶକ୍ତିମୟ ପୁରୁଷ ହୋଇପାରିବନାହିଁ ?





# ତିନି

**ମାଳତୀ**

ଯେମିତି କି ଗୋଟାଏ ବନ୍ଧ ଭାଙ୍ଗିଗଲା – ବନ୍ୟାର ସ୍ରୋତ ମୋତେ ଭସାଇ ନେଇଗଲା କିମ୍ବା ଯେମିତି ଗୋଟାଏ ମସ୍ତବଡ଼ କଳାହାଣ୍ଡିଆ ମେଘ ସକାଳଟାରୁ ଆକାଶରେ ଘୋଟିଗଲା – ଆଉ ଦିନଟା ଗୋଟାଏ ଫିକା ନୀଳ, ଗୁମୋଟ୍ ସୁଡ଼ଙ୍ଗ ପରି ବଢ଼ିଉଠିଲା, ତା'ପରେ ହଠାତ୍ ସଂଧ୍ୟାରେ ପ୍ରକାଣ୍ଡ ଗର୍ଜନ କରି ଆକାଶଟା ଭାଙ୍ଗିପଡ଼ିଲା ଯେମିତି । ମୋର ଶରୀରଟାକୁ ଟିକି କିଟି କରି ଛିଣ୍ଡାଇ ନିଶେଷ କରିଦେଲା ।

ମୋତେ ତୁମେ ଏଇଆ କରିଛ ଜୟନ୍ତ ! ମୁଁ ତୁମରି ଲାଗି ଅସଂଖ୍ୟ ଲୋଟନ୍ ହୋଇଉଠିଥିଲି । ମୋର ଏଇ ଟିକି ଶରୀରଟା ଭିତରେ ଏତେ ପ୍ରକାଣ୍ଡ କଳା ମେଘଟାଏ କେଉଁଠି ଲୁଚିଥିଲା ଏଯାଏଁ ? ତେବେ କ'ଣ ନୟନାଂଶୁକୁ ମୁଁ କେବେହେଲେ ଭଲପାଇନି ? ଭଲ ଯେ ପାଇନି – ତା ଠିକ୍ ନୁହେଁ – କିନ୍ତୁ ତା'ପାଖରେ ମୁଁ ନିଜକୁ ସଂମ୍ପୂର୍ଣ୍ଣ ଭାବେ ସମର୍ପି ଦେଇନି – ସେ କଥା ଏତେଦିନ ପରେ ବୁଝିପାରିଛି । ନିଜର ଅଜ୍ଞାତରେ ଗୋଟାଏ ଅଂଶ ମୁଁ ଅଲଗା କରି ରଖିଛି ତା'ଠାରୁ – ସେଇ ଗୋପନ, ଗଭୀରତମ ଚରମ ଅଂଶଟି ତୁମରିପାଇଁ ମୁଁ ଲୁଚାଇ ରଖିଥିଲି ଜୟନ୍ତ । ସେ ମୋର ସ୍ୱାମୀ, ରାତି ପରେ ରାତି, ବର୍ଷ ପରେ ବର୍ଷ ଧରି ମୁଁ ଶୋଇଛି ତା'ପାଖରେ – ତା'ର ଆଉ ମୋର ସନ୍ତାନ "ବୁନି" – ଏଥିରେ କିଛି ଯାଏ ଆସେନି । ବିନା ଇଚ୍ଛାରେ, ବିନା ଚିନ୍ତାରେ, ବିନା ଭଲପାଇବାରେ ମାତ୍ର କେଇ ମିନିଟ୍ ଭିତରେ କ'ଣ ଜଣେ

ସ୍ତ୍ରୀର ଗର୍ଭକୋଷକୁ ସନ୍ତାନ ଆସେ ନା ? ମୁଁ ଏବେ ବୁଝିପାରୁଛି ଯେ ସାତ ସନ୍ତାନର ଜନନୀ ହୋଇ ବି ଜଣେ ମହିଳା – କୁମାରୀ ହୋଇ ରହିପାରେ – ହୁଏତ ଘରେ ଘରେ ଏମିତି ଗୃହିଣୀ ଅଛନ୍ତି – ଯେଉଁମାନେ ଗୋଟିଏ ବଧିର ଶରୀର ନେଇ ତିରିଶ ବର୍ଷର ବିବାହିତ ଜୀବନ କଟାଇଛନ୍ତି । ତା'ନିଜର ସଂପୂର୍ଣ୍ଣ ଅଜ୍ଞାତରେ – ତାହା ସେମାନେ ନିଜେ ବି ଜାଣି ପାରନ୍ତିନାହିଁ । ଜୟନ୍ତ ସହିତ ମୋର ଦେଖା ହୋଇନଥିଲେ ବି ମୁଁ ବା କେଉଁଠୁ ଜାଣିପାରିଥାଆନ୍ତି ସେଇ ଗୋପନ ରହସ୍ୟ । ନୟନାଂଶୁ ତା'ପାରିନି – ବିବାହ ପରେ ବି ସେ କେବେ ମୋ ଭିତରୁ ମୋତେ ଏମିତି ବାହାରକୁ ଟାଣି ଆଣିପାରିନି । ଯେମିତି ଜମାଟ ବନ୍ଧା ମେଘ ଝରିପଡ଼ିଲା ଝର ଝର ହୋଇ – ସବୁ ନିଃଶେଷ କରି ବି ମୋତେ ଭସେଇ ନେଇ ଡୁବେଇ ଦେଇପାରିନି ସେ । ଝିଅ ପିଲାମାନେ ଯେ ଝିଅ, ନାରୀ, ଏକଥା ସେମାନେ କେତେବେଳେ ଜାଣନ୍ତି ? ସମସ୍ତଙ୍କର ବୋଧହୁଏ ଏପରି ହୁଏନି – ମୁଁ ଦିନେ ହଠାତ୍ ମୋର ଫ୍ରକ୍‌ରେ ରକ୍ତର ଦାଗ ଦେଖି ଭୟ ପାଇ କାନ୍ଦି ଉଠିଥିଲି । ସେତେବେଳେ ସ୍କୁଲରେ ଥାଏ – ଖେଳ ଛୁଟିରେ ଲୁଚକାଳି ଖେଳୁଥାଏ । ଶାଢ଼ୀ ପିନ୍ଧା ଝିଅମାନେ ମୋର କାନ୍ଦ ଦେଖି ସେଦିନ ଖୁବ୍ ହସିଲେ । ହେଡ୍‌ମିଷ୍ଟ୍ରେସ୍ ଧାଈ ସାଂଗରେ ମୋତେ ସେଦିନ ଘରକୁ ପଠାଇ ଦେଇଥିଲେ । ଭାବୁଥିଲି ମୋର କ'ଣ ଗୋଟାଏ ସାଂଘାତିକ ରୋଗ ହୋଇଛି; ହୁଏତ ମରିଯାଇପାରେ । ମାଆ ମୋତେ ବୋଧ ଶୋଧ କରି କେତେ ଆଦର କଲେ । ତାଙ୍କ ମୁହଁରୁ ଦୁଇ ତିନିଟା କଥା ଶୁଣି ହଠାତ୍ ଗୋଟାଏ ଝାପ୍‌ସା ଅନୁଭୂତି ହେଲା ମୋର । ସେଇ ବାରବର୍ଷ ବୟସରେ ମୋର ମନେହେଲା ଯେମିତି ସବୁ ସ୍ତ୍ରୀଲୋକ ସମବୟସୀ ଏବଂ ଏକ ରହସ୍ୟମୟ ଜଗତର ସମାନ ଅଂଶୀଦାର – ଯେଉଁଥିରେ ପୁରୁଷମାନଙ୍କର କିଛି ଅଂଶ ନାହିଁ ସତ – ହେଲେ ଅଧିକାର ଅଛି – ଅଥଚ ଯାହାକେବଳ ପୁରୁଷମାନଙ୍କ ଲାଗି ପ୍ରସ୍ତୁତ ହୋଇ ରହିଛି । ମୋତେ ଏକଥା ଭାବି ଆଶ୍ଚର୍ଯ୍ୟ ଲାଗିଲା ଯେ ମୁଁ ବି ଶେଷରେ ସେଇ ରହସ୍ୟଟି ଖୋଜି ପାଇଛି ଏଇ ଷଷ୍ଠ ଶ୍ରେଣୀର ବେଣୀହଲା ଛୋଟ ଝିଅଟିକୁ – ମନରେ ମୋର ଗର୍ବ ଆସିଲା । ତେର ବର୍ଷରେ ପାଦ ଦେବା ଆଗରୁ ସେମାନେ ମୋତେ ଶାଢ଼ୀ ପିନ୍ଧାଇ ଦେଲେ – କହିଲେ, ବଙ୍ଗାଳୀ ଘର ଝିଅ ଜୀବନରେ

मुँ मालती कहुछि

ଏଇଟା ଗୋଟାଏ ବଡ଼ ଦୀକ୍ଷା, ସେତେବେଳର ବ୍ରାହ୍ମଣ ପିଲାମାନଙ୍କ ପଇତା ପିନ୍ଧିବା ପରି – ଏଇ ଶାଢ଼ୀ। ସ୍କିପିଂ କଲାବେଳେ ଏ ଶାଢ଼ୀଟା ଗୋଟାଏ ଶତ୍ରୁ। ସେଇ କାରଣରୁ ପ୍ରଥମେ ପ୍ରଥମେ ଯେତେ ଖରାପ ଲାଗୁ ନା କାହିଁକି – ସେଇଟା ହିଁ ନାରୀତ୍ୱ – ସେଇଟା ହିଁ ରୂପ – ସେଇଟା ହିଁ ସମ୍ମାନ। ବୁକୁର ରେଖାକୁ ଲୁଚାଇବାରେ ମୋର କି କରୁଣ ଚେଷ୍ଟା ସେତେବେଳେ। ବାହାରକୁ ଗଲା ଆଗରୁ ଶାଢ଼ୀଟାକୁ ଭଲକରି ଗୁଡ଼ାଇନିଏ ଦେହ ଉପରେ – କାରଣ ତା'ଭିତରେ ଯେ ଲକ୍ଷେ ଟଙ୍କାର ଗୋଟିଏ ଚିଠି ରହିଥାଏ। ହଠାତ୍ ଦିନେ ମୋ ଆଖିରେ ପଡ଼ିଲା ଆମର ବାଥ୍‌ରୁମ କବାଟରେ କାଣିଆଙ୍ଗୁଳି ମୋଟର ଗୋଟିଏ କଣା ଅଛି। ନିରୋଳାରେ ଅନେକ ଥର ପରୀକ୍ଷା କରି ଜାଣିପାରିଲି ଯେ ଗୋଟିଏ ଆଖି ବନ୍ଦ କରି ସେଇ କଣାବାଟେ ଅନେଇଲେ ଭିତରର ସବୁକିଛି ଝାପ୍‌ସା ଦେଖାଯାଏ। ଆଉ ସେଇ ମୁହୂର୍ତ୍ତରେ ପ୍ରତିଜ୍ଞା କଲି ଯେ ବାଥରୁମ୍‌ରେ ସେ କଣାଟିକୁ ବନ୍ଦ ନ କଲା ଯାଏଁ ଆଉ ବାଥରୁମ୍‌ରେ ପଶିବିନାହିଁ। କାରଣ କେହି ଅସାଧୁ ଲୋକ ସେଇ କଣାବାଟେ ହୁଏତ ମୋତେ ଦେଖିବାପାଇଁ ଚେଷ୍ଟା କରିବ। ତା'ପରେ ନିରନ୍ଧ୍ର ଗୋପନୀୟତାରେ ଗାଧୋଇବା ଆଗରୁ କିମ୍ବା ପରେ ମଝିରେ ମଝିରେ ଆଇନାରେ ନିଜକୁ ନିଜେ ଆଖି ପୂରେଇ ଦେଖେ। ଯେଉଁଦିନ ଛୁଟି ଥାଏ – ବ୍ୟସ୍ତତା ନଥାଏ – ମୋର ସେଇ ସୂର୍ଯ୍ୟ ଚନ୍ଦ୍ରର ଉଦୀୟମାନ ସୌନ୍ଦର୍ଯ୍ୟ, ନଗ୍ନ ଓ ଭୟଭୀତ ଶରୀରର ଉଲ୍ଲସିତ ଶୋଭା, ପ୍ରଥମ ବର୍ଷାରେ ଭିଜିଯାଇଥିବା କଦମ୍ବର କଂପନ ମୋତେ ଯେମିତି ବିହ୍ୱଳ କରି ପକାଏ। ମୋ ବକ୍ଷ, ତଳି ପେଟ, କାନ୍ଧ, ବେକ ଏସବୁକୁ ମୁଁ ହାତରେ ଆଉଁସି ବେଶ୍ ଆନନ୍ଦ ପାଏ – ମନେ ମନେ ଖୁସି ହୁଏ ଯେ ମୁଁ କେତେ ସୁନ୍ଦର। ସବୁ ମୋର – ପୁଣି ସେ ସବୁ ଆଉ ଜଣଙ୍କର ବି। ଟିକିଏ ସବୁର କର। କଲେଜରେ ପାଦ ଦେଲା ବେଳକୁ ମୋର ଦେହକୁ ନେଇ ମୋର ଆଉ ଲଜ୍ଜା ନଥାଏ। ଲୋକମାନେ ସେତେବେଳୁ କହିବାକୁ ଆରମ୍ଭ କଲେଣି – ମୁଁ କୁଆଡ଼େ ଭାରି ସୁନ୍ଦର। ମୁଁ ସେତେବେଳେ ଏକପ୍ରକାର ସୁଖୀ ଥିଲି – ଝିଅ ହୋଇ ଜନ୍ମ ହୋଇଛି ବୋଲି ସୁଖୀ, ନାନା ରଂଗର, ନାନା ଫେସନର ଶାଢ଼ୀ ପିନ୍ଧିପାରୁଛି ବୋଲି ସୁଖୀ। ମାଆ ନିଜେ ତାଙ୍କର ଗହଣା ବାକ୍ସ ଖୋଲି ଦିନେ ଗୋଟି

ଗୋଟି କରି ସବୁ ଗହଣା ଦେଖାଇଲେ ମୋତେ - ବିଭାଘର ମଟରଦାନା ହାର, ହାଂସୁଲି, ହୀରାବସା ହାର, ହୀରାବର୍ଣ୍ଣା କଙ୍କଣ ଏମିତି ଆଉରି କେତେ । ମାଆ କିନ୍ତୁ ଅଳଙ୍କାର ପିନ୍ଧିବା ମୁଁ ଖୁଉବ୍ କମ୍ ଦେଖିଛି । ଏସବୁ ଦେଖି ମୁଁ କହିଲି - ଆରେ ବାପ୍‌ରେ - ରକ୍ଷା ହୋଇଛି - ଏବେ ଆଉ ଏତେ ଗହଣା ପିନ୍ଧିବାର ଚଳଣି ନାହିଁ - ନହେଲେ କି ଯେ ଝାମେଲା ହୋଇଥାନ୍ତା । କିନ୍ତୁ ମନେ ମନେ ଏକଥା ଭାବି ମୁଗ୍ଧ ହେଉଥିଲି ଯେ - ଯା ହେଉ, ମାତ୍ର ଗୋଟିଏ ଦେହକୁ ସଜାଇବାକୁ ଏତେ ଗହଣା ଦରକାର ? ତା'ପରେ କେବେ କେମିତି କୌଣସି ଉତ୍ସବ, ଜନ୍ମଦିନ ପାର୍ଟିରେ ଯିବାକୁ ବାହାରିଲେ ମାଆ ମୋତେ ସେଥିରୁ ଗୋଟେ ଦିଇଟା ପିନ୍ଧାଇ ଦିଅନ୍ତି - ସେତେବେଳେ ମୁଁ ମୋଟେ ଆପତ୍ତି କରେନି । ସେତେବେଳେ ମୋର ମନେ ହେଇଛି ଏ ଗହଣାଗୁଡ଼ିକ ମୋତେ ଠିକ୍ ସେମିତି ସଜେଇ ଦେଇଛି - ଯେମିତି ହେବାକୁ ଚାହେଁ ମୁଁ - ମନେ ମନେ ଯେମିତି ଭାବେ ଠିକ୍ ସେମିତି । ଏକଥା ଆହୁରି ଅଧିକା ପ୍ରମାଣିତ ହୁଏ ପିଲାମାନଙ୍କର ଆଖିରୁ ଓ ବ୍ୟବହାରରୁ । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ମୋତେ ବୋକା ବା ନିର୍ବୋଧ ମନେ ହେଲା ।

କିନ୍ତୁ ମୋ ଜୀବନର ଚଉଦ ବର୍ଷରୁ ଅଠର ବର୍ଷ ପର୍ଯ୍ୟନ୍ତ ସମୟ ଭିତରେ ଅନିବାର୍ଯ୍ୟ ଭାବରେ କେତେକ ଘଟଣା ଘଟିଥିଲା - ତା'ମଧ୍ୟରୁ ଗୋଟିକରେ ପ୍ରାୟ ଫଳ ଫଳି ଆସିଥିଲା - କିନ୍ତୁ ପିଲାଟା ବିଲାତ ଚାଲିଗଲା । ମୁଁ ଦୁଇ ତିନି ଦିନ କାନ୍ଦା କଟା କରି - ତା'ପରେ ସେ ପିଲାକୁ ଭୁଲିଗଲି । ଯେତେବେଳେ ବି.ଏ ପଢ଼ିଲି ସେତେବେଳେ କଲେଜରେ ମୋର ଖ୍ୟାତି ବେଶ୍ ବ୍ୟାପିଗଲା । କେହି କେହି ମନ୍ତବ୍ୟ କରନ୍ତି ମୁଁ ଭାରି ସ୍ମାର୍ଟ, ବୁଦ୍ଧିମତୀ, ସୁପ୍ରତିଭା ବୋଲି, ଭଲ ପଢ଼ାପଢ଼ି ବି କରୁଥିଲି ମୁଁ । ଯେକୌଣସି ଅନୁଷ୍ଠାନରେ ସବୁଠି ଆଗେ ମୋତେ ଡ଼କରା ପଡ଼େ । ନୟନାଂଶୁ ଯେଉଁଦିନ ପ୍ରଥମେ ପଢ଼ାଇବା ପାଇଁ କଲେଜ ଆସିଲା ଓ କଲେଜରେ ସବୁ ଝିଅ ତା'ଉପରେ ଆଖି ପକେଇଲେଣି - ମୋର ଅଜାଣତରେ ସେମାନଙ୍କ ସହିତ ପ୍ରତିଦ୍ୱନ୍ଦିତା'ର ପ୍ରବୃତ୍ତି ଜାଗି ଉଠିଲା । ଦିନେ, ଏମିତି ଖେଳଛୁଟିରେ ହଠାତ୍ ଆଗେଇ ଯାଇ କଥାହେଲି ନୟନାଂଶୁ ସହିତ । ଗମ୍ଭୀର ସ୍ୱଭାବର ଲୋକ ନୟନାଂଶୁ, ସେଇ

ଗତିପଥକୁ ମୋର ସେ ଏମିତି ବୁଲେଇ ଦେଲେ ଯେ – ଦୁଇ ତିନି ମାସ ପରେ ମୋର ମନେ ହେଲା ଇଏ ଜୀବନ ମରଣର ବ୍ୟାପାର । ଭାଗ୍ୟକୁ ମୋର ବାପା ମାଆଙ୍କର ମତ ପାଇବାକୁ ବେଶୀ ଡେ଼ରି ହେଲାନି – ଯଦିଓ ମାଆଙ୍କର ଅନ୍ୟ ଏକ ପାତ୍ର ପ୍ରତି ଝୁଙ୍କ ଥିଲା । ବିବାହ ପରେ ଯେମିତି ରାତା ରାତି ମୋ ମନରେ ଅନ୍ୟ ଏକ ମଣିଷ ଚେଇଁ ଉଠିଲା । ଅଂଶୁର ମାଆ ଓ ଅନ୍ୟାନ୍ୟ ଆତ୍ମୀୟମାନେ ଯେତେବେଳେ ମୋତେ ସୁନାନାକୀ ବୋହୂ ବୋଲି ଡାକିବା ଆରମ୍ଭ କଲେ – ସେତେବେଳେ ଏକଥାଟା ଯେମିତି ଯାଦୁମନ୍ତ୍ର ପରି କାମ କଲା । ବୋହୂର ଯା କିଛି ଅର୍ଥ, ଯା କିଛି ରସ, ଯା କିଛି ସୁର – ସେସବୁ ଯେପରି ମୋ ଭିତରେ ପରିପୂର୍ଣ୍ଣ ହୋଇଉଠିଲା । ବାହାରର ଏତେ ଚାକଚକ୍ୟ ସତ୍ତ୍ୱେ ମୁଁ ଯେମିତି ଗୋଟିଏ ମୋହରେ ଅଂଧ ପାଲଟି ଯାଇଥିଲି । ଏମିତି ହୁଏତ ଏ ଜୀବନଟା କଟିଯାଇଥାନ୍ତା ଯଦି ନୟନାଂଶୁ କି ଜୟନ୍ତ ସଂଗେ ଦେଖା ହୋଇନଥାନ୍ତା – ଏବଂ ଏଇ ଅବସ୍ଥା ପାଇଁ ମୁଁ ସ୍ୱୟଂ ଦାୟୀ ।

ତୁମ ସହିତ ମୋର ପ୍ରଥମ ସାକ୍ଷାତ ତୁମର ନିଶ୍ଚୟ ମନେ ଥିବ ଜୟନ୍ତ ? ଶୀତ ଦିନ, ଅଂଶୁ ତୁମକୁ ସାଙ୍ଗରେ ନେଇ ଅଫିସ୍‌ରୁ ଫେରିଲେ । ଛାଇ ରଂଗର ପ୍ୟାଣ୍ଟ୍ ସାଙ୍ଗକୁ ଟୁଇଡ୍‌ସ କୋର୍ଟ, ପରିଷ୍କାର ନେକ୍‌ଟାଇ – ଆଠଘଣ୍ଟା ଖଟିବା ପରେ ବି ପୋଷାକ ବା ମୁହଁରେ ପରିଶ୍ରମର ଏତେ ଟିକେ ଛାପ ନାହିଁ । ଆଉ ତୁମେ ଜୟନ୍ତ ! ଅଧା ମଇଳା ଗୋଟାଏ ଧୋତି ପଂଜାବୀ ଉପରେ ମଇଳା ଗୋଟାଏ ଜହର କୋଟ୍ – ପାଦରେ ଧୂଳି ଧୂସରିତ ସାଣ୍ଡାଲ, ଆଉ ଲମ୍ବା କଳା ବଳିଷ୍ଠ ଦେହ, ଆଉ ଚଷମା ପଛରେ ତୁମର ସେ ଛୋଟ ଉଜ୍ଜ୍ୱଳ ଆଖି । ମୋତେ ତୁମପାଇଁ ଚା କରି ଆଣିବାକୁ ହେଲା ଓ ଚା ଦେଇ ସେଇଠି ବସି ରହିବାକୁ ପଡ଼ିଲା ତୁମ ପାଖରେ । ଅଂଶୁ ବାଥରୁମ୍‌ରୁ ଆସିବା ପର୍ଯ୍ୟନ୍ତ ମୋତେ ତୁମ ସହିତ କଥାବାର୍ତ୍ତା କରିବାକୁ ପଡ଼ିଲା – ଏଇଟା ଭଦ୍ରାମି – କରିବାକୁ ହୁଏ । ମୋର ସ୍ୱାମୀଙ୍କର ବଂଧୁମାନଙ୍କ ସାଙ୍ଗରେ ମୋତେ ବି ବଂଧୁ ହେବାକୁ ପଡ଼ିବ – ସେମାନଙ୍କୁ ମୋତେ ଭଲ ଲାଗୁ କି ନଲାଗୁ । ବିବାହର ଠିକ୍ ବର୍ଷକ ପରେ ନୟନାଂଶୁ କଲେଜରେ ଶିକ୍ଷକତା ଛାଡ଼ି କ୍ଲାଇବ୍‌ଷ୍ଟ୍ରିଟ୍‌ର ଗୋଟିଏ ବିଜ୍ଞାପନ କଂପାନୀରେ ଚାକିରି କଲା – ବେଶ୍ ଭଲ ଦରମା ପାଇବ କିଛିଦିନ

ପରେ । ତାପରେ ବେଲେଘାଟାର ଘରଛାଡ଼ି ସେ ଉଠିଆସିଲା, ଝାଉଁତାଲାର ଏଇ ନବନିର୍ମିତ ଫ୍ଲାଟକୁ । ଫ୍ଲାଟକୁ ତା'ର ନିଜର ଇଚ୍ଛାମତେ ସଜେଇ ଦେଲା ନୟନାଂଶୁ - ଆଉ ତା'ରି କଥା ଅନୁସାରେ ଆମର ବୈବାହିକ ଜୀବନ ଏଇଠୁ ହିଁ ଆରମ୍ଭ ହେଲା । ସେଇ ଦିନଠାରୁ ତା'ର ସାଂଗସାଥୀ ଅନେକ ପ୍ରାୟ ପ୍ରତ୍ୟେକ ସଂଧ୍ୟାରେ କେହି କେହି ଆସନ୍ତି । ରବିବାର ସକାଳେ ପ୍ରାୟ ଦେଢ଼ଟା ଆଗରୁ ଆଡ୍‌ଡ଼ା ଭାଙ୍ଗେନାହିଁ - ଦିନେ ଦିନେ ରାତିରେ ବି ସାଢ଼େ ଦଶ କିମ୍ବା ଏଗାରଟା ବାଜିଯାଏ । ବେଲେଘାଟାରେ ତା'ର ବଂଧୁମାନେ ଆସୁଥିଲେ - ତଳ ମହଲାରେ ବସୁଥିଲେ - ଆମେ ରହୁଥିଲୁ ଉପର ମହଲାରେ - ଶାଶୂ ଚ୍ଚ, ଜଳଖିଆ ପଠାଇ ଦେଉଥିଲେ ଚ୍ଚକର ହାତରେ । ବେଳେ ବେଳେ ସେମାନେ ଅନ୍ୟ କାହାଘରେ ବସି ଆଡ୍‌ଡ଼ା ଜମାନ୍ତି । ଏଇ ବ୍ୟବସ୍ଥା ମୋର ମନେ ହେଉଥିଲା ସ୍ୱାଭାବିକ ଓ ସଂଗତ, କିନ୍ତୁ ଏଥିରେ ଅଂଶୁର ଭୀଷଣ ଆପତ୍ତି । ମୋ ପାଖରେ ସେ ତା'ର ବଂଧୁମାନଙ୍କ କଥା କୁହେ - ଅମୁକଟା ବ୍ରିଲିଆଣ୍ଟ୍ - ସମୁକଟା ଚମତ୍‌କାର ବକ୍ତୃତା ଦେଇପାରେ ଇତ୍ୟାଦି ଇତ୍ୟାଦି । ମୁଁ ଯେ ସେମାନଙ୍କ ସାଙ୍ଗେ କଥା ହୋଇପାରୁନି - ଏଥିଲାଗି ତା'ର ଘୋର ଅବଶୋଷ । କିନ୍ତୁ ମୋତେ ଏତେ ବେଶୀ ଗପସପ କରିବାକୁ ଭଲଲାଗେନି - ଓ ସେଇଟା ହିଁ ମୋର ମନର କଥା ।

ସେତେବେଳେ ଅଂଶୁକୁ ପାଇ ମୁଁ ପରିପୂର୍ଣ୍ଣ - ମୋର ଆଉ କିଛି ଲୋଡ଼ାନାହିଁ । କିନ୍ତୁ ସେ ମୋତେ ବୁଝାଏ ଯେ ପୁରୁଷମାନଙ୍କ ସାଂଗେ ନମିଶିଲେ ନାରୀମାନେ ବୋକୀ ହୋଇ ରହିଯାଆନ୍ତି, ଅଶିକ୍ଷିତା ରହିଯାଆନ୍ତି । ନିହାତି ଘର ସଂସାର କରି ଆତ୍ମୀୟସ୍ୱଜନଙ୍କ ଭିତରେ ବନ୍ଧା ହୋଇ ରହିଲେ କୁଆଡ଼େ ନାରୀମାନଙ୍କର ମାନସିକ ବିକାଶ ହୋଇପାରେନା । ଅଲଗା ଫ୍ଲାଟରେ ଆସି ରହିଲା ଦିନଠୁ ଅଂଶୁ ପ୍ରାୟ ଜୋର୍‌କରି ମୋତେ ତାଙ୍କ ଆଡ୍‌ଡ଼ାରେ ସାମିଲ କରିଦେଲା । ତା'ର ବଂଧୁମାନଙ୍କ ମଧ୍ୟରୁ ସସ୍ତ୍ରୀକ ଆସନ୍ତି ଖୁବ୍ କମ୍ - କାରଣ ସେମାନଙ୍କ ଭିତରୁ ଅନେକଙ୍କ ବିବାହ ବି ହୋଇନି ଏଯାଏ । ସୁନ୍ଦର ସୁସଜ୍ଜିତ ଫ୍ଲାଟ, କେବଳ ସ୍ୱାମୀ-ସ୍ତ୍ରୀର ସଂସାରର ସ୍ୱାଧିନତା - ତା'ପରେ ପୁଣି ଜଣେ ମହିଳା'ର ଅଯାଚିତ ସାହଚର୍ଯ୍ୟ ଓ ସେବା - ଏମିତି ଗୋଟାଏ

## ମୁଁ ମାଳତୀ କହୁଛି

ଘରେ ଆଡ୍‌ଡ଼ା ଜମାଇବାକୁ କାହାକୁ ବା ଭଲ ନଲାଗିବ ? କିନ୍ତୁ ସେଇ ଘରେ ଭର୍ତ୍ତି ନୂଆ ନୂଆ ଚିହ୍ନା, ଅଚିହ୍ନା ଏତେ ପୁରୁଷମାନଙ୍କ ଭିତରେ, ତାଙ୍କ ମଝିରେ ବସି ସୁଧୀନ୍ଦ୍ର ଦତ୍ତର କବିତାଠାରୁ ଆରମ୍ଭ କରି ଆଫ୍ରିକାର ରାଜନୀତି ପର୍ଯ୍ୟନ୍ତ ଅନେକ ଯାତ୍ରୁ ସିଆତ୍ରୁ ତର୍କ ବିତର୍କ ଭିତରେ ଏମିତି ବସି ରହିବାକୁ ମୋତେ ଯେ କେମିତି ଲାଗେ – ତା କ'ଣ ନୟନାଂଶୁ କେବେ ଭାବି ଦେଖିଛି ? ମୋତେ ଭୀଷଣ ବିରକ୍ତ ଲାଗେ – ଭାରି ଅଶ୍ୱସ୍ତିକର ମନେ ହୁଏ, ଚୁପ୍‌ଚାପ ବସି ବସି ଗଳାରେ ଯନ୍ତ୍ରଣା ହୁଏ ଯେମିତି । ସବୁଠୁ ବେଶୀ ଖରାପ ଲାଗେ ସ୍ୱାମୀଙ୍କୁ ଅବସର ବେଳେ ବି କେବେ ଏକୁଟିଆ ପାଇପାରୁନି । ଯଦି ଏତକ ହୋଇନପାରିଲା ତେବେ ଯୌଥ ପରିବାରରୁ ଓହରି ଆସିବାରେ ଲାଭଟା କ'ଣ ହେଲା ? ମୁଁ ଥରେ ପ୍ରତିବାଦ କରିଥିଲି – ତୁମର ବଂଧୁମାନଙ୍କ ଗହଣକୁ ମୋତେ ସବୁବେଳେ ଟାଣିନିଅ କାହିଁକି ? ? ଉତ୍ତରରେ ସେ କହିଥିଲା – କାହିଁକି ? ତମେ କ'ଣ ନବବଧୂଟିଏ କି ? ନହେଲେ କ'ଣ ହେଲା – ତା ବୋଲି କ'ଣ ବେଦରକାରୀ ଭାବେ ତମ ସାଂଗମାନଙ୍କ ଗହଣରେ ବସି ରହିବି କାହିଁକି ଯେ – ଉତ୍ତର ଦେଲି ମୁଁ । ଅଂଶୁ କହିଲା – ବେଦରକାରୀ ବୋଲି ଭାବୁଛ କାହିଁକି ? ଏଇଟାତ ତମ ଘର – ତା'ଛଡ଼ା ସବୁବେଳେ  ବସି ରହିବାକୁ ହେବ ସେମିତି କିଛି କଥା ନାହିଁ – ଭଲ ଲାଗିଲେ ବସିବ – ନ ଲାଗିଲେ ଉଠିଯିବ । କହିଲି କାହିଁକି – ତୁମର ସ୍ତ୍ରୀକୁ କ'ଣ ଜଣ ଜଣ କରି ସମସ୍ତେ ଦେଖିଲେ ଯାଇ ହେବ ? ହଠାତ୍ ଗମ୍ଭୀର ହେଲେ ନୟନାଂଶୁ – କହିଲେ ତମେ ନଥିଲେ ଆସରଟା ଅଂସଂପୂର୍ଣ୍ଣ ଲାଗେ ମୋତେ – ଯା ଛଡ଼ା ଆଉ କିଛି ନୁହେଁ । ଟିକିଏ ନୀରବ ରହି ମୁଁ କହିଲି – କେବେ କ'ଣ ମୋ ସାଙ୍ଗରେ ନିରୋଳାରେ ରହିବାକୁ ତୁମର ଇଚ୍ଛା ହୁଏନା ? ଅଂଶୁ ଜବାବ ଦିଏ – ତମର, ମୋର ଏକା ରହିବାପାଇଁ ସମୟର ତ ଅଭାବ ନାହିଁ । ମୋର ପାଟିରୁ ବାହାରି ଗଲା – ତା'ହେଲେ ତମେ କହୁଛ ଯେ ତମ ସ୍ତ୍ରୀ ଖାଲି ତମପାଇଁ ରାତ୍ରୀର ସାମଗ୍ରୀ – ଏଇଯା ତ ? ନୟନାଂଶୁ ଗମ୍ଭୀର ଭାବେ ଉତ୍ତର ଦେଲା – ତୁମେ ଜଣେ ଭଦ୍ର ମହିଳା ମାଳତୀ – ଏସବୁ ଥଟ୍ଟା ପରିହାସ ତୁମ ମୁହଁରେ ଶୋଭା ପାଏନା । ତୁମର ମୋର ବିବାହ ହୋଇଛି – ବୋଲି ଯେ ଏଇ ଜଗତରେ ଆଉ

କାହାର  ଅସ୍ତିତ୍ୱ ନାହିଁ – ଏକଥା ତ କୁହାଯାଇପାରେନା । ଠିକ୍ ଏଇ ଯୁକ୍ତିଟି ପ୍ରଯୁଜ୍ୟ ହୋଇଥାନ୍ତା ବେଲେଘାଟାର ଯୌଥ ପରିବାର ସଂପର୍କରେ – କିନ୍ତୁ ସେତେବେଳେ ଏ ଯୁକ୍ତି ଉଠିନଥିଲା ।

ନୟନାଂଶୁର ଶିକ୍ଷା ସହିତ ମୋର ଶିକ୍ଷାର କୌଣସି ତୁଳନା ହୁଏନା । ସେ ଯେ କେତେ ବିଷୟରେ କେତେ କଥା ଜାଣେ ତା'ର ଇୟତ୍ତା ନାହିଁ – ଏ ଧରଣର କୌଣସି ଯୁକ୍ତିତର୍କ ହେଲେ ଶେଷ ପର୍ଯ୍ୟନ୍ତ ମୋତେ ହିଁ ହାର ମାନିବାକୁ ପଡ଼ିଥାଏ । କିନ୍ତୁ ମୋର ମନ ଭିତରେ ଗୋଟିଏ ଗୋଟିଏ ଅଭିଯୋଗ ଜମାଟ ବାନ୍ଧେ – ଯଥା କୌଣସି ରବିବାରରେ ବି ନୟନାଂଶୁ ମୋତେ ନେଇ ସିନେମା ଯାଏନା କାହିଁକି । ସହରରେ ଅନେକ କିଛି ହୁଏ – ସମସ୍ତେ ଯାଆନ୍ତି – ଅଥଚ ମୋତେ ନେଇ ସେଠିକି ଯାଏନା କାହିଁକି ? ତାକୁ ସେ ସବୁ ଭଲ ଲାଗେନା ବୋଲି – ମୁଁ କାହିଁକି ମୋର ସଉକ ମେଣ୍ଟାଇବି ନାହିଁ ? ଅବଶ୍ୟ କୌଣସି ମହିଳା ପ୍ରତିବେଶୀ  ବାପଘରର କେହି ବା ଶାଶୂଘରର କାହାକୁ ସାଂଗରେ ଧରି ମୁଁ ସବୁଆଡ଼େ ଯାଇପାରେ – ଏବଂ ଯାଏ ବି । ଅଂଶୁ କାହିଁକି ଯିବନି ? ଆଖ ପାଖରେ ସବୁ ଭଦ୍ରଲୋକ ନିଜ ନିଜର ସ୍ତ୍ରୀକୁ ଧରି ବୁଲାବୁଲି କରିବାକୁ ଯାଆନ୍ତି – ତେବେ ଅଂଶୁ ନଯିବ କାହିଁକି ? ସବୁ ଖାଲି ତା'ରି ଇଚ୍ଛା ମୁତାବକ ହେବ କାହିଁକି  ? ମୋତେ ଯଦି ହିନ୍ଦୀ ଫିଲ୍ମ ଭଲଲାଗେ – ତେବେ ତାକୁ ଭଲ ନ ଲାଗିଲେ ବି ଅନ୍ତତଃ ମୋତେ ଖୁସି କରାଇବାକୁ ସେ ମୋ ସାଙ୍ଗରେ ଯିବନି କାହିଁକି ?

ଆଉ ତା'ଛଡ଼ା ତା'ର ଏଇ ଆଡ୍ଡା, ଆସର ଯେଉଁଥିରେ ସେ ଘଣ୍ଟା ଘଣ୍ଟା ଧରି ମସ୍‌ଗୁଲ୍ ରହେ – ସେଥିରେ ବା ମୋର କି ସୁଖ ? ଅନେକ ସମୟରେ ମୁଁ ସେଠୁ ଉଠି ଚାଲିଆସେ – ସେମାନେ କେହି ଲକ୍ଷ୍ୟ କରପାରନ୍ତିନାହିଁ । ଶୋଇବା ଘରେ ଆଲୁଅ ଲିଭାଇ ଶୋଇ ରହେ ଏକା ଏକା – ମୋତେ ଭୋକ ହୁଏ, ନିଦ ଲାଗେ, କାନ୍ଦ ମାଡ଼େ – ସେମାନଙ୍କ ହସର ଶବ୍ଦର ମୋର ରାଗ ଆହୁରି ବଢ଼ିଯାଏ – ସେମାନଙ୍କ ଖାଉଥିବା ସିଗାରେଟ୍‌ର ଧୂଆଁ ଗଂଧରେ ମୋର ମୁଣ୍ଡ ବିନ୍ଧେ  । ରାତି ବଢ଼ି ଚାଲେ – ସେମାନେ ଉଠିବାର ନାଁ ଧରନ୍ତିନାହିଁ – ସତେ ଯେମିତି ଏଇଟା ଗୋଟାଏ

ଘର ନୁହେଁ - ହୋଟେଲ, ଆଉ ସେଇ ହୋଟେଲ ଚଳାଇବାର କାମ ମୋର। ଅବଶ୍ୟ ସେତେବେଳେ ଏଇ ଅଭିଯୋଗର କୌଣସି ସ୍ୱଷ୍ଟ ରୂପ ମୋ ମନରେ ନଥିଲା କାରଣ ଅଂଶୁ ଯେ ମୋତେ ପାଗଳ ପରି ଭଲପାଏ - ସେତେବେଳେ କେବଳ ଏଇ ସୁଖରେ ମଜ୍ଜି ଯାଇଥିଲି। କିନ୍ତୁ ପରେ ବୁଝିପାରିଲି ଯେ ତା'ର ସେଇ ଭଲପାଇବାଟା ଭୀଷଣ ଭାବେ ସ୍ୱାର୍ଥପରତା। ମୁଁ ଗୋଟାଏ ରାତି ଯାଇ ମାଆଙ୍କ ପାଖରେ ଆଉଟିକେ ରହିଯିବାକୁ କହିଲେ ଅଂଶୁ ମୁହଁ ଶୁଖେଇ ଦିଏ। କେବେ କେମିତି ଆସନ୍‌ସୋଲରେ ଥିବା ମୋର ମାଉସୀଙ୍କ ଘରକୁ ଦୁଇ ତିନିଦିନ ଲାଗି ବୁଲିଆସିବା କଥା କହିଲେ - ଅଂଶୁ ନାନାପ୍ରକାର ବାହାନା କରି ବାଧାଦିଏ - ଏପରି ସେଇ ସବୁ ଜାଗାକୁ ମୋ ସାଂଗରେ ଯିବାପାଇଁ ସେ ଜମା ରାଜି ହୁଏନାହିଁ। ଅର୍ଥାତ୍ ଯାହା ତା'ର ଏତେ ଟିକିଏ ବି ଅପସନ୍ଦ - ତାହା ମୋତେ ଯେତେ ଭଲ ଲାଗିଲେ ବି ସେ କରିବନି। ଅଥଚ ସେ ଆଶା କରେ ଯାହାକିଛି ତା'ର ପ୍ରିୟ ତାହା ନିଶ୍ଚୟ ମୋର ପ୍ରିୟ ହେବ। ମୋତେ ସବୁକିଛି ତ୍ୟାଗ କରି କେବଳ ତା'ରି ମନମୁତାବକ ହେବାକୁ ହେବ - ଆଉ ସେ କିଛି ତ୍ୟାଗ କରିପାରିବନାହିଁ ମୋ ଲାଗି - ଏଇ ହେଲା ତା' ଭଲପାଇବାର ଅର୍ଥ। ମୁଁ ସେତେବେଳେ ତା' ବୁଝିପାରିନଥିଲି - ସେତେବେଳେ ମୋର ବିବାହିତ ଜୀବନ ଏତେ ମସୃଣ ଆଉ ସ୍ୱଚ୍ଛନ୍ଦ ଭାବେ ଗତି କରୁଥାଏ ଯେ ମାସ ଆଉ ବର୍ଷର ଦିନଗୁଡ଼ାକ ଯେମିତି ଶୀଘ୍ର ଶୀଘ୍ର ଚାଲିଯାଉଥାନ୍ତି। ଶୀତ ପଡ଼ିଲାଣି - ଏଥର ପର୍ଦ୍ଦାର ରଂଗ ବଦଳାଅ, ସୋଫାର ଖୋଳଗୁଡ଼ିକ ମଇଳା ହେଲାଣି, ମୋର ପଂଜାବୀ ସବୁ ଏଥର ଛିଣ୍ଡି ଆସିଲାଣି - ଏଇ ସବୁ ଫରମାସ୍ କରେ ନୟନାଂଶୁ; ଆଉ ମୁଁ ଦୋକାନରୁ ଦୋକାନ ବୁଲି ତା'ର ସବୁ ଫରମାସ୍ ମେଣ୍ଟାଇ ଚାଲେ - କିନ୍ତୁ ସେ କେବେବି ମୋ ଲାଗି ଶାଢ଼ୀ ଖଣ୍ଡେ ବି କିଣି ନେଇ ଆସିନାହାନ୍ତି। କେବେ ଦିନେ ପଚାରନ୍ତି ନାହିଁ ତୋର କିଛି ଦରକାର ଅଛି କି ନାହିଁ ? ସେ ଅଫିସରେ କାମ କରେ - ଆଉ ସେଇ ଗୋଟିଏ କାମ ଛଡ଼ା ଏଇ ସଂସାର ଲାଗି ଆଉ ସେ କିଛି କରେନା। ଲୁଗା ଦୋକାନରେ ପଶିଲେ ତାଙ୍କୁ ବାନ୍ତି ମାଡ଼େ, ପର୍ଦ୍ଦାର ରଙ୍ଗ ପସନ୍ଦ କରିବାକୁ ସେ ଘଣ୍ଟାଏ ବି ସମୟ ନଷ୍ଟ କରିବାକୁ ଚାହେଁନା। ଏସବୁକୁ ମୁଁ

ସେତେବେଳେ ସୁଦ୍ଧା ସ୍ନେହ ଚକ୍ଷୁରେ ଦେଖୁଥିଲି – ଭାବୁଥିଲି, ଯେମିତି କି ଏପରି କରିବା ଉଚିତ ହୋଇଛି ତା'ପାଇଁ ଏବଂ ତା'ନହେଲେ ତାକୁ ମାନନ୍ତାନାହିଁ। ସେ ଯେ ସବୁବେଳେ ମୋତେ ତା ପାଖରେ ପାଇବାକୁ ଚାହେଁ ସେଇଟା ମୋ ପକ୍ଷେ ଗର୍ବର ବିଷୟ ନିଶ୍ଚୟ।

ମଝିରେ ମଝିରେ ଦିପହରେ ଖାଇସାରିବା ପରେ ମୁଁ ମାଆଙ୍କ ପାଖକୁ ଚାଲିଯାଏ – ବାଲିଗଂଜ – ପୁଉଣି ସଂଧ୍ୟା ପୂର୍ବରୁ ଫେରିଆସେ – ଅଂଶୁ ଫେରିବା ଆଗରୁ । କାରଣ ସେ ଫେରିଲେ ମୋତେ ନଦେଖିଲେ ତା'ମୁଣ୍ଡ ଖରାପ ହୋଇଯାଏ – ସେଇଟା ସ୍ୱାଭାବିକ। କିନ୍ତୁ କେବେ ଯଦି କହେ ତମେ ଅଫିସରୁ ବାଲିଗଂଜ ଚାଲିଯିବ, ମୁଁ ସେଠି ଥିବି – ଦୁହେଁ ଚା, ଜଳଖିଆ ଖାଇ ସାଙ୍ଗହୋଇ ଏଠିକି ଫେରିଆସିବା। ସେଥିରେ ସେ ମୋଟେ ରାଜିହୁଏନା। ମାଆଙ୍କ ପାଖରେ ଆଉ ଟିକିଏ ରହିବାକୁ ମୋର ଯେତେ ଇଚ୍ଛା ଥାଉନା କାହିଁକି – ଅଂଶୁ ମୋଟେ ପସନ୍ଦ କରେନି – ସେ ଚାହେଁ ତା ନିଜ ଘରର ପରିଚିତ ଅବହାୱା, ଅଭ୍ୟସ୍ତ ଆରାମ, ଚାହେଁ ତା'ର ନିଜତ୍ୱ, ଯାର ଗୋଟିଏ ଅଂଶ ହେଉଛି ମୁଁ – ଆଉ ମୋର ସେଇ ଭୂମିକାଟି ମୁଁ ସେତେବେଳେ ଖୁବ୍ ଆନନ୍ଦରେ ଗ୍ରହଣ କରି ନେଇଥିଲି। ତା'ର ସାଂଧ୍ୟ ଆସରରେ ମୁଁ ନଥିଲେ ତାକୁ ଯେ ଆସରଟା ସଂପୂର୍ଣ୍ଣ ମନେହୁଏନା – ସେଥିରେ କେତେବେଳେ କେମିତି କଷ୍ଟ ହେଲେ ବି ତାକୁ ଲୁଚାଇ ମୋର ମନରେ ସେଇ ଆନନ୍ଦମୟ ଅନୁଭୂତି ଗର୍ବ ଆଣୁଥାଏ ଯେ – ମୁଁ ନୟନାଂଶୁ ପାଇଁ କେତେ ମୂଲ୍ୟବାନ, କେତେ ଜରୁରୀ ସତେ। ଆଉଥରେ ମୋର ଅଜାଣତରେ ଗୋଟିଏ ପରିବର୍ତ୍ତନ ହେଲା ମୋ ଜୀବନରେ। ନୟନାଂଶୁର ବଂଧୁମାନଙ୍କ ସହ ମିଳାମିଶା କରିବାରେ ମୁଁ ପୂର୍ଣ୍ଣ ଅଭ୍ୟସ୍ତ ହୋଇଉଠିଲି। ସେମାନଙ୍କ ସହ କଥାବାର୍ତ୍ତାରେ ଯୋଗଦେବାର ବାହାନାଟା ବି ଶିଖିଗଲି – ଆଉ ଲକ୍ଷ୍ୟକଲି ମୋର କଥାବାର୍ତ୍ତା ବି ସେମାନଙ୍କ ପରି ହେଉନି ତଥାପି ସେମାନଙ୍କଠାରୁ ବେଳେ ବେଳେ ସାବାସି ମିଳେ। ଖାଲି ସେତିକି ନୁହେଁ – ଏମିତି ଯିବା ଆସିବାରେ ସେଇ ବଂଧୁମାନଙ୍କଠାରୁ ବେଶ୍ ସମ୍ମାନ ମିଳୁଛି ମୋତେ। କେବଳ ବଂଧୁର ସ୍ତ୍ରୀ ବୋଲି ନୁହେଁ – ମୋର ନିଜତ୍ୱ ଲାଗି। ମୋତେ ସେଇଟା ବେଶ୍ ଭଲ ଲାଗିଲା – ମନେ

ହେଲା ଅଂଶୁ ଯେମିତି ଋହୁଁଥିଲା – ମୁଁ ଠିକ୍ ସେମିତି ଗୋଟାଏ ସ୍ୱତନ୍ତ୍ର ମଣିଷ ହୋଇପାରିଛି – ଆଉ ଅଂଶୁ ବି ଖୁବ୍ ଖୁସି ହୋଇଛି ଯେ ମୁଁ ତା'ର ବଂଧୁ ମହଲରେ ନିଜ ପାଇଁ ଗୋଟିଏ ଆସ୍ଥାନ ଜମେଇ ପାରିଛି । ତଥାପି ଅଂଶୁର ବ୍ୟବହାର ବେଳେ ବେଳେ ଅତି ଅଦ୍ଭୁତ ମନେ ହୁଏ ମୋର – କେମିତି ମାତ୍ରାଧିକ ମନେହୁଏ ।

ଦିନେ ପୁଲ୍‌କଦାରଙ୍କ ଘରେ ଆମର ନିମନ୍ତ୍ରଣ ଥିଲା । ସେଠୁ ଫେରିଲାବେଳେ ସେ ନିଜେ ଆଣି କାର୍‌ରେ ଆମକୁ ଛାଡ଼ିଦେଇ ଗଲେ, ତାଙ୍କୁ ମିଶାଇ ସେ ଗାଡ଼ିରେ ଆମେ ଛ'ଜଣ ଥିଲୁ । କେମିତି ବସାଯିବ ସେଇଟା ଠିକ୍ କରିବାକୁ ଟିକେ ସମୟ ଲାଗିଲା । ଅଂଶୁ ନିଜେ ମୋତେ ବିରେନ୍‌ବାବୁଙ୍କ ପାଖେ ବସିବାକୁ କହିଲା – କିନ୍ତୁ ମୋର ଇଚ୍ଛା ନଥିଲା ମୋଟେ । ତଥାପି ଆପତ୍ତି କରିବାକୁ ଟିକେ ସଂକୋଚ ଲାଗିଲା । ମୋ ପାଖରେ ଜାକି ଜୁକି ହୋଇ ସେଇ ମୋଟି ସୋଟି ଚଉଦ ବର୍ଷର ଝିଅଟି ବସିଲା । ଠେଲାପେଲାରେ ମୋତେ ବହୁତ ଆସ୍ୱସ୍ତି ଲାଗୁଥାଏ – ମୁଁ ପିଠି ସିଧାକରି ବସିଥାଏ – ବିରେନ୍ ବାରମ୍ବାର କହୁଥାନ୍ତି – ଆପଣ ଭଲଭାବରେ ବସନ୍ତୁ ମିସେସ୍ ମୁଖାର୍ଜୀ – ମୋର ଗାଡ଼ି ଚଳାଇବାରେ କିଛି ଅସୁବିଧା ହେଉନି – ମୁଁ ଉତ୍ତର ଦେଉଥାଏ – ନା, ନା ମୁଁ ଠିକ୍ ଅଛି । ଘରକୁ ଆସି ଅଂଶୁକୁ ପଋରିଲି – ତମେ ମୋତେ ବିରେନ୍ ବାବୁଙ୍କ ପାଖେ ବସିବାକୁ କାହିଁକି କହିଲ ? ଅଂଶୁ କହିଲା – ଆରେ, ସେଥିରେ କ'ଣ ଅଛି ? କିନ୍ତୁ କଥାଟା ଯେ ମୁଁ କେମିତି ଆରମ୍ଭ କରିବି ସେଇ କଥା ଭାବୁଥିଲି । ଅଂଶୁ ବୁଝିପାରି କହିଲା – ତମେ ଏମିତି କୋଉ ସତୀ ଯେ ଗାଡ଼ିରେ ସ୍ୱାମୀଙ୍କ ଛଡ଼ା ଅନ୍ୟ ପୁରୁଷଙ୍କ ପାଖରେ ବସିବ ନାହିଁ ? ତା'ମତରେ ଗାଡ଼ିରେ ଅନ୍ୟମାନେ ଥିଲେ ସ୍ୱାମୀ ସ୍ତ୍ରୀ ପାଖାପାଖି ବସିବା ଉଚିତ ନୁହେଁ – କି ଆଶ୍ଚର୍ଯ୍ୟ କଥା ଯେ କୁହ ତୁମେ – ଅଂଶୁ ? ଆଉଦିନେ ସେମିତି ଅଂଶୁ ଅଫିସ ଯିବାଲାଗି ପ୍ରସ୍ତୁତ ହେଉଛି – କେହି ଜଣେ ପୁରୁଣା ବଂଧୁ ଆସି ଘରେ ପହଂଚିଗଲେ । ତା ସାଂଗରେ ବେଶୀ ସମୟ କଥା ହେବାକୁ ବେଳ ପାଇଲାନି ଅଂଶୁ – ବ୍ରିଫ୍ କେଶ ସଜାଡୁ ସଜାଡୁ କହିଲା ମୁଁ ଅଫିସରୁ ଫେରିଲା ଯାଏଁ ତୁମେ ଯିବନି ଅସିତ୍ – ଋହ, ଜଳଖିଆ ଖାଇ ବିଶ୍ରାମ କର – ଲଞ୍ଚ ପରେ ରେଷ୍ଟ ନେଇଥିବ ମୁଁ ଫେରିଲାଯାଏଁ –

ଅପେକ୍ଷା କରିବ । ତୁମର ଆଜି ରଥଯାତ୍ରା ଛୁଟି ଥିବ ଭାବି ଅବେଳରେ ଚାଲି ଆସିଲି – ଏବେ ଯାଉଛି ସଂଧ୍ୟାକୁ ପୁଣି ଆସିବି । ଠିଆ ଠିଆ ଅଂଶୁ କହିଲେ – ଆଉ ଟିକେ ବସିଯାଅନା, ଏତେ ଦୂରରୁ ଆସିଲ – ଏବେ ଚାଲିଯିବ ସାଂଗେ ସାଂଗେ ? ଭଦ୍ରଲୋକ ବସିଲେ – ମୁଁ ତାଙ୍କୁ ଚା, ବିସ୍କୁଟ ଖାଇବାକୁ ଦେଲି – ଗପୁ ଗପୁ ସାଢ଼େ ଦଶଟା ବାଜିଗଲା । ସେ ଫେରିଗଲେ । ରାତିରେ ସେଦିନ ଅଂଶୁକୁ ପଚାରିଲି – ତୁମର କ'ଣ କିଛି କାଣ୍ଡଜ୍ଞାନ ନାହିଁ ? ଅସିତବାବୁଙ୍କୁ ସେତେବେଳେ ବସିବାକୁ କହିଲ କାହିଁକି ? ନୟନାଂଶୁ କହିଲେ – ଆରେ – ବିଚରା ମଫସଲରେ ଥାଏ, କେତେ ଦିନ ପରେ ଆସିଛି – ସାଂଗେ ସାଂଗେ ଫେରିଯାଇଥିଲେ କ'ଣ କଥାଟା ସୁନ୍ଦର ହୋଇଥାନ୍ତା ? କହିଲ, ତମେ ଯଦି ଘରେ ନଥାନ୍ତ ତେବେ କଥାଟା କ'ଣ ହୋଇଥାନ୍ତା । ମୁଁ ନଥିଲେ ତମେ ତାକୁ ଅପ୍ୟାୟିତ କରିଥାନ୍ତ – ଅସିତ ତମର ଅଚିହ୍ନା ନୁହେଁ । କହିଲି – ମୁଁ ସେତେବେଳେ ଘରେ ଏକଲା ଥିଲି – ବୁନି ସ୍କୁଲ ଯାଇଥିଲା ଏକଥା କ'ଣ ତମେ ଜାଣିନଥିଲ ? ନୟନାଂଶୁ ମୋତେ ଟିକିଏ ସମୟ ଅନେଇ ରହିଲା – ପରେ କହିଲା – ଅସିତ ନହୋଇ ଯଦି ସୁପ୍ରଭା କି ତପତି ହୋଇଥାନ୍ତେ ତାହାଲେ କ'ଣ କରିଥାନ୍ତ ତମେ ? ସ୍ତ୍ରୀ ପୁରୁଷର ତଫାତ୍‌ଟା କ'ଣ ତୁମେ କେବେ ଭୁଲିବନାହିଁ – ଅଂଶୁ କହିଲା । ମୁଁ ମନେ ମନେ କହିଲି – ତା କ'ଣ କେବେ ଭୁଲି ହୁଏ ?

ଖାଲି ସେଦିନ ନୁହେଁ – ଅନେକ ଦିନ, ଅନେକ ରାତି ଏମିତି ହୋଇଛି ଯେ ଅଂଶୁର ଅନୁପସ୍ଥିତିରେ ମୁଁ ତା'ର ବନ୍ଧୁମାନଙ୍କୁ ଆପ୍ୟାୟିତ କରିଛି – ଗୃହକର୍ତ୍ତୀ ହିସାବରେ ସେଇଟା ମୋର କର୍ତ୍ତବ୍ୟ – ବାସ୍ତବିକ ଏଇ କର୍ତ୍ତବ୍ୟ ଯାହାକି ପ୍ରଥମେ ବାଧହୋଇ ମୁଁ ମାନି ନେଇଥିଲି – ତାହା ଆଜି ବେଶ୍ ଭଲ ଲାଗୁଛି ମୋତେ । ମୋର ଯେଉଁ ସବୁ କଥା ନୟନାଂଶୁ ମନଦେଇ ଶୁଣେନା (କାରଣ ସେ ଏବେ ତା'ପାଖରେ ପୁରୁଣା ହୋଇଯାଇଛି) ସେ ସବୁ ଅନ୍ୟମାନଙ୍କୁ ଭଲଲାଗେ । ମୁଁ ଯଦି କୌଣସି ଘଟଣାର ବିବୃତ୍ତି ଦିଏ – ତା'ହେଲେ ଅଂଶୁ ଯୁକ୍ତି କରେ – ତମେ ଭୁଲ୍ କହୁଛ – ଏଇଟା ଏମିତି ହୋଇନି – ଏମିତି ହୋଇଥିଲା – ଆଉ ଅନ୍ୟମାନେ ଏହା ବେଶ୍ ଉପଭୋଗ କରନ୍ତି । ତେଣୁ ଅଂଶୁ ପାଖରେ ନଥିଲେ ମୋର ବି କହିବାର ସ୍ୱାଚ୍ଛନ୍ଦ୍ୟ

ବଡ଼ିଯାଏ ଓ ତା'ର ବଂଧୁମାନେ ଯେମିତି ବେଶୀଟିକେ ମନଖୋଲି କଥା କହିପାରନ୍ତି। ଶେଷରେ ଏମିତି ହେଲା ଯେ – ଅଂଶୁର ଉପସ୍ଥିତି ଥିଲେ ବି କେହି କେହି ମୋ ଆଡ଼କୁ ବେଶୀ ମନଯୋଗ ଦେଉଛନ୍ତି। ଯାହାକି ଅଂଶୁକୁ ଆଦୌ ଭଲଲାଗେନା, ଅଥଚ ସେ ହିଁ ମୋତେ ଏତେଦିନ ଧରି ସ୍ତ୍ରୀ – ପୁରୁଷ ସାମ୍ୟ ମନ୍ତ୍ର ଜପିବାକୁ ବାଧ କରିଆସିଛି।

ନୟନାଂଶୁର ବଂଧୁମାନେ ନାନା ରକମର – କେହି କେହି ଛାତ୍ରାବସ୍ଥାରୁ, କେହି କେହି ବିଜ୍ଞାପନ ସୂତ୍ରରେ, କେହି କେହି ସାହିତ୍ୟିକ ଗୋଷ୍ଠୀର – କାହାକୁ ଟିକେ ଭଲଲାଗିଲେ ଘରକୁ ନିମନ୍ତ୍ରଣ କରିବା ତା'ର ସବୁଦିନିଆ ଅଭ୍ୟାସ। ଆଉ ଯେକୌଣସି ନବ ଆଗନ୍ତୁକଙ୍କ ସାମ୍ନାରେ ତା'ର ପ୍ରଶଂସା କରିବା ତା'ର ଆଉ ଏକ ଅଭ୍ୟାସ। ଯାହାକୁ ସିଏ ଅପସନ୍ଦ କରେ ତାକୁ ମୁହେଁ ମୁହେଁ ଗାଳିଦେବାକୁ କୁଣ୍ଠାବୋଧ କରେନା। ଠିକ୍ ସେମିତି – ଯାହାକୁ ସେ ଏତେ ଟିକେ ବି ଭଲପାଇ ବସେ ତାକୁ ବେଲୁନ୍ ପରି ଫୁଲେଇ ଦେଇ ଆକାଶକୁ ଉଠେଇ ଦିଏ।

ବ୍ୟୋମକେଶ ଭାଦୁଡ଼ିଙ୍କ ବିଷୟରେ ସେ ନିଜେ ଦିନେ ମୋତେ କହୁଥିଲା – ସେ ବେଶ୍ ସଜ୍ଜନ, କଲଚର୍ଡ଼ – ବ୍ୟବସାୟୀମାନଙ୍କ ଭିତରେ ଏମିତି ଲୋକଟିଏ ବିରଳ। ତା'ର କିଛିଦିନ ପରେ କ'ଣ ଗୋଟିଏ ରାଜନୈତିକ କାରଣରୁ ବ୍ୟୋମକେଶ ବାବୁଙ୍କୁ ଯେତେବେଳେ ଜେଲକୁ ଯିବାକୁ ପଡ଼ିଲା – ସେତେବେଳେ ବି ଅଂଶୁ କହିଥିଲା – ଏମିତି ଜଣେ ଚମତ୍କାର ଭଦ୍ରଲୋକଙ୍କୁ ଜେଲ୍ ପଠାଇବା ଅତି ଅନ୍ୟାୟ। ହଠାତ୍ ଦିନେ ଆଲିପୁର ଜେଲ୍‌ରୁ ଗୋଟିଏ ମୋଟା ପୋଷ୍ଟାଲ ଲଫାପାରେ ଗୋଟାଏ ଚିଠି ମୋ ନାଁରେ ଆସିଲା – ସେତେବେଳେ ତା'ମୁହଁରେ କଳାଛାଇ ଘୋଟିଗଲା ଯେମିତି। ମୁଁ ତାକୁ ଚିଠିଟା ପଢ଼ିବାକୁ ଦେଲି – ସେ ଲେଖିଥିଲେ – ଆମର ଏଇ ଘର ତାଙ୍କୁ କେତେ ଭଲ ଲାଗିଥିଲା, ଏବେ ସେସବୁ ପରିବେଶଠାରୁ ଅଲଗା ହୋଇ – ସେ କେମିତି ଅତି ଛୋଟ ଜିନିଷକୁ ବି ମୂଲ୍ୟ ଦେବାକୁ ଶିଖିଛନ୍ତି – ଇତ୍ୟାଦି, ଇତ୍ୟାଦି। ପଢ଼ିବାକୁ ବେଶ୍ ଭଲଲାଗିଲା ମୋତେ – ଏବଂ ବ୍ୟୋମକେଶ ବାବୁଙ୍କ ପାଇଁ ମନରେ ଟିକେ ଦୁଃଖ ହେଲା। ନୟନାଂଶୁ ଚିଠିଟା ପଢ଼ିସାରି ଅତି ଶୁଷ୍କ

ଗଳାରେ କହିଲା – "ଭଦ୍ରଲୋକ ଜଣକ ବେଶ୍ ବଂଗଳା ଲେଖି ପାରନ୍ତି।" ଅଥଚ ମୁଁ ଜାଣେ – ଚିଠିଟା ଯଦି ମୋ ବଦଳରେ ତାଙ୍କ ପାଖକୁ ଲେଖାଯାଇଥାନ୍ତା – ତାହାଲେ ବ୍ୟୋମବାବୁଙ୍କ ପ୍ରଶଂସାରେ ସେ ହୁଏତ ମୁଖର ହୋଇଉଠିଥାନ୍ତା, ଖାଇବାକୁ ବସି ତା'ପାଟିରୁ ଖାଲି ବ୍ୟୋମ ବାବୁଙ୍କ ଗୁଣଗାନ ଶୁଣିବାକୁ ପଡ଼ିଥାନ୍ତା ମୋତେ। ଆଉ ଦିନେ ଆମକୁ ସଲ୍‌ଟ ଲେକ୍‌ର ରଂଜନୀ କ୍ଲବରେ ନିମନ୍ତ୍ରଣ ଥିଲା, ସାହିତ୍ୟିକ ଗୁଣମୟ ଦେବ୍' ସେଦିନ ହଠାତ୍ ନୟନାଂଶୁକୁ ଦେଖି କହିପକାଇଲେ – ମାଳତୀ ଦେବୀ କାହାଁନ୍ତି ? ଠିକ୍ ତା'ପର ମୁହୂର୍ତ୍ତରେ ମୋତେ ଦେଖିପାରି ହସି ହସି ହହିଲେ – "ଆସନ୍ତୁ ମିସେସ୍ ମୁଖାର୍ଜୀ – ଆପଣଙ୍କୁ ବାଦ ଦେଲେ ଆପଣଙ୍କ ସ୍ୱାମୀଙ୍କୁ ସଂପୂର୍ଣ୍ଣ ମନେହୁଏନା।" ସେଦିନ ବି ଠିକ୍ ସେମିତି ଭାବାନ୍ତର ଲକ୍ଷ୍ୟ କରିଥିଲି ଅଂଶୁ ମୁହଁରେ। ଘରକୁ ଫେରି ଅଂଶୁ କହିଲା – "ଗୁଣମୟ ବାବୁ ଅତି ସରଳ ମଣିଷ, ମନର ସବୁକଥା ମୁହଁ ଫିଟାଇ କହିଦିଅନ୍ତି।" ମୁଁ ଟିକିଏ ପ୍ରଗଲ୍‌ଭ ହୋଇ କହିଲି – ମୋର କିନ୍ତୁ ମନରେ ଅନେକ ଗର୍ବ ହୁଅନ୍ତା ଯଦି ମୋତେ କିଏ କହନ୍ତା – ତୁମକୁ ଛାଡ଼ି ଅଂଶୁ ଅସଂପୂର୍ଣ୍ଣ ବୋଲି। ନୟନାଂଶୁ ହଠାତ୍ କହିଉଠିଲା – ଏଥିରୁ କୌଣସିଟା ଠିକ୍ ନୁହେଁ। ମଣିଷର ଯଦି କିଛି ମୂଲ୍ୟ ଥାଏ, ତାହା ଥାଏ ତା ନିଜ ଭିତରେ, ମୁଁ ଅମୁକର ସ୍ୱାମୀ ବା ଅମୁକର ସ୍ତ୍ରୀ – ଏହାକୁ ବାଦ୍ ଦେଇ ଆମର ଗୋଟିଏ ସ୍ୱତନ୍ତ୍ର ପରିଚୟ ଥାଏ। ଏମିତି କହିବାଟା ଆମର ନିହାତି ଅଭଦ୍ରତା ଓ ବୋକାମୀ – ମୁଁ କହିଲି – ତା'ହେଲେ ମୁଁ କାହିଁକି ତୁମର ସ୍ତ୍ରୀ ବୋଲି ସବୁଆଡ଼େ ନିମନ୍ତ୍ରଣରେ ଯିବି ? ଅଂଶୁ କହିଲା ଇଚ୍ଛା ନ ହେଲେ ନଯାଅ। ଅଂଶୁ ନୀରବ ହେଲା – ବିଛଣାରେ କଡ଼ ନେଉଟାଇ ଚୁପ୍ ହୋଇ ଶୋଇ ରହିଲା ଯେମିତି କି ଅପରାଧଟା ମୁଁ କରିଛି। ମୁଁ ବି ମୁହଁ ବନ୍ଦକରି ଚୁପ୍ ଚାପ୍ ଶୋଇଲି। ମନେପଡ଼ିଲା ଦିନେ ସେ ନିଜେ କହୁଥିଲା – ଯେ ମୁଁ ନଥିଲେ ତା'ର ଆସରଟା ଅସଂପୂର୍ଣ୍ଣ – ଆଉ ଆଜି ଅନ୍ୟ ଜଣେ ଯଦି ସେହି କଥା କହିଦେଲା– ତେବେ କି ଅପରାଧ ହେଲା ?

କାହିଁକି ଆଜି ନୟନାଂଶୁର ମୁଣ୍ଡଟା ବିଗିଡ଼ିଗଲା ? ଗୁଣମୟ ଦେବଙ୍କ ଲେଖାର ପ୍ରଶଂସାରେ ସେ ଶତମୁଖ – ତାଙ୍କର ନୂଆ ଉପନ୍ୟାସ ଉପରେ ପୂରା ଏକ ଘଣ୍ଟାରୁ

ଊର୍ଦ୍ଧ୍ୱ କଥା ହେବା  ମୁଁ ଶୁଣିଛି । ଅସଲ କଥା ହେଲା ସେଦିନ ଗୁଣମୟ ଦେବ ତା'ଅପେକ୍ଷା ମୋ ପ୍ରତି ବେଶୀ ଆଗ୍ରହ ପ୍ରକାଶ କରିଥିଲେ । ମୁଁ ନଯାଇଥିଲେ ଖୁବ୍ ନିରାଶ ହୋଇଥାନ୍ତେ ସେ । ମୋତେ ଦେଖିବା ମାତ୍ରେ ତାଙ୍କ ମୁହଁରେ ଆନନ୍ଦ ଫୁଟି ଉଠିଲା । ଏଇ କଥାଟା ପାଇଁ ତା'ର ଜଣେ ପ୍ରିୟ ଲେଖକଙ୍କୁ ମୁଁ ବଦନାମ କରିବା ଅସୁନ୍ଦର - କିନ୍ତୁ ଏଇଟା ଅଭଦ୍ରତା କାହିଁକି ? ରଂଜନୀ କ୍ଲବକୁ ତ ଆମେ ଦୁଇଜଣ ନିମନ୍ତ୍ରିତ ହୋଇଛୁ - ସେଇ ଦୁଇଜଣଙ୍କ ଭିତରୁ କେହି ଜଣେ ଅନୁପସ୍ଥିତ ଥିଲେ ତାହା ଏକ ରକମ ଅନୁପୂରକ ହୋଇଥାନ୍ତା - ଏଇଟା ତ ସାଧାରଣ କଥା । ଅଥଚ ଆପଣଙ୍କୁ ଛାଡ଼ି ଆପଣଙ୍କ ସ୍ୱାମୀଙ୍କୁ ସଂପୂର୍ଣ୍ଣ ମନେହୁଏନା - ଇଏତ ଦୁଇଜଣଙ୍କୁ ଅଭିନନ୍ଦନ ଜଣାଇଲା ପରି କଥା - ସେମାନେ ଆମକୁ ଏକ ସୁଖୀ ଦମ୍ପତି ରୂପେ ଦେଖୁଛନ୍ତି - ନୁହେଁକି ? ଆମ ଘରକୁ ଅନେକଥର ଆସିଛନ୍ତି ଗୁଣମୟ ବାବୁ, ଅନ୍ୟ ଜାଗାରେ ବି ବେଳେ ଅଧେ ତାଙ୍କ ସାଂଗରେ ସାକ୍ଷାତ ହୋଇଛି - ଆଉ ପ୍ରାୟ ସବୁବେଳେ ସେ ମୋତେ ଆଉ ଅଂଶୁକୁ ଏକ ସଂଗେ ଦେଖିଛନ୍ତି  ? ଆଉ ଅଂଶୁ ଏତିକିରେ ରାଗିଗଲା କାହିଁକି ? ମୁଁ ଯେତେବେଳେ ତାର ଅଫିସ୍ ସଂକ୍ରାନ୍ତୀୟ କୌଣସି ଅନୁଷ୍ଠାନକୁ ତା'ସାଙ୍ଗରେ ଯାଏ - ମିଷ୍ଟର ସାଙ୍ଗେ ମିସେସ୍ ରୂପୀ ଲାଂଗୁଡ଼ ହୋଇ - କାରଣ ସେଠି ସ୍ତ୍ରୀ ଛଡ଼ା ମୋର ଅନ୍ୟକିଛି ପରିଚୟ ନଥାଏ - ଯାହା ଅଂଶୁକୁ ଖୁବ୍ ଭଲଲାଗେ । ଅସଲ କଥା ସ୍ୱାମୀ ଯେ ହେଉଛନ୍ତି ଘରର କର୍ତ୍ତା ତାହା ସେ ମୋଟେ ଭୁଲିପାରେନା । ଆମେ ସବୁ ଆଧୁନିକତାର ଯେତେ ବଡ଼ାଇ କରୁନା କାହିଁକି - ଆମକୁ ସେଇ ପୁରୁଷମାନଙ୍କ ହାତମୁଠାରେ ରହିବାକୁ ପଡ଼ିବ । ଅଥଚ ବହୁତ ବଡ଼ ବଡ଼ କଥା କହେ ନୟନାଂଶୁ - ତା'ର ସବୁବେଳେ ଇଚ୍ଛା ଯେ ସମସ୍ତେ ସବୁବେଳେ ମୋ'ଠାରୁ ତାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ । ତା'ମାନେ କ'ଣ ଏଇଆ ନୁହେଁ ଯେ - ସେ ଅତିମାତ୍ରାରେ ସ୍ୱାର୍ଥପର, ଆତ୍ମଗର୍ବୀ ଓ ହିଂସୁକ ? ଏଇ ସବୁ ଭାବି ଭାବି ମୋର ମୁଣ୍ଡ ବିନ୍ଧି ଉଠିଲା ଓ  ତା'ପାଖରେ ଶୋଇ ରହିବାକୁ ମୋତେ ଭାରି ଖରାପ ଲାଗିଲା ।

ଜୟନ୍ତ'କୁ ନେଇ ଯାହା ହେଲା ସେଇଟା ମଧ୍ୟ ଠିକ୍ ସେଇକଥା । ଅଂଶୁ ଯେଉଁଦିନ ପ୍ରଥମେ ତାକୁ ଏଠିକି ନେଇ ଆସିଥିଲା ଓ ସେ ଗଲାପରେ ଅଂଶୁ ପାଖରୁ

ତା'ର ଅନେକ ପ୍ରଶଂସା ଶୁଣିବାକୁ ପଡ଼ିଥିଲା ମୋତେ । ସେ କେମିତି ଅର୍ଥାଭାବରୁ କଲେଜ ପଢ଼ା ଶେଷ କରିପାରିଲେନି, ଇତ୍ୟାଦି ଇତ୍ୟାଦି । କଲିକତାରେ କିଛିଦିନ ଟେକ୍ସି ଚଳାଇଲେ, ଅବଶ୍ୟ ତାଙ୍କୁ ଉଚ୍ଚଶିକ୍ଷିତ ବୋଲି କୁହାଯାଇନପାରେ – ବରଂ କର୍ମବୀର ବୋଲି କୁହାଯିବା ଉଚିତ ହେବ । ପାଂଚବର୍ଷ ତଳେ ବିନା ମୂଳଧନରେ ସେ ଗୋଟିଏ ସପ୍ତାହିକ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ଓ ମୁଣ୍ଡଝାଳ ତୁଣ୍ଡରେ ମାରି ସେଇଟାକୁ ପ୍ରତିଷ୍ଠିତ କରିବାକୁ ଲାଗିପଡ଼ିଥିଲେ ସେ । ପତ୍ରିକାରେ ପ୍ରାୟ ଅର୍ଦ୍ଧାଧିକ ଲେଖା ତାଙ୍କର । ନିଜେ ପ୍ରୁଫ୍ ଦେଖନ୍ତି, ବୁଲି ବୁଲି ବିଜ୍ଞାପନ ଯୋଗାଡ଼ କରନ୍ତି । ଭାବିଲ ଦେଖି – ଏମିତି ଭାବରେ ଏକ ସାପ୍ତାହିକ ପତ୍ରିକା ଚଳାଇବା କ'ଣ ସହଜ କଥା ?

କର୍ମବୀରଙ୍କ ବିଷୟରେ ଏପରି ବର୍ଣ୍ଣନା ଶୁଣି ମୋତେ ଟିକେ ହସ ଲାଗିଲା । ତଥାପି ପଚାରିଲି – "ଜୟନ୍ତ ତୁମପାଖକୁ ବିଜ୍ଞାପନ ପାଇଁ ଯାଇଥିଲେ ବୋଧହୁଏ ? ଅଂଶୁ ମୁଣ୍ଡ ହଲାଇ ସ୍ୱୀକାର କଲା, ଓ କହିଲା ଯେତେଟା ସମ୍ଭବ  ସେତିକି ମୁଁ ତା'ପାଇଁ ନିଶ୍ଚୟ କରିବି । ଏସବୁ ଶୁଣି ମୋତେ ବେଶ୍ ଖୁସିଲାଗିଲା । କହିଲି – ଧମ୍‌ଧାମ୍ କଥାବାର୍ତ୍ତା କରନ୍ତି ଜୟନ୍ତ, – ଉତ୍ତରରେ ଅଂଶୁ କହିଲା ହଁ ତା'ର ବାହ୍ୟ ରୂପଟା ଏତେ ମୁଲାୟମ୍ ନୁହେଁ କିନ୍ତୁ ମୁଣ୍ଡରେ ବେଶ୍ ମସଲା ଅଛି ନିଶ୍ଚୟ । ଏଇଠୁ ଆରମ୍ଭ ହେଲା ଜୟନ୍ତ'ର ଯିବାଆସିବା – ଆମ ଘରକୁ – ଓ ନୟନାଂଶୁ ଅନେକ ପ୍ରଶ୍ରୟ ଦେଲା ତାକୁ ।

କିଛିଦିନ ମଧ୍ୟରେ ସ୍ପଷ୍ଟଭାବେ ଜଣାପଡ଼ିଲା ଯେ ଜୟନ୍ତ ଅଂଶୁ ଅପେକ୍ଷା ମୋ ପ୍ରତି ବେଶୀ ମନଯୋଗୀ ଏବଂ ଏଇଟାକୁ ଗୋପନ ରଖିବାକୁ ସେ ଆଦୌ ଚେଷ୍ଟାକଲାନି, କୌଣସି ଛଳନା କି ବାହାନାର ସାହାଯ୍ୟ ନେଲାନି ସେ – ପ୍ରତିଟି କଥାରେ ସେ ସ୍ପଷ୍ଟଭାବେ ଜଣେଇ ଦେଲା ଯେ ସେ କେବଳ ମୋରି ଲାଗି ଏ ଘରକୁ ରୋଜ୍ ଆସୁଛି । ମଝିରେ ମଝିରେ ସେ ସକାଳୁ ବି ଚାଲିଆସେ । ଠିକ୍ ଯେତେବେଳେ ଅଂଶୁ ଅଫିସ୍ ବାହାରିବା ସମୟ । ସୋଫା ଉପରେ ବସିପଡ଼ି ଜୟନ୍ତ କହେ – ତା'ହେଲେ ଆପଣ ଅଫିସ୍ କାମସାରି ଆସନ୍ତୁ ମିଷ୍ଟର୍ ମୁଖାର୍ଜୀ । ମୋର ତ ଆଉ

ଆପଣଙ୍କ ପରି ଗଳିରି ବାକିରି ନାହିଁ – ତେଣୁ ଶ୍ରୀମତୀଙ୍କ ସହିତ ଟିକେ ଗପ କରେ। ଜଣେ ସଦ୍ୟ ପରିଚିତ ପୁରୁଷ ପକ୍ଷେ ଏମିତି ବ୍ୟବହାର ହୁଏତ କୌଣସି ବିବାହିତ ମହିଳାଙ୍କୁ ଭଲଲାଗି ନପାରେ। କିନ୍ତୁ ମୁଁ ଯେ ଗତ ବାରବର୍ଷ ଧରି ଅଂଶୁର ଶିକ୍ଷାରେ ଶିକ୍ଷିତା ହୋଇଛି – ତାର'ତ ପୁଣି କିଛି ଫଳାଫଳ ଅଛି। ତା'ଛଡ଼ା ଅଂଶୁ କିଛି ଅଭିଯୋଗ ନକଲେ ମୋ ମୁଣ୍ଡ ବିଗିଡ଼ିଯାଏ – ଆଉ ମୁଁ ଯଦିବା ଜାଣେ ଜୟନ୍ତ ମୋ ସହିତ କିଛି ଖରାପ ବ୍ୟବହାର କରିବନାହିଁ – ତଥାପି ଅଂଶୁ ନରାଗିବ କାହିଁକି ଯେ ?

ଦିନେ – ଜୟନ୍ତ ଆମ ଘରକୁ ଯିବା ଆସିବା କରିବାର ପ୍ରାୟ ମାସେ ଖଣ୍ଡେ ପରେ ମୁଁ ଅଂଶୁକୁ କହିଲି – ତୁମର ଏଇ ନୂଆ ବଂଧୁଙ୍କ ଲାଗି ମୁଁ ବଡ଼ ମୁସ୍କିଲରେ ପଡ଼ିଲି । ଅଂଶୁ ସବୁ ବୁଝିପାରି – ନବୁଝିଲା ପରି ପଚାରିଲା – କାହା କଥା କହୁଛ ? କହିଲି – ଏଇ ଜୟନ୍ତ ବାବୁ, ସକାଳୁ ଆସି, ବସି ରହନ୍ତି, ମୋର ଯାଉଁ ସିଆଡୁ କେତେ କାମ – ବୁନୀ ସ୍କୁଲରୁ ଫେରିବ, ରଙ୍ଗା ଦିଦି ଆସନ୍ତି, ତମର ଗରୁମାମା ବି ଆଜି ଆସିଥିଲେ, – ଏତେ ଛୋଟ ଘରେ ଚଳିବାକୁ ସେଇ ସମୟରେ ମୋର ବଡ଼ ଅସୁବିଧା ହୁଏ –ଅଂଶୁ କହିଲା – ତମେ ଯଦି ତା'ଆଡ଼କୁ ମନ ନଦିଅ ତା'ହେଲେ ଏଣିକି ସେ ସକାଳୁ ଆସିବା ନିଶ୍ଚୟ ଛାଡ଼ିଦେବ। ମୁଁ କହିଲି, ଅଲଗା ଆଡ଼େ ମନ ଦେବି ବା କେମିତି ? ଜଣେ ଭଦ୍ରଲୋକ ଘରେ ବସିରହିଛନ୍ତି ତାଙ୍କ ଉପସ୍ଥିତିଟାକୁ ଆଡ଼େଇ ଦେବି କେମିତି ? ଅଂଶୁ କହିଲା, ସେ ଯଦି ନିଜେ ନ ବୁଝିପାରିଛି ଯେ ତା'ଯୋଗୁ ତୁମର ଅସୁବିଧା ହେଉଛି – ତା'ହେଲେ ତାକୁ ବୁଝାଇଦେବା ଉଚିତ। ଟିକେ ଚୁପ୍ ରହି ପୁଣି କହିଲି, ତମେ ଏକଥା ତାଙ୍କୁ କହିବ କି ? ଅଂଶୁ ଟିକିଏ ଅପ୍ରସ୍ତୁତ ହୋଇଗଲେ – ପୁଣି କହିଲେ – ମୁଁ ବା କେମିତି ତାକୁ ଏସବୁ କଥା କହିପାରିବି ? ଏତିକି କହି କ'ଣ ଗୋଟାଏ ବହିଧରି ଅଂଶୁ ପଢ଼ି ବସିଲା।

ନା, ଆଉ ଏତେ ଭୁଲାଭୁଲି କାହିଁକି ? ଏବେ ମୋର ଆଉ କୌଣସି ଭୟନାହିଁ। କୁହ, ସତକୁହ ମାଳତୀ – ତୁମର କ'ଣ ସତେ ଅସୁବିଧା ହେଉଛି ଜୟନ୍ତ ଯୋଗୁ – ନା ସେଇ ଆତ୍ମୀୟମାନଙ୍କ ଯୋଗୁ ଯେଉଁମାନେ ମଝିରେ ମଝିରେ ଚାଲିଆସି ତୁମ

ଦୁଇଜଣଙ୍କର ଗପସପରେ ବାଧା ସୃଷ୍ଟି କରନ୍ତି ? ଆଉ ଏବେ ଯେ ତୁମେ ତୁମର ସ୍ୱାମୀଙ୍କୁ କହୁଥିଲ – "ସେ ଆସି ବସି ରହିଥାନ୍ତି" – ତା'ର ମାନେ ତମେ ଯେମିତି କିଛି ଜାଣନା – ଯେମିତି ତମର କିଛି ଦାୟିତ୍ୱ ନାହିଁ। ବେଶ୍ ଚଲାଖିରେ ଅଂଶୁର ମନଟାକୁ ପରୀକ୍ଷା କରିନେଇ ତମେ ଦେଖି ନେଲ ତା'ର ମନର ଗତିଟା କେଉଁଆଡ଼େ – ଏଇଆ ତ ? କାଳେ ତୁମର ସ୍ୱାମୀ ରାଗିବେ ବା ତାଙ୍କର ଶିକ୍ଷାର ଅବମାନନା ହେବ – ଖାଲି କ'ଣ ଏଇଆ ଭାବି ତମେ ଜୟନ୍ତ ପାଖେ ବସି ରହିଥାଅ – ଘଣ୍ଟା ଘଣ୍ଟା ଧରି ମୁହାଁ ମୁହିଁ ହୋଇ ? ଦିନ ହେଉ କି ରାତି ହେଉ – ତା'ର ଆସିବାର ସାମାନ୍ୟ ସୂଚନା ପାଇଲେ ପରା ତୁମର ଅତିପ୍ରିୟ ଦ୍ୱିପ୍ରହରର ନିଦଛାଡ଼ି ତମେ ସାଂଗେ ସାଂଗେ ଉଠିପଡ଼। ସେ ଯଦି ସାରାରାତି ତମ ସାଂଗେ ଗପେ ତଥାପି ପରା ତମକୁ ନିଦ ଲାଗେନା। କାଳେ କୋଉ ଅସମୟରେ ଆସି ଫେରିଯିବ – ଏଇ ଭୟରେ ଯେ – କାଳେ ସେ ଆସି ଫେରିଯିବ ବୋଲି। ସେଇ ଦୃଷ୍ଟିରୁ ତମେ ଏଣିକି ବାହାରକୁ ଯିବା ପ୍ରାୟ ଛାଡ଼ିଦେଇଛ – ମାଳତୀ। ଏସବୁର ଅର୍ଥ କିଏ ନବୁଝିଛି କହିଲ ? ଅନ୍ୟ କାହାକୁ ଯା ଭିତରକୁ ଅକାରଣେ ଟାଣିଆଣନା ମାଳତୀ। କୁହ, କେହି ଶୁଣିପାରିବେନି ଏଇ ଗଭୀର ରାତ୍ରୀରେ ଏ ବର୍ଷାର ଶବ୍ଦ ସହିତ ତୁମର ସ୍ୱରକୁ ମିଶାଇ ମିଶାଇ କୁହ ଯେ – ତୁମେ, ତୁମର ପ୍ରଥମ ସାକ୍ଷାତଠାରୁ ନିଜକୁ ଜୟନ୍ତ ହାତରେ ଟେକି ଦେଇଥିଲ – ତୁମର ଯେଉଁ ଅଂଶଟିକୁ ଅଂଶୁ କେବେବି ଛୁଇଁପାରିନଥିଲା, ଯେଉଁଠି ତୁମେ ରକ୍ତ, ମାଂସ ଓ ରଂଗରେ ଭରପୂର ହୋଇ ଏକା ସାଂଗେ ଦାସୀ ଓ ରାଣୀ ହେବାକୁ ଚହିଁଥିଲ – ଠିକ୍ ସେଇଠି ଆସି ଜୟନ୍ତ ତୁମକୁ ସ୍ପର୍ଶ କଲା – ଆଉ ତା'ସହିତ ଉତ୍ତଳା ହୋଇଉଠିଲା ତୁମର ସମସ୍ତ ଯୌବନ।

କିନ୍ତୁ, ନୟନାଂଶୁ କାହିଁକି ଆପତ୍ତି କରିନି କେବେ ? କେବେବି କିଛି କହିନି ମୋତେ ? ସେ ଯେ କିଛି କହିନି – ସେ କଥା ନୁହେଁ – ସେ ତୁମକୁ ସତର୍କବି କରାଇ ଦେଇଛି ଅନେକଥର। କିନ୍ତୁ ଖାଲି ଈର୍ଷା, ନିରୋଳା ଈର୍ଷା – ମୋତେ ଏକାନ୍ତ ଭାବରେ କେହି ସମ୍ମାନ ଦେଉ – ଏକଥା ନୟନାଂଶୁ ପକ୍ଷରେ ଅସହ୍ୟ। ଦିନେ ନୟନାଂଶୁ କହିଲା – "ମୋର ମନେହୁଏ ଜୟନ୍ତବାବୁ ତୁମର ପ୍ରେମରେ

ପଡ଼ିଯାଇଛନ୍ତି” । ମୁଁ ଈଷତ୍ ହସି କହିଲି – ସେ ପୁଣି କେମିତି କଥା ? ଅଂଶୁ ସାଂଗେ ସାଂଗେ କହିଲା – ମୁଁ ତାକୁ ଦୋଷ ଦେଉନି ମାଳତୀ, ତା'ର ପାରିବାରିକ ଜୀବନ ସୁଖମୟ ନୁହେଁ – କିନ୍ତୁ ଯାର ପରିଣାମ କ'ଣ ହେବ ନହେବ – ତା' ତୁମ ଉପରେ ହିଁ ନିର୍ଭର କରୁଛି । ତା'ର ଏମିତି ପାଦ୍ରୀ ସୁଲଭ କଥାଗୁଡ଼ାକ ମୋତେ ମୋଟେ ଭଲ ଲାଗେନା, ମୁଁ ଟିକେ ଜୋର୍ ଦେଇ କହିଲି – ମତେ କ'ଣ କହିବାକୁ ଚାହୁଁଛ ଶୁଣେ ? ଯାହା କହିବାକୁ ଚାହୁଁଛି ତା' ଏଇଆ ଯେ କୌଣସି ଭଦ୍ରଲୋକ ପକ୍ଷରେ ପ୍ରକାଶ କରିବା ଖୁବ୍ କଠିନ – ତୁମେ ନିଜେ ବୁଝିନିଅ । ମୁଁ ରାଗିଯାଇ କହିଲି – ନିଜକୁ ତମେ ଭଦ୍ରଲୋକ ବୋଲି କୁହ । ତୁମକୁ ଲଜ୍ଜା ଲାଗେନି ? ଲଜ୍ଜା ଲାଗେନି ତୁମକୁ, ନିଜ ସ୍ତ୍ରୀ ବିଷୟରେ ଏପରି କୁତ୍ସିତ ଇଙ୍ଗିତ କରି ମନ୍ତବ୍ୟ ଦେବାକୁ ? ଜୟନ୍ତବାବୁ ତୁମର ବଂଧୁ – ମୋର ନୁହେଁ । ତୁମେ ହିଁ ତାଙ୍କୁ ବାରମ୍ବାର ଏଠିକି ଆସିବାକୁ ଅନୁରୋଧ କର – ମୁଁ କରେନି । ତୁମେ ତ ତାକୁ ଗଳାଧକ୍କା ଦେଇ ଘରୁ ବାହାର କରିଦେଇ ପାରିଥାନ୍ତ – କଲନି କାହିଁକି ? ଅଂଶୁ କହିଲା – ତାକୁ ସେମିତି ବାହାର କରିଥିଲେ ତୁମେ ସୁଖୀ ହୋଇଥାନ୍ତ କି ? କହିଲି – ମୁଁ ସୁଖୀ ହୁଏ ବା ନହୁଏ, ସେଥିରେ ତୁମର କ'ଣ ଯାଏ ଆସେ ? ଓହୋ ! ତା'ମାନେ ତମେ ସୁଖୀ ହେବନି ତ ? ଅଂଶୁ ନୀରବ ହେଲା । ମୁଁ କହିଲି – ଏତେ ରାତିରେ ଆଉ ଇତର ଲୋକପରି ପାଟି ତୁଣ୍ଡ ନକରି ମୋତେ ଟିକେ ଶାନ୍ତିରେ ଶୋଇବାକୁ ଦିଅ – ରାଗରେ ମୋର ଦେହ ଥରୁଥାଏ ସେତେବେଳେ – ନୟନାଂଶୁ ମୋତେ ଜହରପରି ଲାଗୁଥାଏ ।

ତା'ପରଦିନ ସଂଧ୍ୟାବେଳୁ ମୁଁ ଶୋଇବା ଘରେ ଲୁଚି ରହିଲି । ଆମ ବୈଠକଖାନାକୁ କେହିଜଣେ ପ୍ରବେଶ କରିବାର ଆଭାସ ପାଇଲି – ଅଳ୍ପ ସମୟ ପରେ ଜୟନ୍ତର ପାଟି ଶୁଭିଲା – “ଶ୍ରୀମତୀ କୁଆଡ଼େ ଗଲେ – ଦିଶୁ ନାହାଁନ୍ତି ଯେ ?” ନୟନାଂଶୁ କ'ଣ ଉତ୍ତର ଦେଲା ମୁଁ ଠିକ୍ ଶୁଣିପାରିଲିନି । ହଠାତ୍ ଦେଖିଲି ପର୍ଦ୍ଦା ଆଡ଼େଇ ଶୋଇବା ଘରକୁ ପଶିଆସୁଛି – ଜୟନ୍ତ । କହିଲା – ଆରେ ଏ କ'ଣ ଶୋଇରହିଛ ଯେ ? ହଠାତ୍ ମୋ ଅଜାଣତରେ ପାଟିରୁ ବାହାରିଗଲା – କହିଲି ମୁଣ୍ଡ

ବିନ୍ଧୁଛି ବୋଲି । ଜୟନ୍ତ କହିଲା – ଖାଲି ମୁଣ୍ଡ ବିନ୍ଧୁଛି – ଜର ହେଇନି ତ ? ଯା କହି ଜୟନ୍ତ ମୋ କପାଳ ଉପରେ ହାତ ରଖିଲା । ମସ୍ତବଡ଼ ହାତଟା ତା'ର – ମୁଁ ହଠାତ୍ ଉଠିପଡ଼ି କହିଲି – ଚାଲନ୍ତୁ ଘରକୁ ଯିବା । ସେ କହିଲା – କାଇଁକି – ଏଇଠି ତ ଠିକ୍ ଅଛି । ପାଖରେ ଥିବା ଚେୟାରଟିକୁ ଟାଣିଆଣି ବସିପଡ଼ି ମୋ ସାଂଗେ ଗପ ଯୋଡ଼ିଲା – ଜୟନ୍ତ ।

ଏଇଥିପାଇଁ ତୁମକୁ ଭଲପାଏ ଜୟନ୍ତ । ତୁମେ ଭୀରୁ ନୁହେଁ, କାପୁରୁଷ ନୁହେଁ, ସତର୍କ ବି ନୁହେଁ । ହାତର ସବୁତକ ତାସ୍ ଟେବୁଲ ଉପରେ ଖେଳାଇ ଧରି ତମେ ଖେଳି ଚାଲିଛ – ଆଉ ସେଇଥିପାଇଁ କେହି ତମକୁ ହରାଇପାରୁନି ଓ ପାରିବନି ମଧ୍ୟ । ହେ ମୋର ଆଲୋକ, ହେ ମୋର ପ୍ରିୟ ଜୟନ୍ତ, ତୁମେ କେମିତି ଜାଣିପାରିଲ ଯେ ନୟନାଂଶୁ ପାଖରୁ ମୁଁ କ'ଣ କ'ଣ ସବୁ ପାଇପାରୁନି । କେଉଁ ଜିନିଷର ଅଭାବରୁ ଭିତରେ ଭିତରେ ଏତେଦିନ ଶୁଖି ଶୁଖି ମୁଁ ମରୁଥିଲି । ନୟନାଂଶୁ ଚାହିଁଛି କେବଳ ତା'ର ଯୁବତୀ ସ୍ତ୍ରୀଟିକୁ ନିଜର ସୁଖପାଇଁ, ନିଜର ଆରାମ ପାଇଁ । ମୋର ମନକୁ ସେ କେବେ ଦେଖିନି । ମୋର ପାରିପାର୍ଶ୍ୱିକ ଆତ୍ମୀୟ ସ୍ୱଜନମାନଙ୍କ ବିଷୟରେ ତା'ର ଉତ୍ସାହ ନାହିଁ, ଆଗ୍ରହ ନାହିଁ । ଆଉ ତୁମେ ଜୟନ୍ତ ! ତୁମେ ଜାଣିବାକୁ ଚାହିଁଛ ମୋର ପିଲାବେଳର କଥା, ମୋର ବାପା, ମାଆ, ଭାଇ ଓ ଭଉଣୀମାନଙ୍କ କଥା – ଏପରିକି ଆମ ଘରର ପୁରୁଣା ଚାକର ଗଂଗାର କଥାବି ମନଦେଇ ଶୁଣିଛ ତୁମେ । କିନ୍ତୁ ନୟନାଂଶୁ ? କେମିତି ଗୋଟିଏ ଶିକ୍ଷକର ସ୍ନେହମିଶା – ନୈତିକ ଆଚରଣ ମୋତେ ଯେମିତି ରୁନ୍ଧି ଦିଏ । ଅଥଚ ତମେ ? ମୁଁ ଯାହା କରେ ବା କରିଛି ତାହା ତୁମକୁ ଖୁବ୍ ଆନନ୍ଦ ଦିଏ ଜୟନ୍ତ । କେତେ କଥା ମୁଁ ତୁମକୁ କହିଛି ଜୟନ୍ତ – ନିହାତି ଘରୋଇ ସାଧାରଣ କଥା।, ଝିଅମାନଙ୍କର ଗୋପନ କଥା – ଯାହା ନୟନାଂଶୁକୁ କେବେ କହିପାରିବିନି – କାରଣ ସେ କେବେ ଶୁଣିବାର ଆଗ୍ରହ ପ୍ରକାଶ କରିନି । ଦିନେ ତମେ ମୋତେ ପଚାରିଥିଲ – ତୁମର କ'ଣ କିଛି ଡାକ ନାମ ନାହିଁ ? କହିଲି – ହଁ, ଅଛି – ମତେ ଆମ ଘରେ ସମସ୍ତେ 'ଲୋଟନ' ବୋଲି ଡାକନ୍ତି । 'ଲୋଟନ୍' ମୋର ବାପଘର ନାଆଁ । କିଛି ସମୟପରେ ତୁମ ଜୀବନର ଗୋଟିଏ ଘଟଣା ଶୁଣାଇଥିଲ

## ମୁଁ ମାଳତୀ କହୁଛି

ମୋତେ – ମାଳତୀ। ଲୋଟନ ନାମ୍ନୀ ନାୟିକାର ଅବତାରଣା କରି ତୁମେ ଯେତେବେଳେ ଆରମ୍ଭ କଲ ସେତେବେଳେ ମୁଁ ଠିକ୍ ଜାଣିପାରିଲି ଯେ ଗପଟା ତୁମେ ସେଇଠି ବସି ବସି କଳ୍ପନା କରିଚାଲିଛ – କେବଳ ଲୋଟନ ନାଆଁଟା ବାରମ୍ବାର ଉଚ୍ଚାରଣ କରିବାର ଆନନ୍ଦ ପାଇବାପାଇଁ ବୋଧେ। ଅଥଚ ନୟନାଂଶୁ ମୋତେ ଅତି ଭଦ୍ର ଭାବେ ମାଳତୀ ବୋଲି ଡାକେ – ଆଦର କଲାବେଳେ ସେ ଅନେକ କିଛି କହି ପକାଏ – କିନ୍ତୁ ଲୋଟନ ବୋଲି ଡାକିପାରେନା – ତା'ମତରେ ଏଇ ନାଆଁଟା କୁଆଡ଼େ ମୋତେ ଶୋଭା ପାଏନା। ଅଂଶୁର ଧାରଣା – ସେଇଟା ଗୋଟାଏ କି ବାଜେ ନାଆଁ – ଅର୍ଥାତ୍ ମୋର ୟା ଆଗର ଜୀବନଟାକୁ ସେ ଲୋପ କରିଦେବାକୁ ଚାହୁଁଛି ଯେମିତି। କିନ୍ତୁ ତୁମେ – ଜୟନ୍ତ ! ତୁମେ ମୋର ଜୀବନ ଭିତରକୁ ପଶିଆସିଲ – ମୋର ଅତୀତ ଓ ବର୍ତ୍ତମାନ ଜୀବନର କଥା ଶୁଣିବାରେ କ୍ଲାନ୍ତି ନାହିଁ। ମୁଁ ବୁଝିପାରିଲି ତୁମରି ଜୀବନ – ବର୍ତ୍ତମାନ କେବଳ ମୋରି ଜୀବନକୁ କେନ୍ଦ୍ରକରି  ଘୂରୁଛି। ଆଉ ସେଇ କଥାକୁ ତୁମେ ଖୁବ୍ ସହଜ ଓ ସରଳଭାବେ ମାନି ନେଇଛ। ତା'କୁ ନେଇ ତୁମର କୌଣସି ଭୟ ନାହିଁ। କେତେ ସହଜ ଭାବରେ ମୋ ହାତ ଧରିଥିଲ ତୁମେ – କାନ ପାଖରେ 'ଲୋଟନ୍' ବୋଲି ଡାକିଥିଲ। ଆଢୁଆଳରେ ତୁମେ ଯେତେବେଳେ କଥାକୁହ – ମୋର ମନେହୁଏ ସତେ ଯେମିତି ମୁଁ ଚିରଦିନ ଖାଲି ସେଇଆ ହିଁ ଶୁଣିଆସିଛି – ଆଉ ସେଇଥିପାଇଁ ତ ପ୍ରଥମେ ଯେଉଁଦିନ ଜାବୁଡ଼ି ଧରି ମୋ ମୁହଁରେ ଚୁମାଦେଲ – ସେଦିନ ମୁଁ ମୋଟେ ଅବାକ୍ ହେଲିନି, ଭାବିବାର ଚେଷ୍ଟା ବି କଲିନି ଏଇଟା ଭଲ କି ମନ୍ଦ ହେଲା – ଖାଲି ଶିର୍ ଶିର୍ କରି ଥରିଉଠିଲା ମୋର ଦେହ ଯେମିତି ଷୋହଳ ବର୍ଷର କୁମାରୀ ଝିଅଟିଏ ମୁଁ।

କେବେ, କେମିତି ଆମେ ଏତେ ବାଟ ଚାଲିଆସିଛୁ – ଭାବି ହୁଏନା। ରାତି ପ୍ରାୟ ଦଶଟା ହେବ। ଆମ ବସାଘରର ଗହଳି ସେ ଯାଏ ବି ଭାଙ୍ଗିନି। ତିବ୍ବତ, ଚୀନ ଓ ନେହେରୁଙ୍କ ବିଷୟରେ ବକ୍ତୃତା ଦେଇ ଚାଲିଥାଏ ନୟନାଂଶୁ – ପାଖରେ ଆଉ ଦିଓଟି ବଂଧୁ ଶ୍ରୋତା। ଅଂଶୁ କହୁଥାଏ – ନେହେରୁ ଗୋଟାଏ ବଡ଼ ଭୁଲ୍ କଲେ ସେଦିନ – ଠିକ୍ ଏତିକି ବେଳେ ଦରଜାରେ ଠକ୍ ଠକ୍ ଶବ୍ଦ ହେଲା। ମୁଁ ସଂଧ୍ୟାରୁ

ଏପାଖ ସେପାଖ ହେଉଥାଏ, ମନେ ମନେ ଛଟପଟ ହେଉଥାଏ – ସମସ୍ତଙ୍କଠାରୁ ଆଗରେ ଦଉଡ଼ିଯାଇ ଦେଖିଲି – ଗୋଟିଏ ଲମ୍ବା କଳାଛାୟା ମଣିଷଟିଏ। ଠିକ୍ ସେତିକିବେଳେ କିମ୍ବା ତା'ର ଅନେକ ଆଗରୁ, ଏତିକି ଟିକିଏ ମାତ୍ର ଦେଖି – ଖାଲି ଠିଆହେବାର ଭଙ୍ଗିରୁ ଜାଣିପାରିଲି ତାକୁ – ଯିଏ ଆସିନି ବୋଲି ମୋତେ ଫାଙ୍କା ଫାଙ୍କା ଲାଗୁଥିଲା – ସେଦିନର ଆସରଟା। ସେଦିନ ସକାଳେ ବି ଆସିନି ଜୟନ୍ତ – ଆଜି ଦିନସାରା ଥରେ ବି ଆସିନି – କି ଏଇ କିଛି ଦିନ ହେଲା ତା'ର ଦେଖାନାହିଁ। ସଂଧ୍ୟା ଯେତେଯେତେ ବଢ଼ିଯାଉଥାଏ ମୋର ଉତ୍କଣ୍ଠା ସେତେ ସେତେ ବଢ଼ି ବଢ଼ି ଚାଲିଥାଏ। ବୁନି'କୁ ଖୁଆଇବା ଲାଗି ମଝିରେ ମାତ୍ର ଥରୁଟିଏ ଉଠିଯାଇଥିଲି – ସେଇଠି ଅଂଧାରରେ ଶୋଇ ରହିଥିଲି ବୁନି ପାଖରେ– କାନ ଦୁଇଟା ମୋର ସତେ ଅବା ଜଗି ବସିଥାନ୍ତି ଗୋଟେ ଚିହ୍ନା ଗଳାର ସ୍ୱର ଅପେକ୍ଷାରେ। ବୁନି ଶୋଇଯିବା ପରେ ପୁଣି ଉଠିଆସି ଅଂଶୁ ହରିକାଙ୍କ କଥା ଶୁଣିବାର ଚେଷ୍ଟା କଲି। କଲିକତା'ର ଝାଉତଲା ରୋଡ୍‌ର ଏଇ ଘର ଭିତରେ ଯେ ଉତ୍ତେଜନା ସୃଷ୍ଟି ହୋଇପାରେ – ଆଶ୍ଚର୍ଯ୍ୟ ଲାଗିଲା। କିନ୍ତୁ ଜୟନ୍ତ କାହିଁ ? ଆଜି କ'ଣ ଟ୍ରାମ ବସ୍ ସବୁ ବନ୍ଦ ? ଟେକ୍ସି ବି ଅଚଳ ? ଅସୁସ୍ଥତା କି ଅନ୍ୟ କିଛି ବିପଦ ନୁହେଁ ତ ? କିନ୍ତୁ ଏମିତି କ'ଣ ଧରାବନ୍ଧା ନିୟମ ଅଛି ଯେ – ଜୟନ୍ତକୁ ସବୁଦିନ ଏଠିକି ଆସିବାକୁ ହେବ ? କିନ୍ତୁ ଯଦି ସେମିତି ନଆସିବ – ତା'ହେଲେ ଏତେଦିନ ଧରି ମୋତେ ସେ ଜଳାଉଥିଲା କାହିଁକି ? କାହିଁକି ଅଶାନ୍ତି ସୃଷ୍ଟି କରୁଥିଲା ଅଂଶୁ ଓ ମୋ ଭିତରେ – କାହିଁକି କାଦୁଅ ପାଣିରେ ଭିଜି ଭିଜି ତିନିମାଇଲ ଚାଲି ଆସିଥିଲା – ବୁନି'ର ଜନ୍ମଦିନକୁ ? ଯେ କ'ଣ ପିଲାଖେଳ ହୋଇଛି ଯେ ତା'ର ଖିଆଲ ଅନୁସାରେ ସେ ଆସିବ ବା ଆସିବ ନାହିଁ ? ସେ ବି ମନେରଖିବା ଦରକାର – ଯେ ତାକୁ ଯେକୌଣସି ମୁହୂର୍ତ୍ତରେ ଆମେ ଛାଡ଼ିଦେଇ ପାରୁ। ମୁଁ ଜଣେ ସୁଖୀ ବିବାହିତା ମହିଳା – ମୋର ସ୍ୱାମୀ ଅଛି – ବାପା, ମାଆ ଆତ୍ମୀୟ ସ୍ୱଜନ – ସମସ୍ତେ ଅଛନ୍ତି ମୋର – ଭରପୂର ଜୀବନ ମୋର – ଆଉ ମୁଁ ପରୱା କରିବି ଏଇ ଛାର ଗୋଟିଏ ସାପ୍ତାହିକ ପତ୍ରିକାର ସଂପାଦକ ମହାଶୟଙ୍କୁ ? ମଣିଷ ହିସାବରେ ମୋର ସ୍ୱାମୀଙ୍କ ସଂଗେ କୌଣସି ତୁଳନା ହୁଏନା ତ'ର। ମୋର

ସ୍ୱାମୀ ନିହାତି ସରଳ ବୋଲି, ଆମ ଘରେ ସେ ପ୍ରବେଶ କରିପାରିଛି ଓ ଆମ ପରିବାରର ଜଣେ ହୋଇସାରିଛି ସେ । ଏସବୁର ମୂଲ୍ୟ ସେ ଯଦି ନବୁଝେ ତାହାଲେ ମୋର ବା କ'ଣ ଏମିତି ଭାସି ଯାଉଛି ଯେ ?

ଠିକ୍ ଏଇ ରାଗ ମୁହୂର୍ତ୍ତରେ ଦରଜା ପାଖରେ ଜୟନ୍ତର ଛାୟା ଦେଖିଲି । ଦରଜା ଖୋଲାଥାଇ ସେ ଦରଜା ଠକ୍ ଠକ୍ କରୁଥିଲା – ଆଶ୍ଚର୍ଯ୍ୟ ଲାଗିଲା । ମୋତେ ଦେଖିଲାପରେ ବି ସେ ଭିତରକୁ ଆସିଲାନାହିଁ । ତାକୁ ଭିତରକୁ ରାସ୍ତା ଦେବାକୁ ଯାଇ ମୁଁ ଟିକେ ଘୁଞ୍ଚି ଠିଆ ହୋଇ ରହିଲି – କିନ୍ତୁ ସେ ସେମିତି ନିଶ୍ଚଳ । ସିଢ଼ିର ଆଲୁଅଟା ଏତେ ଉଜ୍ଜ୍ୱଳ ନୁହେଁ – ତେବେ ମୋର କାହିଁକି ମନେ ହେଲା – ଜୟନ୍ତ ଆଜି କେମିତି ଅଲଗା ଅଲଗା ଦିଶୁଛି । ମୋ ଆଡ଼କୁ ଚାହିଁଲା ସେ – ଯଦିଓ ମୁଁ ତା'ର ଅତି ନିକଟରେ ଠିଆ ହୋଇଥିଲି – ତଥାପି ମୋର ମୁହଁ ଉପରେ ବେଶ୍ କିଛି ସମୟ ଦୃଷ୍ଟି ନିବଦ୍ଧ କଲା ସିଏ – ମନେ ହେଲା ସେ ବୋଧେ ଭଲଭାବେ ଦେଖିପାରୁନି । ତା'ର ଆଖି ଦି'ଟା ଟିକେ ଲାଲ ଦିଶିଲା ମୋତେ । ଓଠରେ ଏମିତି ଅଲଗା ରକମର ହସ – ତଳ ଓଠଟା କେମିତି ଟିକେ ବେଶୀ ହଳଦିଆ ଦିଶୁଥାଏ ମୋତେ । ମୁଁ ବେଶୀ ଆଶ୍ଚର୍ଯ୍ୟ ହେଲି ଯେ – ସେ ଏତେବେଳ ଯାଏ ଚୁପ୍ ହୋଇ ଠିଆହୋଇଛି କାହିଁକି ? କିଛି କଥା କହୁନି ସେ । ତା'ପରେ ହଠାତ୍ ସେ ଦୁଇପାଦ ଆଗେଇ ଆସିଲା – ମୋ ଆଡ଼କୁ ତା' ହାତ ଦିଇଟା ବଢ଼ାଇଦେଲା – କିନ୍ତୁ ତା'ର ହାତଟା ଯାଇ ଦରଜା ଉପରେ ପଡ଼ିଲା । କେମିତି ଏକ ଭିନ୍ନ ସ୍ୱରରେ କହିଲା, 'ଲୋଟନ' ! ତୁମେ ଏକାକୀ କାଲି ମୋତେ ଟିକେ ମେଟ୍ରୋ ସିନେମା ହଲ ସାମନାରେ ଅପେକ୍ଷା କରିପାରିବ ? ଠିକ୍ ଦିନ ଦୁଇଟାବେଳେ । ମୁଁ ଅନୁମାନ କରି ବୁଝିପାରିଲି ସେ କ'ଣ କହିବାକୁ ଚାହୁଁଛି ? ଛାତି ଭିତରଟା ମୋର ଧଡ଼୍ ଧଡ଼୍ କରିଉଠିଲା ଯେମିତି । ଭାବି ପାରିଲିନି ବର୍ତ୍ତମାନ ମୋର କ'ଣ କରିବା ଉଚିତ ? ହଠାତ୍ ଦେଖିଲି ଅଂଶୁ ଆସି ସେଠି ଠିଆହୋଇଛି । ଅଂଶୁ ମୋ ଆଡ଼କୁ ଅନେଇଲା ବି ନାହିଁ – ଗମ୍ଭୀର ସ୍ୱରରେ କହିଲା ଜୟନ୍ତ ବାବୁ ! ଆପଣ ମୋ ସାଙ୍ଗରେ ଆସନ୍ତୁ – କହି ହାତଧରି ସିଢ଼ିରେ ତଳକୁ ଓହ୍ଲାଇବାକୁ ଲାଗିଲା । ଜୟନ୍ତ ପ୍ରଥମେ ଟିକେ ବାଧା ଦେଲା ଏଥିରେ – ଲୋଟନ

ଲୋଟନ କହି କେତେଥର ପାଟି ବି କଲା; – ମୁଁ ଆଉ ସେଠି ଠିଆ ହୋଇ ନରହି ଶୋଇବା ଘରକୁ ଧୀରେ ଧୀରେ ଚାଲିଆସିଲି । ସେତିକିବେଳେ ମନେ ମନେ କହିଥିଲି – ଅଂଶୁର ସାଙ୍ଗମାନେ ଆଉ ଟିକେ ବେଶୀ ସମୟ ଧରି ସେଠି ରହିଯାଆନ୍ତୁ – କିନ୍ତୁ ଦଶ ମିନିଟ୍ ପରେ ଅଂଶୁ ଫେରି ଆସିବାର ଆଭାସ ପାଇଲି ଓ ମୋତେ ଲାଗିଲା ଚୀନ ଓ ତିବ୍ବତ ବିଷୟରେ ଆଉ କାହାରି ଆଗ୍ରହ ନଥିଲା ଯେପରି – ଖୁବ୍ କମ୍ ସମୟ ଭିତରେ ସଂପୂର୍ଣ୍ଣ ଘରଟା ନିଶବ୍ଦ ହୋଇଗଲା ।

ସେଦିନ ରାତିରେ ବେଶ୍ ନୀରବରେ ନିଶବ୍ଦରେ ଖିଆପିଆ ସରିଲା । ଖାଇବା ପରେ ଅଂଶୁ ମୋତେ କିଛି କହିଲାନି । ମୁଁ ମନେ ମନେ କଷ୍ଟ ପାଇଲି – ମୋତେ କାନ୍ଦ ମାଡୁଥିଲା କହିଲେ ଚଳେ । ଘଟଣାଟା ଯେ କ'ଣ ଘଟିଗଲା ତା'ସେତେବେଳ ଯାଏଁ ଠିକ୍ ଭାବେ ବୁଝିନଥାଏ – କିନ୍ତୁ ଅସ୍ପଷ୍ଟ ଭାବେ ମୋର ଧାରଣା ହେଲା ଏଥିଲାଗି ମୋତେ ଅବଶ୍ୟ ଶାସ୍ତି ପାଇବାକୁ ହେବ । ଅଂଶୁ ହୁଏତ ମୋତେ ଜଡ଼ାଇ ଧରି ଶାନ୍ତ କରିପାରିଥାଆନ୍ତେ – ତା'ର ଛାତିରେ ମୁହଁ ଲୁଚାଇ କାନ୍ଦି ପାରିଥିଲେ ହୁଏତ ମୋର ମନର ବୋଝ ଅନେକଟା ହାଲୁକା ହୋଇଯାଇଥାନ୍ତା ଓ ମୋର ଜୀବନର ଗତିପଥ ବି ବଦଳିଯାଇଥାନ୍ତା – ଠିକ୍ ସେହି ମୁହୂର୍ତ୍ତରୁ । କିନ୍ତୁ ନୟନାଂଶୁ ତା'କଲାନି । ଚଉକିରେ ବସି – ଟେବୁଲ ଲ୍ୟାମ୍ପ ଜଳାଇ – ସିଗାରେଟ ଲଗାଇ – କେତେଟା କଥା କହିଲା – ଜୟନ୍ତବାବୁ ଆଜି ମାତାଲ ଅବସ୍ଥାରେ ଥିଲେ ତେଣୁ ମୁଁ ତାଙ୍କୁ ଟେକ୍ସିରେ ବସେଇ ଦେଇ ଆସିଲି । ତା'ଶୁଣି ମୋ ମୁହଁରୁ ବାହାରି ଆସିଲା ମାତାଲ ? ହଁ ସେ ମାତାଲ ଅବସ୍ଥାରେ ଥିଲା ତମେ ଜାଣିପାରିଲନି ? ଅଂଶୁ କହିଲା । ପୁଣି ଅଂଶୁ ଆରମ୍ଭ କଲା – ତମେ ମୋଟେ ଜାଣିପାରିଲନି ? ଏଇୟାତ ? ଅଂଶୁ ମୁହଁଟେକି ଅନେଇଲା ମୋତେ ଅଥଚ ସହଜଭାବେ ମୋ ମୁହଁକୁ ଚାହିଁ ପାରିଲାନି । ? ମୋର ବି ଅଂଶୁକୁ ଚାହିଁବାକୁ ଇଚ୍ଛା ହେଲାନି କି କୌଣସି କଇଫତ୍ ଦେବାକୁ ଇଚ୍ଛାହେଲାନି ସେତେବେଳେ । ଅଂଶୁର ବୁଝିବା ଉଚିତ୍ ଯେ ମୁଁ ଆଜି ପର୍ଯ୍ୟନ୍ତ ସିନେମାଛଡ଼ା ଅନ୍ୟ କେଉଁଠି କାହାକୁ ମାତାଲ ହେବା ଦେଖିନି । ପିଲାଦିନରୁ ଏମିତି – ଅବହାୱାରେ ବଢ଼ିଆସିଛି ଯେ ମଦ କଥା ଶୁଣିଲେ ହିଁ ମନରେ ଭୟ ଜାତହୁଏ ।

ଟିକେ ପରେ ଅଂଶୁ କହିଲା – ପ୍ରେମିକ ପୁରୁଷଟି ସେମିତି ବୀର ନୁହଁନ୍ତି ସତ, କିନ୍ତୁ ମାଳତୀ ! ପ୍ରେମ ନିବେଦନ କରିବାକୁ ହେଲେ ମାତାଲ ହେବାକୁ ପଡ଼େ । ମୁଁ ଆଣ୍ଟୁଟେକି ବିଛଣାରେ ବସିଥିଲି ସେତେବେଳେ ଓ ତା'ର ଏମିତି କଥା ଶୁଣି ଆଣ୍ଠୁ ଉପରେ ମୁହଁ ରଖି ଟେବୁଲ ଆଡ଼କୁ ଅନେଇଁ ରହିଲି । ମୋର ଦେହ ଯେମିତି ପଥର ହୋଇଯାଇଥିଲା । ଟିକିଏ ପରେ ଅଂଶୁ ପୁଣି କହିଲା – ମୁଁ ତାକୁ କହିଛି – ଏଘରକୁ ସିଏ ଏଣିକି ଯିବା ଆସିବା ନକରିବା ଭଲ – କଥାଟା ଅବଶ୍ୟ ତା'ମୁଣ୍ଡରେ ପଶି ପାରିଲା କି ନାହିଁ – ଜାଣିପାରିଲି ନାହିଁ ।

ଅଂଶୁ ଟେବୁଲ ଲ୍ୟାମ୍ପକୁ ଏଭଳି ଭାବେ ବୁଲେଇ ଦେଲା ଯେ ଯେମିତି ବିଛଣା ଆଡ଼କୁ ଛାଇ ପଡ଼ିବ – ତା'ପରେ କ'ଣ ଗୋଟାଏ ବହି ଧରି ପଢ଼ିବାକୁ ଲାଗିଲା – କୌଣସି ବିଦେଶୀ ବିଜ୍ଞାପନ କଂପାନୀର ବ୍ୟବସାୟିକ ତର୍ଜମା – ଯାହାକୁ ଜୀବନର ଏକମାତ୍ର ଉପାର୍ଜନର ପନ୍ଥା ରୂପେ ବାଛିନେଇଛି ସେ । ସେଦିନ ରାତି ଦୁଇଟା ଯାଏ ସେ କ'ଣ ପଢ଼ାପଢ଼ି ଓ ଲେଖାଲେଖି କରୁଥିଲା – କିନ୍ତୁ ସେ କ'ଣ ଲେଖୁଥିଲା – ବା ପଢୁଥିଲା ସେ ବିଷୟରେ ମୋତେ କିଛି ଜଣାନଥିଲା – କିନ୍ତୁ ସେ ଅନିଦ୍ରା ରହି ଗୋଟାଏ ପରେ ଗୋଟାଏ ସିଗାରେଟ ଜଳାଇବାର ଶବ୍ଦ ମୋ କାନରେ ସ୍ପଷ୍ଟ ପଡୁଥିଲା, ମଝିରେ କାଗଜର ପୃଷ୍ଠା ଓଲଟାଇବାର ଶବ୍ଦ – ଦିଆସିଲି କାଠି ଜଳାଇବାର ଶବ୍ଦ ବି ବେଶ୍ ବାରିହୋଇ ପଡୁଥାଏ – ମୋର ମୁଦ୍ରିତ ଆଖିରେ । ହଠାତ୍ ଆଖି ଖୋଲି ଦେଖିଲି – ଯେମିତି ଅଚିହ୍ନା କାହାର ମୁହଁଟିଏ – ଯେମିତି ମୋର କେହି ନୁହେଁ । ମନେ ମନେ କହିଲି ଅଂଶୁ ମୋତେ ଏକୁଟିଆ ଲାଗୁଛି, ଖରାପ ଲାଗୁଛି – ମୁଁ କଷ୍ଟ ପାଉଛି – ତମେ ଆସ ଅଂଶୁ – ମୋ ପାଖକୁ ଆସ । ଜୟନ୍ତ କଥା ଭାବିନି ସେତେବେଳେ, ଅତି ସନ୍ତର୍ପଣରେ ତା'ର କଥା ଏଡ଼ାଇ ଚାଲିଲି – କାହିଁକି ନା – ତା'କଥା ଭାବିଲାମାତ୍ରେ ମୁଁ ଶିହିରି ଉଠୁଥିଲି । ଜୟନ୍ତ କଥା ଭାବିବାକୁ ଯେମିତି ମୋତେ କଷ୍ଟ ହେଉଛି ଓ ସେଥିରୁ ନିଷ୍କୃତି ପାଇବା ଲାଗି ମୋର ମନରେ ଗୋଟାଏ ଅଂଶୁକୁ ଯେମିତି ମୁଁ ବଧିରା କରି ରଖିଥିଲି । ଶେଷରେ ଅଂଶୁ ବହି, ଖାତା ବନ୍ଦକରି, ଚେୟାର ଛାଡ଼ି ଉଠି ଠିଆହେଲା । ଖୁବ୍ ସନ୍ତର୍ପଣରେ ସେ କ'ଣ ଭାବୁଥିଲା କି ମୁଁ

ଶୋଇଛି ବୋଲି ? ସେ ଧିରେ ଅତି ଧିରେ ପାଦ ଚିପି ବାଥ୍‌ରୁମ୍‌କୁ ଗଲା – ବାଥରୁମ୍‌ରେ ମୁହଁ ହାତ ଧୋଇବାର ଶବ୍ଦ ପାଇଲି – ଶୋଇବା ଆଗରୁ ଦାନ୍ତ ଘଷିବା ସେ କେବେ ଭୁଲେନା । ବାଥରୁମ୍ କାମ ସାରି ଆଲୁଅ ନିଭାଇ ମୋରି ଆଡ଼କୁ ପିଠିକରି ସେଇ ବିଛଣାରେ ଅଂଶୁ ଶୋଇପଡ଼ିଲା ଗଭୀର ନିଦରେ । ଶେଷରେ ଏମିତି ମୁହୂର୍ତ୍ତ ଆସିଲା ଯେ ମୁଁ ଆଉ ନକାନ୍ଦି ରହପାରିଲି ନାହିଁ । ସେଥିରେ ବି ଅଂଶୁର ହଲଚଲ ହେବା ଦେଖାଗଲା ନାହିଁ । ସେ ହୁଏତ ସତକୁ ସତ ରାତିସାରା ଖଟିଛି ଓ ନିଜକୁ କ୍ଲାନ୍ତ କରିଦେଇଛି । ସେଇଥିଲାଗି ହାଲିଆ ହୋଇ ହୁଏତ ଶୋଇପଡ଼ିଛି – ଗାଢ଼ନିଦରେ । ମୋର ମନେହେଲାନି ଯେ ସେ ମୋର ଅସ୍ତିତ୍ୱ ପ୍ରତି ସଚେତନ ବୋଲି ? ମୋତେ ଆଉ ନିଦ ହେଲାନି ସେଦିନ ରାତିରେ ।

ଦିନେ, ଦୁଇଦିନ, ତିନିଦିନ କଟିଗଲା । ମନେ ମନେ ଭାବିଲି ବିପଦ କଟିଯାଇଛି, ଆଉ ହଙ୍ଗାମା କିଛିନାହିଁ । ସବୁଦିନ ସଂଧ୍ୟାରେ ମୁଁ ବୁଲିବାକୁ ଯାଇଛି – କେଉଁ ଦିନ ବୁନିକୁ ନେଇ ମାଆଙ୍କ ପାଖକୁ – କେବେ କେବେ ଆତ୍ମୀୟ ବା ପଡ଼ୋଶୀ ଘରକୁ, କେଉଁଦିନ ବା କୌଣସି ଆତ୍ମୀୟ ବାଂଧବୀକୁ ଧରି ସିନେମା ବା ମାର୍କେଟିଂ କରିବାକୁ । କିନ୍ତୁ ସେଇ ସବୁ ବୁଲାବୁଲି ସାରି ଫେରିଲେ ଡ୍ରଇଂ ରୁମ୍‌କୁ ଯାଏନା ମୋଟେ – ମୋତେ ଅଂଶୁ ବି ଖୋଜା ଖୋଜି କରିନି କେବେ – ପଚାରେବି ନାହିଁ କୁଆଡ଼େ ଯାଇଥିଲି ବୋଲି । ଜୟନ୍ତ ବୀର ନୁହେଁ ତା'ର ପ୍ରେମ ନିବେଦନ ହିଁ ମୋତେ ମାତାଲ କିରିଛି – ଅଂଶୁର ଏହିସବୁ ଅଭିଯୋଗ ଏଇ ଘରର ସମଗ୍ର ବାୟୁମଣ୍ଡଳରେ ବୁଲୁଥାଏ ଯେମିତି – ଶୀତଦିନେ ବନ୍ଦ କମରା ଭିତରେ ସିଗାରେଟ୍‌ର ଧୂଆଁପରି – ମୋର ଯେମିତି ଶ୍ୱାସରୁଦ୍ଧ ହୋଇଆସେ । ମୁଁ କେବେ ଭାବିନି ଯେ ଜୟନ୍ତ ମୋ ମନ ଭିତରେ ନିରର୍ଥକ ଜିନିଷଟିଏ ଅବା । ଆଉ ଭାବିନି ଜୟନ୍ତର କଥା । ମୁଁ କୁକୁର ପୋଷିବି, ବିଲେଇ ପୋଷିବି, ପୁଣି ସଂଗୀତ ବିଦ୍ୟାଳୟରେ ଭର୍ତ୍ତି ହେବି ଓ "ଗୀତଭାରତୀ" ଉପାଧି ନେଇ ଶେଷରେ ନିଜେ ଗୋଟିଏ ସଂଗୀତ ବିଦ୍ୟାଳୟ ଖୋଲିବି । ଜୀବନରେ କେତେ କ'ଣ ଅଛି, ବୁନି ଅଛି, ମୋର ଆଉ ବି ସନ୍ତାନ ହୋଇପାରେ – ଯଦିଓ ଅଂଶୁ ଆଉ ଚାହୁଁନି, ତଥାପି ତାକୁ ମୁଁ ବାଧ କରିବି ।

## ମୁଁ ମାଳତୀ କହୁଛି

ସାତଦିନ କଟିଗଲା, ପନ୍ଦରଦିନ କଟିଗଲା – ହଠାତ୍ ମୋର ମନେହେଲା ଜୟନ୍ତ ପ୍ରତି ହୁଏତ ମୁଁ ଅନ୍ୟାୟ କରିଛି । ଯିଏ ଗୋଟିଏ ଦିନ ମଦଖାଏ ତାକୁ କ'ଣ ମାତାଲ କୁହାଯାଏ ? ଏତେଦିନ ଧରି ସବୁଦିନ ଆସୁଥିଲା, ଜୟନ୍ତ ନିଶାଖୋର ହୋଇଥିଲେ ଆଗରୁ କ'ଣ ଜଣାପଡ଼ିନଥାନ୍ତା ? ମନେ ମନେ ଅନେକ ଦିନରୁ ତା'ମନର କଥା କହିବ ବୋଲି ଇଚ୍ଛା କରିଛି ସେ – ଯଦିଓ ମୁହଁ ଖୋଲି କେବେ କହିନି – ପୁରୁଷମାନଙ୍କ ସ୍ୱଭାବ ଏମିତି ଯେ ମୁହଁରେ ପ୍ରକାଶ ନକରି ରହିପାରନ୍ତିନାହିଁ । କିନ୍ତୁ ଏଠି ଜୟନ୍ତ ସେଥିପାଇଁ ସାହସ ଖୋଜି ପାଉନଥିଲା । ମୁଁ ବିବାହିତା, ଜଣକର ମାଆ, ମୋର ସ୍ୱାମୀ ତା'ର ଉପକାର କରିଛନ୍ତି ବୋଲି ଏଭଳି ସାହାସ ସଂଚୟ ନକରିବାର ଅନେକ କାରଣ ଅଛି । କିନ୍ତୁ ତା'ର ଏଇ ଭୀରୁତାକୁ ନିନ୍ଦା କରାଯାଇ ପାରେନା – ଏହା ବରଂ ତା'ର ତୀକ୍ଷ୍ଣ ବୁଦ୍ଧି ଓ ବିବେକର ହିଁ ପରିଚୟ ଦିଏ । ଆଉ ସେଇ ଭୀରୁତାକୁ ଦୂର କରିବାଲାଗି ଯଦି ସେ ଅନ୍ୟ କିଛି ଉପାୟ ଖୋଜିନିଏ ଯେଉଁଥିରେ ମନର ଶାସନ ଅଲଗା ହୋଇଯାଏ – ତେବେ ସେଥିରେ ବା ଦୋଷ କ'ଣ ? ମୋର ବିବାହିତ ଜୀବନକୁ ଏତେ ଶ୍ରଦ୍ଧା କରେ ବୋଲି ସିନା – ସେଦିନ ଏମିତି ଅଶୋଭନୀୟ ଆଚରଣ କରିବାକୁ ବାଧ ହୋଇଥିଲା ସେ । ଆଉ 'ମଦ' ଜିନିଷଟାକୁ ଯେ ମୋର ଏତେ ଭୟ – ସେଇଟା କ'ଣ ଯୁକ୍ତିସଂଗତ ? କେତେ ପ୍ରକାରର କୁସଂସ୍କାରରେ କଷ୍ଟ ପାଉଛି ଏ ମଣିଷ । ଆମ ଦେଶରେ ଖୁବ୍ କମ୍ ସଂଖ୍ୟକ ଲୋକମାନଙ୍କୁ ଛାଡ଼ିଦେଲେ, ଗୋମାଂସ କେହି ଖାଆନ୍ତିନାହିଁ । କିନ୍ତୁ ଏମିତି ଦେଶ ଅଛି ଯେଉଁଠି ପ୍ରାୟ ସବୁଲୋକ ଗୋମାଂସ ଖାଇବାକୁ ଭଲପାଆନ୍ତି । ଦେଖିବାକୁ ଗଲେ ଆମମାନଙ୍କଠାରୁ ବେଶ୍ ଆରାମରେ ଅଛନ୍ତି ସେମାନେ । ସେମାନଙ୍କ ଦେଶରେ'ତ ଘରେ ଘରେ ମଦର ପ୍ରଚଳନ – ଅଥଚ ଏଇ ମଦର ନାଁ ଶୁଣିଲେ ମୁଁ ଚମକି ଉଠେ । ମୁଁ ଯେହେତୁ ଅନଭ୍ୟସ୍ତ ସେଇଥିପାଇଁ ମୋର ମନେପଡ଼ିଲା – ବିବାହ ପରେ ଅଂଶୁ ଯେତେବେଳେ ପ୍ରଥମେ ପ୍ରଥମେ ମୋତେ କବିତା ପଢ଼ି ଶୁଣାନ୍ତି, ସେତେବେଳେ କବିମାନଙ୍କ ଜୀବନୀ ବିଷୟରେ ମୋତେ ଘଣ୍ଟା ଘଣ୍ଟାଧରି ଭାଷଣ ଦିଅନ୍ତି । କିଏ ମଦଖାଇ ମରିଛି, କିଏ ତା'ର ମାଷ୍ଟର ମହାଶୟଙ୍କ ପତ୍ନୀଙ୍କୁ ଧରି ଚଂପଟ – ଏଇସବୁ କହିବା

ଭିତରେ ବି ସେଇ କବିମାନଙ୍କୁ ଭଲପାଇବାର ଅଭାବ ଅଂଶୁ ପାଖରେ କେବେ ଦେଖିନି । ଏମିତିକି ତା'ର କଥାରେ ବି ଏମିତି କିଛି ଇଙ୍ଗିତ ନଥିଲା ଯେ – ଏକଥା ସବୁ ପ୍ରକୃତରେ ଅନ୍ୟାୟ । କିନ୍ତୁ କାହିଁକି ? କ'ଣ କବିତା ଲେଖିଲେ ବୋଲି ତାଙ୍କୁ ସାତଗୁଣ ମାଫ୍ ? ଆଉ ଏଇ ଜୟନ୍ତ ! ଥରେ ମାତ୍ର ଟିକିଏ ମାତାଲ ହୋଇ ଆସିଥିଲା ବୋଲି ମୁଁ ତାକୁ ହୀନ ଦୃଷ୍ଟିରେ ଦେଖିବି ? ଜୟନ୍ତ କବି ନହୋଇପାରେ – ତା'ବୋଲି ତା'ର କ'ଣ କିଛି ଭଲଗୁଣ ନାହିଁ ? ଅଂଶୁତ ନିଜେ କେତେ ପ୍ରଶଂସା କରୁଥିଲା ତା'ର । ସ୍ୱାଧୀନତା ସଂଗ୍ରାମୀ ହିସାବରେ କେତେଦିନ ସେ ଜେଲ୍‌ରେ କଟାଇଥିଲା – ତା'ପରେ କିଛିଦିନ ଆଣ୍ଡାମାନ ନିକୋବର ଯାଇ ସେଠି ରିଫ୍ୟୁଜିମାନଙ୍କର ଅବସ୍ଥା ବୁଝିବାପାଇଁ କିଛିଦିନ ରହି – ଫେରିଆସିଥିଲା । ମୋଟ ଉପରେ ଅଂଶୁ କିଛି କମ୍ ଗୁଣଗାନ କରିନି ଜୟନ୍ତର । କିନ୍ତୁ ସେଥିରେ ହେଲା କ'ଣ ? ଆଜିପର୍ଯ୍ୟନ୍ତ ଜୟନ୍ତ କି କ୍ଷତି କରିଛି ଏ ପରିବାରର ? ବରଂ ଏପରିବାରର ଅନେକ କାମରେ ସେ ଲାଗିଛି – ଅନେକ ସାଂସାରିକ କାମ କରିଦେଇଛି ସେ – ଯାହାକି ପ୍ରକୃତରେ ଅଂଶୁର କରିବାକଥା । ଜୟନ୍ତର ଯଦି ମୋ ପ୍ରତି କିଛି ଦୁର୍ବଳତା ଥାଏ – ବା ଅଛି – ସେଥିରେ ତ କାହାର କିଛି କ୍ଷତି ହୋଇଯାଉନି – କିଛି ନହେଲେ ବି ଦୟା ତ କରାଯାଇପାରେ । ନୁହେଁ କି ?

ମିଛ; କେତେ ମିଛ ଯେ ଆମେ ମନେ ମନେ ଗଢ଼ିନେଉ ଠିକ୍ ବୁଢ଼ିଆଣୀ ପରି – ଆଉ ନିଜକୁ ବାନ୍ଧିରଖୁ ସେଇ ଜାଲଭିତରେ ଯେତେଦିନ ପର୍ଯ୍ୟନ୍ତ କୌଣସି ଝଡ଼ ବା ବତାସ ମାଡ଼ରେ ତାହା ଛିଣ୍ଡିନଯାଇଛି, ଅଥବା ନିଜେ ନିଜକୁ ପ୍ରତାରଣା ଭିତରେ ଘାଣ୍ଟି କ୍ଳାନ୍ତ ହୋଇ ନପଡ଼ିଛୁ – ସେତେଦିନ ପର୍ଯ୍ୟନ୍ତ ତା'ର ସମାପ୍ତି ଘଟେନା । ଗତ ସେଇ ସବୁଦିନଗୁଡ଼ିକ – ଯେତେଦିନ ଯାଏ ଜୟନ୍ତ ଅନୁପସ୍ଥିତ ରହୁଥିଲା, ମୁଁ ତା ସପକ୍ଷରେ କେତେ ଯୁକ୍ତି ନକରିଛି ଠିକ୍ ସେମିତି ଛୋଟପିଲାମାନେ ତାସ୍‌ରେ ଦୁଇମହଲା, ତିନିମହଲା ଘରକରି ଖେଳନ୍ତି । କିନ୍ତୁ ପ୍ରକୃତରେ କହିବାକୁ ଗଲେ ସବୁଠାରୁ ବଡ଼ ଯୁକ୍ତିଟା କେବେହେଲେବି ଉଚ୍ଚାରଣ କରିନି ଆଜିଯାଏ । ଏପରିକି ଏକାନ୍ତରେ, ମନେ ମନେ – ଶୋଇପଡ଼ିବା ଆଗରୁ – ନାଁ କେବେନୁହେଁ ।

## ମୁଁ ମାଳତୀ କହୁଛି

ସେଦିନ ରବିବାର, ଦି ପହରେ ଖିଆପିଆ ସରିବା ପରେ ଅଂଶୁ କହିଲା 'ଚଣ୍ଡାଳିକା' ନାଟକ ଦେଖିଯିବା ପାଇଁ ମୋତେ ତିନୋଟି ଟିକେଟ୍ ମିଳିଛି । ବୁନିକୁ ଧରି ତମେ ମୋ ସାଙ୍ଗରେ ଯିବକି ? ମୋ'ଠାରୁ କିଛି ଉତ୍ତର ନପାଇ ଅଂଶୁ କହିଲା – ଠିକ୍ ଅଛି – ତୁମର ଯଦି ଯିବାର ଇଚ୍ଛାନାହିଁ ତାହାଲେ ବୁନିକୁ ନେଇ ମୁଁ ଯିବି – ବୁନି ପାଇଁ ତ ଯିବାର କଥା । ମୁଁ ହଠାତ୍ କହିଲି – ତୁମେ କ'ଣ ପ୍ରକୃତରେ ଚାହଁ ଯେ ମୁଁ ତୁମ ସାଙ୍ଗରେ ଯାଏ ? ତୁମର ହୁଏତ ଅନ୍ୟ କୁଆଡ଼େ ଯିବାରଥିବ – କହିଲି, ନା – ମୋର ଅନ୍ୟକୁଆଡ଼େ ଯିବାରନାହିଁ । ଅଂଶୁ ଖୁସିହୋଇ କହିଲା – ଠିକ୍, କିନ୍ତୁ ପାଞ୍ଚଟାରେ ବାହାରିବାକୁ ହେବ ଏଠୁ । ଏଇଆ କହି ଅଂଶୁ ବହିଟିଏ ଧରି ବସିପଡ଼ିଲା ସବୁଦିନ ପରି । (ମୋର ମନେହେଲା ସେ ଯଦି ଟିକିଏ କମ୍ ପଢୁଥାଆନ୍ତା ତାହାଲେ ଅନ୍ୟର ମନକୁ ବେଶୀ ବୁଝିପାରନ୍ତା) । ଗତ କିଛିଦିନ ଧରି ଅଂଶୁ ଆଉ ମୋ ଭିତରେ ଏମିତି ଯେଉଁ କଥାବାର୍ତ୍ତା ଚାଲୁଛି – ରକ୍ତମାଂସ, ହାଡ଼କଙ୍କାଳ ପରି – ଯାଠୁ ବେଶୀ କହିବାର ଯେମିତି ଇଚ୍ଛାନାହିଁ କାହାରି – ଯେମିତିକି ଶାନ୍ତି ବି ନାହିଁ ।

ଥିଏଟରରେ ମଂଚ ସଜ୍ଜା ସେତେ ଭଲହୋଇନଥିଲା । ବେଶଭୂଷା ନିହାତି ଗତାନୁଗତିକ ହେଲେ ବି ଚମତ୍କାର ଅଭିନୟ ଓ ନେପଥ୍ୟର ଯନ୍ତ୍ରସଂଗୀତ ଅତ୍ୟନ୍ତ ଆକର୍ଷଣୀୟ ଥିଲା । ଆଉ ସେଇ ବାଦ୍ୟ ସଂଗୀତ ମଧ୍ୟରେ ସତେଯେପରି ରବୀନ୍ଦ୍ରନାଥଙ୍କ'ର ସୁରଗୁଡ଼ିକର ଉତ୍ତର ପ୍ରତ୍ୟୁତ୍ତର ଖେଳ ଚାଲିଥିଲା – ପ୍ରକୃତି ଆଉ ତା'ର ଜନନୀ ଉଭୟେ ଖୁଉବ୍ ସୁନ୍ଦରଭାବେ ନାଚୁଥିଲେ – ସେମାନଙ୍କ ଟଣା ଟଣା ଆଖି, ହାତ'ର ଭଙ୍ଗି, ଅଙ୍ଗୁଳିର ଚାଳନା, ମୁହଁରେ ଅଦ୍ଭୁତ ଭାବର ବଳିଷ୍ଠ ପରିବର୍ତ୍ତନ ଛାପ ବାସ୍ତବିକ ମୁଗ୍‌ଧ କରିଦେଲା । ମୁଁ ଚେୟାର୍‌ରେ ବସି ବସି ଆସ୍ତେ ଆସ୍ତେ ବୁଝିବାକୁ ଲାଗିଲି । ଓଠ ହଲାଇ – ଶବ୍ଦ ନକରି ଗୀତର ପ୍ରତ୍ୟେକ ଶବ୍ଦ ମନେ ମନେ ଗାଇଯାଉଥିଲି । ଏକ ଅଦ୍ଭୁତ ଆଶାତୀତ ଆନନ୍ଦରେ ମନମୋର ହଠାତ୍ ଉଦ୍‌ବେଳିତ ହୋଇଉଠିଲା । ହୁଏତ ସେଇଥିପାଇଁ ସେଇ ରାତ୍ରିଟି ଏତେ ସ୍ପଷ୍ଟ ମନେ ଅଛି ମୋର, ଅଂଶୁ ସାଙ୍ଗରେ ମୋର କଥାବାର୍ତ୍ତା, ତା'ପରେ ଘରକୁ ଫେରି ଯାସବୁ ଘଟିଲା – ମୋର ମନେହୁଏ ମୁଁ ଯେମିତି କିଛି ଭୁଲିନି ସେଥିରୁ – ଯେମିତି ପଛକୁ ପଛ

ସଜ୍ଜାହୋଇ ରହିଛି – ସତେ ଅବା ମୋର ବିସ୍ମୃତ ଜୀବନର ଅଗଣିତ ଘଟଣାବଳୀ ଭିତରେ ଏଇ ରାତ୍ରିଟି କେବଳ ସ୍ମୃତିଟିଏ ହୋଇ ରହିଯାଇଛି । ସେ ଅନ୍ୟ ଏକ ପୃଥିବୀ – ଯେଉଁଠି ଦୁଃଖ, ଦ୍ୱନ୍ଦ୍ୱ ସବୁକିଛି ଅଛି – ହେଲେ କୌଣସିଟା କଷ୍ଟ ଦିଏନା, ଯେଉଁଠି କିଛି ବି ମଳିନ ନୁହେଁ – କିଛି ମିଛନାହିଁ, ଯେଉଁଠି ସମସ୍ତେ ମିଶି ଏକାକାର ହୋଇଯାନ୍ତି – ସେଠି ସବୁ ଉଜ୍ଜ୍ୱଳ, ସବୁ ସ୍ୱାଧୀନ ! ଯେଉଁ ପୃଥିବୀ ଦିନେ ମୋର ଥିଲା – ବା ନହେଲେ ବି ହୋଇପାରିଥାନ୍ତା । ଆମ ସଂଗୀତ କଲେଜରେ ମୁଁ'ବି ଦିନେ ଏଇ "ପ୍ରକୃତି"ର ଭୂମିକାରେ ଓହ୍ଲାଇଥିଲି । ବିବାହ ପରେ ମଧ୍ୟ ଆମେ,ଦୁହେଁ ମଝିରେ ମଝିରେ ଏଠିକି ଆସୁଥିଲୁ । ରବୀନ୍ଦ୍ର ସଂଗୀତ ଅଂଶୁ ଖୁବ୍ ଭଲପାଏ । ହଠାତ୍ କେଉଁ ଦିନଠୁ ଏମିତି ହେଲା ଯେ, ଆମେ ଆଉ ଏଠିକି ଆସିନୁ, କେଉଁ ଦିନଠୁ ରେଡ଼ିଓ ଶୁଣିନି । ମଝିରେ ମଝିରେ ବୁନି ତାକୁ ଲଗାଇ କ'ଣ କ'ଣ ଶୁଣେ । ହଠାତ୍ ପାଣି ଢ଼ୋକିବାପରି କଣ ଗୋଟାଏ ଶବ୍ଦରେ ମୁହଁ ଫେରେଇଲି ଅଂଶୁ ଆଡ଼େ – ମନେ ହେଲା ଅଂଶୁର ଗଳାର ଶବ୍ଦପରି । ଦେଖିଲି ସେ ହାତରେ ତା ଆଖି ପୋଛୁଚି ।

ନାଟକ ଶେଷ ହେଲା । ହଲରୁ ବାହାରି ଆସିଲାବେଳକୁ ଦୁଇ ତିନିଜଣ ଚିହ୍ନା ଲୋକଙ୍କ ସାଙ୍ଗରେ ଦେଖାହେଲା ଆମର । ଜଣକର କଥାର ଉତ୍ତର ଦେଇ ଅଂଶୁ କହୁଥିବାର ଶୁଣିଲି – "Well, that old man" – ରାସ୍ତାକୁ ଆସ – ମନକୁ ମନ ଅଂଶୁ କହି ଚାଲିଯାଏ – ଆଶ୍ଚର୍ଯ୍ୟ – ଏତେ ସହଜ, ଏତେ ସରଳ ଅଥଚ ମଝିରେ ଏତେ ସେଣ୍ଟିମେଣ୍ଟାଲ୍ ? – ମାତ୍ର ଗୋଟିଏ ଆଘାତରେ କାହିଁ କେତେ ଉପରକୁ ଉଠିଯାଏ । ଯଦିଓ ମାସ ଶେଷ – ତଥାପି ଅଂଶୁ ଟେକ୍ସି ଭଡ଼ାକଲା – ସମସ୍ତେ ବସିଲୁ । ଆସିଲା ବାଟରେ ଟେକ୍ସି ଭିତରେ ବୁନି ଘୁମେଇ ପଡ଼ିଲା ତା'ବାପା କୋଳରେ ମୁଣ୍ଡରଖି ଓ ମୋ'କୋଳରେ ପାଦରଖି । ଅଂଶୁ କହିଲା – ଆଚ୍ଛା ତମେ ଲକ୍ଷ୍ୟ କଲ କି – ମାଆ ମୁହଁରେ କେମିତି ଘରୁଆ ଭାଷା ଥିଲା – ଅଥଚ ଝିଅ ମୁହଁରେ ଥିଲା କେମିତି କୃତ୍ରିମ ବହିର ଭାଷା – ଏଇଟା କ'ଣ ଠିକ୍ ବୋଲି ତମର ମନେହୁଏ ? ମୁଁ କହିଲି – ପ୍ରକୃତରେ ତାହା କ'ଣ ମୁଁ ମୋଟେ ଭାବି ଦେଖିନି – ଗୀତର ସ୍ୱରରେ ଏତେ ମଜ୍ଜିଯାଏ ଯେ ଅନ୍ୟ କଥାଗୁଡ଼ିକ ପ୍ରାୟ ଶୁଣିପାରେନା ।

ରବୀନ୍ଦ୍ର ସଂଗୀତର ଏହି କଥାଗୁଡ଼ିକରେ ହିଁ ତ ମେଜିକ୍ ଥାଏ । ଟିକେ ରହି ଅଂଶୁ ପୁଣି କହିଲା – ନା – ବୋଧହୁଏ ଠିକ୍ କହିଲି ନାହିଁ । ବିଶେଷତଃ ଏହି ନୃତ୍ୟ ନାଟିକାଗୁଡ଼ିକରେ କଥା ସବୁ ସୁର ଭିତରେ ଏମିତି ମିଶିଯାଏ ଯେ – କାହାପାଇଁ, କେଉଁଥିପାଇଁ କ'ଣ ଯେ ହେଉଛି – ସେସବୁ ଭାବି ଦେଖିବାକୁ ଆମେ ସମୟ ପାଉନା । ତଥାପି ଏସବୁ ଭାବି ଦେଖିବା ଉଚିତ୍ । ଘରକୁ ଫେରିଆସିଲା ପରେ ବି ଏ ପ୍ରସଙ୍ଗକୁ ଅଂଶୁ ଛାଡ଼ିପାରିଲାନାହିଁ – ଅନର୍ଗଳ ଗପିବାକୁ ଲାଗିଲା ରବୀନ୍ଦ୍ରନାଥଙ୍କୁ ନେଇ । "ଚଣ୍ଡାଳିକା" ବହିଟାକୁ ବାହାରକରି ତା'ର ପୃଷ୍ଠାକୁ ଓଲଟାଇବାକୁ ଲାଗିଲା ସେ । ତା'ର ଆଖି ଓ ମୁହଁରେ ଯେମିତି ଏକ ଅନନ୍ୟ ଉଜ୍ଜ୍ୱଳତା ଦେଖିପାରିଲି ସେଦିନ । ହଠାତ୍ ଚିତ୍କାର କରିଉଠିଲା ସେ – ଏଇ, ସେ ପୃଷ୍ଠା ମିଳିଯାଇଛି ମୋତେ ।

ହଠାତ୍ ଏଇ ଜାଗାରେ ମାଆ ବି ସାଧୁଭାଷାରେ କଥା କହୁଛି । ଛପା ଅକ୍ଷରରେ ଏଗୁଡ଼ାକ ଯେମିତି ବେସୁରା ଲାଗୁଛି – ବିଶେଷତଃ ଏଇ "କରିବି" ଶବ୍ଦଟା – କିନ୍ତୁ ସୁର ଧରି ଗାଇଲେ – ହଁ, ତୁମର ସେ ସୁରଟା ମନେ ଅଛିକି ମାଳତୀ ? ୟା କହି ଅଂଶୁ ମୋତେ ଅନେଇଲା – ଏମିତି କେବେ ସେ ମୋର ଗୀତ ଶୁଣିବାକୁ ଇଚ୍ଛା କରେନି – ତେବେ ସେ ଯେତେବେଳେ ଇଚ୍ଛା କରୁଛି – ମୁଁ ତାକୁ ଗାଇ ଶୁଣାଇଲି । ଅଂଶୁ ଟିକେ ଚୁପ୍ ରହି ପରେ କହିଲା – ନାଃ, ୟା ଉପରେ ଆଉ କିଛି କହିବାର ନାହିଁ ।

ସେଦିନ ରାତ୍ରିରେ ବିଛଣା ଧରିବା ମାତ୍ରେ ଶୋଇପଡ଼ିଲୁ ଆମେ ଦୁହେଁ । ଗଭୀର, ନରମ, ସୁନ୍ଦର ନିଦ୍ରା । କିନ୍ତୁ ଅନେକ ରାତ୍ରିରେ ହଠାତ୍ ମୋର ନିଦଟା ଅତି କୋମଳ ଭାବେ ଭାଙ୍ଗିଗଲା । ମୁଁ ଅନୁଭବ କଲି ଅଂଶୁର ହାତଟା ମୋ କାନ୍ଧ ଉପରେ, ଆଖି ଖୋଲି ଅନ୍ଧାର ଭିତରେ ବି ଦେଖିପାରିଲି ସେ ମୋଠାରୁ କିଛି ଚାହୁଁଛି । ମୋ ମୁହଁ ଉପରକୁ ଝୁଲିପଡ଼ିଛି ତା'ର ମୁହଁ, ମୋର ଗାଲ ଉପରେ ତା'ର ନିଶ୍ୱାସ ଅନୁଭବ କଲି – ସୁଖର ଛୋଟ ସ୍ରୋତଟିଏ ସତେ ଯେମିତି ବୋହିଗଲା ମୋ ଶରୀରରେ – ଅନେକ ଦିନପରେ ଅଂଶୁର ସ୍ପର୍ଶରେ । କିନ୍ତୁ ଟିକିଏ ପରେ ସେଇ ସୁଖ ପରିବର୍ତ୍ତେ ଯେମିତି ଗୋଟିଏ ଯନ୍ତ୍ରଣା ମୋର ଗଳାଦେଇ ଉଠିଆସିଲା ଏକ ଅଭାବବୋଧ, –

ହା ହା କାର – ଯେମିତିକି ମୋର ବୁକୁ ଭିତରଟା ଫାଙ୍କା ହୋଇଯାଇଛି ଓ ଏଇମାତ୍ର ତା'ର ସଂଧାନ ପାଇଛି ମୁଁ । ଅଂଶୁ ମୋରି ପାଖରେ ଲାଗିକରି ଶୋଇପଡ଼ିଲା । ମୋର ମୁହଁଟାକୁ ତା'ର ମୁହଁ ଉପରକୁ ଟାଣିନେଲା – ମୋର ମନ ଏଇଆ ଚହୁଁନଥାଏ – ତଥାପି ଯଥୋଚିତ ଅଂଗଭଂଗୀ କଲି, କିଛିକ୍ଷଣ ପାଇଁ ଏ ଦେହଟାକୁ ଉତ୍ସର୍ଗ କଲି । ଜାଣେନା ଅଂଶୁ ଏ ଦେହରୁ କିଛି ପାଇଲା କି ନା – କିନ୍ତୁ ମୋର ମନରେ କେମିତି ଏକ ଘୃଣା ଜାତହେଲା । ମୋ ଉପରେ, ମୋ ଶରୀର ଉପରେ ଅଂଶୁର ଯେଉଁ ଦାବି ଅଛି ସେକଥା ନେଇ ମୁଁ ଯେମିତି ତାକୁ କ୍ଷମା ଦେଇପାରିଲିନି – ଆହୁରି ମଧ୍ୟ ଅଂଶୁ ପ୍ରତି ମୋର ଏଇ ବିରୁଦ୍ଧାଚରଣ ଲାଗି ନିଜ ଉପରେ ବି ମୋର ରାଗ ହେଲା ।

ମୋ ଦେହରେ ମୁଣ୍ଡ ଗୁଂଜି ଅଂଶୁ ଶୋଇପଡ଼ିଲା ସେଦିନ । ଯେମିତି ଉପନ୍ୟାସର ପ୍ରେମିକାଟିଏ । ଭାରି ଶାନ୍ତ ତା'ର ନିଶ୍ୱାସ, ମୁହଁର ଭାବଟା ଦେଖିଲେ ମନେହୁଏ ସତେ ଯେମିତି ହୃତ ସୁଖ ଫେରିପାଇଛି ସେ । ମୁଁ ତାକୁ ଠେଲିଦେଇ କହିଲି – ଉଠ, ତମ ବିଛଣାକୁ ଯାଅ – ଅଂଶୁ ସେଇ ନିଦୁଆ ଆଖିରେ କହିଲା – କାହିଁକି – ଆଉ ଟିକିଏ ଶୁଏ ଏଠି କହିଲି – ହଠାତ୍ ସକାଳୁ ଯଦି ବୁନି ଆସି ଦେଖେ – ତା'ହେଲେ ? ତନ୍ଦ୍ରାଳସ ଦେହନେଇ ଆସ୍ତେ ଆସ୍ତେ ଉଠିଗଲା ଅଂଶୁ । ମୋ ମନ ଗହୀରରୁ ଗୋଟିଏ କଥା ଉଠିଆସିଲା – ମୋର ଏଇ ରାଗ, ଏଇ ଯନ୍ତ୍ରଣା, ଅଂଶୁ ପ୍ରତି ଏଇ ବିରୁଦ୍ଧତା – ଏସବୁ ସେଇ ଜୟନ୍ତଲାଗି । ତାକୁ ମୁହୂର୍ତ୍ତକ ପାଇଁ ବି ଭୁଲିପାରୁନି ମୁଁ – ସେଇଥିପାଇଁ ଏତେ ଯନ୍ତ୍ରଣା ।

ଏକା ସାଂଗରେ "ଚଣ୍ଡାଳିକା" ଦେଖିଲୁ ଅଂଶୁ ଆଉ ମୁଁ – କେମିତି ଏକ ନୂଆପ୍ରକାର ଆନନ୍ଦ ପାଇଲୁ ଏକାସଂଗେ । ଇନ୍ଦ୍ରିୟର ଆନନ୍ଦ ଯେପରି ପୂରାପୂରି ଇନ୍ଦ୍ରିୟର ନୁହେଁ । ଜୟନ୍ତର କୌଣସି ଭାଗ ନଥିଲା ସେଥିରେ । କିଛି ଯେମିତି ଖୁବ୍ ସୁନ୍ଦର – ଯାହା ଆମର ଲୁହର ଓ ଲୋଭର ଅତୀତ – ଯାହାକୁ ହୁଏତ ପବିତ୍ର କୁହାଯାଏ – ଠିକ୍ ତା'ରି ଭିତରେ କିଛିକ୍ଷଣ ପାଇଁ ମିଳିତ ହୋଇଥିଲୁ ଅଂଶୁ ଆଉ ମୁଁ – ସେତେବେଳେ ସେ ପରିଧି ଭିତରେ ଜୟନ୍ତ ନଥିଲା – ସେ ଥିଲା ପରିଧିର ବାହାରେ । ଏଇତ ଟିକକ ଆଗରୁ ମୋର ଏ ଦେହଟାକୁ ଅଂଶୁ ପାଖରେ ଅଜାଡ଼ି ଦେଲି – ଅଂଶୁ ନିଜକୁ ଖୁବ୍ ସୁଖୀ ଭାବି

ଶୋଇପଡ଼ିଲା। ଆଉ ଜୟନ୍ତ ? ତାକୁ ଏଘରୁ ତଡ଼ି ଦିଆହୋଇଛି। ଯେହେତୁ ଅଂଶୁ ମୋର ସ୍ୱାମୀ – ସେ ନିଜେ ତଡ଼ିଦେଇଛି ଜୟନ୍ତକୁ। ସେ ମୋ ଆଡ଼କୁ ଚାହିଁନି, ମୋ କଥା ଭାବିନି। ରବୀନ୍ଦ୍ରନାଥଙ୍କର ନାଟିକାର ସେଇ ସୁର ଯେମିତି ସମ୍ମୋହିତ କରି ରଖିଥିଲା ମୋତେ ସେତେବେଳେ, ମୁଁ ଯେମିତି ନିଜକୁ ଭୁଲିଯାଇଥିଲି – ଅଂଶୁକୁ ମୋର ମନେ ହୋଇଥିଲା – ସେ ଖୁବ୍ ଭଲ, ଖୁବ୍ ବୁଦ୍ଧିମାନ।

"ଚଣ୍ଡାଳିକା" ବିଷୟରେ ତା'ର ମନ୍ତବ୍ୟ ମୋତେ ଅସାଧାରଣ ମନେହୋଇଥିଲା। କିନ୍ତୁ ଶୋଇପଡ଼ି ଉଠିବାପରେ ମୋର ମନେହେଲା ସତେ ଯେମିତି ସେଇ ଗୀତର ସୁର ଓ ଛନ୍ଦର ସୁରର ପକ୍ଷୀମାନେ ମୋତେ ଏକାଛାଡ଼ି ଦୂରକୁ ଉଡ଼ିଯାଇଛନ୍ତି – ଆଉ ମୁଁ ଯେମିତି କେଉଁଠି ହଜେଇ ବସିଛି ସେବେଳର ସେଇ ମନଟିକୁ – ଯେଉଁ ମନ ଦେଇ ଦେଖିଲେ ଅଂଶୁକୁ ଖୁବ୍ ଭଲ ଓ ବୁଦ୍ଧିମାନ ମନେହୁଏ। ହଠାତ୍ ଅଂଶୁର ସ୍ପର୍ଶରେ ନିଦରୁ ଉଠି ଦେଖିଲି – ସବୁ ବାସ୍ତବତା ପୁଣି ଫେରିଆସିଛି। ଅଂଶୁ ନିଜକୁ ଖୁବ୍ ସୁଖୀ ବୋଲି ଭାବୁଛି – ଆଉ ମୁଁ ହିଁ ତା'ର କାରଣ କିନ୍ତୁ ଏଇଟାକୁ ମୁଁ ବା ମାନିନେବି ବା ସହ୍ୟ କରିବି କେମିତି ? ଯେତେବେଳେ ମୁଁ ଜାଣେ ଯେ ଜୟନ୍ତ ଜଳିଯାଉଛି ପ୍ରତଟି ମୁହୂର୍ତ୍ତରେ ଠିକ୍ ମୋପରି – ମୋ ମନରେ କିଛି ହେଲେବି ସାନ୍ତ୍ୱନାର ଉତ୍ସ ଅଛି – ତା'ର, ତା ବି ନାହିଁ। ଈର୍ଷା ହେଲା ମୋର ଅଂଶୁ ଉପରେ। ନିଜ ଉପରେ ବି ଇର୍ଷା ହେଲା ଯେହେତୁ ଆମେଦୁହେଁ ଏମିତି ଅନେକ ସୁଖ ପାଇଛୁ ବା ପାଇଥିଲୁ ବା ଭବିଷ୍ୟତରେ ପାଇବୁ – ଯାହା ଜୟନ୍ତକୁ ତା'ର ରିକ୍ତ ଜୀବନ ମଂଜୁର କରିପାରିନି କେବେ। ରୁଗ୍ଣ ଏବଂ ଅତିସାଧାରଣ ସ୍ତ୍ରୀ, ଅଳ୍ପ ମସ୍ତିଷ୍କ ବିକୃତ ଥିବା ବିଧବା ବୁଢ଼ୀ'ମା, ପୁତ୍ର, କନ୍ୟା, ଅଭାବ, ଅନଟନ ଭିତରେ ଦିନ କଟୁଥିଲା ଜୟନ୍ତର – ଯେତେଦିନ ପର୍ଯ୍ୟନ୍ତ ମୋ ସାଙ୍ଗରେ ତା'ର ସାକ୍ଷାତ୍ ହୋଇନଥିଲା। ଯେହେତୁ ତା'ଜୀବନ ବିଷୟରେ ମୁଁ ସେତିକି ମାତ୍ର ଜାଣେ ଓ ଯାହା ସେ ନିଜେ ମୋତେ କହିଛି। ଏବେ ଯେହେତୁ ତା'କର୍ମସ୍ଥଳୀ ଅର୍ଥାତ ତା'ଘର ମୁଁ କେବେ ଦେଖିନି, କେବଳ ଅଂଶୁ ମୋତେ ତା'ସହିତ ପ୍ରଥମ ସାକ୍ଷାତରେ ଯାହା କହିଥିଲା ତା' (ଜୟନ୍ତ) ବିଷୟରେ। କେବଳ ତା'ରି ଉପରେ ନିର୍ଭରକରି ମୁଁ

ଯେତିକି ଜାଣିଲି – ସେତିକି । ତେଣୁ ତାକୁ ମୁଁ ଦେଖିବାକୁ ଲାଗିଲି ଠିକ୍ ଯେମିତି ଜୀବନଯୁଦ୍ଧରେ ପ୍ରତିକୂଳ ଅବସ୍ଥା ସହିତ ଯୁଦ୍ଧକରି ଚାଲିଛି – ସୈନିକଟିଏ – ନିର୍ଦ୍ଦିଷ୍ଟ ଚାକିରି ନାହିଁ, ମୁଣ୍ଡରେ ଅଂସଯତ ବାଳଗୁଡ଼ାଏ ଧରି, ଖରାରେ ସିଝି, ବର୍ଷାରେ ଭିଜିଭିଜି କିଛି ଉପାର୍ଜନ ଲାଗି ଉଦ୍ୟମ କରେ ଘୁରି ଘୁରି । ଦେଶ ଲାଗି କାମ କରେ, ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରେ । ମୋର ମନେହେଲା ତା'ର ଅନେକ ଭଲଗୁଣ ଅଛି ଯାହାକି ଦାରିଦ୍ର୍ୟର ଗୁରୁଭାରରେ ଚାପି ହୋଇଯାଇଛି ହୁଏତ – ଲୋକେ ତାହା ଦେଖି, ନଦେଖିବାର ଛଳନା କରୁଛନ୍ତି । ମୋର ମନେହେଲା ଏଘରକୁ ମୁଁ ପୁଣି ଜୟନ୍ତକୁ ଫେରେଇ ଆଣିବି – ଯେକୌଣସି ଉପାୟରେ ହେଉନା କାହିଁକି ମୁଁ ତା'ର ପ୍ରତିଭାକୁ ବିକଶିତ କରିବି – ତାକୁ ଆଶ୍ରୟ ଦେବି । ମୋର ମନେହେଲା ଏତେ ବଡ଼ ଦୁନିଆରେ ମୁଁ ଯେମିତି ତା'ର ଶ୍ରେଷ୍ଠ ବନ୍ଧୁ , ତେଣୁ ମୁଁ ହୁଏତ ତା'ପକ୍ଷରେ ଏକାନ୍ତ ପ୍ରୟୋଜନୀୟ । ତାକୁ ବଂଚିତ କଲେ ମୋର ଅଧର୍ମ ହେବ । ଦୀର୍ଘଶ୍ୱାସ ନେଇ ଛଟପଟ ହୋଇ ରାତିର ଅବଶିଷ୍ଟାଂଶ ଏଇ ଘରେ, ଏଇ ବିଛଣାରେ ମୋର ସ୍ୱାମୀଙ୍କ ପାଖରେ କଟେଇ ଦେଲି ।

ତା'ପରଦିନ – ନିରୋଳା ଦ୍ୱିପ୍ରହରେ ବସି ଗୋଟିଏ ସାଧା କାଗଜରେ ଲେଖିଲି – "ଜୟନ୍ତ ! ଫେରିଆସ" । ନିଜ ହାତଲେଖା ଏହି ତିନୋଟି ଶବ୍ଦକୁ କିଛି ସମୟ ଏକ ଲୟରେ ଚାହିଁରହିଲି । ମୁଁ ଭାବୁଥିଲି ଏକଥାର ଅର୍ଥ କ'ଣ ? କାହିଁକି ଲେଖା ଯାଇଛି ? କଲମକୁ ମଡ଼ାଇ ମଡ଼ାଇ ସେଇ ଅକ୍ଷରଗୁଡ଼ାକ ଧୀରେ ଧୀରେ ମୋଟା କରିଦେଲି – ଅନ୍ୟମନସ୍କ ଭାବରେ । ହଠାତ୍ ଅନ୍ୟଗୋଟିଏ ସମ୍ଭାବନାରେ ଚମକି ଉଠିଲି ମୁଁ – ଜୟନ୍ତ ଆଉ କଲିକତା ଛାଡ଼ି ଅନ୍ୟଆଡ଼େ ଚାଲିଯିବନି ତ ? ଆମ ଜୀବନର ଏଇ ତଥାକଥିତ ସୁଖ ବୋଲି ଜିନିଷଟାର ପ୍ରାପ୍ତି । ଜୟନ୍ତ ସ୍ୱାଧୀନ ଲୋକ, ବେପରୱା ଢଙ୍ଗ ତା'ର – ତେଣୁ ଚାଲିଯିବାରେ ବାଧା କ'ଣ ? ନୟନାଂଶୁ ଆଉ ତା'ସ୍ତ୍ରୀ ଜୀବନରେ କିଛି ଅଘଟଣ ନଘଟୁ – ହୁଏତ ସେଇଥିପାଇଁ ସେ ମୁଣ୍ଡପାତି ଗ୍ରହଣ କରିନେଇଛି ଏତେ କଷ୍ଟ, ପରାଜୟ ଓ ଅପମାନ – ତା'ର ସେଇ 'ବର୍ତ୍ତମାନ' ପତ୍ରିକାଟି ଏବେବି ବାହାରୁଛି କି ? ସିଏତ ରୀତିମତ ଏଠିକି ଗୋଟିଏ ଗୋଟିଏ କପି

ପଠାଏ – ଏବେ ଆସିଛି କି ? ବୈଠକଖାନାର ଥାକ ଉପରେ ଖୋଜିବାକୁ ଲାଗିଲି – କିନ୍ତୁ ନା – ଗୋଟିଏ ବୋଲି "ବର୍ତ୍ତମାନ୍" ପତ୍ରିକା ମିଳିଲାନାହିଁ । ତାହାଲେ କ'ଣ ବନ୍ଦ ହୋଇଗଲା ପତ୍ରିକାଟି – ନା ଅନ୍ୟ କାହା ହାତକୁ ଚାଲିଗଲା ? ଅଂଶୁ ନିଶ୍ଚେ ସେ କଥା ଜାଣେ, ଅଥଚ ମୋତେ କହିନି ଏଯାଏ । ହୁଏତ ଅଂଶୁ ନିଜେ ଚେଷ୍ଟା କରି ତାକୁ ଅନ୍ୟ କୌଣସି କାମରେ ଲଗେଇ ଦେଇଛି – ପାଟଣା'ରେ କି ଭୁବନେଶ୍ୱରରେ । ସେଇ ମୁହୂର୍ତ୍ତରେ ମୋର ଧାରଣା ହେଲା ଅଂଶୁ ଯେମିତି ଲୁଚି ଲୁଚି ଜୟନ୍ତକୁ ମୋ'ଠାରୁ ଦୂରେଇ ଦେବାକୁ ଚେଷ୍ଟା କରୁଛି । ମୋର ଧାରଣା ହେଲା ଯେ – ସେ ମୋଟେ ଚାହେଁନି ମୋର କେହି ଆପଣାର ବନ୍ଧୁ ଥାଆନ୍ତୁ – ବା କେହି ମୋ ପ୍ରତି ଟିକେ ବେଶୀ ମନଯୋଗ ଦେଉ । ତୁମେ ସ୍ୱାର୍ଥପର ନୟନାଂଶୁ ! ହେଲେ ଜୟନ୍ତ ! – ତମେବି କ'ଣ ମୋ କଥାଟିକିଏ ଭାବିପାରିଲ ନାହିଁ ?

ଠିକ୍ ସେତିକିବେଳେ ଜୟନ୍ତକୁ ଦେଖିଲି ମୋ ସାମନାରେ । ବୈଠକଖାନାରେ ବହିଥାକରୁ ଦୃଷ୍ଟି ଫେରାଇବା ମାତ୍ରେ – ମୋତେ ବିଶ୍ୱାସ କରିବାକୁ ଟିକେ ସମୟ ଲାଗିଲା ନିଶ୍ଚୟ ! ପରିଷ୍କାର ଧୋତି, ପଞ୍ଜାବୀ ପିନ୍ଧି, ଯତ୍ନକରି ମୁଣ୍ଡ କୁଣ୍ଡାଇ ଆସିଛି ଜୟନ୍ତ – ଅବଶ୍ୟ ଟିକିଏ ରୋଗା ହୋଇଯାଇଛି ୟା ଭିତରେ । ସେମିତି ଠିଆ ରହି ସେ କହିଲା – ନ ଆସି ଆଉ ରହିପାରିଲିନି – ଆଉଥରେ ନଦେଖି ରହିପାରିଲିନାହିଁ । କିନ୍ତୁ ତୁମେ ଯଦି ନଚାହଁ ବା ତୁମେ ଦୁଇଜଣ ଯଦି ନଚାହଁ, ତାହାଲେ ଏଇକ୍ଷଣି ମୁଁ ଚାଲିଯିବି – ଆଉ ଜୀବନଟା ସାରା ମୋର ଦେଖାପାଇବନାହିଁ । ତା'ର ଏପରି କଥାଶୁଣି ମୁଁ ଶିହରି ଉଠିଲି – ଅସହାୟ ଭାବରେ ସୋଫା ଉପରେ ବସିପଡ଼ିଲି – ମୋର କଲିଜା ଦପ୍ ଦପ୍ କରିବାକୁ ଲାଗିଲା । ଅନେକକ୍ଷଣ ନୀରବରେ ବିତିଗଲା – ପରସ୍ପରଆଡ଼କୁ ନଅନାଇ କେବଳ ପରସ୍ପରର ଉପସ୍ଥିତିରେ ପରିପୂର୍ଣ୍ଣ ହୋଇ ବିଭୋର ହୋଇଯାଇଥିଲୁ ଯେମିତି । ଜୟନ୍ତ କହିଲା – ଲୋଟନ୍ ! ମୋତେ କ୍ଷମା କରିବନି ? ମୋ ଆଡ଼େ କ'ଣ ଥରେ ବି ଚାହିଁବନାହିଁ ? ମୁଁ ଦେଖିଲି ତା'ର କଳା ଆଖି ଦୁଇଟା ଯେମିତି ଧୂଆଁରେ ଭର୍ତ୍ତି ହୋଇଯାଇଛି ।

ବୁନି ସ୍କୁଲ୍‌ରୁ ଫେରି ଖୁସିରେ ନାଚିଉଠିଲା ତା'ର ଜୟନ୍ତ କାକାଙ୍କୁ ଦେଖି ।

ଜୟନ୍ତ ତାକୁ ଚୁମା ଦେଇ ବେଶ୍ ଆଦର କଲା । ଅଂଶୁ ଅଫିସରୁ ଫେରି ହଠାତ୍ ଟିକେ ଆଶ୍ଚର୍ଯ୍ୟ ହେଲା – ପରେ ଅତି ସହଜଭାବେ କହିଉଠିଲା – ଏଇ ଯେ ଜୟନ୍ତବାବୁ ! କେମିତି ଅଛନ୍ତି ? ଜୟନ୍ତ ଟିକେ ମଜାକରି କହିଲା – ମିସେସ୍ ମୁଖାର୍ଜୀ – ଆପଣଙ୍କ ସ୍ୱାମୀ ଜଣେ ଅସାଧାରଣ ବ୍ୟକ୍ତି – ମୋ'ପରି ଦୁର୍ବୃତ୍ତଙ୍କୁ ବି ସହ୍ୟ କରିଛନ୍ତି । ଏମିତି ଭାବରେ ଆମର ସ୍ୱାଭାବିକ ବା ଅସ୍ୱାଭାବିକ ଜୀବନ ପୁଣିଥରେ ଆରମ୍ଭ ହେବାକୁ ଲାଗିଲା – ଏବଂ ଖୁବ୍ ଦ୍ରୁତଗତିରେ ମୁଁ ଆଗେଇ ଆସିଲି ଆଜିର ଏଇ ପରିଣାମଆଡ଼କୁ ।

ହଁ, ମୁଁ ଦୋଷ କରିଛି – କିନ୍ତୁ କ'ଣ ବା ଆଉ ମୁଁ କରିପାରିଥାଆନ୍ତି ଯେ ? ମୁଁ'ବିତ ରକ୍ତ ମାଂସର ମଣିଷଟିଏ – କେମିତି ବା ତାକୁ ଫେରାଇଦେବି ? ଆଉ କାହିଁକି ବା ଫେରାଇଦେବି ? ସେ ମୋତେ ଋହେଁ – ଆଉ ମୁଁ ବି ତାକୁ ଋହେଁ – ତା'ର ହାତଗଢ଼ା ବା ମନଗଢ଼ା ଅନ୍ୟ କେଉଁ କଣ୍ଢେଇକୁ ନୁହେଁ – କେବଳ ମୋତେ – କେବଳ ମୋତେ ହିଁ ସେ ଋହେଁ । ଯେଉଁ କେତେଦିନ ଜୟନ୍ତ ଏଘରକୁ ଆସିନି (ପ୍ରାୟ ପନ୍ଦର କୋଡ଼ିଏ ଦିନ ହେବ) ସେଦିନଗୁଡ଼ିକ ଅନାୟାସରେ ମୋ ମନରୁ ପୋଛି ହୋଇଗଲା । ମୋ ମନ ଭିତରେ ଯେମିତି ତା'ର ଅସ୍ତିତ୍ୱ ନଥିଲା । ଯେମିତିକି ଜୟନ୍ତ ସବୁଦିନଧରି ରହିଥିଲା ଏଘରେ – ଓ ସବୁଦିନ ଲାଗି ଥିବ ଏଘରେ । କେତେ ପ୍ରକାରେ ସେ ମୋତେ କହିଛି ଯେ ମୁ ହିଁ ତା' ଜୀବନର କେନ୍ଦ୍ର, ତା'ଜୀବନର ସର୍ବସ୍ୱ । ସେ ନିଷ୍ଠାର କ'ଣ ମୁଁ କିଛି ମୂଲ୍ୟ ଦେବିନି । ମୁଁ କ'ଣ ଏତେ ହୃଦୟହୀନା ? କେତେଥର ଏମିତି ହୋଇଛି ଏଘରେ – ଲୋକଙ୍କର ଗହଳି ହୋଇଛି, ଏ ଘରେ ଆତ୍ମୀୟମାନଙ୍କର ଆଗମନ ବି ହୋଇଛି – ମୁଁ ବ୍ୟସ୍ତ ହୋଇ ଘୂରିବୁଲିଛି ଏ ଘରୁ ସେ ଘରକୁ ଓ ଜୟନ୍ତ ଘଣ୍ଟା ଘଣ୍ଟା ଧରି ବସିରହିଛି ଖାଲି ମୋହରିପାଇଁ – ଶେଷରେ କେବଳ ପନ୍ଦର ମିନିଟ୍ ଏକା ପାଇବାପାଇଁ ।

ମୋର ଆତ୍ମୀୟମାନଙ୍କ ସହିତ ମିଳାମିଶାରେ ସେ ବେଶ ସ୍ୱଚ୍ଛନ୍ଦ, ସରଳ – ବୁନି ସାଂଗରେ ବି ବେଶ୍ ଭାବ ଜମେଇ ଦେଇଛି ଏବେ ସିଏ – ମୋ ସଂସାରର ଏମିତି କିଛି ତା'ର ଦୃଷ୍ଟି ଆଡ଼େଇ ଯାଏନା । କେମିତି କେଜାଣି ଏ ଘର ସାଂଗରେ ମିଶେଇ ଦେଇଛି ସେ ନିଜକୁ । ମୁଁ ଠିକ୍ ବୁଝିପାରେ ଯେ ନୟନାଂଶୁ ୟାକୁ ଭଲଆଖିରେ

ଦେଖିପାରୁନି । ସେ ଭଲଆଖିରେ ଯେ ଦେଖିବ – ଯେ ଆଶାକରିବା ବୃଥା । ମୁଁ ଦେଖେ ଦିନକୁ ଦିନ ଯେମିତି ତା'ମନ ଭିତରେ ମେଘ ଜମିବାକୁ ଆରମ୍ଭ କଲାଣି । ମୁଁ ବୁଝିପାରେ ଯେ ତା'ର ଓ ମୋର ଏଇ ମିଳିତ ଜୀବନରେ କେହି ଯେମିତି ମଜବୁତ୍ ହୋଇ ଠିଆହୋଇପାରୁନୁ । ବାସ୍ତବିକ ଦୁଃଖର ବିଷୟ ନିଶ୍ଚୟ – କିନ୍ତୁ ପ୍ରତିକାର କ'ଣ ମୋ ହାତରେ ଥିଲା ? ନା ! ଏ ଘରର କର୍ତ୍ତାତ ଅଂଶୁ ନିଜେ – ସବୁ ସିଦ୍ଧାନ୍ତ ତାକୁଇ ନେବାକୁ ହେବ । କିନ୍ତୁ ସେ କାହିଁକି ନୀରବ ରହିଗଲା ? ଜୟନ୍ତକୁ ଥରେ ବିତାଡ଼ିତ କରିବା ପରେ – ପୁଣି କାହିଁକି ତାକୁ ସ୍ୱୀକାର କରିନେଲା ? କାହିଁକି ସେ ଆହୁରି ରୁକ୍ଷ ହୋଇପାରିଲାନି ? କାହିଁକି ମୋତେ ଶାସନ କଲାନି – କାହିଁକି ? କାହିଁକି ତା'ମନ ଭିତରେ ଥିଲା ଅଭିମାନ, ଏତେ ନାରୀ ସୁଲଭ କୋମଳତା – ରକ୍ତହୀନ ଭଦ୍ରଲୋକ ହେବାର ଏତେ ଆପ୍ରାଣ ପ୍ରଚେଷ୍ଟା – କାହିଁକି ?

ନା ! ମୁଁ ହୁଏତ ଭୁଲ୍ ଭାବୁଛି । ଅନେକ ଅନେକ ଉପାୟରେ ଆମେ ନିଜକୁ ଓ ଅନ୍ୟକୁ ଠକାଇପାରୁ – ସେଇ ପୁରୁଣା ଚଲୁଣିର ଛିଦ୍ରଦେଇ କେତେ କ'ଣ ବାହାରିଯାଏ – ଯାହାକୁ ଆମେ ଭଲ ମନ୍ଦ, ନ୍ୟାୟ ଅନ୍ୟାୟ କହୁ । କିନ୍ତୁ ନା, ସେସବୁ କିଛିନାହିଁ । ଅଛି ଖାଲି – ଇଚ୍ଛା – ସେଇ ଇଚ୍ଛା ହିଁ ଆମକୁ ଚଲାଇ ନିଏ । ଆଉ ପ୍ରତିଟି ମଣିଷ ଏମିତି ଭାବେ ଗଢ଼ା ଯେ ଜଣକର ଇଚ୍ଛା ସହ ଅନ୍ୟ ଜଣକର ଇଚ୍ଛାର କୌଣସି ମେଳ ନଥାଏ । ଆଉ ସ୍ୱାମୀ – ସ୍ତ୍ରୀକୁ ସବୁବେଳେ ଏକାସାଙ୍ଗେ ରହିବାକୁ ପଡ଼େ ବୋଲି ଏଇ ଇଚ୍ଛାର ଅମେଳଟା ବେଶୀ ଧରାପଡ଼େ ସେମାନଙ୍କ ଜୀବନରେ । ଅଧିକାଂଶ କ୍ଷେତ୍ରରେ ସେଥିରେ ବିଶେଷ କିଛି ଯାଏ ଆସେନା ହୁଏତ – କାରଣ ଅପୋଷ ମିଳାମିଶାରେ ସବୁ ସଂଭବ ହୋଇଯାଏ । କିନ୍ତୁ କେବେ ଯଦି କୌଣସି ଇଚ୍ଛା ପ୍ରବଳ ହୋଇଉଠେ ଓ ସମସ୍ତ ଜୀବନ ଉପରେ ପ୍ରଭୁତ୍ୱ ବିସ୍ତାର କରେ ତାହାଲେ ବି କିଏ କହିପାରିବ କେଉଁଟା ଉଚିତ୍ – କେଉଁଟା ଅନୁଚିତ୍ ? କିଏ ରୋକିବ ସେ ଅଦମ୍ୟ ସ୍ରୋତର ବେଗକୁ । ସେଇ ଇଂଜିନ୍‌ର ବଏଲାର ଭିତରେ ଭରିଥିବା ବାଷ୍ପକୁ ? କଥା ହେଉଛି – ଏଇ ଗତ ବାରବର୍ଷ ଧରି ଅଂଶୁର ଇଚ୍ଛାମତେ ଏଘରେ ସବୁ ହେଉଛି – ଏଥର କ'ଣ ମୋ ଇଚ୍ଛାମତେ କିଛି ହୋଇପାରିବନାହିଁ । ମୁଁ

କ'ଣ ଖାଲି ନୟନାଂଶୁର ସ୍ତ୍ରୀ ? – ମୁଁ କ'ଣ ସ୍ୱାଧୀନ ମନନେଇ ବଂଚିଥିବା ମଣିଷ ନୁହେଁ ? ଏଥର ଯେମିତି କେହି ନଭାବନ୍ତୁ ଯେ ମୁଁ ନୟନାଂଶୁର ଦୁଃଖ ଦେଖିପାରିନି ବା ତାକୁ ସାନ୍ତ୍ୱନା ଦେବାକୁ ଚେଷ୍ଟାକରିନି । ସେତେଦିନ ପର୍ଯ୍ୟନ୍ତ ମୋର ଜୟନ୍ତ ସଙ୍ଗେ କିଛି ହୋଇନଥାଏ କହିଲେ ଚଳେ – ଅଥଚ ମୁଁ ସ୍ପଷ୍ଟ ଜାଣିପାରୁଥାଏ ଯେ ଅଂଶୁ କେମିତି ଅଦ୍ଭୁତଭାବେ ବଦଳି ଯାଉଛି ଏବେ । ମୁହଁରୁ ତା'ର ହସ କମି କମି ଯାଉଛି, କ'ଣ ଗୋଟାଏ ପଚାରିଲେ ଭଲଭାବେ ଉତ୍ତର ଦେଉନି ସେ । ତାକୁ ଛାଡ଼ି ମୁଁ ଯେ ଆଉ ଜଣେ ମଣିଷ ପାଖକୁ ଆଗେଇ ଯାଉଛି – ଏଇଟା ତାକୁ ଭଲଲାଗୁନି ମୋଟେ । ମୁଁ ସେତେବେଳେ କ'ଣ କମ ଚେଷ୍ଟା କରିଛି ଅଂଶୁକୁ ଖୁସିରେ ରଖିବାକୁ ? ରାନ୍ଧିବାକୁ ମୁଁ ଭଲପାଏନା, ନିଆଁ ଧାସ ବାଜିଲେ ମୋର ମୁଣ୍ଡ ବିନ୍ଧେ – ତଥାପି ମୁଁ ସେତେବେଳେ ଅଂଶୁପାଇଁ ତା'ର ମନ ମୁତାବକ ଖାଦ୍ୟ ରାନ୍ଧିଦେଇଛି । ଘରେ ଚାକର ବାକର ଥିବା ସତ୍ତ୍ୱେ, ନିଜ ହାତରେ ତା'ର ସାର୍ଟ, ପେଣ୍ଟ ସଫା କରିଦେଇଛି – ଇସ୍ତ୍ରି କରିଦେଇଛି – ଏପରିକି ତା'ର ଜୋତା ପଲିସ କରିବାକୁ କେବେ କୁଣ୍ଠିତ ହୋଇନି । ସେ ଆରାମ ପ୍ରିୟ ଲୋକ, ପୁଣି ପରିଚ୍ଛନ୍ନତା ପ୍ରତି ତା'ର ଗୋଟାଏ ରୁଚି ଅଛି । ମୁଁ ବହୁତ ଖଟି, ବହୁତ ଯତ୍ନ କରି ଫ୍ଲାଟ୍‌ଟିକୁ ବେଶ୍ ଚକ୍ ଚକ୍ କରି ରଖିଛି । କିନ୍ତୁ ସେ ସବୁ ତା'ଆଖିରେ ପଡ଼େନା । ଅଥଚ ମୋ ହାତରେ କୌଣସି ଛୋଟ କାମଟିଏ ବି ଜୟନ୍ତର ଦୃଷ୍ଟି ଏଡ଼ାଇ ଯାଏନା । କେବେ ଯଦି କାନର ଦୁଲ୍ ବଦଳ କରେ ସେଟା ବି ସେ ଠିକ୍ ଲକ୍ଷ୍ୟ କରେ – ମୁଁ ଯେତେବେଳେ ଚା'କେଟଲୀରୁ ଚା' ଢ଼ାଳୁଥାଏ ସେତେବେଳେ ବି ସେ ଲକ୍ଷ୍ୟ କରେ – ତା'ର ଦୃଷ୍ଟିଥାଏ ମୋହାତ ଉପରେ ।

ମୋର କ'ଣ ଉଚିତ୍ ଥିଲା ନୟନାଂଶୁକୁ ଶରୀର ଦେଇ ଭୁଲାଇ ଦେବା ? କିନ୍ତୁ ସେଇଟା କ'ଣ କୁତ୍ସିତ ଆଚରଣ ହୁଅନ୍ତାନାହିଁକି ? କ'ଣ ବା କରିବି ମୁଁ? ଏବେ ଏମିତି ହୋଇଯାଇଛି ଯେ – ଅଂଶୁକୁ ମୁଁ ସୁଖୀ କରିବାକୁ ଚାହୁଁଛି ଅଥଚ ତା'ର ଶରୀରଟାକୁ ମୁଁ ଆଉ ଭଲ ଆଖିରେ ଦେଖିପାରୁନି । ସେ କେବେ ବାଥ୍‌ରୁମ୍‌କୁ ଖାଲି ଦେହରେ ବାହାରିଲେ – ମୁଁ ଆଖି ଫେରେଇ ନେଇଛି । ତା ସହିତ ଏବେବି ଯେ

## ମୁଁ ମାଳତୀ କହୁଛି

ମୋତେ ଶୋଇବାକୁ ପଡୁଛି ଗୋଟିଏ ବନ୍ଦ କୋଠରୀରେ – ସେଥିରେ କେମିତି ମୋର ଶ୍ୱାସରୁଦ୍ଧ ହୋଇଯାଉଛି ଏବେ । ଯଦି ଭଲପାଇବା ଭିତରେ ଏଇ ଦେହଟା ସଂପୃକ୍ତ ନଥାନ୍ତା – ତାହାଲେ ଅଂଶୁ ଆଉ ମୁଁ ସତେ କେତେ ସୁଖୀ ହୋଇପାରନ୍ତୁ । ହେଲେ ସେ କ'ଣ ଏ ଦୁଇଟାକୁ ଅଲଗା କରିଦେଇ ମୋ ପାଖରେ ରହିପାରନ୍ତା ନାହିଁ ? ମୁଁ ଟିକେ ଆଶା ପାଇଥିଲି ସେଇଦିନ – ଯେଉଁଦିନ ତା'ର ଅଫିସର ଅପର୍ଣ୍ଣାକୁ ସେ ଡିନର ପାଇଁ ଆମ ଘରକୁ ନିମନ୍ତ୍ରଣ କରିଥିଲା । ପାର୍କ ଷ୍ଟ୍ରିଟ୍‌ର ବାସିନ୍ଦା, ସ୍ୱାମୀଠାରୁ ବିଚ୍ଛେଦ ହୋଇଯାଇଛି – କଥାବାର୍ତ୍ତାରେ ବେଶ୍ ଚଞ୍ଚଳ । ନୟନାଂଶୁର ପ୍ରଶଂସାରେ ଶତମୁଖ । କିନ୍ତୁ ନା, ସେ ବେଶୀଦୂର ଆଗେଇପାରିବ ନାହିଁ – କାରଣ ଅଂଶୁ ବେଶ୍ ଆତ୍ମାଭିମାନୀ ମଣିଷ, ଅଙ୍କା ବଙ୍କା ଜିନିଷକୁ ସେ ସହଜରେ ମାନି ନେଇପାରେନା – ତେଣୁ ସହଜ ଭାବରେ ସୁଖୀ ହେବା ତା' ଭାଗ୍ୟରେ ନାହିଁ ।

ତୁମେ କ'ଣ ଏଇଆ ଶୁଣିବାକୁ ଚାହଁ ଯେ ମୁଁ ଅଂଶୁକୁ ଭଲ ପାଏ ବା ଭଲ ପାଏନି – ଆଉ ଜୟନ୍ତକୁ ଭଲପାଉଛି ? ନା ! ଏଇସବୁ ଭଲପାଇବା ଇତ୍ୟାଦି ଯାବତୀୟ କଥାସବୁ ଅଂଶୁପରି ଲୋକମାନଙ୍କର ମନଗଢ଼ା ଏକ ଧାରଣା, କଳ୍ପନା – ହୁଏତ ଏକ ଆଦର୍ଶ, ଯାହାପାଖକୁ କେହି କେବେବି ପହଞ୍ଚିପାରନ୍ତିନି – ଓ ସେଇ ଅବଶୋଷକୁ ନେଇ କେବଳ ସେଇ କଥାହିଁ ସମସ୍ତଙ୍କ ଆଗରେ ଗପନ୍ତି । ଏମିତି କିଏ ଅଛି ଯିଏକି ଜଣକର ସବୁ ଇଚ୍ଛାକୁ ପୂରଣ କରିପାରିବ ? ଅଳ୍ପ ବୟସରେ ଏମିତି ଗୋଟିଏ ପ୍ରକାର ଚଞ୍ଚଳ ଓ ଛନଛନ ମନଥାଏ ଯାହା ହଠାତ୍ କୌଣସି ଜଣକର ସବୁ ଇଚ୍ଛାକୁ ଭଲପାଇ ବସେ – ଅନ୍ୟ ସମସ୍ତଙ୍କଠାରୁ ସିଏ ସ୍ୱତନ୍ତ୍ର ବୋଲି ଭାବିନିଏ । ତା'ର ମନେହୁଏ ତାକୁ ପାଇଲେ ସେ ଆଉକିଛି ଆଶା କରିବନି ତା ଜୀବନରେ । ଯେତେବେଳେ ସେଇ ମଣିଷଟିର ଦୈବାତ୍ ତା'ସାଙ୍ଗରେ ବିବାହ ହେଲା – ସେତେବେଳେ ସେ ମୋହାଚ୍ଛନ୍ନ ଭାବଟା ଗୋଟିଏ ମାତ୍ର ଗ୍ରୀଷ୍ମ ପରେ ଝରିଯାଏ – ଆଉ ରହିଯାଏ ଖାଲି ସ୍ୱାର୍ଥ, ଏକତ୍ର ବସବାସ ଜନିତ ମମତା, ରହେ ଅଭ୍ୟାସ – ପୁରୁଣା ଜୋତାର ଆରାମ ପରି, ଆଉ ଥାଏ ଏହି ପୁରୁଣା ଦେହଟା । କିନ୍ତୁ ଦେହଟା ଯେ କେତେ ଶୀଘ୍ର କେତେ ସହଜରେ କ୍ଲାନ୍ତ ହୋଇପଡ଼େ, ବିମୁଖ

ହୋଇଯାଏ, କେତେ ସହଜରେ ଅନ୍ୟର ସୁଖର ସ୍ୱପ୍ନ ଦେଖେ। ଜୟନ୍ତ ମୋତେ ଯେତେ କଥା କହିଛି – ତା ଭିତରେ "ଭଲପାଇବା" ଶବ୍ଦଟା ଥରେ ବୋଲି ଉଚ୍ଚାରଣ କରିନି ସେ – ଓ ମୁଁ ସେଇଥିଲାଗି ବାସ୍ତବରେ ତା'ନିକଟରେ କୃତଜ୍ଞ – ଅଥଚ ଅଂଶୁ ମୋତେ ବାରମ୍ବାର ଖେଞ୍ଚି ଖେଞ୍ଚି ପଚାରିଛି – ମୁଁ ତାକୁ ଭଲପାଏ କି ନା ଜାଣିବାକୁ।

ଧରାଯାଉ, – ମୁଁ ଯଦି ମୋର କଲେଜ ସାଥୀ ଝରଣାପରି ହୋଇଥାନ୍ତି; ବିବାହ ପରେ ଥରେ ତା'ର ଇଂଜିନିୟର ସ୍ୱାମୀକୁ ନେଇ ଆସିଥିଲା, ଯେତେ ସମୟ ରହିଲା ତା'ରି ସ୍ୱାମୀର ମୁହଁ ଛଡ଼ା ଅନ୍ୟ କୁଆଡ଼କୁ ସେ ପ୍ରାୟ ଦେଖିନି। ତା'ର ସ୍ୱାମୀ ଯାହା କହୁଥାନ୍ତି – ସେ ଯନ୍ତ୍ରଚାଳିତ କଣ୍ଢେଇ ପରି ମୁଣ୍ଡ ହଲାଉଥାଏ ଓ ଆମ ଆଡ଼କୁ ଏମିତି ଭାବରେ ଅନାଉଥାଏ ସତେ ଯେମିତି କିଛି ଗୋଟାଏ ଗଭୀରତମ ଜ୍ଞାନର କଥା କୁହାଯାଉଛି।

ତା'ର ସ୍ୱାମୀ କହିଲେ – କଳାବଜାରୀମାନଙ୍କୁ ଧରି ଗୁଳିକରି ମାରିଦେବା ଉଚିତ୍। ସାଂଗେ ସାଂଗେ ଝରଣା କହିଉଠିଲା – ହଁ, ନିଶ୍ଚୟ ମାରିଦେବା ଉଚିତ୍। ତା'ର ସ୍ୱାମୀ କହିଲେ, ବୁଝିଲେ ଆଜ୍ଞା ! ଆମଦେଶରେ ଗଣତନ୍ତ୍ର ଚଳିପାରିବନି – ଏଠି ଏକଛତ୍ରବାଦ ହିଁ ଦରକାର। ପୁଣି ପାଗଳଙ୍କ ପରି କେମିତିକା କଥାସବୁ କହିଲେ – ଯଥା – ବଂଗଳା ଭାଷାରେ କ'ଣ ଫିଜିକସ୍, କେମେଷ୍ଟ୍ରି ପଢ଼ାଯାଇପାରେ ? ଅଂଶୁ କହିଲା – କାହିଁକି ପଢ଼ାଯାଇପାରିବନି ? ଜାପାନୀମାନେ ତାଙ୍କ ଭାଷାରେ ପଢ଼ାଉଛନ୍ତି। ସେ ସବୁ ଛାଡ଼ନ୍ତୁ – ଆମର କିନ୍ତୁ ଇଂରାଜୀ ନହେଲେ ଚଳିବ କିପରି ? ହଁ, ତା ନୁହେଁ ତ ଆଉ କ'ଣ – କହି ଝରଣା ମୋ ଆଡ଼କୁ ଚାହିଁଲା। ମନେ ମନେ ଭାବିଲି ଝରଣାଟା ଏତେ ବୋକୀ ତା' ମୁଁ ଜାଣିନଥିଲି। ଟିକେ ଅଧିକ ବୟସରେ ବିବାହ ହୋଇଥିଲା ତା'ର – ତେଣୁ ନୂଆ ଦାମ୍ପତ୍ୟର ନିଶାର ଆସକ୍ତି ଆସ୍ତେ ଆସ୍ତେ କଟିଯିବ ତା'ର – ସେତେବେଳେ ଭାବିଥିଲି। କିନ୍ତୁ ଏବେ ପାଂଚ ବର୍ଷ ପରେ ଝରଣାକୁ ଦେଖିଲି – ସେମିତି ଅଛି ସିଏ – ଟିକେ ମୋଟି ହେଇଛି ନିଶ୍ଚୟ, ତିନୋଟି ସନ୍ତାନର ମାଆ ହୋଇପାରିଛି। ସ୍ୱାମୀର କାର୍‌ରେ ବସି ମଝିରେ ମଝିରେ ସେ

ଆସେ ମୋ ପାଖକୁ – ଯେତେ ସମୟ ରହେ ତା' ସ୍ୱାମୀର କଥା ହିଁ କହେ– ସେ ଏମିତି କହନ୍ତି, ସେ ଏମିତି କରନ୍ତି, ଏଇଆ ଭଲ ପାଆନ୍ତି, ସବୁଦିନ ସଂଧ୍ୟାରେ ସେ ଏବେ ଡ୍ରିଙ୍କ୍ କରନ୍ତି, ରବିବାର ଦଶଟା ଆଗରୁ ନିଦରୁ ଉଠନ୍ତିନାହିଁ – ଇତ୍ୟାଦି, ଇତ୍ୟାଦି। ସବୁ ଯେମିତି ଖୁବ୍ ଜାକଜକମ ଭାବରେ ସମସ୍ତଙ୍କୁ କହି ଶୁଣାଇବାର ବ୍ୟାପାର। ମୁଁ ମନେ ମନେ ଖୁବ୍ ହସିଛି – ଝରଣା କଥା ନେଇ; – କିଏ ଜାଣେ ତା'ର ସେଇ ବୋକାମିଟା ହୁଏତ ଠିକ୍, ହୁଏତ ସେଇ ସବୁ ବିବାହିତ ଜୀବନ ସବୁଦିନ ଠିକ୍‌ଭାବେ ଚାଲେ – ଯେଉଁଠି ଜଣେ ନିଜକୁ ଛୋଟ ଓ ଅଧୀନ ବୋଲି ମାନିନିଏ – ଆଉ ଏଇ ଭୂମିକାଟା ସାଧାରଣତଃ ସ୍ତ୍ରୀମାନେ ହିଁ ନେବାକଥା, ସେଇମାନଙ୍କୁ ହିଁ ଏଇଟା ଶୋଭାପାଏ। ଆଉ ଜୀବନରେ ଯଦି ସୁଖଟା ଏକାନ୍ତ ଲକ୍ଷ୍ୟ ହୁଏ ତାହାଲେ ସେଇଟା କିପରି ଭାବରେ ହାସଲ କରାଗଲା, ସେଥିଲାଗି ମୁଣ୍ଡ ଘୂରାଇ ଲାଭ କ'ଣ ? ଝରଣା ତା'ର ପିଲାମାନଙ୍କୁ ନେଇ ବେଶ୍ ଭଲରେ ଅଛି, ଦୁଃଖ ଯନ୍ତ୍ରଣାରେ ଥିଲେ ବି ସେମାନେ ଜଣେଇବେନି କେବେ। ପ୍ରକୃତରେ ଦେଖିବାକୁ ଗଲେ ଏଇଟା ସେମାନଙ୍କର ବିଜୟ ନୁହେଁ କି ? କିନ୍ତୁ ମୁସ୍କିଲ କଥା ଏଇଆ ଯେ ମୁଁ ଝରଣା ନୁହେଁ। ଆଉ ନୟନାଂଶୁ ଯେମିତି ଅଜବ ଧରଣର ଲୋକ ତାକୁ ବି ଖୁବ୍ ବିରକ୍ତ ଲାଗନ୍ତା, ତା'ର ସ୍ତ୍ରୀ'ଟା ଯଦି ଝରଣାପରି ହୋଇଥାଆନ୍ତା।

ଦିନେ ଜୟନ୍ତ ସହିତ ତା'ର ପତ୍ରିକା ବିଷୟରେ ଆଲୋଚନା ଚାଲିଥାଏ। ଅଂଶୁ କହିଲା – ଆପଣଙ୍କ 'ବର୍ତ୍ତମାନ୍' ଲେଖା ହୋଇଥିବା ବ୍ଲକ୍‌ଟିକୁ ବଦଳାଇ ଦିଅନ୍ତୁ – ଏଥିରେ 'ନ' ଟା 'ଣ' ପରି ଦିଶୁଛି। ଜୟନ୍ତ କହିଲା, ସେଥିରେ କ'ଣ ଅଛି ? ଅଂଶୁ କହିଲା କେତେ ବା ଟଙ୍କା ଖର୍ଚ୍ଚ ହେବ ସେଥିରେ ? ତେଣୁ ବଦଳାଇ ଦେବା ଭଲହେବ। ପ୍ରକୃତରେ ମଲାଟ୍‌ଟା ଖରାପ ଲାଗୁଛି। ଜୟନ୍ତ ଟିକେ ହସି ସିଗାରେଟ୍ ଲଗେଇଲା। ଅଂଶୁ ତା'ଆଡ଼କୁ କଣେଇ ଚାହିଁ କହିଲା – ଆପଣଙ୍କ ପତ୍ରିକାର 'କୁତ୍ସିତ' ଶବ୍ଦଟା ସବୁବେଳେ ଭୁଲ୍ ଛପାହେଉଛି ଓ ହାସ୍‌ପାତାଲ ଶବ୍ଦରେ ଗୋଟିଏ ଅଦରକାରୀ 'ଚନ୍ଦ୍ରବିନ୍ଦୁ' ରହିଥାଏ – ଅନ୍ତତଃ ଏସବୁ ଠିକ୍ କରିନେବା ଉଚିତ୍। ଯାର ଉତ୍ତରରେ ଅଂଶୁ କିଛି କହିବା ଆଗରୁ 'କୁତ୍ସିତ' ଶବ୍ଦ ସେମିତି ଖଣ୍ଡିଆ

ହୋଇ ଲେଖାଯାଏ। ଜୟନ୍ତ ମୃଦୁ ହସି କହିଲା – ମୁଁ ଅନ୍ତତଃ ଏମିତି ଲେଖେ – ସବୁବେଳେ ଦୁଇଟା ଖଣ୍ଡିଆ 'ତ' ଲଗେଇ। ତା'ପରେ ବି ଦୁଇଟା ଖଣ୍ଡିଆ 'ତ' ମିଶାଇ ଲେଖିଲେ କୁତ୍ସିତ ଶବ୍ଦର ପ୍ରକୃତ ଅର୍ଥଟା କ'ଣ ବୁଝାଯିବନି କି ? ଅଂଶୁ କହିଲା – ତାହାଲେ ଆପଣ କହୁଛନ୍ତି ଯେ ସାହିତ୍ୟରେ ଶୁଦ୍ଧ ଓ ଅଶୁଦ୍ଧ ବୋଲି ଗୋଟାଏ ଜିନିଷ କିଛି ନାହିଁ ? ହଁ, ଆପଣଙ୍କ ମତ ଅନୁସାରେ ଅଛି ହୁଏତ – ଜୟନ୍ତ କହିଲେ। କିନ୍ତୁ ମୋର ମତ ଅଲଗା – ଯୁକ୍ତି ବାଢ଼ିଲା ଅଂଶୁ – ମୋ ମତରେ ଅନ୍ୟର ସବୁ କୁସଂସ୍କାର ପରି ଏଇ ବନାନ୍‌ଟା ବି ଗୋଟିଏ କୁ ସଂସ୍କାର – ବଂଗଳା ଭାଷାଟା କାହାର ବ୍ୟକ୍ତିଗତ ସଂପତ୍ତି ନୁହେଁ ଯେ, ମୁଁ ବା ଆପଣ ଆମରେ ମନ ଖୁସି ଯା ଇଚ୍ଛା ତାହା ଲେଖିପାରିବା। ଯାର ଉତ୍ତରରେ ଜୟନ୍ତ କହିଲା – ଦେଖନ୍ତୁ ଆଜ୍ଞା ! ମୁଁ ତ ଖଟିଖିଆ ଲୋକ, ପ୍ରତି ସପ୍ତାହରେ ପନ୍ଦରଟି ସ୍ତମ୍ଭ ମୋତେ ଲେଖିବାକୁ ହୁଏ – ତେଣୁ ଶବ୍ଦର ବନାନ ନେଇ ଏତେ ମୁଣ୍ଡ ଘୂରାଇବାକୁ ମୋତେ ସମୟ ମିଳେନା। ସେସବୁ ଆପଣମାନଙ୍କ ପରି ବାବୁମାନଙ୍କର ଏକ ପ୍ରକାର ବିଳାସିକତା। ହଠାତ୍ ଲକ୍ଷ୍ୟ କଲି ଅଂଶୁର ମୁହଁଟା ଲାଲ୍ ହୋଇଗଲା। ଆପଣମାନେ ବସନ୍ତୁ, ମୋର ଟିକିଏ କାମ ଅଛି, ମୁଁ ଆସୁଛି ବୋଲି କହି ଅଂଶୁ ସେଠୁ ଉଠି ଶୋଇବା ଘରକୁ ଚାଲିଗଲା।

କଳିଗୋଳ ମୋତେ ମୋଟେ ଭଲ ଲାଗେନାହିଁ, ତେଣୁ ଅଂଶୁର ମିଜାଜ୍ ଖରାପ ଥିବାର ଜାଣିଲେ ମୁଁ ଚୁପ୍ ହୋଇ ରହିଯାଏ। ସେଦିନ କିନ୍ତୁ ଖାଇସାରିବା ପରେ ମୁଁ ଆଉ ଚୁପ୍ ହୋଇ ରହିପାରିଲିନାହିଁ। କହିଲି – ସେତେବେଳେ ତମେ ହଠାତ୍ ଉଠିପଡ଼ି ସେଠୁ ଚାଲିଆସିଲ କାହିଁକି ? କହିଲା – ମୋତେ ସେଠି ବସିବାକୁ ଭଲ ଲାଗୁନଥିଲା। କହିଲି – ତା'ବୋଲି ଏମିତି ଅଭଦ୍ରାମି କରିବ ? ଅଂଶୁ କହିଲା – କାହିଁକି ? ମୁଁ ନଥିବାରେ ଜୟନ୍ତ ବାବୁଙ୍କର କ'ଣ କିଛି ଅସୁବିଧା ହେଉଥିଲା କି ? ଅଂଶୁ ଯେ କଥାର ମୋଡ଼କୁ କୁଆଡ଼କୁ ନେବାକୁ ଚାହୁଁଛି – ତା'ବୁଝିପାରି ନବୁଝିପାରିବାର ବାହାନା କରି କହିଲି – ବାଃ, ସାଧାରଣ ଗୋଟିଏ ବନାନ୍ ଅଶୁଦ୍ଧି ନେଇ ଏତେ ଯୁକ୍ତି – ସେଥିରେ ପୁଣି ତମେ ରାଗିଯାଉଛ – ତମେ କ'ଣ ପିଲାହୋଇଛ ? ଅଂଶୁ କହିଲା – ତମମାନଙ୍କ ପାଖରେ ବନାନ ଅଶୁଦ୍ଧିଟା ଗୋଟେ ସାଧାରଣ କଥା ହୋଇପାରେ,

କିନ୍ତୁ ମୋ'ପରି ଲୋକ ପକ୍ଷରେ ଏହା ସାଂଘାତିକ କଥା । ଅଂଶୁ ଯୋଡ଼ି କହିଲା – "ତୁମମାନଙ୍କ ପାଖରେ" – ସେଇଟା ମୋତେ ମୋଟେ ଭଲଲାଗିଲାନି, – ତଥାପି ଧୈର୍ଯ୍ୟଧରି କହିଲି – ହଉ ହେଲା – ତୁମେତ ବନାନ ଭୁଲ୍ କରୁନ – ସେତିକିରେ କଥା ଶେଷ – ଅନ୍ୟମାନଙ୍କ ଉପରେ ଏ ମାଷ୍ଟରଗିରି କରିବା କି ଦରକାର ? ଅବଶ୍ୟ କିଛି ଦରକାର ନାହିଁ – ଏତିକି କହି ଅଂଶୁ ଚେୟାର ଛାଡ଼ି ଉଠିପଡ଼ି ଘରେ ପଦଚାରଣା କରିବାକୁ ଲାଗିଲା ।

କୌଣସିଥିରେ କିଛି ଯାଏ ଆସେନା – ଛାପାରେ ଭୁଲ୍, ବର୍ଣ୍ଣନାରେ ଭୁଲ୍; – ମେହନତି ମଣିଷ, ମଜବୁରୀ, ସଂଗ୍ରାମ ଇତ୍ୟାଦି ଶବ୍ଦପରି କଦର୍ଯ୍ୟ ବଙ୍ଗଳା – ଏମିତି ଆଉରି କେତେ କ'ଣ – ହେଲେ ତା ସେ ମାନିବାକୁ ନାରାଜ । ଅଂଶୁକୁ କହିଲି ତମେ ହିଁ ଥରେ ଏହି ଜୟନ୍ତ ରାୟଙ୍କୁ କର୍ମବୀର ଆଖ୍ୟା ଦେଇ ଆକାଶକୁ ଉଠାଇ ଦେଇଥିଲ – କିନ୍ତୁ କାହିଁକି ? ତମେ ନିଜେ 'ବର୍ତ୍ତମାନ'କୁ ତୁମର ବହୁ ମୂଲ୍ୟବାନ ଲେଖା ଛପାଇବାକୁ ଦେଇଛ – ଦେଇନ ? ଅଂଶୁ କହିଲା – ହଁ, ସେତେବେଳେ ପତ୍ରିକାଟା ଭଲଭାବରେ ଦେଖିନଥିଲି । ତା' କଥା ଶୁଣି ମୋର ମନେହେଲା ଯେ ତାକୁ ମୋର ସାହାଯ୍ୟ କରିବା ଉଚିତ । ସାହାଯ୍ୟ ! ମାନେ ଦୟା ? ତା'ମାନେ ବିଜ୍ଞାପନ ଦାତାମାନଙ୍କର ଟଙ୍କା ନେଇ ତମେ ବେଶ୍ ଖେଳ ଖେଳିପାର ? ଯାହା ତମେ ବୁଝିନାହଁ ସେକଥା କହିବନି କେବେ – ବୁଝିଲ ? ଏସବୁ କଥା କହି ଅଂଶୁ ନୀରବ ହେଲା – ମୁଣ୍ଡର ବାଳକୁ ସଜାଡୁ ସଜାଡୁ ପୁଣି କହିଲା – ୟାଙ୍କୁ ସିଆଡୁ ମତାମତରେ କ'ଣ କିଛି ଗାଣ୍ଡି ମୁଣ୍ଡ ଅଛି ? ଆଜି କଂଗ୍ରେସ, କାଲି କମ୍ୟୁନିଷ୍ଟ, ପଅରଦିନ ସ୍ୱତନ୍ତ୍ରପାର୍ଟି – ଯେତେବେଳେ ଯେଉଁଆଡ଼େ ପବନ ବହିଲା । ଏଥର ମୁଁ ବଡ଼ପାଟିରେ ଯୁକ୍ତି ଆରମ୍ଭ କଲି – ତମେ ଏବେ ଖୋଜି ଖୋଜି ଜୟନ୍ତ ବାବୁଙ୍କ ଦୋଷ ବଖାଣୁଛ କାହିଁକି ? କ'ଣ ହୋଇଛି ତୁମର ? – ନୟନାଂଶୁ ତା'ର କଥା କହିଲା – ପତ୍ରିକାର ବିକ୍ରି ବଢ଼ିବ କେମିତି – ସେଇ ହେଲା ଅସଲ କଥା । କେମିତି ଦି ପଇସା ଅଧିକା ଆସିବ, ତା'ଛଡ଼ା ଆଉ ଅନ୍ୟ ଚିନ୍ତା ନାହିଁ । ବନାନ ଭୁଲ୍ ଥିଲେ ବି କାଗଜ ବିକ୍ରି ହେବ, ଯଦି କିଛି ମିଛ ଖବର ଛାପିଲେ ବି କାଗଜ ଅଧିକ ବିକ୍ରି

ହେଲା – ତା'ହେଲେ କେବଳ ମିଛଖବର ହିଁ ଛପାଯାଉ – ଛି, ଛି ! ଟିକିଏ ସାଧାରଣ ବୁଦ୍ଧି ବିବେକ ନାହିଁ। ମୋର ମୁଣ୍ଡକୁ ହଠାତ୍ ପିତ୍ତ ଉଠିଲା ଯେମିତି – କହିଲି କୁଆଡ଼େ ଯାଏ ତୁମର ସେ ବିବେକ ଯେତେବେଳେ ଡାହାଣ ହାତରେ ବିଜ୍ଞାପନ ଦେଇ ବାମ ହାତରେ ନିଜର ଲେଖାଟା ଛପାଇ ନିଅ – ତାକୁ କ'ଣ ବିବେକ କୁହାଯାଏ ? ଉପୁରି ଦି'ପଇସା ରୋଜଗାର କରିପାରୁଛ ଏଇଆତ ? ରାଗିଲା ଆଖିରେ ମୋ'ଆଡ଼କୁ ଚାହିଁଲା ଅଂଶୁ, – କହିଲା ତା'ମାନେ ? କିହିଲି, ଯେଉଁସବୁ କାଗଜରେ ତମେ ବିଜ୍ଞାପନ ଦିଅ ସେଇସବୁ କାଗଜର ମାଲିକଠାରୁ ଟଙ୍କା ପାଅନି ? ନା, ମୋଟେ ନୁହେଁ – ଚିତ୍କାର କରିଉଠିଲା ଅଂଶୁ – ମୁଁ ଲେଖେ, ଆଉ ଆଜିକାଲି ସମସ୍ତେ ଲେଖାପାଇଁ ଟଙ୍କା ପାଉଛନ୍ତି – ଯା ସହିତ ବିଜ୍ଞାପନର କିଛି ସମ୍ବନ୍ଧ ନାହିଁ। ହଠାତ୍ ମୋ ମୁହଁରୁ ବାହାରି ଆସିଲା – ସେଇଥିପାଇଁ ତ ନିଜେ କିଛି ଲେଖିପାରୁନ, ଅନ୍ୟମାନଙ୍କ ଲେଖାକୁ ଆଜେ ବାଜେ ତର୍ଜମା କରୁଛ ବସି ବସି। ମୁଁ ଠିକ୍ ଦେଖିଛି – ନୟନାଂଶୁର ମୁହଁର ରଙ୍ଗଟା କେମିତି ଫିକା ହୋଇଆସିଲା – ମନେହେଲା ତା'ର ମୁହଁର ରଙ୍ଗଟା ଯେମିତି ଭାଙ୍ଗି ରୁଜି ଖଣ୍ଡ ଖଣ୍ଡ ହୋଇଯାଇଛି। ଦୁଇ ହାତରେ ମୁହଁ ଲୁଚାଇ ଚେୟାର ଉପରେ ବସିପଡ଼ିଲା ଅଂଶୁ – ମୁଁ ତା'ର କୋହରେ ଫୁଲି ଫୁଲି କାନ୍ଦିବାର ଶବ୍ଦ ଶୁଣିପାରିଲି।

ସେତେବେଳକୁ ବୋଧହୁଏ ଫେବୃଆରୀ ମାସ – ଜୟନ୍ତ ସହିତ ମୋର ଚିହ୍ନା ପରିଚୟ ହୋଇଥାଏ ମାତ୍ର ଦୁଇମାସ ଆଗରୁ। ସେତେବେଳ ପର୍ଯ୍ୟନ୍ତ ତାକୁ ମାତାଲବୋଲି କହି ତଡ଼ିଦେବାକୁ ଅଂଶୁ ସୁବିଧା ପାଉନଥାଏ – ଆଉ ମୁଁ ମଧ୍ୟ ମୋ ନିଜ ମୁହଁର ପ୍ରକୃତ ରୂପ ସେତେବେଳ ପର୍ଯ୍ୟନ୍ତ ଦେଖିପାରିନଥାଏ। ଜୟନ୍ତକୁ ମୋତେ ବେଶ୍ ଭଲଲାଗୁଥାଏ – କିନ୍ତୁ ମୁଁ ନିଜେ ବୁଝିପାରୁନଥାଏ ମୁଁ କୁଆଡ଼େ ଆଗେଇ ଯାଉଛି। ତେବେ ସେ ଯେ ଦିନକୁ ଦିନ ମୋ ପ୍ରତି ବେଶୀ ଆକୃଷ୍ଟ ହେବାରେ ଲାଗିଛି – ଏଇଟାକୁ ମୁଁ ମନେ ମନେ ବେଶ୍ ଉପଭୋଗ କରୁଥାଏ। ଜୀବନରେ ଗୋଟିଏ ନୂଆ ସ୍ୱାଦ ପାଇଛି– ଯେଉଁଥିରେ ମୋର କିଛି ଲାଭଅଛି – ଅଥଚ ଅନ୍ୟ କାହାର କିଛି କ୍ଷତିନାହିଁ। ଏଇ ଧାରଣାରେ ମୁଁ ଥିଲି ସେତେବେଳେ। କିନ୍ତୁ ସେଦିନ ରାତିରେ

– ଅଂଶୁ ସହିତ ତର୍କ ବିତର୍କ କରିବାକୁ ଯାଇ ମୋର ମନ ଗହ୍ୱରର ଏକ ସୂକ୍ଷ୍ମକୋଣଟିଏ ହଠାତ୍ ଯେମିତି ଆଲୋକିତ ହୋଇଉଠିଲା । ଯୁକ୍ତି ତର୍କ ଦିଗରୁ ଭାବିଲେ ଅଂଶୁ ସେଦିନ ଠିକ୍ କଥା କହୁଥିଲା ନିଶ୍ଚୟ । କିନ୍ତୁ ସେ ଯେ ଠିକ୍ କଥା କହୁଥିଲା ସେଇଟାକୁ ମୁଁ ସହ୍ୟ କରିପାରୁନଥିଲି । ମୋର ମନେ ହେଉଥିଲା ତା'ର ବିଦ୍ୟା ବେଶୀ ବୋଲି, ଟଙ୍କା ପଇସା ଟିକିଏ ବେଶୀ ବୋଲି ବୋଧହୁଏ ସେ ସେମିତି । ଜୟନ୍ତକୁ ସାହାଯ୍ୟ କରିବାର କ୍ଷମତା ଓ ସୁଯୋଗ ତା'ର ଅଛି ବୋଲି ସେ ଅତି ଅନ୍ୟାୟ ଭାବେ ଜୟନ୍ତକୁ ଅପମାନିତ କରିଛି । ଜଣେ ମଣିଷ, ଯାର ଜୀବନଟା ନିଶ୍ଚିତ ଭାବେ ସୁଖୀ ନୁହେଁ – ସ୍ତ୍ରୀ ନିହାତି ସରଳ, ଟିକିଏ ବୋକୀ, ସେଥିରେ ପୁଣି ସବୁବେଳେ ଅସୁସ୍ଥ । ଯିଏ ନିର୍ଦ୍ଦିଷ୍ଟ କିଛି ଚାକିରି କରେନା, ସଂଗ୍ରାମ କରି ଯିଏ ଏ ଦୁନିଆରେ ସ୍ୱାଧୀନଭାବେ ବଂଚି ରହିଛି, ଏମିତି ଏକ ମଣିଷ ପ୍ରତି ଅଂଶୁର ଏଇ ଅବହେଳା ପୂର୍ଣ୍ଣ ବ୍ୟବହାରରେ ମୁଁ ପ୍ରକୃତରେ ମର୍ମାନ୍ତିକ ଭାବେ ରାଗିଯାଇଥିଲି ସେଦିନ । କିନ୍ତୁ ଅବହେଳିତ ମଣିଷଟି ଯଦି ଜୟନ୍ତ ନହୋଇ ଅନ୍ୟ କେହି ହୋଇଥାନ୍ତା ? ? ନା, ମୋ ଦେହରେ ପ୍ରତ୍ୟେକ ରକ୍ତକଣିକା ଯେମିତି ଏକାସଂଗେ ଚିତ୍କାର କରିଉଠିଲେ – "ଏସବୁ ଏମିତି ହୋଇଛି – ଜୟନ୍ତ ବୋଲି – କେବଳ ଜୟନ୍ତ ବୋଲି ! !"

ସେତେବେଳକୁ ମୁଁ କଳ୍ପନା ବି କରିନଥିଲି ଯେ ୟାର କୌଣସି ଫଳାଫଳ ହୋଇପାରେ ବୋଲି । ମୁଁ ଜଣେ ପୁରୁଷକୁ ଜୟ କରିପାରିଛି, ଖାଲି ଏତିକି ଭାବି ଭାବି ମନେ ମନେ ଖୁବ୍ ଖୁସି ହେଉଥିଲି । କେବେହେଁ ଭାବିନଥିଲି ଯେ ଏଥିପାଇଁ ମୋତେ ଦିନେ ୟାର ପ୍ରତିଦାନ ଦେବାକୁ ପଡ଼ିବ । ଅଂଶୁର ବଂଧୁମାନଙ୍କ ସହିତ ମିଳାମିଶା କରିବା ଫଳରେ ମୋର ଭାବଭଂଗୀ ଅନେକ ବଦଳି ଯାଇଛି ସେତେବେଳକୁ । ବେଲେଘାଟା'ର ସେଇଭଲ ବୋହୂଟିକୁ ମନେ ପକେଇଲେ କାରୁଣ୍ୟ ଭରିଯାଏ ମୋ ମନଭିତରେ । କୌଣସି ପୁରୁଷ ମୋ ପ୍ରତି ଆକୃଷ୍ଟ ବୋଲି ଜାଣିପାରିଲେ ମୁଁ ମନେ ମନେ ବେଶ୍ ଉପଭୋଗ କରେ । ଉପଭୋଗ କରିବା ଯେ ଦୋଷାବହ ଏକଥା ଭାବିନି କେବେ । ଆହୁରି ଅନେକ ଜାଗା ଯାଇ, ଅନେକ

ଲୋକ ସହ ମିଶି ବୁଝିପାରିଛି ଯେ – ଏମିତି କେହି ବିବାହିତା ସ୍ତ୍ରୀ ନାହିଁ ଯାହାକୁ ଜଣେ ଏକାନ୍ତ ଅନୁଗତ, ନିର୍ଦ୍ଦୋଷ ଭକ୍ତ ପୁରୁଷ ମିଳିଲେ ଭଲ ନଲାଗିବ। କିନ୍ତୁ ହଠାତ୍ ସେଦିନ ବୁଝିପାରିଲି ଯେ ଅଂଶୁ ଏଥିରେ ଆହତ ହେଉଛି – ଆଉ ସେଇ ଦିନଠାରୁ ନିଜର ଅଜାଣତରେ ଅଂଶୁ ପ୍ରତି ମୋର ଶ୍ରଦ୍ଧା ଯେମିତି କମିଗଲା। ମନେହେଲା – ଏଇ ଭଣ୍ଡ, କପଟୀ – ମୋର ବ୍ୟକ୍ତିତ୍ୱ ବିଷୟରେ ଏତେ ସଚେତନ ବୋଲି କହିବୁଲେ, ଅଥଚ ସେଇ ବ୍ୟକ୍ତିତ୍ୱର ପରିପ୍ରକାଶ ହେଲାବେଳକୁ ସେ ସହ୍ୟ କରିପାରୁନି ?

ସେଦିନ ନୟନାଂଶୁ ଯେତେବେଳେ କାନ୍ଦି ପକାଇଲା, ମୋତେ ପ୍ରକୃତରେ ବହୁତ ଖରାପ ଲାଗିଲା – ମୁଁ ସତରେ ଭୁଲ କହିଥିଲି ଅନ୍ୟାୟ କଥା କହିଥିଲି – ଅନୁବାଦକ ହିସାବରେ ଅଂଶୁର ଅନେକ ସୁନାମ ଅଛି। ଅନେକ ତା'କୁ ତା'ର ଲେଖାପଇଁ ଚିଠି ଦିଅନ୍ତି, ତା'ର ନିଜ ଲେଖା ଗଳ୍ପ ବି ମଝିରେ ମଝିରେ ପ୍ରକାଶିତ ହୁଏ। ଅଫିସରେ ତା'ର ଖୁବ୍ ସୁନାମ, ଖୁବ୍‌ଶୀଘ୍ର ନିଜର ପରାକାଷ୍ଠା ପ୍ରତିପାଦନ କରି ସେ ଉନ୍ନତି କରିଛି ତା'ର ଚାକିରିରେ। ଏସବୁ ମୁଁ ଭଲକରି ଜାଣେ। କିନ୍ତୁ ସେଦିନର ସେଇ କଥାଗୁଡ଼ାକ ଯୁକ୍ତିଛଳରେ ନିହାତି ମିଛ କହିଥିଲି – କେବଳ ଇଚ୍ଛା କରି, ଯେମିତି ତା'ମନରେ ଆଘାତ ଲାଗୁ ଓ ତା'ର ଦାମ୍ଭିକତା ଭାଙ୍ଗିଯାଉ। କିନ୍ତୁ ଏଇ ଆଘାତରେ ସେ ଯେ ଏତେଟା ଭାଙ୍ଗିପଡ଼ିବ ଏହା ମୁଁ ଆଦୌ କଳ୍ପନା କରିନଥିଲି। ୟା ଆଗରୁ ମୁଁ ତାକୁ କେବେ କାନ୍ଦିବା ଦେଖିନି। ଜଣେ ବୟସ୍କ ପୁରୁଷ ଲୋକ କାହା ସାମନାରେ କାନ୍ଦିଲେ ତାକୁ କେତେ ଯେ ଅସହାୟ ଓ ଖରାପ ଲାଗେ – ସେ ଧାରଣା ମୋର ମଧ୍ୟ ଆଗରୁ ନଥିଲା। ଶୋଇ ଶୋଇ ମନ ଭାରି ଖରାପ ଲାଗିଲା। ଅନେକ ରାତିରେ ଉଠି ତା'ବିଛଣାକୁ ଗଲି (ସ୍ତ୍ରୀମାନଙ୍କ ହାତରେ ତ ସେଇ ଗୋଟିଏ ମାତ୍ର ବିଶଲ୍ୟକରଣୀ ଅଛି, ଆଉ ସେତେବେଳ ଯାଏ ଅଂଶୁକୁ ମୁଁ ଯେ ଭଲପାଏ ଏଇ ଧାରଣା ନେଇ ମୁଁ ଆଗେଇଥିଲି) ସେଥର ପାଇଁ ଶାନ୍ତି ସ୍ଥାପିତ ହେଲା।

ତମେ ଯେ ଏକ ଭୟଙ୍କର ବିପଦର ମୁହାଣ ଉପରେ ଠିଆ ହୋଇଛ – ତା'ତମେ ସେଦିନ ବି ଜାଣିପାରିଥାଆନ୍ତ ମାଳତୀ ! କାହିଁକି ଥରେ ହେଲେ ସାବଧାନ

ହେଲନି ? ମୁଁ କ'ଣ ବା କରିପାରିଥାନ୍ତି – ମୋ ହାତରେ ତ କିଛିନଥିଲା ? ଏଣେ ତମେ କହୁଛ ଯେ ତମେ ଜଣେ ସ୍ୱାଧୀନ ମନସଂପନ୍ନା ସ୍ତ୍ରୀ – ଅଥଚ ପ୍ରକୃତ ଦାୟିତ୍ୱ ଛାଡ଼ିଦେବାକୁ ଚାହୁଁଛ ତୁମ ସ୍ୱାମୀଙ୍କ ଉପରେ ? ଜୟନ୍ତକୁ ଟାଣିଧରିବ ତମେ ଆଉ ଅଂଶୁ ତୁମକୁ ବିପଦରୁ ଉଦ୍ଧାର କରିବ ? ଏଇଟା ଟିକେ ଅତିବେଶୀ ଆଶା କରିବା ନୁହେଁ କି ? କିନ୍ତୁ ଯା ହେଉ, ଅଂଶୁ ତାହା ହିଁ କରିଥିଲା – ତା'କୁ ମାତାଲ କହି ଘରୁ ତଡ଼ିଦେଇଥିଲା । କିନ୍ତୁ ତୁମେ ସେଥିରେ ଖୁସି ହୋଇଥିଲ କି ? ବରଂ କହିଥିଲ – ମୋର ସୁଖ ଦୁଃଖରେ ଅଂଶୁର ବା ଯାଏ ଆସେ କ'ଣ ? ସେ ଏବେ କେମିତି ଭିନ୍ନ ପ୍ରକାର ହୋଇଯାଇଛି – ଅନେକ ଦୂରକୁ ଆଡ଼େଇ ଦେଇଛି ମୋତେ । ସେ କଥାକୁ କାହାକୁ ମୁଁ କହିବି ? କିଏ ବା ବୁଝିବ ମୋ କଥା ?

ସେଇ ଯେ ଚାଲିଯାଇ ପୁଣି ଥରେ ଫେରିଆସିଲା ଜୟନ୍ତ ଓ ସେଥିରେ ଅଂଶୁ କୌଣସି ବାଧା ଦେଲାନି ବା ଆପତ୍ତି କଲାନି । ସେଇ ଦିନଠାରୁ ବିଧ୍ୱସ୍ତ ହେବାକୁ ଆରମ୍ଭ ହେଲା ମୋର ବାରବର୍ଷର ବିବାହିତ ଜୀବନ । ଯେମିତି କି ଅଂଶୁ ଆଉ ମୁଁ କିଛି ଗୋଟାଏ ଖେଳ ଖେଳୁଛୁ, ସତେ ବା ରଂଗମଞ୍ଚରେ ଅଭିନୟ କରିଚାଲିଛୁ ଖୁବ୍ ଭଦ୍ର ଭାବରେ, ଖୁବ୍ ଆପଣାର ଭାବେ କଥାବାର୍ତ୍ତା କରୁଛୁ – ତଥାପି ବେଳେବେଳେ ନିହାତି ତୁଚ୍ଛ କାରଣ ନେଇ ବା କିଛି କାରଣ ନଥାଇ ବି, ବେଳେବେଳେ ବୁନ୍ନିର ସାମନାରେ ତ, କେତେବେଳେ ଦୁର୍ଗାମଣୀ ସାମନାରେ ଆତ୍ମପ୍ରକାଶ କରି ବାହାରି ଆସେ – ମନ ତଳର ସେଇ ଲୁକ୍କାୟିତ ବିଷ – ଗୋପନ ଆକ୍ରୋଶ । ବହୁତ ବଙ୍କେଇ ତେଢ଼େଇ କଥାକହେ ଅଂଶୁ, ଜୟନ୍ତର ନାଁ ଧରେନା, ଯଦି ମାଛ ତରକାରିରେ ଅଧିକା ରାଗ ହୋଇଥାଏ ବା କୌଣସି ଗୋଟାଏ ବହି ଖୋଜି ଖୋଜି ପାଏନାହିଁ – ସେଇ ସୂତାର ଖିଅ ଧରି ଇଆଡୁ ସିଆଡୁ କହି ଅତିଷ୍ଠ କରିପକାଏ ସେ । କିନ୍ତୁ ମୁଁ ଜାଣେ ତା ମନର ଅସଲ କଥାଟା କ'ଣ ? ମୋର ମୁଣ୍ଡ ବିଗିଡ଼ିଯାଏ, ସ୍ୱର ବଦଳିଯାଏ, ମୁଁ ବି ତା'କୁ ଗାଳିଦିଏ – ତା'ର ଓଠ ତାଚ୍ଛଲ୍ୟରେ ବଙ୍କେଇଯାଏ, – ତା'ପରେ ନିଶୁନ୍‌ପଣ ଛାଇଯାଏ ଘରଟାଯାକ – କୁତ୍ସିତ, କର୍କଶ, ସେସବୁ କଳହ ! ! ଯା ଆଗରୁ ଶରୀରରେ କିଛି ସାନ୍ତ୍ୱନା ଥିଲା – କିନ୍ତୁ, ହାଏ ଏବେ ସେ ସମ୍ବଳଟିକକ

ବି ନାହିଁ ମୋର। ସେଇଦିନଠାରୁ ଏମିତି ହେଲା ଯେ କ୍ରମଶଃ ଅଂଶୁର ଦେହଟାକୁ ସହ୍ୟ କରିପାରିଲିନି ମୁଁ । ଅଂଶୁ ଯେ ମଝିରେ ମଝିରେ ଚେଷ୍ଟା ନକରେ ତା'ନୁହେଁ – ଅତି କାତର, ଅତି କରୁଣ ସେଇସବୁ ଚେଷ୍ଟା। ମୁଁ ତାକୁ ଅତି ରୁକ୍ଷ ଭାବରେ ଫେରେଇଦିଏ। ବେଳେ ବେଳେ ଏମିତି ହୁଏ ଯେ ମୁଁ ହଲଚଲ ହୁଏନି କି ଆଡ଼େଇ ଯାଏନି – ଅତି କଷ୍ଟରେ ପ୍ରସ୍ତୁତ କରିନିଏ ନିଜକୁ – ପ୍ରାଣପଣେ ଘୋଡ଼େଇ ରଖେ ମୋର ବିତୃଷ୍ଣା, ମୋର ଭିତରଟା ଯେମିତି ଥଣ୍ଡା ହୋଇଯାଏ – ପଥର ପାଲଟିଯାଏ। ମୁଁ ନିଜେ ବି ବୁଝିପାରେ ଯେ ମୁଁ ଆଖିବୁଜି ମିନିଟ୍ ଗଣୁଛି – ଆଉ ହୁଏତ ସେଥିପାଇଁ ବୋଧେ ଅଳ୍ପ ସମୟ ପରେ ନୟନାଂଶୁ ଓହ୍ଲାଇଯାଏ – ଆଉ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି ଉଠିଆସେ ତା'ର ବିଛଣାକୁ। ସବୁ ମୁଁ ବୁଝେ – ଆଉ ବୁଝି ବି କୌଣସି ପନ୍ଥା ପାଏନା। ମୁଁ ଜାଣେ ଯାର ସମାଧାନର ପନ୍ଥା ନାହିଁ। ମୋ ପକ୍ଷରେ ଜୟନ୍ତକୁ "ତମେ ଆଉ ଆସନା ବୋଲି" କହିବା ଅପେକ୍ଷା ଅଂଶୁକୁ – ଚାଲ କଲିକତା ଛାଡ଼ି ଅନ୍ୟକୁଆଡ଼େ ଚାଲିଯିବା – କହିବା ନିହାତି ଅସମ୍ଭବ, ଅବାସ୍ତବ କଥା। କାର୍ଯ୍ୟତଃ ଏସବୁ ହେବା କଥାନୁହେଁ – ତା ଛଡ଼ା ମୁଁ ବା ଜୟନ୍ତକୁ ଛାଡ଼ିବି କାହିଁକି ? ତା'ରି ପାଇଁ ମୋ ଜୀବନରେ ନୂଆ କରି ଏକ ଜୁଆର ଆସିଛି।

ମୁଁ ଯେ ଚେଷ୍ଟା କରିନି ତା ନୁହେଁ, ମୁଁ ଯେ ଯୁଦ୍ଧ କରିନି ତା ନୁହେଁ। କେତେ ଯେ ମନେ ମନେ ଭାବେ – ମୁଁ ଅଂଶୁଠାରୁ କ୍ଷମା ମାଗିନେବି, ତା'ର ପାଦତଳେ ପଡ଼ିବି, ସେ ଯେ କେତେ କଷ୍ଟ ପାଉଛି – ଅବଶ୍ୟ କାହା ଦୋଷରୁ ମୁଁ ଜାଣେନା – ତା'ର ସେଇ ଯନ୍ତ୍ରଣାକୁ, ଚାହିଁଲେ ମୁଁ ଧୋଇ ଦେଇପାରିବି। ହେଲେ ସେକଥା ଭାବିଲାବେଳକୁ ଆଉଜଣକର ଚଷମା ପିନ୍ଧା ମୁହଁ, ଭାସି ଉଠୁଛି ମୋ ସାମନାରେ – ଆଉ ନୟନାଂଶୁ ସତେ ଯେମିତି ବିନ୍ଦୁଟିଏ ହୋଇ ମିଳେଇ ଯାଉଛି ମନର ମହାଶୂନ୍ୟ ଭିତରେ – ମୋର ମନେହେଲା ସତେ ଯେମିତି ମନର ସବୁ ଦରଜା ଏକ ସଂଗେ ବନ୍ଦ ହୋଇଯାଇଛି – ଅଂଶୁର ପଥରୋଧ କରି। ବେଳେବେଳେ ଭାବେ ମୁଁ ତ ଅଂଶୁର ସଂସାର ଚଳାଉଛି, ତା'ର ଝିଅକୁ ମଣିଷ କରୁଛି, ବଜାର ସଉଦାର ହିସାବ ରଖୁଛି, ଧୋବା ଘରକୁ ଲୁଗା ପଠାଉଛି ଇତ୍ୟାଦି। ତା'ର ସୁଖଲାଗି ଆରାମ

ଲାଗି ମୋର ମନଯୋଗର ଅଭାବ ନାହିଁ। ଏଇସବୁ କାମର ମଜୁରୀ ହିସାବରେ ମୁଁ କ'ଣ କେଉଁଠି କିଛି ବ୍ୟକ୍ତିଗତ ଆତ୍ମତୃପ୍ତି ସଂଧାନ କରିବାକୁ ଇଚ୍ଛା କରିପାରିବିନି ? ବିବାହ ପରେ ଆମେ ତ ଆମ ବାପା ମାଆଙ୍କୁ ଭୁଲିଯାଉନା, ଭାଇମାନଙ୍କୁ ଭୁଲିଯାଉନା; ଆଉ ଯଦି - ଅନ୍ୟ କେହି ପୁରୁଷ ଏମିତି କିଛି ଦେଇପାରେ - ଯାହାକି ସ୍ୱାମୀ ଦେଇପାରେନା ବା ଦେବାକୁ ଚାହେଁନା, ତାହାଲେ ଆକାଶ ଭାଙ୍ଗିପଡ଼ିବ କାହିଁକି ? ମୁଁ କ'ଣ ଅନ୍ୟାୟ ଭାବୁଛି ? ମୁଁ କ'ଣ ଅଧର୍ମ କରୁଛି ? ଅଥଚ ନୟନାଂଶୁ ଯେ ଘରଟାକୁ ବିଷମୟ କରିଦେଇଛି ତାହା କ'ଣ କେହି ଦେଖିପାରୁନାହାନ୍ତି ? ମଝିରେ ମଝିରେ ସାଧାରଣତଃ ଗୋଟାଏ ବିସ୍ଫୋରଣରେ ଏମିତି ହୁଏ - ମଣିଷ ନିଜ ଭିତରେ ନିଜକୁ ସଂକୁଚିତ କରିନିଏ। ଏଣିକି ଅଂଶୁ ଜାଣି ଜାଣି ଅଫିସରୁ ଡ଼େରିରେ ଘରକୁ ଫେରେ। ମୋ ସାଙ୍ଗରେ ପ୍ରାୟ ଆଖି ମିଳେଇ ପାରେନା - ହଠାତ୍ ଘରୁ ବାହାରକୁ ଚାଲିଯାଏ ଅକାରଣେ - ସେ ଓ ମୁଁ ସହଜ ଭାବେ କଥାବାର୍ତ୍ତା କରୁ ବୁନ୍ନି ପାଖରେ ଥିଲେ - ତାହା ବି ସେମିତି ସହଜ ଭାବେ ନୁହେଁ। ଘରେ ତା'ର ସାମାନ୍ୟ କଥା ବା ହସ ଶୁଭେ ଯେତେବେଳେ ତା'ର କେହି ବନ୍ଧୁ ଘରକୁ ଆସନ୍ତି। ଏଣିକି ସେମାନେ ବି ବେଶି ଯିବାଆସିବା କରୁନାହାନ୍ତି। ମୁଁ ଭଲଭାବେ ବୁଝିପାରେ ଯେ ସେମାନେ ଜୟନ୍ତ ପ୍ରତି ବୀତଶ୍ରଦ୍ଧ। ଏ ଘରର ଅନେକ ସ୍ଥାନ ଅଧିକାର କରିନେଇଛି ବୋଲି ଅନ୍ୟମାନେ ତାକୁ ଘୃଣା କରନ୍ତି - ହିଂସା ବି କରନ୍ତି। ମୁଁ ଜଣେ ସୁସ୍ଥ ସ୍ୱାଭାବିକ ମହିଳା। ଅଂଶୁ ପରି ମନ ଭିତରେ ଗୁଡୁର ଗୁଡୁର ହେବା ଲୋକ ମୁଁ ନୁହେଁ। ମୋର କ'ଣ ଶ୍ୱାସରୁଦ୍ଧ ହୋଇଯାଏନା ଏହି ପରିବେଶ ଭିତରେ ? ପୁଣି କିଛିଦିନ ହୁଏତ ସ୍ୱାଭାବିକ ଭାବେ କଟିଯାଏ। ମନେହୁଏ ଯେମିତି କେଉଁଠି କିଛି ଗୋଳମାଳ ନାହିଁ। କିନ୍ତୁ ଆମେ ଦୁଇଜଣ କେବଳ ବୁଝିପାରୁ ଯେ ସ୍ୱାଭାବିକତା ଟା ପ୍ରକୃତରେ ଅସ୍ୱାଭାବିକ କି କୃତ୍ରିମ। ପୁଣି ତାହା ଯେ କେତେ ମାନସିକ ଶ୍ରମର ଫଳ ତାହା ଭାବିଲେ ମନେହୁଏ ବେଶୀଦିନ ଏହାକୁ ବଜାୟ ରଖିବା ଅସମ୍ଭବ। ସାରା ସଂସାର ଉପରେ ମୋର ଦୟାହୁଏ ସେତେବେଳେ - ମନେ ହୁଏ ଜୟନ୍ତ ଛଡ଼ା ମୋର ଆଉ କେହି ନାହାନ୍ତି, ମୋର ସ୍ୱାମୀ ମୋତେ ତ୍ୟାଗ କରିଛନ୍ତି - ମୋତେ ଫେରି ପାଇବାକୁ

ଟିକିଏ ବି ଚେଷ୍ଟା କରୁନାହାନ୍ତି । ସେ ମୋତେ ଦୂରକୁ ଠେଲି ଦେଇଛନ୍ତି । ମୁଁ ହଜାର ଥର କହିବି – ଯା ହୋଇଛି କେବଳ ତା'ରି ଦୋଷରୁ ହିଁ ହୋଇଛି – ତା'ର ଅବିବେଚନାରୁ, ତା'ର ଅକ୍ଷମତାରୁ । କାହିଁକି ସେ ମୋତେ ଟାଣି ଆଣିଥିଲା ନିରାପଦ ଯୌଥ ପରିବାର ଭିତରୁ । କାହିଁକି ତା'ର ବଂଧୁ ମହଲ ଭିତରକୁ ଟାଣି ନେଇଥିଲା ମୋତେ । କାହିଁକି ? କାହିଁକି ? କାହିଁକି ସିଏ ମୋତେ ଶିଖାଇଥିଲା ଯେ – "ଭଲ ପାଇବାଠାରୁ ବଳି ଆଉ ବଡ଼ ସତ କିଛିନାହିଁ" । କାହିଁକି ଅଂଶୁ ଆଗରୁ ସବୁଜାଣି ଚୁପ୍ ରହିଥିଲା । ଏସବୁକୁ ସେ ପ୍ରଶ୍ରୟ ଦେଇଥିଲା କାହିଁକି ? କାହିଁକି କେବେ ଜୋରକରି ମୋତେ କହିପାରୁନଥିଲା ? ଖାଲି ମଝିରେ ମଝିରେ କଥାରେ ଚତୁରୀ ଦେଖାଇ କଥା କହୁଥିଲା – କାହିଁକି ବେଳ ଥାଉ ଥାଉ ବ୍ୟାପାରଟାକୁ ସଂପୂର୍ଣ୍ଣ ଧ୍ୱଂସ କରିଦେଲାନି ? ଯେତେବେଳେ ଅଶାନ୍ତିର ଦାବାନଳ ବଢ଼ି ବଢ଼ି ଚାଲିଥିଲା – କାହିଁକି ସେତେବେଳେ ଜୟନ୍ତ ସାମନାରେ ସୁଧାର ମଣିଷଟେ ପରି ନିଜର ବ୍ୟକ୍ତିତ୍ୱ ପ୍ରତିପାଦନ କରୁଥିଲା ସେ ? ତା'ପକ୍ଷରେ କ'ଣ ସ୍ତ୍ରୀ ଅପେକ୍ଷା ଚକ୍ଷୁ ଲଜ୍ଜାଟା ବଡ଼ହେଲା ? ତାହେଲେ ତ କହିବାକୁ ହେବ – ମୋ ପାଇଁ ତା'ର ପ୍ରକୃତରେ ଦରଦ ନାହିଁ । ମୁଁ ଯେମିତି ତା ଦେହର କ୍ଷୁଧା ମେଣ୍ଟାଇବା ଯନ୍ତ୍ରଟିଏ । ଆଉ ସେଇଟାକୁ ବୁଝିସାରିବା ପରେ ବି ମୁଁ କ'ଣ ଲକ୍ଷ୍ମୀ, ସୀତା ପରି ବୋହୂଟିଏ ସାଜି ରହିଥିବି ? ନା, ମୁଁ ଚାହେଁ ପ୍ରେମ – ମୁଁ ଚାହେଁ ପୂଜା ପ୍ରୀତି ଆନୁଗତ୍ୟ – ଚାହେଁ ନିଜକୁ ନିଜଠାରୁ ବଡ଼କରି ଦେଖିବାକୁ । ମୁଁ ତ ଆଉ ଅଂଶୁପରି ବହି ପଢ଼ାପଢ଼ି କରିଥିବା ଭାବୁକଟିଏ ନୁହେଁ ଯେ କେତେଗୁଡ଼ିଏ ଧାରଣାର ମୋହରେ ଅନ୍ୟକୁ ଓ ନିଜକୁ ବି ଫାଙ୍କି ଦେବାର ଚେଷ୍ଟା କରିନି । ମୁଁ ବା ଆଉ କ'ଣ କରିପାରିବି ଯେ – ମୋର ବା ଦୋଷ କଅଣ ? ମୋ ପାଇଁ ଯେଉଁ ଲୋକଟା ପାଗଳ ତାକୁ ବା ମୁଁ କେମିତି ଫେରେଇ ଦେଇପାରିବି ? ତା'ଛଡ଼ା ଏତେଟା ଜୋର, ଦମ୍ଭ,– ଖାଲି ମୋ ପାଖରୁ ବା ଆଶା କରାଯିବ କାହିଁକି ? ମୁଁ ତ ମଣିଷ, ଜଣେ ନାରୀ, ମୋର ବି ତ ରକ୍ତମାଂସର ଶରୀରଟିଏ ଅଛି – ଆଉ ଏଇଟା ଯଦି ମୋର ଦୋଷ ହୁଏ ବା ଧରାଯାଉ ମୋର ଦୋଷ ବୋଲି ମାନିନେଉଛି । ନୟନାଂଶୁ ମୋର ଭଲ କରିବା ଛଡ଼ା ଅନ୍ୟ କିଛି କରିବାକୁ ଚାହିଁନି କେବେ –

## ମୁଁ ମାଳତୀ କହୁଛି

ଏପରିକି ମୋତେ ସେ ଭଲପାଏ – ତା ବି ମାନୁଛି । ଅନ୍ତତଃ ସେ ନିଜେ ଭଲପାଇବା କହିଲେ ଯାହା ବୁଝେ ସେଇଟା ତା'ର ଅଛି ମୋ'ଲାଗି – ଅଥଚ ତା ଭଲପାଇବାର ଢଙ୍ଗଟା ମୋତେ ମୋଟେ ଭଲ ଲାଗେନା । ମାନୁଛି – ଏଇଟା ମୋର ବିଶ୍ୱାସଘାତକତା ହୋଇପାରେ – କିନ୍ତୁ ଏ ଧରଣର କଥା ଶୁଣିଲେ କିଏ ବା ନହସିବ ଆଜିକାଲି ? ବେଶ୍, ସବୁ ମାନିନେଉଛି । କିନ୍ତୁ ଯା ପରେ କ'ଣ ହେବ ? ତମେ କ'ଣ ଏ ବିଶ୍ୱାସଘାତିନୀକୁ ଶିକ୍ଷା ଦେବାକୁ ଚାହଁ ନୟନାଂଶୁ ? ଠିକ୍ ଅଛି – ଆସ, ମୋର ପ୍ରାପ୍ୟ ଶାସ୍ତି ଦିଅ ମୋତେ – ମୁଁ ଊଁ କି ଚୁଁ କରିବିନି କେବେ ।

ଶୁଣୁଛ ନୟନାଂଶୁ – ମୁଁ ଡାକୁଛି ତୁମକୁ – ଉଠିଆସ ଅଂଶୁ – ତୁମେତ ବୁଝିପାରିଛ ତୁମର ସ୍ତ୍ରୀ ଅସତୀ ? ଏବେ ତୁମେ ଯା ଇଚ୍ଛା ତା'କରିପାର – ରାସ୍ତାକୁ ବାହାର କରିଦିଅ ତାକୁ, ତଣ୍ଟିଚିପି ମାରିଦିଅ, ଛାତିରେ ଛୁରୀ ଭୂଷିଦିଅ – ପ୍ରତିଶୋଧ ନିଅ ନୟନାଂଶୁ – ଏଇତ ଉପଯୁକ୍ତ ସମୟ – ଜାହିର କର ତୁମର ପୁରୁଷତ୍ୱ, ତୁମର ସ୍ୱାମୀତ୍ୱ । ଏମିତି ଯାତୁ ସିଆତୁ ବକି ଆଉ କିଛି ଲାଭନାହିଁ । ଏବେ ସେସବୁ ଆଉ ହେଉନି । ହେଲେ ବି କ'ଣ ହେବ ଯେ ? ଡାଇଭୋର୍ସ ? ? ନା ବାବା ନା – ସେଇଟା ଭାରି ଗୋଳମାଳିଆ କଥା । ମୋର ଗେହ୍ଲା ଝିଅ ବୁନି ଅଛି – ତାକୁ ତ ମୁଁ ଛାଡ଼ିପାରିବିନାହିଁ । ତା'ଲାଗି ମୁଁ ସବୁ କରିବି – ଦରକାର ହେଲେ ଅଂଶୁର ପାଦଧରି କହିବି – ମୋତେ ତଡ଼ି ଦିଅନା, ତୁମରି ପାଖରେ କିଛି ନହେଲେ ବି ଖାଲି ରହିବାକୁ ଦିଅ ମୋତେ । ଯଦି ତା ନ ହୁଏ – ତାହାଲେ ମୁଁ ବୁନିକୁ ନେଇ ଅଲଗା ହୋଇ ରହିବି, ଚାକିରି କରି ଚଲାଇବି ତାକୁ । ତା'ଛଡ଼ା ମୋର ଅନେକ କିଛି ଗହଣା ଅଛି – ମୁଁ ବି.ଏ ପାସ୍ କରିଛି – ନୟନାଂଶୁ ବେଶୀ ରାଗ ଦେଖାଇଲେ ମୁଁ ବି ତା'ର ଜବାବ ଦେଇପାରିବି । ବୁନିକୁ କିନ୍ତୁ ମୋର ଦରକାର । କିନ୍ତୁ ସେ ଯଦି ଦେବାକୁ ରାଜି ନହୁଏ ? କେଜାଣି କ'ଣ ଭାବୁଛି ସିଏ ? ମୁଁ କ'ଣ ତାକୁ ପାଖକୁ ଡାକି କହିବି – ମୁଁ ଏଇଆ ଏଇଆ କରିଛି – ତୁମେ ଏବେ କ'ଣ କରିବ କୁହ ? (ଏ ବୋକାମୀ କରନା ମାଳତୀ, ଏ ବୋକାମୀ କରନା) ତାହେଲେ କ'ଣ ଏଇଆ କହିବି ଅଂଶୁ ? ତୁମର ବିଖ୍ୟାତ ଭଲପାଇବାଟା ଅତି ବାଜେ – ଆଉ ଅସଲ କଥା ହେଲା ସଂସାର ।

ତୁମେ ମୋତେ ବିଭା ହୋଇଥିଲ ଅଂଶୁ – ଆମେ ସ୍ୱାମୀ ସ୍ତ୍ରୀ – ଏବେବି ଆମେ ସେଇଆ ହୋଇ ରହିବା – ଗୋଟିଏ ଶଯ୍ୟାରେ ଆମର ଶୋଇବା ନହେଉ – ହାତ ଧରାଧରି ଏକା ସାଂଗରେ ବୁଲିବା ନହେଉ – ବେଶୀ କଥାବାର୍ତ୍ତା ବି ନହେଉ – ଏମିତି କଟିଯାଉ ଆମର ସାରାଜୀବନ – ଯେମିତି ଏଇ ପୃଥିବୀରେ ଅଂସଖ୍ୟ ମଣିଷର କଟିଯାଉଛି । ହେଲେ ତା’ କ’ଣ ସମ୍ଭବ ? କିନ୍ତୁ କାହିଁକି ସମ୍ଭବ ନୁହେଁ ? ତାହାଲେ ଭାବିବାର କିଛିନାହିଁ । କ’ଣ ବା ଏମିତି ହୋଇଛି ଯେ ଏତେ ଭାବୁଛ ? ଦେଖୁଛ ତ – ଛାତଟା ଭାଂଗି ପଡ଼ିନି ତୁମ ମୁଣ୍ଡ ଉପରେ – ବଜ୍ରପାତ ହୋଇନି । ପୁଣି କାଲି ସକାଳେ ସୂର୍ଯ୍ୟ ଉଇଁବ, ସବୁ ଠିକ୍ ଚାଲିବ ଏଇ ପୃଥିବୀରେ । ତୁମେ ଖାଲି ଚୁପ୍ ରୁହ – ଆଉ ଦିନ ପରେ ଦିନ ବିତିଯିବାକୁ ଦିଅ । ଘଟଣାଚକ୍ରରେ ସମାଧାନ ନିଶ୍ଚୟ ହେବ, ହୁଏତ ହୋଇବି ନପାରେ, ଏସବୁ ତ ଭାଗ୍ୟର ହାତକଥା – ତେଣୁ ସମୟ ହାତରେ ଛାଡ଼ିଦେବା ହିଁ ଭଲ । ଯଦି ନୟନାଂଶୁ ଏବେ ଉଠିଆସି ଜାଣିବାକୁ ଚାହିଁବ – ସେ ଯାହା ସନ୍ଦେହ କରୁଛି ତାହା କ’ଣ ସତ ? ଯଦି ଅଂଶୁ ମୋତେ ହଜାର ଥର ଏଇ ପ୍ରଶ୍ନ ପଚାରେ ତାହାଲେ ମୁଁ ହଜାରଥର କହିବି – ଭଗବାନ ସାକ୍ଷୀ, ବୁନିର ମୁଣ୍ଡ ଛୁଇଁ କହୁଛି ତୁମେ ଯାହା କହୁଛ ତାହା ମିଥ୍ୟା – ତାହା ଭୁଲ । ତା’ପରେ ଆଉ ଗୋଟିଏ ଦିନ – ଦିନ ପରେ ଦିନ – ଏମିତି ଯା ସହିତ ମୋର ଶରୀର ମନ କିଛି ମିଶେନା – ଅଥଚ ଖାଲି ଲୋକ ଦେଖାଣିଆକୁ ଶୁଖିଲା କାଠ ଖଣ୍ଡିଏକୁ ଜାବୁଡ଼ି ଧରି ଆଉ ଯେ କେତେବର୍ଷ ବଂଚିବାକୁ ହେବ । ସତରେ ! କେମିତି ବଂଚି ରହିବି, ହସିବି, କଥା କହିବି, ନିଃଶ୍ୱାସ ନେବି ? ହେ ଭଗବାନ୍ ! କାହିଁକି ଏ ଶାସ୍ତି ଦେଲ ମୋତେ ?





# ଚାରି

**ନୟନାଂଶୁ ;**

କେତେଟା କଥା ଏମିତି ଅଛି ଯାହା ବଙ୍ଗଳା ଭାଷାରେ କୁହାଯାଏନା । ବିଦେଶୀ ଗଳ୍ପ ଅନୁବାଦ କରିବା ସମୟରେ ଅନେକଥର ମୋ କଲମ ଅଟକି ଯାଏ – ଯେତେବେଳେ କିଏ କାହାକୁ କହେ – "I Love You" ବା "Do you Love Me" ? ବାଧ୍ୟ ହୋଇ ସେଇସବୁ ଜାଗାରେ ଲେଖିଛି – ମୁଁ ତୁମକୁ ଭଲପାଏ – ତମେ ମୋତେ ଭଲପାଅ କି ? କିନ୍ତୁ ମୋର ନିଜ କାନକୁ ବି ଏହା କେମିତି ଖାପ୍ ଛଡ଼ା ଶୁଭେ, କୃତ୍ରିମ, ଅସ୍ୱାଭାବିକ, ମନେହୁଏ । ଏଇଟା ଆମପାଖରେ ବହିର ଭାଷା – ଭାବନାର ଭାଷା – ମୁହଁରେ ଆମେ ଅନେକ ପ୍ରକାର ଭଂଗୀକରି ଅନ୍ୟକୁ ବୁଝାଇବାକୁ ଚେଷ୍ଟା କରୁ । "ଗୁଡ୍ ମର୍ଣ୍ଣିଂ" ନକହି ଖାଲି ଟିକେ ହସିଦେଉ । ଆମେ ପ୍ରେମ ପ୍ରକାଶ କରୁ ଆଖିରେ ଆଖିରେ, ହାତର ସ୍ପର୍ଶରେ, ସାଧାରଣ କଥାବାର୍ତ୍ତା ଭିତରେ ଲୁକ୍କାୟିତ ଗଭୀରତର କଥାରେ । ଆଉ ଯେଉଁ ଦେଶରେ ଏବେବି ଅଂସଖ୍ୟ ଲୋକ ପାରମ୍ପାରିକ ଆର୍ଯ୍ୟ ରୀତିରେ ବିବାହ କରୁଛନ୍ତି – ଆଉ ସେଇ ବିବାହଟାକୁ ଅବଶିଷ୍ଟ ଜୀବନଯାକ ଚିରସ୍ଥାୟୀ ବନ୍ଦୋବସ୍ତପରି ମାନି ନେଉଛନ୍ତି – ସେ ଦେଶରେ କେବଳ କେଇଜଣ ମାତ୍ର ଅଭାଗା ମଣିଷର ଜୀବନରେ – "ତୁମେ କି ମୋତେ ଭଲପାଅ ବୋଲି" ପ୍ରଶ୍ନର ଉପଲକ୍ଷ ଉଠିପାରେ । ଆଉ ମୁଁ ସେଇ ହତଭାଗା ମଧ୍ୟରୁ ଜଣେ । ସେଇ ପ୍ରଶ୍ନଟି ଅନେକଥର ମୋତେ ଉଚ୍ଚାରଣ କରିବାକୁ ପଡ଼ିଛି । କିନ୍ତୁ ତାକୁ କହିବାକୁ ଠିକ୍ ଭାଷା

ଖୋଜି ପାଇନି । ସବୁକଥାକୁ ବଙ୍ଗଳାରେ ପ୍ରକାଶ କରିବା କଷ୍ଟକର । ମାଳତୀ, ତୁମେ କ'ଣ ମୋତେ ଭଲପାଉନ ? କି ବାଜେ, ଘୃଣ୍ୟ ନାଟକୀୟ ଏ ପ୍ରଶ୍ନ ? କିନ୍ତୁ ଥରକୁ ଥର ଢ଼ୋକଗିଳି ଏଇ କଥା ମୁଁ ଉଚ୍ଚାରଣ କରୁଥିଲି – ଥରେ ନୁହେଁ – ଅନେକ ଥର । ମାଳତୀ ପ୍ରଥମେ ପ୍ରଶ୍ନ କରିଛି – ଏମିତି କ'ଣ ବୋକାଙ୍କ ପରି ପ୍ରଶ୍ନ ପଚାରୁଛ ତୁମେ ? କିନ୍ତୁ ମୁଁ ଯେତେବେଳେ ଅନେକଥର ଏଇ ପ୍ରଶ୍ନଟିକୁ ଦୋହରାଇଛି – ସେତେବେଳେ ମାଳତୀ ବିରକ୍ତ ହୋଇ କହିପକାଇଛି – ହଁ, ହଁ ଭଲପାଏ, ଭଲପାଏ ହେଲା । ଯାଅ, ଆଉ ଗୋଇନ୍ଦା ପରି ଜେରା ନକରି ନିଜର କାମ କର ।

ହାୟରେ ପ୍ରେମ ! ସତେ ଯେମିତି ତାହା ମୁହଁର କଥା ଉପରେ ନିର୍ଭର କରେ – ତା ଯେମିତି ଆଖିରେ ଭାସି ଉଠେନା, ଗାଲର ରଂଗରେ ଧରାପଡ଼ିଯାଏନା, ହାତ ହଲାଇବା, ପର୍ଦ୍ଦା ଆଡ଼େଇ ଘରେ ପଶିବା ଭଂଗୀରେ, ନଇଁପଡ଼ି କେଟଲିରୁ ଚା ଢ଼ାଳିବା ଭଂଗୀରେ ଧରାପଡ଼ିଯାଏନା । ତା'ତ ଆଲୋକପରି ସହଜ, ଅନ୍ଧାର ପରି ନିର୍ଭୁଲ – ସେଥିରେତ ତର୍କ କରିବାର କିଛିନାହିଁ – ଆଉ ତାହା ଚିହ୍ନିବାକୁ ମୁହୂର୍ତ୍ତେ ବି ଡ଼େରିହୁଏନା । ଠିକ୍ ଏଇ କଥାଟା ହିଁ ମାଳତୀକୁ କହିବାପାଇଁ ଚେଷ୍ଟା କରିଥିଲି – ଅନେକ କଷ୍ଟରେ ବୁଲାଇ ବୁଲାଇ – ତୁମେ ଯଦି ସତରେ ମୋତେ ଭଲପାଅ ତାହାଲେ ମୁଁ କାହିଁକି ତାହା ଅନୁଭବ କରିପାରୁନି ? କାହିଁକି ଅନୁଭବ କରିପାରୁନା ତାହା ମୁଁ କେମିତି କହିବି ? ବେଶ୍, ଯା ପରେ ଆଉ କ'ଣ ବା କୁହାଯାଇପାରେ ? ଗୋଟାଏ ମୂକ ଚଟାଣ ଉପରେ ମୁଣ୍ଡ ପିଟିଲେ ଖାଲି ମୁଣ୍ଡ ପିଟାର ପ୍ରତିଧ୍ୱନି ଶୁଭିବ ସିନା – ଆଉ କିଛି ହେବନି ॥

ଜୟନ୍ତ ସେତେବେଳକୁ ପ୍ରାୟ ମାସେ ହେବ ଆମ ଘରକୁ ଯିବାଆସିବା କରୁଥାଏ । ଦିନେ ରାତିରେ ଗୋଟିଏ ସ୍ୱପ୍ନ ଦେଖିଲି – ଜୟନ୍ତ, ମାଳତୀ ଓ ମୁଁ ଆମେ ତିନିଜଣ ଗୋଟାଏ ବସ ଅପେକ୍ଷାରେ ଠିଆ ହୋଇଛୁ, ଭିଡ଼ଯୋଗୁ ଦୁଇଟା ବସ୍ ଛାଡ଼ିବାକୁ ପଡ଼ିଲା । ତା'ପର ବସ୍ ଆସି ଠିଆହେବା ସାଂଗେ ସାଂଗେ – ମାଳତୀ ଉଠିଗଲା – ତା'ପରେ ପରେ ଜୟନ୍ତ ବି । ବସ୍ ଛାଡ଼ିଦେଲା – ମୁଁ ରହିଗଲି ପର ବସ୍‌କୁ ଅପେକ୍ଷା କରି । ଜୟନ୍ତ ବସ୍‌ଭିତରୁ ହାତ ହଲାଇ ଏମିତି ଟିକେ ହସିଦେଲା ।

ମୁଁ ବୁଝିପାରିଲି ସେମାନେ ତାହା ହିଁ ଚାହୁଁଥିଲେ । ମାଳତୀ ମୋତେ ଛାଡ଼ି ଜୟନ୍ତ ସାଂଗରେ ଚାଲିଗଲା । ମୁଁ ଅଣନିଶ୍ୱାସୀ ହୋଇ ବସ୍ ପଛରେ କିଛିବାଟ ଦୌଡ଼ିଗଲି – କିନ୍ତୁ ପ୍ରକାଣ୍ଡ ଦୋତାଲା ବସ୍‌ଟା ମୁହୂର୍ତ୍ତକେ ମଧ୍ୟରେ ମୋର ଦୃଷ୍ଟିର ଅନ୍ତରାଳକୁ ଚାଲିଗଲା । ସେଇ ସ୍ୱପ୍ନ ଭିତରେବି ମୁଁ ମୋର ଛାତି ଫାଟିଯିବାର କଷ୍ଟ ଅନୁଭବ କଲି – – ସତେ ଯେମିତି ମୋର ସର୍ବସ୍ୱ ଚାଲିଗଲା – ଯେମିତି ମୋର ଛାତି ଭିତର ହୃତପିଣ୍ଡଟା ଆଉନାହିଁ । ଏମିତି ଏକ ବିରାଟ କ୍ଷତିର ଅନୁଭୂତି ଆଗରୁ ମୋର କେବେ ହୋଇନି – ତେଣୁ ସେଇ ଯନ୍ତ୍ରଣାରେ ଅତିଷ୍ଠ ହୋଇ ନିଦରୁ ଉଠିପଡ଼ିଲି – ଅଂଧପରି ଅଂଧାର ଭିତରେ ହାତ ବଢ଼େଇ ଦେଲି ମାଳତୀଆଡ଼କୁ – ମୋ ହାତ ତାକୁ ସ୍ପର୍ଶ କଲା । ତଥାପି ମୁଁ  ଆସ୍ୱସ୍ତ ହୋଇପାରିଲି ନାହିଁ – ତାକୁ ଜୋର୍‌ରେ ହଲେଇ ଦେଇ ଡାକିଲି – ମାଳତୀ ! ଶୁଣ ! କ'ଣ ହେଲା ବୋଲି ନିଦୁଆ କଣ୍ଠରେ ଜବାବ ଦେଲା ସେ । ମୁଁ ବିଛଣାରେ ଉଠି ବସି କହିଲି – ମୁଁ ଏକ୍ଷଣି ଗୋଟିଏ ସ୍ୱପ୍ନ ଦେଖିଲି – ଜୟନ୍ତବାବୁ ତୁମକୁ ନେଇ ଚାଲିଯାଉଛନ୍ତି । ସେ କି କଥା ? ମାଳତୀ ଏତିକି କହି ନୀରବ ହେଲା । ମୁଁ ଅଂଧାର ଭିତରେ ଆଖି ବୁଲାଇ ବୁଲାଇ ତା'ର ଆଖି ଦୁଇଟାକୁ ଦେଖିବାକୁ ଚେଷ୍ଟା କଲି – କିନ୍ତୁ ସେ ଆରକଡ଼କୁ ମୁହଁ ବୁଲାଇ ଶୋଇରହିଲା – ଶୋଇପଡ଼ ରାତି ଅନେକ ହେଲାଣି । କିଛିସମୟ ପରେ ମୋତେ ବି ନିଦ ଲାଗିଯାଇଥିଲା ସେଦିନ ରାତିରେ । ଜାଣେନା ମାଳତୀର ଏବେ ସେ ସ୍ୱପ୍ନଟାର କଥା ମନେ ଅଛି କି ନାହିଁ ? କିନ୍ତୁ ମୁଁ ଏବେବି ସେଇ ସ୍ୱପ୍ନକୁ ଭୁଲିପାରିନି – କି କେବେ ଭୁଲିପାରିବି ନାହିଁ ।

ଏଇ ସ୍ୱପ୍ନକଥା ମନେପଡ଼ିଲେ ଏବେବି ମନରେ ଭୀଷଣ କଷ୍ଟ ହୁଏ । ଏବେବି ମୋର ମନେହୁଏ ମୋର ଛାତି ଭିତରେ ହୃତପିଣ୍ଡ ଆଉ ନାହିଁ ଯେମିତି । ଆଜିର ଏ କଷ୍ଟ ତା'ତୁଳନାରେ କିଛିନୁହେଁ । ମାଳତୀ ଭଲପାଏ ଜୟନ୍ତକୁ – ଏ କଥାଟା ସିଏ ନିଜେ ବୁଝିବା ଆଗରୁ ମୁଁ ଠିକ୍ ବୁଝିପାରିଥିଲି । ବୁଝିଥିଲି ତା'ର ଆଖିକୁ ଦେଖି – ସେ ଯେତେବେଳେ ଜୟନ୍ତ ଆଡ଼କୁ ଅନାଏଁ – ତା'ର ସେ ଚାହାଣୀ, ଭିଜା ଭିଜା ଆଖି, ଯେମିତି ଦୂରକୁ କିଛି ଦେଖିବା ଚେଷ୍ଟାରେ ସଂକୁଚିତ, ମଝିରେ ମଝିରେ ଆଖି ବୁଜି ହୋଇଯାଏ ତା'ର । ସତେ ଅବା ନିଦ ଲାଗୁଛି ତାକୁ । ତା'ର ସେଇ ଚାହାଣୀ ମୋର

ପରିଚିତ ବିବାହ ଆଗରୁ । ବିବାହ ପରେ ବି କେତେ ମାସ ଯାଏ ଠିକ୍ ଏମିତି ସେ ମୋ ଆଡ଼େ ଚାହିଁ ରହୁଥିଲା ବା ହୁଏତ ମୋ ଆଡ଼କୁ ଚାହିଁଲାବେଳେ ତା'ର ଦୃଷ୍ଟି ଏମିତି ହୋଇଯାଉଥିଲା । ସେମିତି – ଠିକ୍ ହସିଲାବେଳେ ବା ମୋ ସାଂଗରେ କଥା ହେଲାବେଳେ ଖୁଉବ୍ ସଜଳ ଦିଶୁଥିଲା ତା'ର ଦାନ୍ତ ସବୁ । ଏବେ ସବୁ ଯେମିତି ସ୍ପଷ୍ଟ ହୋଇଯାଉଛି ମୋ ନିକଟରେ । ଯେମିତି ଗୋଟାଏ ବିଜ୍ଞାପନର ଖୁବ୍ ବଡ଼ ପୋଷ୍ଟର ମୋ କାନ୍ଥରେ କିଏ ଆଣି ମାରିଦେଇଯାଇଛି ।କିନ୍ତୁ ମାଳତୀ ନିଜେ ନିଜକୁ ଦେଖିବାରେ ସମର୍ଥ ହୋଇପାରୁନି । ତା'ର ନିଜର ଆଖି ତା'ପାଖରେ ଯେମିତି ଅପରିଚିତ ଆଉ ସେଇଥିପାଇଁ ପ୍ରଥମ କିଛିଦିନ ବେଶ୍ ନିଶ୍ଚିନ୍ତ ମନରେ ମୁଁ ତାକୁ ଲକ୍ଷ୍ୟ କରିବାର ସୁଯୋଗ ପାଇଥିଲି । କିନ୍ତୁ ଧୀରେ ଧୀରେ ଦେଖିଲି – ତା'ର ଆଖିର ସରଳତା ଉଭେଇ ଯାଉଛି ଯେମିତି, ମଝିରେ ମଝିରେ ତା'ର କପାଳ ଉପରେ ରେଖା ବି ଦେଖିପାରିଲି । ଜୟନ୍ତ ସାଂଗେ କଥା ହେଲାବେଳେ ତା ଓଠର ଗୋଟିଏ ପାଖ ଯେମିତି ବଙ୍କେଇ ଯାଏ ଟିକିଏ ଓ ମୋର ଖିଆପିଆ, ଜାମାପଟାର ପରିଚ୍ଛନ୍ନତା ନେଇ ସେ ହଠାତ୍ କେମିତି ବେଶୀ ମନଯୋଗୀ ହୋଇଉଠେ । ଏତେଦିନ ପର୍ଯ୍ୟନ୍ତ ଭାବୁଥିଲା ସେ ଖାଲି ଜୟନ୍ତର ପୂଜାଗ୍ରହଣ କରୁଛି ମାତ୍ର – ବିନିମୟରେ କିଛି ଦେଉନି ବା ଦେବାକୁ ହେବନି ତାକୁ । କିନ୍ତୁ ଏବେ ଆଉ ତା'ମନର ଚେହେରାଟା ତା'ନିଜ ପାଖରେ ଅଛପା ରହିଲାନି ଓ ସେଇ ଦିନଠାରୁ ଆରମ୍ଭ ହେଲା ଏଇ ଝାଉତଲା ରୋଡ଼୍ର ସୁନ୍ଦର, ସୁସଜ୍ଜିତ ଫ୍ଲାଟର ଚାରିକାନ୍ଥ ଭିତରେ ଗୋଟିଏ ଯୁଦ୍ଧ ।

ଶୀତଳ ଯୁଦ୍ଧ ଘୋଷିତ ହୋଇନି । ଆଖିରେ ଆଖିରେ ଯୁଦ୍ଧ, ପାଦପକାଇ ଚାଲିବାରେ ଯୁଦ୍ଧ, କଥା କଥାରେ ଯୁଦ୍ଧ – ଏମିତି ଚାଲିଥାଏ । ଏମିତି ଅନେକ କଥା ଅଛି ଯାହା ପ୍ରକାଶ କରାଯାଇପାରେନା । ବଂଗଳାରେ ନୁହେଁ କି ଅନ୍ୟ କୌଣସି ଭାଷାରେ ବି ନୁହେଁ – ଅଥଚ ଯାହା ବୁଝାଇବାକୁ ଯାଇ ଆମକୁ ଅନ୍ୟକିଛି କହିବାକୁ ପଡ଼େ – କିମ୍ବା ଯାହା ନକହିଲେ ବି ସମସ୍ତେ ବୁଝିପାରନ୍ତି । ଥରେ ଗୋଟିଏ ଧୋବା ଭାରି ହଇରାଣ କଲା । ମାଳତୀର ଦୁଇଖଣ୍ଡ ସିଲ୍କ୍ ଶାଢ଼ୀ ସଫା କରିବାକୁ ନେଇ ଆଉ ଫେରାଇଲାନି । ମାସେ ଗଲା, ଦୁଇମାସ ଗଲା, ମାଳତୀ ଯା ଭିତରେ ଚାକରକୁ

ବି ପଠେଇଥିଲା । ଖବର ନେବାରେ ଜଣାଗଲା ସେ ଜ୍ୱରରେ ପଡ଼ିଛି । ତା'ପରେ ଆଉ ତା'ର ଦେଖାମିଳିଲାନାହିଁ । ଚାକର ଦେଇ କ'ଣ ସବୁ କାମ ହୁଏ – ଘରର କର୍ତ୍ତା ଯଦି କିଛି ନକରିବେ ତାହାଲେ – ହଁ, ଶାଢ଼ୀ ଦୁଇଟା ହଜିଗଲେ ବା ତାଙ୍କର କ'ଣ ଅଛି ? ମାଳତୀର ଏଇପ୍ରକାର ସ୍ୱଗତୋକ୍ତି ଶୁଣିଲାପରେ କହିଲି – ଚାକରକୁ ଆଉଥରେ ପଠାଇ ଦେଖୁନ ? ଏଥର ଚାକର ଫେରିଆସି କହିଲା ଧୋବା କାଲି ନିଶ୍ଚୟ ଆସିବ । କିନ୍ତୁ ବାର ଚଉଦ ଦିନ ପରେ ଯେତେବେଳେ ଧୋବାଟା ଆସିଲାନାହିଁ – ସେତେବେଳେ ମାଳତୀ ଦିନେ ସଂଧ୍ୟାରେ ଜୟନ୍ତ ଓ ଅନ୍ୟମାନଙ୍କ ଆଗରେ ଧୋବାମାନଙ୍କ ବିଷୟରେ ଗୋଟିଏ ବକ୍ତୃତା ଦେଲା – କେମିତି ସେମାନେ ନିର୍ବିବାଦରେ ଲୁଗା ହଜାନ୍ତି, ଛିଣ୍ଡାନ୍ତି, ଅଟକାଇ ରଖନ୍ତି, ନିଜେ ବ୍ୟବହାର କରନ୍ତି, ଜମାକରି ରଖି ନଷ୍ଟ କରନ୍ତି, ଭଲ ଭଲ ଲୁଗାପଟା ଭଡ଼ାରେ ଲଗାନ୍ତି, ଇସ୍ତ୍ରି କରିବା ସମୟରେ ପୋଡ଼ି ଦିଅନ୍ତି – ଆଉ ପାଉଣା ଆଦାୟ କଲାବେଳେ କଣା ପଇସାଟେ ବି ଛାଡ଼ିବେନାହିଁ । ଧୋବା କଥା ସେଦିନର ଆଲୋଚନାର ବିଷୟବସ୍ତୁ ହୋଇଥିଲା ଓ ଦେଖାଗଲା ଯେ ସମସ୍ତେ ପ୍ରାୟ ଊଣା ଅଧିକେ ଏଇ ଧୋବାମାନଙ୍କ ଅତ୍ୟାଚାର ଶିକାର ହୋଇଛନ୍ତି । ଜୟନ୍ତ ପଚାରି ବସିଲା – କିଏ ସେ ଧୋବା ଯିଏ ଆପଣଙ୍କ ଶାଢ଼ୀ ନେଇ ଫେରାଇନାହିଁ । ତା ନାଆଁ – ଜଗା, ସେ ଅମୁକ ଜାଗାରେ ରହେ – କହିଲା ମାଳତୀ । ଜୟନ୍ତ ଆଉ କିଛି କହିଲାନି ତା'ପରେ । ଏତେ ସମୟ ଧରି ଖାଲି ଧୋବା ବିଷୟରେ ଚର୍ଚ୍ଚା ଶୁଣି ମୋତେ ବିରକ୍ତ ଲାଗୁଥିଲା । ମୁଁ କଥାର ମୋଡ଼ ବଦଳାଇ କହିଲି – ଚଣ୍ଡୀଦାସର ସ୍ତ୍ରୀ କ'ଣ ସତରେ ଧୋବଣୀଟିଏ ଥିଲା ।

ତା'ପରଦିନ ଥିଲା ରବିବାର । ଦିନ ପ୍ରାୟ ଦୁଇଟା ହେବ । ମୁଁ ଟିକେ ଆଗରୁ ଖାଇସାରି ଉଠିଥାଏ । ହଠାତ୍ ଶୀତ ଚାଲିଯାଇ କଲିକତାରେ ସେତେବେଳକୁ ଖୁବ୍ ଗରମ ପଡ଼ିଥାଏ – ପଙ୍ଖା ଚାଲିଥାଏ, କବାଟ, ଝରକା ସବୁ ବନ୍ଦ, ମାଳତୀ ମସିଣା ପକେଇ କେତୋଟି ପତ୍ରିକା ଧରି ଶୋଇପଡ଼ିଛି – ଆଉ ମୁଁ ହେମିଂ ୱେ'ର ଗୋଟିଏ ଗଳ୍ପର ତର୍ଜମା କରିବାକୁ ବସିଥାଏ । ଠିକ୍ ଏତିକିବେଳେ ବୈଠକଖାନାରେ କାହାର ପାଦଶବ୍ଦ ଶୁଣିବାକୁ ମିଳିଲା । ପ୍ରଥମେ ମାଳତୀ ଓ ପରେ ମୁଁ ଦୁହେଁ ଉଠିଗଲୁ ସଦର

ଦରଜା ପାଖକୁ । ଜୟନ୍ତ ଆସିଛି, ସାଂଗରେ ତା'ର କାଳିଆ ହୋଇ ଜଣେ ଲୋକ – ଯାହାକୁ ମୁଁ ଚିହ୍ନି ପାରିଲିନାହିଁ – କିନ୍ତୁ ଅନୁମାନ କଲି ଏଇ ନିଶ୍ଚୟ ସେଇ ଧୋବା – ଜଗା । ଜୟନ୍ତ କହିଲା, ମିସେସ୍ ମୁଖାର୍ଜୀ ! ନିଅନ୍ତୁ ଆପଣଙ୍କ ଶାଢ଼ୀ, ସବୁ ଠିକ୍ ଅଛି ତ ? ତା'ପରେ ଜଗାର କାନ୍ଧକୁ ହଲାଇ କହିଲା – ଦେଖ୍ ତୋ ଆଗରେ କିଏ ଠିଆହୋଇଛି । ମାଳତୀଆଡ଼କୁ ଅନେଇ ଜଗା କ'ଣ ଗୁଡ଼ାଏ ବିଡ଼ିବିଡ଼ କରି କହିଲା କିଛି ବୁଝିହେଲାନି । ବୁଝିବାର ଆବଶ୍ୟକତା ବି ନଥିଲା । ମୁଁ ଦେଖିଲି ମାଳତୀ କେମିତି ଏକ ଦୃଷ୍ଟିରେ ଚାହିଁ ରହିଛି ଜୟନ୍ତକୁ – ଜୟନ୍ତର ଆଖି ଲାଲ୍, ଦେହ ଝାଳରେ ଭର୍ତ୍ତି – ସେଥିରୁ ବୁଝାପଡୁଛି ଜୟନ୍ତ ନିଶ୍ଚୟ ଧୋବା ସାଂଗରେ ଦଙ୍ଗା ହଙ୍ଗାମା କରି ଏଇ ଶାଢ଼ୀ ଆଦାୟ କରିପାରିଛି । ଖାଲି ଶାଢ଼ୀ ନୁହେଁ – ଧୋବାକୁ ସଶରୀରେ ଆଣି ସମସ୍ତଙ୍କ ପାଖରେ ହାଜର କରିପାରିଛି ସେ । ଚାହିଁ ଦେଖ କିଏ ଆସିଛି ? ଯେମିତି ରାଣୀଙ୍କ ଆଗରେ ବିଚାରଲାଗି ଦୋଷୀକୁ ଧରି ଅଣାଯାଇଛି । ମାଳତୀ ଯେମିତି ଧୋବାକୁ ଦଣ୍ଡ ଦେବାର କର୍ତ୍ତ୍ରୀ – ସତେ ଯେମିତି ଜଗା ଏକ୍ଷଣି ମାଳତୀର ପାଦ ଧରି କାନ୍ଦି କାନ୍ଦି କ୍ଷମା ମାଗିବସିବ – ଆଉ ମାଳତୀ, ସତେ ଯେମିତି ସେ ରାଣୀ ସାଜିଛି  ଆଜି ଓ ଭାବୁଛି ଯାହା ତା'ର ଅଧିନସ୍ତ, ଜୟନ୍ତ ତା ଲାଗି ସେ କାମ କରିନପାରିବ ଏମିତି କିଛି କାମ ନାହିଁ । ଯେମିତି ସେ ଚାହିଁଲେ ଏବେ ସେ ଧୋବାର ଅସ୍ତିତ୍ୱ ବି ସେ ଲୋପ କରିଦେଇପାରିବ – ଏଇ ସବୁ କଥା ମୁଁ ସ୍ପଷ୍ଟଭାବେ ଅନୁମାନ କରିନେଲି – ବୁଝିନେଲି ସେଦିନ । ମାଳତୀର ସେଦିନର ସେଇ ଚେହେରାଟା ଆଜିବି ମୋ ମନରେ ଗୁନ୍ଥାହୋଇ ରହିଛି ଯେମିତି – ସେଦିନ ତା'ମୁଣ୍ଡରେ ମୁକୁଳା ବାଳ ଝୁଲୁଥିଲା – ପିଠି ଉପରେ, ଓଠ ପାନ ରଂଗରେ ଲାଲ – ଆଉ ଠିଆହୋଇ ରହିଥାଏ ଦୟା ଆଉ ଗର୍ବର ସମ୍ମିଶ୍ରଣ ଏକ ଅପୂର୍ବ ଭଂଗୀରେ । ଆଉ ତା ଆଖି ଜୟନ୍ତ ମୁହଁ ଉପରେ ନିବଦ୍ଧ । ଗାଲ ଉପରେ ଏକ ଗଭୀରତର ଆଭା , ମୁହଁ ବି ତା'ର ବେଶ୍ ଉଜ୍ଜ୍ୱଳ ଓ ଲାଲ ଦିଶୁଥାଏ ସେଦିନ ।

ଆଉଦିନେ ଅଫିସରୁ ଫେରି ଦେଖିଲି ବୁନିକୁ ଜର – ଜୟନ୍ତ ତା'ମୁଣ୍ଡ ପାଖରେ ବସି ମୁଣ୍ଡ ଚିପି ଦେଉଛି । ମୁଁ ଘରକୁ ପଶିବା ମାତ୍ରେ ମାଳତୀ କହିଲା –

## ମୁଁ ମାଳତୀ କହୁଛି

ସ୍କୁଲରୁ ଜର ନେଇ ଫେରିଛି ବୁନ୍ନି – ଗଳାରେ ବହୁତ ଦରଜ ହେଉଛି, କୁମୁଦ ଡାକ୍ତରଙ୍କୁ ଡାକି ଦିଅନ୍ତ କି ? ମୁଁ କହିଲି – ହଉ, ମୁଁ ପଡ଼ିଶାଘରୁ ଫୋନ୍ କରିଦେଉଛି। ମାଳତୀ କହିଲା – ମୁଁ ଫୋନ୍ କରିଥିଲି – ସେତେବେଳେ ଡାକ୍ତର ଘରେ ନଥିଲେ। ଆଉ ଫୋନ୍ କରିନି – କାରଣ ଅନ୍ୟଜଣକ ଘରୁ ସବୁବେଳେ ଫୋନ୍ କରିବାଟା ଭଦ୍ରାମି ନୁହେଁ। କହିଲି କୁମୁଦବାବୁ ସାତଟା ଆଗରୁ ଚେମ୍ବରକୁ ଆସନ୍ତିନାହିଁ। ମୁଁ ସାଂଗେ ସାଂଗେ ଗାଧୋଇପଡ଼େ – ତା'ପରେ ଯିବି। ବାଥ୍‌ରୁମରୁ ବାହାରି ଦେଖିଲି ଜୟନ୍ତ ନାହିଁ – କହିଲି ଆରେ, ଜୟନ୍ତ ବାବୁ କୁଆଡ଼େ ଗଲେ ? ମାଳତୀ କହିଲା – ଶୋଇ ବସି ସମୟ କଟେନା ତାଙ୍କର – ସେ କାମିକା ଲୋକ – ଡାକ୍ତରଙ୍କୁ ଡାକିବାକୁ ଗଲେ ସେ। ଅତି ଧୀର ଭାବେ ଏକଥା କହିଲା ମାଳତୀ – ରାଗରେ ମୋଟେ ନୁହେଁ। କିନ୍ତୁ ସେଇ ମୁହୂର୍ତ୍ତରେ ମୋ ଭିତରେ ଯେମିତି କ'ଣ ଗୋଟାଏ ଘଟିଗଲା। ଦୁଃଖ ଓ ରାଗ ଭିତରେ ଶଁ ଶଁ ହୋଇ ମୋ ମୁଣ୍ଡ ଭିତରେ ଯେମିତି ଗୋଟାଏ ବିଷାକ୍ତ ପୋକ କାମୁଡ଼ିବାକୁ ଲାଗିଲା – ସେ ଯେମିତି କହୁଥିଲା – ତୁମେ ଶୋଇ ବସି ଦିନ କାଟ। ମୁଁ କିଛି ନକହି ସିଡ଼ି ଦେଇ ତଳକୁ ଓହ୍ଲାଇ ଆସିଲି ରାସ୍ତାକୁ – ଟ୍ରାମ୍‌ରେ ଉଠିପଡ଼ିଲି, ଗଡ଼ିଆ ହାଟର ଛକରେ ଓହ୍ଲେଇ ଗୋଟିଏ ଚା ଦୋକାନରୁ କପେ ଚା ପିଇଲି। ଫୁଟ୍‌ପାଥରେ ଠିଆହୋଇ ଲୋକ ଗହଳିକୁ ଅନେକ ସମୟଧରି ଲକ୍ଷ୍ୟ କଲି – ତା'ପରେ ନିଜକୁ ମିଶେଇ ଦେଲି ସେଇ ଗହଳି ଭିତରେ। ବାଟରେ ସିଗାରେଟ୍ କିଣିଲି। ଲେକ୍ ପାଖକୁ ଆସି ସିମେଣ୍ଟ ବେଞ୍ଚ ଉପରେ ବସିଲି ଟିକିଏ। ଫେରିଲାବେଳକୁ ପୁଣି ଟ୍ରାମ୍‌ଟିଏ ଧରି ଫେରିଲି। ସିଡ଼ିଦେଇ ଉପରକୁ ଯିବାକୁ ଖୁବ୍ କ୍ଲାନ୍ତ ଲାଗୁଥାଏ ସେତେବେଳେ, ବୈଠକଖାନାର କବାଟ ପାଖରେ ଟିକେ ଦମ୍ ନେବାକୁ ଠିଆହେଲି। ଭିତରୁ ଚପା ଗଳାର ଶବ୍ଦ ଆସୁଛି – କିଛି ବୁଝିହେଉନି, ଖାଲି କଥାର ଶବ୍ଦ ଆସୁଛି – ଯେମିତି ଗୋଟିଏ ବିଷାକ୍ତ ପୋକ ଉଡ଼ିଗଲା ପରେ ଖୁବ୍ ମୃଦ ଶବ୍ଦ ହୁଏ ମଝିରେ ମଝିରେ – ଠିକ୍ ସେମିତି। ମୋତେ ଦେଖିପାରି ସେମାନେ ଦୁଇଜଣ ହଠାତ୍ ଚୁପ୍ ହୋଇଗଲେ – ହଠାତ୍ ଜୟନ୍ତ କହିଉଠିଲା – ଆରେ ଆପଣ ହଠାତ୍ କୁଆଡ଼େ ଚାଲିଗଲେ। କିଛି ଭାବିବା ଦରକାର ନାହିଁ – ମୁଁ ଡାକ୍ତରଙ୍କୁ ତାଙ୍କ

ଘରୁ ଯାଇ ଧରିଆଣିଲି – ବୁନ୍ନି ଏବେ ଭଲଅଛି – ଔଷଧଟା ଖାଇ ଶୋଇପଡ଼ିଛି। ଭିତରୁ ଅସ୍ପଷ୍ଟ ଶବ୍ଦ ଭାସିଆସିଲା – ମା ! (ବୁନ୍ନିର ପାଟି) – ଏଇ ଯାଉଛି କହି ମାଳତୀ ଉଠିଗଲା ଭିତରକୁ। ଅଳ୍ପ ସମୟ ପରେ ଜୟନ୍ତ ବି ଉଠି ଠିଆହେଲା – କହିଲା – ମୁଁ ଆଜି ଆସୁଛି ମିସେସ୍ ମୁଖାର୍ଜୀ – ଏଗାରଟାବେଳେ ଆଉ ପାନେ ଔଷଧ ଦେଇଦେବ ମନେକରି। ମୋର ଇଚ୍ଛା ହେଲା ଜୟନ୍ତକୁ ଆଉ କିଛି ସମୟ ବସାଇ ରଖିବାଲାଗି। ଏକଥା ଭାବି ମନେ ମନେ ଭୟ ହେଲା ଯେ – ମାଳତୀ ଓ ମୁଁ ସାରାଜୀବନ ଏକା ରହିବୁ। ଭାଗ୍ୟ ବଶତଃ ବୁନ୍ନି ଆଜି ଅସୁସ୍ଥ, ଆମେ କୌଣସି କଥାବାର୍ତ୍ତା ନକରିବା ଦରକାର।

ଠିକ୍ ଏଇ ଘଟଣାର କିଛିଦିନ ପରେ ମାଳତୀ ତା'ର ଖଟକୁ ମୋ ଖଟଠାରୁ ଅଲଗାକରି ଶୋଇବା ଘରକୁ ଅନ୍ୟ ରକମ ସଜେଇ ନେଲା। ମୁଁ କିଛି ପ୍ରତିବାଦ କଲିନି ସେଥିରେ।

ଏଇଟା ହେଉଛି ସେତେବେଳର ଘଟଣା ଯେତେବେଳେ ମୁଁ ଚେଷ୍ଟା କରୁଥିଲି ମାଳତୀ ସହିତ କିଛି ଗୋଟାଏ ବୁଝାମଣା କରିବାପାଇଁ। ଖୁବ୍ କଷ୍ଟକର ବ୍ୟାପାର ଉଭୟ ପକ୍ଷ ପାଇଁ। କେହି କାହାର କଥା ବୁଝୁନା – କହିବାକୁ ଗଲେ କଥାଗୁଡ଼ିକ କେମିତି ଭାଙ୍ଗି ଭାଙ୍ଗି ଯାଏ – ଅଚଳ ସୁଉକି, ଅଧୁଲି ପରି ପୁଣି ଫେରିଆସେ ନିଜ ହାତକୁ। ମୂକ ଅଥର୍ବ ଚଟାଣ ଉପରେ ମୁଣ୍ଡ ପିଟିଲେ ଖାଲି ମୁଣ୍ଡ ପିଟାର ପ୍ରତିଧ୍ୱନି ଶୁଭିବ। ମାଳତୀ ମୁହଁରେ ସେଇ ଗୋଟିଏ ଧରାବନ୍ଧା କଥା – ଯା ଯଦି ତମ ମନର କଥା, ତାହାଲେ ଜୟନ୍ତ ବାବୁଙ୍କୁ ଧକ୍କା ଦେଇ ଘରୁ ବାହାର କରିଦେଇଥାନ୍ତ – ଦେଲନି କାହିଁକି ? ସେ ଉତ୍ତର ଦିଏ – ଏଥିଲାଗି ବାହାର କରିଲି ନାହିଁ ଯେ – ସେଥିରେ ମୋର କିଛି ଲାଭ ହେବନି, କି ମୁଁ ତୁମକୁ ଫେରି ପାଇବିନାହିଁ। କାରଣ ମଣିଷର ମନଟା ହି ସବୁ, ଇଚ୍ଛାଟା ହିଁ ଅସଲ। ସେଇଟାକୁ କାର୍ଯ୍ୟକାରୀ କରାହେଲା କି ନହେଲା ସେଇଟା ଅବାନ୍ତର। ଧର ଜୟନ୍ତକୁ ମୁଁ ତଡ଼ିଦେଲି – ଆଉ ତା'ପରେ ତମେ ଯଦି ଅଧାମରା ହୋଇ ବଞ୍ଚିରୁହ – ତାହାଲେ ମୋର କି ଲାଭ ସେଥିରେ। କୁହ ! ଏଇସବୁ କଥା ମୁହଁରେ କୁହାଯାଇପାରେନା। ମନେ ମନେ ଏହାକୁ ସଜାସଜି

କରି କେବଳ ଚିନ୍ତା କରାଯାଇପାରେ, ଚିଠିରେ ହୁଏତ ଲେଖାଯାଇପାରେ । ଅନ୍ତତଃ ନିଜର ସ୍ତ୍ରୀକୁ ଏକଥା କୁହାଯାଏନା । ତା'ପରେ ବି କହି କିଛି ଲାଭନାହିଁ । କାରଣ କଥାଟା ଏତେ ନିଛକ ସତ୍ୟ ଯେ ମାଳତୀ ବି ୟାର ପ୍ରତିବାଦ କରିପାରିବନି କେବେ । ତା'ସେ କରିପାରିବନି ବୋଲି ମୋ ଉପରେ ତା'ର ଆକ୍ରୋଶ ଆହୁରି ବଢ଼ିଯିବ – ହୁଏତ ଶେଷ ପର୍ଯ୍ୟନ୍ତ ମୋ କଥା ନଶୁଣି କହିଉଠିବ – ଅସଲ କଥା ହେଲା – ତମେ ଭୀଷଣ ଈର୍ଷାପରାୟଣ, ଭୀଷଣ ସ୍ୱାର୍ଥପର – ଆଉ ତମେ ଚାହଁ ସମସ୍ତେ ସବୁବେଳେ ଖାଲି ତମ ମନ ଜଗି ଚଳିବେ – ମୁଁ ତ ମୁଁ – ବୁନ୍ନି ପ୍ରତି କେହି ବେଶୀ ମନଯୋଗୀ ହେଲେ ତମକୁ ମୋଟେ ଭଲଲାଗେନା – ନୁହେଁ କି ?

ଏଇଟା ପୁଣି ତମର ଗୋଟାଏ ନୂଆ ଧରଣର ଈର୍ଷା, ସେ କ'ଣ କେବଳ ମୋର ସଂପତ୍ତି ନା ମୋ'ପରି ପୁରୁଷ ସ୍ୱାମୀଙ୍କର ଏକ ବୈଶିଷ୍ଟ୍ୟ, – ଜାତି, ଘର ଇତ୍ୟାଦି ତୁମପରି ସ୍ତ୍ରୀମାନଙ୍କଠାରେ ଆଦୌ ଦେଖାଯାଏନାହିଁ । ମନେଅଛି, ତୁମର ବିବାହର ପରବର୍ଷ ଦାର୍ଜିଲିଙ୍ଗ ବୁଲିଯାଇଥିବା ସମୟରେ – ସେଇ ପଂଜାବୀ ଝିଅସଙ୍ଗେ ମୋର ଚିହ୍ନା ପରିଚୟ ହୋଇଥିଲା । ଚଉଦ ବର୍ଷର ଝିଅ ସିଏ – ଅଠର ବର୍ଷପରି ଦିଶୁଥାଏ । ଚମତ୍କାର ଚେହେରା, ଚମତ୍କାର ଇଂରାଜୀ କହୁଥାଏ । ଆମେ ଫେରିବା ଦିନ ସେ ଆମ ସଂଗେ ଷ୍ଟେସନ ପର୍ଯ୍ୟନ୍ତ ଆସିଲା । ମୁଁ ତା ସହିତ କଥା ହୋଇ ହୋଇ ଚାଲୁଥିଲି । ପ୍ରକୃତରେ ତା'ର ସାନିଧ୍ୟ ମୋତେ ବେଶ୍ ଭଲ ଲାଗୁଥିଲା ସେଦିନ, କିନ୍ତୁ ମୋର ଅନଭିଜ୍ଞତା ବଶତଃ ମୋଟେ ବୁଝିପାରିନଥିଲି ଯେ ତୁମେ ସେଥିରେ ଏତେ ରାଗିଯାଇଥିଲ ବୋଲି । ଆଉ ସେଇଥିଲାଗି ସେଦିନ ରାତ୍ରିରେ ତୁମେ ଟ୍ରେନ୍‌ରେ ମୋଟେ କଥା କହିନଥିଲ । ତୁମ ମୁହଁ ଶୁଖି କଳା ପଡ଼ିଯାଇଥିଲା । ମୁଁ ସେଇ ନିର୍ଜନ "କୁପ୍" ରେ ସେଦିନ ଶତଚେଷ୍ଟା କରିବି ତୁମର ରାଗ ଭାଙ୍ଗିପାରିନଥିଲି – ମନେ ଅଛି ? ଅଥଚ କିଏ ଯେ ସେ ପଂଜାବୀ ଝିଅଟା ଯା ଲାଗି ସେଦିନ ଦାର୍ଜିଲିଂର ମଧୁର ସ୍ମୃତି ଓ ଟ୍ରେନ୍ ଯାତ୍ରାରେ ସେଇ ମଧୁର ରାତିଟାକୁ ତୁମେ ଅକାରଣ ବିଷାକ୍ତ କରିଦେଇଥିଲ । କ'ଣ କୁହାଯାଏ ୟାକୁ ? ସ୍ୱାମୀ ହେଲେ ଈର୍ଷାପରାୟଣ ଆଉ ସ୍ତ୍ରୀ ହେଲେ କୁହାଯିବ ଭଲ, ସୁଧାର – ଏଇୟା ନା ?

ଥରେ ତୁମର ପିତା ଆଲ୍ଲାହାବାଦ୍‌ରେ ହୃଦରୋଗରେ ହଠାତ୍ ଆକ୍ରାନ୍ତ ହୋଇଗଲେ, ଟେଲିଗ୍ରାମ ପାଇ ତୁମେ ଆଲ୍ଲାବାଦ ଚାଲିଗଲ – ମୁଁ ଘରେ ଏକାଥାଏ। ସଂଧ୍ୟାବେଳେ ଦରଜାରେ କିଏ ଠକ୍ ଠକ୍ କଲା। କବାଟ ଖୋଲି ଝିଅଟିଏ ଘରକୁ ପଶି ଆସି କହିଲା ମୋତେ ବୋଧହୁଏ ଆପଣ ଚିହ୍ନି ପାରୁନାହାନ୍ତି – ମୁଁ "ନୀଳିମା"– ମୋର ମନେପଡ଼ିଲା ଝିଅଟି ତମର ଜଣେ ଆତ୍ମୀୟା, ତୁମ ବାପାଙ୍କ ଘରେ ଅନେକଥର ଦେଖିଛି ତାଙ୍କୁ – ତମେ ଥରେ କହିଥିଲ ଯେ, ବାହାଘର ପରେ ତା'ର ସ୍ୱାମୀ ସହିତ ମନୋମାଳିନ୍ୟ ଘଟିଛି। ତା'ର ଆହୁରି କ'ଣ ଅସୁବିଧା ଥିଲା ଯାହା ମୋର ଠିକ୍ ମନେପଡୁନି – ତଥାପି ଥଙ୍ଗେଇ ଥଙ୍ଗେଇ କହିଲି – ମାଳତୀ ଏବେ ଘରେନାହିଁ – ସେ ଆଲ୍ଲାହାବାଦ ଯାଇଛି। ଆପଣଙ୍କର କ'ଣ କିଛି କାମ ଥିଲା ? ଝିଅଟି କହିଲା – ହଁ, ମୋର ଟିକିଏ ଦରକାରୀ କାମ ଥିଲା ତା'ପାଖରେ। ମୁଁ ଗୋଟିଏ କାମରେ କଲିକତା ଆସିଥିଲି – କାଲି ଗୌହାଟୀ ଯିବି ମୋ ବାପାଙ୍କ ପାଖକୁ। କଲିକତାରେ ରହିବାର କୌଣସି ସୁବିଧା ନାହିଁ। ଆଜି ରାତିଟା ପାଇଁ ଯଦି ଏଇଠି ଟିକିଏ ରହିବାପାଇଁ ଜାଗା ଦିଅନ୍ତେ – ତାହାଲେ – କଥାଟା ଶୁଣିବାମାତ୍ରେ ମୋର ମନେପଡ଼ିଗଲା – ତମେ ଥରେ ମୋତେ କହିଥିଲ ନୀଳିମା ଖରାପ ଝିଅ – ବିଭାହେବା ଆଗରୁ ଅନେକ ପୁରୁଷ ପିଲାଙ୍କର ମୁଣ୍ଡ ଖେଳେଇ ଥିଲା ସେ। କଲେଜ ହଷ୍ଟେଲ୍‌ରୁ ତାକୁ ତଡ଼ି ଦିଆହୋଇଥିଲା ଥରେ। ବିବାହ ପରେ ତା'ର ସେ ରୋଗ ଏଯାଏଁ ଯାଇନି ବୋଲି ସ୍ୱାମୀ ସ୍ତ୍ରୀ ମଧ୍ୟରେ ସବୁବେଳେ ଗୋଳମାଳ ଲାଗିରହୁଛି। ତା'ଛଡ଼ା ସେତେବେଳେ ମୁଁ ଜଣେ ଅଭିଜ୍ଞ ସ୍ୱାମୀ ହୋଇପାରିଛି, ମୋର ମନେହେଲା ସେଇ ଗୋଟିଏ ଘରେ ଅନ୍ୟ ଜଣେ ଯୁବତୀ ସ୍ତ୍ରୀ ସହିତ ରାତ୍ରୀଯାପନ କରିବା ତୁମକୁ ଭଲଲାଗିବନି। ତେଣୁ ସବିନୟେ ନୀଳିମାକୁ ବିଦାୟ ଦେଇଥିଲି ସେଦିନ ରାତିରେ। ତୁମପାଖକୁ ଏ ବିଷୟ ଚିଠିରେ ଲେଖିଥିଲି। ଉତ୍ତରରେ ତୁମେ ଲାଗି ଲାଗି ତିନିଖଣ୍ଡ ଚିଠି ଦେଇଥିଲ – ଲେଖିଥିଲ ନୀଳିମା ଯଦି ପୁଣି କେବେ ଆସେ ତା'ସାଙ୍ଗରେ ବେଶୀ ମିଳାମିଶା କରିବନାହିଁ ଆଉ ଯେକୌଣସି ପ୍ରକାରେ ତାକୁ ଘରେ ରହିବାପାଇଁ ପ୍ରଶ୍ରୟ ଦେବନାହିଁ। ମୋ ନିଜ ପାଇଁ କହୁନି – କିନ୍ତୁ ଲୋକେ ଭୁଲ୍ ବୁଝିପାରନ୍ତି, ମୋ ବାପଘରେ ଯଦି

## ମୁଁ ମାଳତୀ କହୁଛି

ସେମିତି କିଛି କଥାଉଠେ ତାହାଲେ ଭାରି ଖରାପ କଥାହେବ । ତମକୁ କେହି ଏତିକି ଟିକିଏ ଆକ୍ଷେପ କରି କହିଲେ କି ଖରାପ ଭାବିଲେ ମୁଁ ମୋଟେ ସହିପାରିବି ନାହିଁ । ଏକଥା ତୁମେ ଭଲକରି ଜାଣ । ତୁମେ ମୋର ହିତାକାଂକ୍ଷୀ ମାଳତୀ, ଈର୍ଷାପରାୟଣା କି ସନ୍ଦେହୀ ନୁହେଁ - ଏଇଆ ହିଁ ମୋତେ ମାନିନେବାକୁ ହେବ - ଯେହେତୁ ମୁଁ ପୁରୁଷ ତୁମେ ନାରୀ । କିନ୍ତୁ ମୁଁ ଜାଣେ ଏଘଟଣାଟା ଯଦି ଓଲଟା ହୋଇଥାନ୍ତା - ଅଥାତ୍ ମୁଁ ଥାଆନ୍ତି ଆଲ୍ଲାହାବାଦରେ ଆଉ ତମେ ଏଠି ଥାନ୍ତ ଏକା - ମୋର କେହି ଆତ୍ମୀୟ ନିରୁପାୟ ହୋଇ ଏଇଠି ଏଇଘରେ ଗୋଟିଏ ରାତି କଟେଇବାର ଇଚ୍ଛାକରିଥାଆନ୍ତା - ତାହାଲେ ଅନ୍ତତଃ ମୁଁ ଏଇଟା ଆଶା କରିଥାଆନ୍ତି ଯେ - ତମେ ତାକୁ ସିଢ଼ିର ରାସ୍ତା ଦେଖାଇ ଦେଇନଥାନ୍ତ ଏବଂ ସେଥିରେ ଯେ ତୁମର ନିନ୍ଦା ହୋଇପାରେ ଏଭାବନଟା ତୁମ ମୁଣ୍ଡରେ ଖେଳିନଥାନ୍ତା । ତା'ପରେ ବେଳେ ବେଳେ ମନେହୋଇଛି ଯେ ମୁଁ ପ୍ରକୃତରେ ସେଦିନ ଅନ୍ୟାୟ କରିଥିଲି ନୀଳିମା ସହିତ - ନୀଳିମା ହୁଏତ ପ୍ରକୃତରେ ନିରାଶ୍ରୟା ଥିଲା ସେଦିନ - ମୁଁ ତାକୁ ବେଶୀ କଥା ବି କହିନି, କପେ ଚ଼ା ପିଇବାକୁ ବି କହିନି - କାରଣ ପଛରେ ଥିଲା ତମରି ଛାୟା ମାଳତୀ, ଆଉ ତାକୁ ହିଁ ମୁଁ ଭୟ କରିଥିଲି ସେଦିନ । ଏପ୍ରକାର ଆଚରଣ ସହିତ ମୋ ସ୍ୱଭାବର କିଛି ମେଳ ନଥିଲା - କିନ୍ତୁ ଯେହେତୁ ମୁଁ ତୁମର ସ୍ୱାମୀ, କେବଳ ସେଇଥିପାଇଁ ସେମିତି ଆଚରଣ ସେଦିନ ମୋତେ କରିବାକୁ ପଡ଼ିଥିଲା ।

ମାଳତୀ ! ତୁମେ ନିଶ୍ଚୟ ସ୍ୱୀକାର କରିବ ଯେ ତୁମ ଉପରେ ମୋର ଅଗାଧ ବିଶ୍ୱାସ ଥିଲା - ଅନ୍ଧପରି ମୁଁ ତୁମକୁ ବିଶ୍ୱାସ କରୁଥିଲି - ସେଥିରେ କୌଣସି ସୀମା କି ସର୍ତ୍ତ ନଥିଲା । କିନ୍ତୁ ତମେ ଥିଲ ତମର ନିଜ ଅଜାଣତରେ ମୋ ପ୍ରତି ଅହେତୁକ ଭାବରେ ସତର୍କ - ଯଦି କେବେ କୌଣସି ମହିଳାର ଶାଢ଼ୀ ବା ରଂଧାର ପ୍ରଶଂସା କରିଛି - ତାହାଲେ ତମେ ମୋତେ ସତର୍କ କରାଇଦେଇଛ - ହେଇଟି, ସେମିତି ଅଯଥା ପ୍ରଶଂସା କରନା, ସେମିତି ହେଲେ ଲୋକେ ଭାବିବେ ଯେ ତମେ କେବେ କିଛି ଖାଇନ କି ଦେଖିନ । ଲୋକେ କ'ଣ ଭାବିବେ ନ ଭାବିବେ ସେକଥା କେବଳ ଲୋକେ ଭାବନ୍ତି - ତା'ଛଡ଼ା ମୋତେ କିଏ କାଳେ ଖରାପ ଭାବିବ, ସେକଥା ପ୍ରତି

ତମେ ଯଦି ଏତେ ସଚେତନ ତାହାଲେ ଆଜି ଅପର୍ଣ୍ଣା ଘୋଷ ସଂପର୍କରେ ତମେ ଏତେ ସହନଶୀଳ କାହିଁକି ? ଖାଲି ସେତିକି ନୁହେଁ – ଅନେକଟା ଉତ୍ସାହୀ ମଧ୍ୟ। ହୁଏତ ଭାବୁଛ ଯଦି କୌଣସି ପ୍ରକାରେ ଅପର୍ଣ୍ଣା ସହିତ ମୁଁ ଜଡ଼ିତ ହୋଇଯାଏ, ତାହାଲେ ମୋ ହାତରୁ ସଂପୂର୍ଣ୍ଣ ନିସ୍ତାର ପାଇବ ତମେ, ଏଇଟା ମୋ ବିରୁଦ୍ଧରେ ତମର ଗୋଟିଏ ଅସ୍ତ୍ର ହେବ ଏବଂ ନିଜପାଇଁ ଗୋଟିଏ ନୈତିକ ସମର୍ଥନ ମଧ୍ୟ ପାଇଯିବ। କିନ୍ତୁ ନା, ମାଳତୀ ତୁମର ଏ ଆଶା ମୁଁ ପୂରଣ କରିପାରିବିନାହିଁ। ତୁମେ ସେଇଆ ଚାହଁ ବୋଲି ହିଁ ସେମିତି କିଛି ଅଘଟଣକୁ ମୁଁ ପ୍ରଶ୍ରୟ ଦେବିନି, ବରଂ ମୋର ଏତେଦିନର ଜମାଟବନ୍ଧା ରାଗ ଓ ଯନ୍ତ୍ରଣାର ଛାୟାରେ ତିଳତିଳ ଗ୍ରାସ କରି ମୁଁ ତୁମର ଜୀବନକୁ ଅନ୍ଧକାରମୟ କରିଦେବି।

ନା, ହୁଏତ ଭୁଲ ଭାବୁଛି, ହୁଏତ ଭଲପାଇବା ବ୍ୟତୀତ ଈର୍ଷା ହେବ – ଅନ୍ତତଃ ଝିଅମାନଙ୍କ ପକ୍ଷେ। ଧର ଦିନେ ଘରେ ପଶିଲାବେଳକୁ ତୁମେ ଦେଖିବ ଯେ ଅପର୍ଣ୍ଣାର ହାତଟିଏ ଧରି ମୁଁ ଗେଲ କରୁଛି – ତାହାଲେ ତମେ କ'ଣ ମୋତେ ଖଣ୍ଡ ଖଣ୍ଡ କରି ଛିଣ୍ଡାଇ ପକାଇବନି ? ଯେଉଁ ଟଙ୍କାଟାକୁ ତମେ କେବେ ହେଳାରେ ରାସ୍ତାରେ ପକାଇଦେଲ, ତାକୁ ଯଦି ଅନ୍ୟ କିଏ ଉଠାଇନେଲା – ତା ତମେ ସହ୍ୟ କରିପାରିବନି – ହୁଏତ ଏମିତି ଭାବରେ ଭଗବାନ ତୁମକୁ ଗଢ଼ିଚନ୍ତି। କିନ୍ତୁ ମୁଁ ଠିକ୍ ଥରେ ଏମିତି ଅବସ୍ଥାରେ ଜୟନ୍ତକୁ ତୁମ ସାଙ୍ଗରେ ଦେଖିପାରିଥିଲି – ସେତେବେଳେ କିନ୍ତୁ ତମେ ଭାବିନଥିଲ ଲୋକେ କ'ଣ କହିବେ ବା ନକହିବେ, ତମ ବାପଘରେ କି କଥାଉଠିବ ନା ଉଠିବନି – ସେକଥା ଭାବିବାକୁ ସେତେବେଳ ଭୁଲିଯାଇଥିଲ ବୋଧହୁଏ। ସେଦିନ ତୁମେ ନିର୍ବିକାର ଭାବରେ କହିଲ – ମୁଁ ଭୁଲ ଦେଖିଛି। ଆଉ ସେଦିନ ତୁମର ସେଇ କଥାକୁ ସତବୋଲି ମୋତେ ମାନିନେବାକୁ ପଡ଼ିଲା ଯେହେତୁ ତୁମେ ଜଣେ ନାରୀ, ଆଉ ଯେହେତୁ ମୁଁ ବେଶୀ ପ୍ରତିବାଦ କଲେ ଲୋକେ ମୋତେ ଗୋଟିଏ "ଜେଲସ୍ ହସ୍‌ବ୍ୟାଣ୍ଡ" ବା ଏକ ହାସ୍ୟାସ୍ପଦ ଜୀବ ବୋଲି କହିଥାନ୍ତେ।

ବିବାହ ! କି ଜଟିଳ, କି କଠିନ ଓ ପ୍ରୟୋଜନୀୟ ଅଥଚ କେତେ ମଜବୁତ୍ ଗୋଟାଏ ସମ୍ବନ୍ଧ – ପୁଣି କି ଭଙ୍ଗପ୍ରବଣ ସେ ସମ୍ବନ୍ଧ। ଦୁଇଟି ମଣିଷ ସାରାଜୀବନ

ଏକାସଂଗେ ରହିବେ – ପାଞ୍ଚବର୍ଷ, ଦଶବର୍ଷ କି ପନ୍ଦରବର୍ଷ ନୁହେଁ – ସାରାଜୀବନ। ଯାଠାରୁ ଭୟଙ୍କର ଜୁଲୁମ, ଅମାନୁଷିକ ଆଦର୍ଶ ଆଉ କ'ଣ ହୋଇପାରେ ? ସନ୍ତାନମାନଙ୍କ ସଂଗେ ସାରାଜୀବନ ଆମେ ରହିପାରୁନା, ବିଭିନ୍ନ ବୟସରେ ବିଭିନ୍ନ ବନ୍ଧୁ ବାଛିନେଉ ଆମର ଚାହିଦା ମୁତାବକ – କିନ୍ତୁ ଯେଉଁମାନେ ଥରେ ସ୍ୱାମୀ, ସ୍ତ୍ରୀ ବୋଲି ବାନ୍ଧି ହୋଇଗଲେ – ଜୀବନସାରା ସେମାନେ ସେଇଆ ହିଁ ହୋଇରହିବେ – ଏହାହିଁ ସମସ୍ତେ ଆଶାକରନ୍ତି। ଏହାକୁ ଈଶ୍ୱରଙ୍କ ବିଧାନ ବୋଲି ମାନିନେଲେ, ଏମିତିକି ଆମର ବ୍ୟକ୍ତିଗତ ସୁଖ ଦୁଃଖଠାରୁ ନିଜକୁ ଦୂରେଇ ରଖିଲେ ଏଇ ଅସ୍ୱାଭାବିକ ଅବସ୍ଥାଟିକୁ ହୁଏତ ସହ୍ୟ କରାଯାଇପାରେ। ବିବାହଟାକୁ ଯଦି କେବଳ ଗୋଟିଏ ଆନୁଷ୍ଠାନିକ କାର୍ଯ୍ୟବୋଲି ଧରିନିଆଯାଏ – ତାହାଲେ ଏଣେତେଣେ ଘୂରି ବୁଲିବାକୁ ସ୍ୱାଧୀନତା ମିଳିଯାଏ ଦୁଇଜଣଙ୍କୁ। କିନ୍ତୁ କେହି ଯଦି ବିବାହକରି ସୁଖୀ ହେବାକୁ ଚାହେଁ ? ଠିକ୍ ଯେମିତି ମୁଁ ଚାହିଁଥିଲି। ଯଦି କେହି ଭାବେ ଗୋଟିଏ ମାତ୍ର ସ୍ତ୍ରୀ ବା ସ୍ୱାମୀ ସହିତ ପ୍ରଣୟ-ସଂବନ୍ଧ ଆଜୀବନ ଅକ୍ଷୁର୍ଣ୍ଣ ରହିବ – ଯେମିତି ଠିକ୍ ମୁଁ ଭାବିଥିଲି। ଯଦି କେହି ବିବାହ ଭିତରେ "ହୃଦୟ" ନାମକ ଜିନିଷଟାକୁ ମିଶାଇଦିଏ ଏକ ମାରାତ୍ମକ ବିଷପରି – ଠିକ୍ ଯେମିତି ମୁଁ କରିଥିଲି – ତାହାଲେ ଦିନେ ନା ଦିନେ ବାହ୍ୟ କୌଣସି ଘଟଣା ଫଳରେ ହେଉ ବା ନିଜ ଭିତରେ କୌଣସି ପରିବର୍ତ୍ତନ ଫଳରେ ହେଉ – ତାକୁ ବ୍ୟର୍ଥ, ହତାଶ ହେବାକୁ ପଡ଼ିବ – ଠିକ୍ ଆଜି ଯେପରି ମୁଁ ହୋଇଛି – ଏଇ ରାତିରେ, ଏଇ ବିଛଣାରେ ନିସଂଗତା ଆଉ ଅନ୍ଧକାର ଭିତରେ।

ସ୍ତ୍ରୀ-ପୁରୁଷ ସଂବନ୍ଧ ବିପକ୍ଷରେ ଆଗେ ଅନେକ ଆଲୋଚନା ହେଉଥିଲା ତୁମ୍ ସହିତ – ସେତେବେଳେ ତୁମେ ପ୍ରାୟ କୁହ ଝିଅମାନେ ଉତ୍ପୀଡ଼ିତା, ନିର୍ଯ୍ୟାତିତା; ସ୍ୱାମୀ ବିମୁଖ ହେଲେ ସମାଜରେ ଠିଆହେବାକୁ ବି ଟିକିଏ ସ୍ଥାନ ନଥାଏ ସେମାନଙ୍କର। ସେମାନଙ୍କର ସାମାନ୍ୟ ସ୍ଖଳନ ଲାଗି ମଧ୍ୟ କ୍ଷମାନାହିଁ – ଅଥଚ ପୁରୁଷର ସ୍ୱେଚ୍ଛାଚାରିତାକୁ କେହି ଦୋଷୀ କରନ୍ତିନି। କିଏ ବା ନଜାଣେ ଆମ ଦେଶରେ ଏଇ ଝିଅମାନଙ୍କର ଅବସ୍ଥା କେତେ ଶୋଚନୀୟ। ଏବେବି କେତେ ଅକଥନୀୟ ଅତ୍ୟାଚାର ନହେଉଛି ସେମାନଙ୍କ ଉପରେ – କିନ୍ତୁ ତୁମେ କେବେ ହେଲେବି ଭାବି ଦେଖିନ ଯେ – ଏଇ

ଅବସ୍ଥାର ପ୍ରତିକାର ଲାଗି ଯେଉଁମାନେ ସଂଗ୍ରାମ କରିଆସୁଛନ୍ତି ସେମାନେ ସମସ୍ତେ ପୁରୁଷ – ଆଉ ଆଜି ତମେ, ମୁଁ ଓ ଆମପରି ଅସଂଖ୍ୟ ସ୍ୱାମୀ ସ୍ତ୍ରୀ ଯେପରି ଜୀବନ କଟାଉଛନ୍ତି ସେଇଟା ସମ୍ଭବ ହୋଇପାରିଛି କେବଳ ପୁରୁଷମାନଙ୍କ ଉଦ୍ୟୋଗ ଓ ପୁରୁଷମାନଙ୍କର ହିଁ ଚେଷ୍ଟାରେ। ଆଉ ଗୋଟିଏ କଥା ତୁମେ କେବେବି ସ୍ୱୀକାର କରୁନଥିଲ – ମୁଁ ବି ତାହା ବୁଝାଇପାରିନି ତୁମକୁ – ଯେ – ଯେହେତୁ ସମାଜ କେବଳ ପୁରୁଷମାନଙ୍କଦ୍ୱାରା ଶାସିତ – ସେଥିଲାଗି ପୁରୁଷମାନଙ୍କ ପାଖରୁ ହିଁ ଏ ପ୍ରକାର ଦାବୀ କରାଯାଏ। ବିଶେଷ ଧରଣର ଉଦାରତା, ସୌଜନ୍ୟ ଆଶା କରାଯାଏ ଯେ ସ୍ତ୍ରୀର ସବୁକଥା ବିଶ୍ୱାସ କରିବ – କିଛି ଛଳନାର ସଂଧାନ ପାଇଲେ ବି ନୀରବ ରହିବ। ଝିଅମାନଙ୍କ କ୍ଷତିପୂରଣ ସ୍ୱରୂପ ଏକ ଅସାଧାରଣ ସମ୍ମାନ ପାଇଛନ୍ତି ସେମାନେ ଏବଂ ଆମେ କେବଳ ଏଇଆ ଭାବିନେବୁ ଯେ ଆମର ସ୍ତ୍ରୀମାନେ କେବଳ ସମାଲୋଚନାର ପାତ୍ର ନୁହନ୍ତି। ଭାବିଦେଖ ମାଳତୀ ! ନାଟକ ବା ଉପନ୍ୟାସରେ ସାଧାରଣତଃ ଦେଖାଯାଏ ଯେ ସ୍ୱାମୀ ଏକନିଷ୍ଠ ନହେଲେ ସ୍ତ୍ରୀମାନେ ଲେଖକ ବା ପାଠକର କରୁଣାର ପାତ୍ରୀ ପାଲଟିଯାଆନ୍ତି। ଯଥା – ଟ୍ରାଜିକ୍ ନାୟିକା – କିନ୍ତୁ ଯେତେବେଳେ କଥାଟା ଓଲଟା ହୁଏ ସେତେବେଳେ ଯଥେଷ୍ଟ କାରଣ ଥାଇ ସ୍ତ୍ରୀ ପ୍ରତି ସ୍ୱାମୀ ସନ୍ଦିହାନ ହୋଇଉଠେ, ଈର୍ଷାତୁର ହୋଇଉଠେ, ସେତିକିବେଳେ ତାକୁ ହାସ୍ୟାସ୍ପଦ ଭାବରେ ଚିତ୍ରିତ କରାଯାଏ – ସେଇ ଚିରାଚରିତ "ଜେଲସ୍ ହସ୍‌ବ୍ୟାଣ୍ଡ" ରୂପରେ। ଯେଉଁ ଭୂମିକାରେ ଅବତୀର୍ଣ୍ଣ ହେବାପରି ଲଜ୍ଜାର ବିଷୟ ପୁରୁଷ ପକ୍ଷରେ ଆଉ କିଛିନାହିଁ। ଆଉ କେବଳ ସେଇଥିପାଇଁ ନୀରବ ରହିବାକୁ ପଡ଼େ ଆମ୍ଭମାନଙ୍କୁ – ନୀରବ ରହିବାକୁ ପଡ଼େ ମୋତେ କେବଳ ଆତ୍ମସମ୍ମାନ ଓ ସ୍ତ୍ରୀର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାଲାଗି।

ତୁମେ କହିପାରିବ ମାଳତୀ – କେବେ ଆମେ ପ୍ରଥମେ ବୁଝିପାରିଲୁ ଯେ ଆମର ବିବାହ ତୁଟିଯାଇଛି ? ମନେପଡୁନି ? ଶୁଣ ତେବେ – ମୁଁ ତୁମକୁ ମନେପକେଇ ଦେଉଛି। ସେଇ ଯେଉଁଦିନ ଜୟନ୍ତ ମଦଖାଇ ଆସି ତୁମକୁ ଇଆଡୁ ସିଆଡୁ କ'ଣ କହିଲା – ମୁଁ ତା'ର ହାତଧରି ସିଡ଼ିଦେଇ ଓହ୍ଲାଇ ଦେଇ ଟେକ୍ସିରେ ବସେଇ ଦେଇ

ଆସିଲି । ଫେରିଆସି ତୁମକୁ କହିଲି – ଜୟନ୍ତକୁ ଆଉ ଏଠିକି ନଆସିବାପାଇଁ କହିଦେଇଛି । ସେଦିନ ମୁଁ ଠିକ୍ ହିଁ କହିଥିଲି, କିନ୍ତୁ ଯଥେଷ୍ଟ ଜୋର୍‌ଦେଇ ହୁଏତ କହିନଥିଲି – ଅତି ଆସ୍ତେ – ଶାନ୍ତ ଗଳାରେ କହିଥିଲି – "ଆପଣ ଆଉ ଆମର ଏଇ ବସା ଘରକୁ ନଆସିଲେ ହୁଏତ ଭଲହୁଅନ୍ତା," – ଠିକ୍ ଏମିତି ଥିଲା ମୋର ଭାଷା ସେଦିନ – ଆଉ କଥାଟା ଯେମିତି ନରମ ଶୁଭିବ ସେଥିଲାଗି 'ବୋଧହୁଏ' ଶବ୍ଦଟି ଯୋଡ଼ି ଦେଇଥିଲି । ମୋର ଠିକ୍ ମନେଅଛି । ଯଦିଓ ଏସବୁ କଥା କୁତ୍ସିତ ମନେ ହେଉଥିଲା ତଥାପି ଫ୍ଲାଟର ସଦର ଦରଜାରେ ମାତାଲ୍ ଜୟନ୍ତକୁ ସେଦିନ ଦେଖି ରାଗରେ ମୋର ହୃତକମ୍ପ ହୋଇଥିଲା – ଅଥଚ ସେଇ ରାଗଟା ମୋର କଥାରେ କଥାରେ ପ୍ରକାଶ କରିପାରିନଥିଲି – ତାହା ହେଉଛି ମୋର ସ୍ୱଭାବ ବା ଦୁର୍ବଳତା । ତେବେ ଆନ୍ତରିକ ଆଶା କରିଥିଲି ଜୟନ୍ତ ଯେମିତି ଆଉ ମୋଟେ ଏଠିକି ନଆସୁ । କିଛିଦିନ ପର୍ଯ୍ୟନ୍ତ ଏଇଆ ବି ଆଶା କରିଥିଲି ଯେ ହୁଏତ ଆମର ପୁରୁଣା ଜୀବନଟା ଫେରିପାଇବୁ । ଦିନପରେ ଦିନ ବିତିବାକୁ ଲାଗିଲା – ଲକ୍ଷ୍ୟକଲି ମାଲତୀ ଯେମିତି ଧୀରେ ଧୀରେ ମରିଯାଉଛି, ମୁହଁ ଛାଇପରି କଳାପଡ଼ିଛି, ପାଟିରୁ କଥା ବାହାରୁନି – କଣ୍ଢେଇ ପରି ସବୁ ଚଲିଚଳନ । କ୍ରମେ ମୋର ସନ୍ଦେହ ହେଲା ଯେ ଏଇଟା ହୁଏତ ଭଲହେଲାନି, ଜଣେ ଅର୍ଦ୍ଧମୃତା ସ୍ତ୍ରୀକୁ ନେଇ ମୋର ବା କି ଲାଭ ହେବ ? ମୁଁ ତୁମ ସହିତ ବେଶୀ କଥା କହେନି – କାରଣ ବେଶୀ କହିବାକୁ ଗଲେ ମୋର ଅଜାଣତରେ ମୋ କଣ୍ଠରୁ ଏକ ବ୍ୟଙ୍ଗାତ୍ମକ ସ୍ୱର ବାହାରିଆସେ – ଯାହାକୁ ମୁଁ ଦବେଇ ପାରେନା, ଅଥଚ ମୁହାଁମୁହିଁ କୌଣସି ଯୁକ୍ତିତର୍କ ହେଉ – ଏହା ମୁଁ ଚାହୁଁନଥିଲି । ବରଂ ଭାବେ ଏମିତି ନିଜ ମନ ଭିତରେ ଆବଦ୍ଧ ହୋଇ ବୋକାପରି ରହିବାଟା ତୁମପାଇଁ ଉପଯୁକ୍ତ ଚିକିତ୍ସା । ମୁଁ ସେତେବେଳେ ଭାବିଥିଲି ଯେମିତି କି ତୁମର କିଛି ରୋଗ ହୋଇଛି ଓ ଔଷଧର ପ୍ରେସ୍‌କ୍ରିପ୍‌ସନ୍‌ଟା ମୁଁ ଖୋଜିପାଇଛି । କିନ୍ତୁ ଦିନ ଯେତିକି ଗଡ଼ିଛି, ଯେତେଥର ତମ ମୁହଁକୁ ତମ ଅଜାଣତରେ ଅନେଇଛି – ସବୁଥର ମୋର ମନେହୋଇଛି ଏ ଈର୍ଷା ଭୋର୍‌ହେବା ଆଗର ଅଂଧକାର ନୁହେଁ – ବରଂ ଏକ ଶୀତଳ ଧୂସରତା – ଶୀତଦିନେ ବର୍ଷାହେଲେ ଯେମିତି ହୁଏ ଠିକ୍ ସେମିତି । ତମେ କ'ଣ ନିଜେ ନିଜକୁ

ଦେଖିପାରୁନ ମାଳତୀ ? ସେତେବେଳେ ତମେ କେମିତି ଥିଲ, ଏବେ ଏମିତି ଶୀର୍ଣ୍ଣ, ବିବର୍ଣ୍ଣ, ନିଷ୍ପ୍ରାଣ, ବିଷର୍ଣ୍ଣ – ନୁହେଁ ? ବିଷର୍ଣ୍ଣତାରେ ବେଳେବେଳେ ସୌନ୍ଦର୍ଯ୍ୟ ଥାଏ। କିନ୍ତୁ ସେ ଅବସ୍ଥାରେ ତମକୁ ଦେଖି କେହିବି କହନ୍ତା ନାହିଁ ଯେ ତୁମେ ଦେଖିବାକୁ ପ୍ରକୃତରେ ସୁନ୍ଦରୀ। ତୁମ ମୁହଁର ଗଢ଼ଣ ବି ଯେମିତି ବଦଳିଯାଇଥିଲା। ଆଉ ସେସବୁ ଦେଖି ମୋ ଛାତି ଭିତର ଶିହିରି ଉଠିଥିଲା। ମୁଁ ଅନୁଭବ କଲି – ତୁମେ କେତେ କଷ୍ଟ ପାଉଛ – ମୋର ମନେହେଲା ଜୟନ୍ତ ବି ଠିକ୍ ସେମିତି କଷ୍ଟ ପାଉଛି। ତା'ପରେ ଭାବିଲି ତିନିଜଣ ମଣିଷ ଦୁଃଖୀ ହେବା ଅପେକ୍ଷା କେବଳ ଜଣେ ଦୁଃଖୀ ହେବା କ'ଣ ଶ୍ରେୟସ୍କର ନୁହେଁ ? ତୁମର ଏଇ କରୁଣ ମୁହଁ ମୋ ଛାତିରେ ଛୁରୀକାଘାତ କରୁଥିଲା ଯେମିତି – ସମବେଦନାରେ ନୁହେଁ – କିନ୍ତୁ ଅନ୍ୟ କାହାର ଅଭାବରେ ଯେ ତମର ଏ ଦଶା ହୋଇଛି – ତାହା ମୋ ପକ୍ଷରେ ମୃତ୍ୟୁସମ ଥିଲା। କିନ୍ତୁ ଯଦି ଏଇ ଅବସ୍ଥାର କିଛି ପ୍ରତିକାର ନଥାଏ – ତାହାଲେ ତମ ମୁହଁରେ ଟିକିଏ ହସ ଫୁଟିଉଠୁ – ପ୍ରାଣ ଫେରିଆସୁ – ଏଇ ଘରକୁ – ଯେଉଁଠିକି ମୁଁ ଅଫିସରୁ ଫେରେ କ୍ଲାନ୍ତହୋଇ, ଯେଉଁଠି ମୁଁ ଆରାମରେ ଶୁଏ, ସେଇଠାକୁ। ମୁଁ ପ୍ରକୃତରେ ବ୍ୟସ୍ତ ହୋଇଉଠିଲି ଜୟନ୍ତକୁ ଏଘରକୁ ଫେରେଇ ଆଣିବା ଲାଗି। ମନେ ମନେ କହିଲି – ଏ ଅବସ୍ଥା ପ୍ରକୃତରେ ଅସହ୍ୟ – ଯା ପରେ ଭଲମନ୍ଦ ଯା ହେଉନା କାହିଁକି ଅନ୍ତତଃ ଏଇ ଅନ୍ଧ କୂପରୁ ତ ମୁକ୍ତି ମିଳିବ ମୋତେ ?

ହଠାତ୍ ଯେମିତି ଶୀତ ଯାଇ ବସନ୍ତ ପବନ ବହିବାକୁ ଲାଗିଲା – ମେଘ ଅପସରି ଯାଇ ଉଜ୍ଜ୍ୱଳ ଦିଶିଲା ଆକାଶ ସେଦିନ – ଯେଉଁଦିନ ତମେ ଆଉ ମୁଁ "ଚଣ୍ଡାଳିକା" ଦେଖିବାକୁ ଯାଇଥିଲୁ। କି ପବିତ୍ର ସେଦିନର ସେଇ ଅଶ୍ରୁ – ଯାହା ମୋର ଗାଲଉପର ଦେଇ ଝରିପଡୁଥିଲା – ଚଣ୍ଡାଳିକାର ବିଷାଦମୟ ସଂଗୀତର ସୁରେ ସୁରେ, କି ପବିତ୍ର ସେଇ ବେଦନା – ଯାହା ମୋର ମନକୁ ଧୋଇପୋଛି ନିର୍ମଳ କରିଦେଇଥିଲା। ସତେଯେମିତି ନବ ଉଦ୍ଦୀପନା, ନବ ଯୌବନରେ ମୁଁ ଉଦ୍ଦୀପ୍ତ ହୋଇଉଠିଥିଲି। ଉତ୍ସାହ, ଯୌବନ – ପ୍ରେମ ହିଁ ଯାର ଉତ୍ସ। ମୁହୂର୍ତ୍ତକ ପାଇଁ ବୁଝିପାରିଲି ଯେ ବୃଦ୍ଧ ହୋଇଗଲା ପରେ – ଯୌବନ ହରାଇବାକୁ ପଡ଼େନା – ଯଦି

## ମୁଁ ମାଳତୀ କହୁଛି

ହୃଦୟଥାଏ ପ୍ରେମଭରା – ଠିକ୍ ଯେମିତିଥିଲା ରବୀନ୍ଦ୍ରନାଥଙ୍କର । ଯାହାଙ୍କ ରଚିତ ଶବ୍ଦାବଳୀ ବିନ୍ଦୁପରେ ବିନ୍ଦୁ, ତରଙ୍ଗ ପରେ ତରଙ୍ଗ ପରି ଝରିପଡୁଥିଲା ମୋ ଉପରେ – ମୋ ହୃଦୟ ଭିତରେ ବହିଯାଇ ପ୍ରତିଧ୍ୱନିତ ହେଉଥିଲା ମୋ ଚକ୍ଷୁରେ, ମୋ ମୁହଁରେ – କି ମଧୁର, କି ମନୋମୁଗ୍ଧକର ସେ ପରିବେଶ – ଯାହା ମୋର ଅନ୍ତରର ପ୍ରେମ ଶକ୍ତିକୁ ଚୁମି ଉଜ୍ଜ୍ୱଳିତ କରୁଥିଲା – ଯେମିତିକି ଏ କବିତାକୁ ଭଲପାଇ ସାରାଜଗତକୁ ଭଲାପାଇପାରିଛି । କିନ୍ତୁ କିଛିସମୟ ପରେ ଯେତେବେଳେ ନିଦ ଭାଙ୍ଗିଲା, ସେଇ ଅନ୍ଧାର ଭିତରେ ମୋର ସେଇ ସଦ୍‌ଲବ୍ଧ ପୁନର୍ଜୀବିତ ପ୍ରେମ ମୂର୍ତ୍ତି ହୋଇଉଠିଲା – ମାଳତୀକୁ ପାଇବାର ଆକାଂକ୍ଷାରେ ମୁଁ ପରିପୂର୍ଣ୍ଣ ହୋଇଉଠିଲି – ମାଳତୀ ସହିତ ଏକାକାର ହୋଇଯିବାକୁ ଉଦ୍‌ବେଳିତ ଶରୀର ଓ ମନ ଦେଇ ଯେତେବେଳେ ମୁଁ ଚାହିଁଥିଲି – ସେତେବେଳେ ମାଳତୀ ତମେ ହଠାତ୍ ଜଡ଼ହୋଇ ମୋର ଆକାଶ ଛୁଆଁ ହାତର ସୀମା ବାହାରେ ହଜିଗଲ, କେଉଁଠି ନିମ୍ନଗାମୀ କଲ ନାରୀତ୍ୱର ଶୀର୍ଷ ଦେଶରୁ ଏକ କର୍ଦ୍ଦମାକ୍ତ ଶରୀର ଭିତରକୁ – ଆଉ ମୋର ସେ ବେଳର ସେଇ ବ୍ୟସ୍ତତା, ଲଜ୍ଜା, ଅପମାନ – ସେକଥା କ'ଣ କେବେ କାହା ଆଗରେ ପ୍ରକାଶଯୋଗ୍ୟ ? ମୋର ଦେହର ଇଂଜିନରେ ସେତେବେଳେ ଡ୍ରାଇଭର ନଥିଲା – ଅଳ୍ପ ସମୟ ଚାଲିଲା ପରେ ନଳାରେ ପଡ଼ିଗଲା – ନିର୍ଜୀବ ପରି ପଡ଼ିରହିଲା । ମୁଁ ସେତେବେଳେ ଜାଣିପାରିଲି ଯେ ଆମେ ଯେମିତି ଅଭିଧାନ ଖୋଲି ନୂଆ ଶବ୍ଦଟିଏର ଅର୍ଥ ଖୋଜି ନେଉ, ଠିକ୍ ସେମିତି ନିଶ୍ଚିତ ଭାବେ ଜାଣିଲି ଯେ – ତମେ ଜୟନ୍ତ କଥା ଭାବୁଛ । ଆଉ ତାକୁ ଛାଡ଼ିଦେଲେ ଆଉ କେଉଁଥିରେ ତୁମର କିଛି ଯାଏ ଆସେନା । ତଥାପି ଆଉକିଛି ସମୟ ତୁମ ପାଖରେ ଶୋଇରହିଲି ମୁଁ – ଅନ୍ତତଃ ଉଠିଆସିବା ଭଳି ଶକ୍ତି ଫେରିପାଇବା ପାଇଁ । ଆଉ ସେ ପର୍ଯ୍ୟନ୍ତ ତୁମର କେଶ ଗନ୍ଧରେ ଭରା ତକିଆଟା ମୋର ଖୁବ୍ ପ୍ରିୟ ମନେହେଲା, ତୁମ ପ୍ରତି ଏମିତି କିଛି ଘୃଣା ଜନ୍ମିଲା ନାହିଁ, ଯେଉଁଥିରେ ଜିଦ୍ କରି କହିପାରିଥାନ୍ତି – ଏ ଜନ୍ମରେ ଏଇ ହେଉଛି ଶେଷ । ମନେହେଲା ହୁଏତ ୟା ପରେ ବି ତୁମପାଖକୁ ଫେରିଆସିବି, ଆଉ ତାହା ହିଁ ମୋ ପକ୍ଷରେ ସବୁଠାରୁ ବେଶୀ ମର୍ମାନ୍ତିକ ଲଜ୍ଜା ।

ତା'ପରଦିନ ଅଫିସରୁ ଫେରି ଘରେ ଜୟନ୍ତକୁ ଦେଖି - ମୁଁ ବେଶୀ ଅବାକ୍ ହେଲିନି - ବରଂ ଖୁସି ହେଲି କହିଲେ ଚଳେ, କାରଣ ମୁଁ ପ୍ରାୟ ଧରିନେଇଥିଲି ଯେ ତା'ର କାମ ଏବେବି ସରିନି। ସେଦିନ ରାତିରେ ମଧ୍ୟ ଖାଇସାରି ଲେଖିବାକୁ ବସିଲି। ଆଜିକାଲି ପ୍ରାୟ ସ୍ତମ୍ଭ ଲେଖେ ସମ୍ବାଦପତ୍ର ପାଇଁ, ଅନୁବାଦ କରେ - ନହେଲେ ଅନ୍ୟକିଛି ଏମିତି ଲେଖେ - ଛପା ହେଉ କି ନହେଉ। (କିଛି ଗୋଟିଏ କାର୍ଯ୍ୟକରି କ୍ଳାନ୍ତ ହୋଇ ଶୋଇପାରିବି - କେବଳ ଏଇଥିପାଇଁ।) କିନ୍ତୁ ଲେଖାର ପ୍ୟାଡ୍ ଖୋଲିବା ମାତ୍ରେ ଦେଖିଲି ସାଦା କାଗଜ ଉପରେ ତିନୋଟି ଶବ୍ଦ - ସାତଟି ଅକ୍ଷର, ସତେଯେମିତି ସେଗୁଡ଼ିକ ମୋ ଆଡ଼କୁ ଚାହିଁ ହସୁଛନ୍ତି। ଶହଶହ, ହଜାର ହଜାର ଆଖିରେ ଅକ୍ଷରଗୁଡ଼ାକ ମୋ ଆଖି ଆଗରେ, କାନଭିତରେ ନାଚିବାକୁ ଲାଗିଲେ - ମୁଣ୍ଡ ଉପରେ ଚେମେଣି ପରି ଉଡ଼ିବୁଲିଲେ - "ଜୟନ୍ତ ଫେରିଆସ"। ମୋର ନିଶ୍ୱାସ ଖୁବ୍ ଦ୍ରୁତ ହୋଇଆସିଲା, କିନ୍ତୁ ନିଜକୁ ସମ୍ଭାଳି ନେଇ ସେଇ କାଗଜ ଖଣ୍ଡିକୁ ମୋଡ଼ି ମୋଡ଼ି ମୋର ବାକ୍ସ ଭିତରେ ଗୋଟିଏ ଲଫାପାରେ ପୂରାଇ ଦରକାରୀ କାଗଜ ତଳେ ଥୋଇଦେଲି। ମନ ଭିତରେ ଅନେକ ଚିନ୍ତା ଢେଇଁ ଉଠିଲା - ମାଳତୀ କ'ଣ ଆଗରୁ ଜୟନ୍ତ ପାଖକୁ ଚିଠି ଲେଖିଥିଲା - ଯାହାକୁ ପାଇ ଜୟନ୍ତ ଆଜି ଏଠିକି ଆସିଥିଲା ? ନା, ଅସମ୍ଭବ - ତାହା ହୋଇଥିଲେ ଏଇ କାଗଜଟିକୁ ଅତି ଅସାବଧାନରେ ରଖିନଥାନ୍ତା ମାଳତୀ - ତା'ପୁଣି ଏମିତି ଜାଗାରେ - ଯେଉଁଠିକି ମୋର ଦୃଷ୍ଟିପଡ଼ିବା ସୁନିଶ୍ଚିନ୍ତ। ଅତି କରୁଣ, ଆଶାହୀନ ମାଳତୀ - ଏଇଟା ଲେଖିଲାବେଳେ ହୁଏତ ତା ନିଜ ଉପରେ କିଛି କର୍ତ୍ତୃତ୍ୱ ନଥିଲା ତା'ର, ତା'ର ସାଂସାରିକ ବୁଦ୍ଧି ଓ ଚାତୁର୍ଯ୍ୟ ଆଦୌ କାମ କରିନି। ଏଇ ତିନୋଟି ଶବ୍ଦ, ସାତୋଟି ମୋଟା ମୋଟା ଗାଢ଼ ଅକ୍ଷର - ଯାହାକୁ ଦେଖିଲେ ଯେ କେହି ମନେକରିବ ଯେ ଅନେକଥର କଲମ ବୁଲାଇ ବୁଲାଇ ତାକୁ ଲେଖିଛି ମାଳତୀ। କେତେ ଯେ କଥା ଏହି ଅକ୍ଷରଗୁଡ଼ାକ କହିଦେଲେ ମୋତେ - କେତେ ସ୍ୱଷ୍ଟ ଭାବରେ, କେତେ ସଂଶୟହୀନ ଓ ପ୍ରାଂଜଳ ଭାବରେ - "ଜୟନ୍ତ ଫେରିଆସ"। ଏ ଯେମିତି ଏକ ବିଷାକ୍ତ କବିତା - ଯାହାର ଗଭୀରତା ଭିତରେ ମୁଁ ଆହୁରି ତଳକୁ ବୁଡ଼ିଯିବି -

ମୁଁ ମାଳତୀ କହୁଛି

ଗାଲିଲିଓଙ୍କ ଦୂରବୀକ୍ଷଣରେ ଦେଖାଯାଉଥିବା ନିଷ୍ଠୁର ଗ୍ରହଟିଏ ପରି – ଯାହାର ଅଙ୍ଗ ନିରୀକ୍ଷଣ ଓ ଅଧ୍ୟୟନ କରି ମୋର ଅବଶିଷ୍ଟ ଜୀବନତକ ବିତାଇଦେବି ।

ସେ ଯା ହେଉ ମାଳତୀ ବିରୁଦ୍ଧରେ ଏତେଦିନ ପରେ ଗୋଟିଏ ଅସ୍ତ୍ର ହସ୍ତଗତ ହେଲା ଯେମିତି – ଏବେ ତାକୁ ଜୟ କରିପାରିବି, ଭୟ ବି ଦେଖାଇପାରିବି । ଅନ୍ତତଃ ପକ୍ଷେ ନିଜକୁ ବିଚାରକର ଆସନରେ ବସାଇ ପାରିବି ଏବଂ ମୋର ହଜିଯାଇଥିବା ଅହମିକାକୁ ପୁଣି ପ୍ରତିଷ୍ଠିତ କରିପାରିବି ତା'ପାଖରେ । ସତରେ ଖୁବ୍ ଇଚ୍ଛାହେଲା ସେଇକ୍ଷଣି ମାଳତୀକୁ ଡାକି ସେ କାଗଜଟା ଦେଖାଇବାକୁ । ତା'ର ମୁହଁର ରଙ୍ଗ କେମିତି ବଦଳିଯିବ ତାହା ଦେଖିବାକୁ । ମନର ସବୁଶକ୍ତି ଠୁଳକରି ସେଇ ପ୍ରଲୋଭନର ପିପାସାକୁ ଦମନ କରିନେଲି । ତା'ପରଠାରୁ ପ୍ରତିଦିନ ଅଫିସ ଗଲାବେଳେ ସେ କାଗଜଟିକୁ ପକେଟ୍‌ରେ ପୂରାଇ ସାଂଗରେ ନେଇଯାଏ – ଯେମିତି – କିଛି ଗୋଟାଏ ଗୁପ୍ତମନ୍ତ୍ର । ଫେରିଆସି ପୁଣି ତାକୁ ବାକ୍ସ ଭିତରେ ରଖିଦିଏ । ଅଫିସରେ ଟିକିଏ ସମୟ ପାଇଲେ ବା ବେଶୀ ରାତିରେ ସମସ୍ତେ ଶୋଇପଡ଼ିଲା ପରେ, ସେଇ କାଗଜଟିକୁ ବାହାର କରି ଚାହିଁରହେ ମଝିରେ ମଝିରେ – ଏମିତି କରି ଅନେକ ଦିନ କଟିଗଲା । ଯା ଭିତରେ ମାଳତୀ ଓ ଜୟନ୍ତ କ୍ରମଶଃ ଘନିଷ୍ଠରୁ ଘନିଷ୍ଠତର ହେଉଥିଲେ ଓ ତାହାସବୁ ଦେଖି ବି ନଦେଖିଲାପରି ମୁଁ ରହୁଥିଲି – କାରଣ ଗୋଟାଏ ଯାଦୁମନ୍ତ୍ର ଶିଖିନେଇଛି ଯା ଭିତରେ । ଯାହାଦ୍ୱାରା ମୁଁ ମୁହୂର୍ତ୍ତକ ମଧ୍ୟରେ ସେମାନଙ୍କୁ ଧ୍ୱଂସ କରିପାରିବି । କିନ୍ତୁ ଏଇକାଗଜଟାକୁ ନେଇ ମୁଁ ଯେ କ'ଣ କରିବି ତାହା ସ୍ଥିର କରିପାରୁନଥିଲି । ବେଳେ ବେଳେ ଭାବୁଥିଲି – ହଠାତ୍ ଦିନେ ମାଳତୀ ହାତରେ କାଗଜଟିକୁ ଦେଇ କହିବି – ଏଇଟା ନିଅ ତମର ପ୍ରେମପତ୍ର – ତମକୁ ଫେରେଇ ଦଉଛି । କେତେବେଳେ ଭାବେ ତା'ର ବାପାଙ୍କ ପାଖକୁ ପଠାଇଦେବି – ତା'ସାଙ୍ଗରେ ଗୋଟିଏ ଶକ୍ତ ଚିଠିଲେଖି – କିନ୍ତୁ ଚିଠି ଲେଖାଟା ଏତେ କଠିନ କାମବୋଲି ମୋର ମନେହୁଏ ଯେ – ସେଇ ମୁହୂର୍ତ୍ତରେ ସେଇ ଧାରଣା ମନରୁ ପୋଛିଦିଏ । ପୁଣି କେତେବେଳେ ମନେହୁଏ ଯେ ସବୁଠାରୁ ଭଲହେବ କୌଣସି ଗୋଟାଏ ସୁଯୋଗର ଅପେକ୍ଷାରେ ରହିବା – ଯେଉଁଦିନ ଆମଭିତରେ ଯୁକ୍ତିତର୍କ ହେବ ବା ଝଗଡ଼ା ହେବ,

ରାଗ ସପ୍ତମକୁ ଉଠିଯିବ – ଠିକ୍ ସେତିକିବେଳେ ଯାକୁ ବାହାରକରି ଫୋପାଡ଼ିଦେବି ତା ମୁହଁ ଉପରକୁ – ଆଲୋକିତ ମୁହଁର ରଙ୍ଗ ଉପରେ ଅତର୍କିତ ବୋମା ବର୍ଷଣ ପରି, ହଠାତ୍ ଲିଭିଯିବ ତା'ର ମୁହଁର ରଙ୍ଗ ଓ ଗଳାର ସ୍ୱର – ଆଉ ଭାଙ୍ଗିପଡ଼ିବ ତା'ର ଅଯଥା ଯୁକ୍ତିର ଦୁର୍ବଳ କାନ୍ଥ। ଶେଷରେ ତାକୁ ହରେଇ ଦେଇଥିବାର ତୃପ୍ତିଟିକକ ପାଇପାରିବି। କିନ୍ତୁ ତା'ପରେ ଭାବେ – ଯଦି ସେ ଭାଂଗିପଡ଼ି ମୋ ପାଦଧରି କ୍ଷମାପ୍ରାର୍ଥନା କରେ, ଯଦି କହେ – ମୁଁ ଆଉ କିଛି ଚାହେଁନା – ତମର ଯାହାଇଚ୍ଛା କର ପଛେ – ଖାଲି ମୋତେ ଏଇଘରେ ବୁନି ପାଖରେ ରହିବାକୁ ଟିକେ ସ୍ଥାନ ଦିଅ। ସେଥିରେ ବା ମୋର କି ଲାଭ ହେବ ? ମୁଁ ଯାହା ଚାହେଁ ତାହା କ'ଣ ସେଥିରେ ଫେରିପାଇବି ? ତା'ଛଡ଼ା ତା ଆଖିର ଲୁହ ଦେଖି, ତା'ର ମିନତି ଶୁଣି ମୁଁ ଯଦି ତରଳି ଯାଏ ଓ ମୋହାବେଶରେ ଭାବିନିଏ ଯେ ଆମେ ପୁଣିହୁଏତ ଫେରିଯାଇପାରିବା ଆମର ସେଇ ଅତୀତକୁ। ନା, ପ୍ରଥମେ ଯାହାକୁ ମୁଁ ଅବ୍ୟର୍ଥ ଅସ୍ତ୍ର ବୋଲି ଭାବିନେଇଛି ସେଇଟା ବାସ୍ତବରେ ଛୋଟପିଲାଙ୍କ ଖେଳନାପରି। ସେଇଟା କୌଣସି କାମରେ ଲାଗିବନାହିଁ। ଦିନେ ତାକୁ ପକେଟ୍‌ରେ ପୁରାଇ ଇଆଡ଼େ ସିଆଡ଼େ ବୁଲିବୁଲି କ୍ଳାନ୍ତ ହୋଇପଡ଼ିଲି।

ସେଇ କାଗଜଟା ଏବେ କେଉଁଠି ଅଛି କେଜାଣି ? ସେଇ ଚରମ ସାକ୍ଷୀ, ମହାର୍ଘ ଦଲିଲ୍, ଦୁର୍ଦ୍ଧାନ୍ତ ପ୍ରମାଣ ଟିକକ ? ଶେଷରେ କେଉଁଠି ଯେ ତାକୁ ରଖିଦେଲି – ଏବେ ଆଉ ଠିକ୍ ମନେପଡୁନି। ହୁଏତ ଅନ୍ୟ କେଉଁ ବାକ୍ସରେ – ଅସଂଖ୍ୟ କାଗଜପତ୍ର ତଳେ ରଖିଦେଇଥିଲି – ଯେଉଁଠି ହୁଏତ ଧୂଳି ଓ ଅସରପାର ଅତ୍ୟାଚାରରେ କ୍ରମଶଃ କ୍ଷୟ ହେଉଥିବ ସେ କାଗଜଖଣ୍ଡିକ – କିମ୍ୱା ହୁଏତ ଭୁଲ୍‌ବଶତଃ ଅଫିସ୍‌ରେ ଛାଡ଼ିଆସିଛି ବା କେଉଁଠି ଦୈବାତ୍ ହଜେଇ ଦେଇଛି ତାକୁ। କିନ୍ତୁ ଏବେ ସେ କାଗଜଟିକୁ ଖୋଜି ବାହାର କରିବାରେ ଆଉ କି ଆବଶ୍ୟକତା ଅଛି ? ଯେତେବେଳେ କି ମାଳତୀ ଓ ମୁଁ ପରସ୍ପରର ଚକ୍ଷୁଶୂଳ ହୋଇଉଠିଛୁ ଓ ଯେତେବେଳେ କି ସେଇ କାଗଜରେ ସେ ଯାହା ଲେଖିଥିଲା ତା' ଅପେକ୍ଷା ହଜାରଗୁଣ ଅଧିକ ପ୍ରମାଣ କରିଦେଇଛି ତା'ବ୍ୟବହାର – ଆଉ ପ୍ରତିଟି ଅଂଗଭଙ୍ଗୀ। ଆଉ ମୁଁ, ଅତି ଦୁର୍ବଳ – କାରଣ

ପ୍ରତିଶୋଧର ଅନ୍ୟ କିଛି ଉପାୟ ନପାଇ – ବାରମ୍ବାର କଥାରେ କଥାରେ ତାକୁ ଆଘାତ ଦେଉଛି । ଏବେ ମୋର କ'ଣ ମନେହୁଏ ଜାଣ ମାଳତୀ ? ତୁମର କଥାଶୁଣି ଯେ ମୁଁ କଷ୍ଟ ପାଇଥିଲି – ସେଥିଲାଗି ନୁହେଁ – ମୋ କଥା ଶୁଣି ତୁମେ ଯେ କଷ୍ଟ ପାଇଥିଲ ସେଲାଗି ବି ନୁହେଁ । କାରଣ ସେଗୁଡ଼ିକ ଆପେ ଆପେ ପୋଛି ହୋଇଯାଇଥାଆନ୍ତା, ନହେଲେ ଆମେ ଦୁହେଁ ଚେଷ୍ଟା କରିବି ତାକୁ ପୋଛି ନିର୍ମଳ କରିଦେଇପାରିଥାଆନ୍ତେ – ଯଦି, ଅନ୍ତତଃ ତମ ଓ ମୋ ଦେହ ଭିତରେ ଗୋଟାଏ ସଂପର୍କ ଥାଆନ୍ତା । ଅନ୍ତତଃ ବୋଲି କହୁଛି ଏଥିପାଇଁ ଯେ ଦେହଟା ହିଁ ଅସଲ, ଚରମ ସର୍ବସ୍ୱ ଓ ସେଇଟା ହିଁ ସ୍ୱାମୀ ଓ ସ୍ତ୍ରୀ'ର ଆଶାଭରସା – ତା'ରି ଉପରେ ବିବାହ ନିର୍ଭରଶୀଳ ଏବଂ ତା'ରି ଜୋର୍‌ରେ ଏପରି ଏକ ଅସମ୍ଭବ ଆଶା କରାଯାଏ ଯେ – ଦୁଇଟି ମଣିଷ ସବୁବେଳେ ଏକ ସଂଗେ ରହିବେ । ଅଥଚ ତାହା ଆଉ ଆମ ଦୁହିଁଙ୍କ ଭିତରେ ନାହିଁ । ତେଣୁ ଆମେ ଦୁହେଁ ପରସ୍ପରର ଅଚିହ୍ନା ହୋଇଯାଇଛୁ । ଉଭୟେ ପରସ୍ପରର ଭାଷା ବି ବୁଝିପାରୁନା ଏବେ ।

ବର୍ତ୍ତମାନ ସବୁଠୁ ବଡ଼ ସମସ୍ୟା ହେଲା ଯେ ମୁଁ ତୁମକୁ କ'ଣ କହିବି ? ଧରାଯାଉ କହିବି – ମୁଁ ତୁମକୁ ଭଲପାଏ । ଏଇକଥାରେ ଯଦି ତମର କିଛି ଆପତ୍ତି ଥାଏ – ତାହାଲେ କହିବି – ମୁଁ ତୁମକୁ କାମନା କରେ – ହଁ ମୁଁ ତୁମକୁ ପାଇବାକୁ ଚାହେଁ; ତୁମକୁ ପୁରାପୁରି ଶାରୀରିକ ଅର୍ଥରେ ହିଁ କାମନା କରେ ବୋଲି କୁହାଯାଉ । କିନ୍ତୁ ସତରେ ମାଳତୀ – ତମର ସେ ଦେହ ମୋତେ ଆଉ ପ୍ରଲୋଭିତ କରୁନି । ଏଥିରେ କାହାର କିଛି କହିବାର ନାହିଁ – ନା ତୁମର, ନା ମୋର, ନା "ଚଣ୍ଡାଳିକା" ନାଟକର, ନା କେଉଁ ନିବିଡ଼ ଅନ୍ଧକାରମୟ ରାତ୍ରୀର । ମୁଁ ସେଇ ଅଂଧକାରରେ ବି ବୁଝିପାରିଛି ତୁମରି ତାଚ୍ଛଲ୍ୟ, ତୁମର ଅବଜ୍ଞା ଓ ଅନିଚ୍ଛା, ବୁଝିପାରିଛି ତୁମେ କେମିତି ଦାନ୍ତରେ ଦାନ୍ତ ଚିପି ଖାଲି ସହ୍ୟ କରିଛ, ଆଉ ତାହା ବୁଝିବାମାତ୍ରେ ମୁଁ ଜଡ଼ ପାଲଟିଯାଇଛି । କି ପ୍ରହସନ ସତେ ? କି ଅପମାନ ? ତଥାପି ମୁଁ ବାରମ୍ବାର ଚେଷ୍ଟା କରିଛି କୋଣସି ଦୈବିଯୋଗରେ କେବେ ହୁଏତ ସେଇ ବନ୍ଦ ଦରଜାଟା ହଠାତ୍ ଖୋଲିଯିବ – କିନ୍ତୁ କିଛି ଦିନପରେ ସେଠି ଗୋଟାଏ ମୂକ, ଅଥର୍ବ ଶୀତଳ କାନ୍ଥ

ଠିଆହୋଇଗଲା – ପାଖାପାଖି ପଡ଼ିବା ବିଛଣା ଦୁଇଟା ଜେଲଖାନାର ଦୁଇଟି କୋଠରୀ ପରି ହୋଇଗଲା । ଯେମିତି ଦୁଇଟି କଏଦୀକୁ ଗୋଟିଏ ଶିକୁଳିରେ ଜବରଦସ୍ତ ବଂଧାହୋଇ ରଖାଯାଇଛି । ସେତେବେଳେ ବୁଝିପାରିଲି – ନା, ଆଗରୁ ବୁଝିପାରିଲି – କିନ୍ତୁ ଏବେ ମାନିନେଲି ଯେ ଆମର ବିବାହର ଭିତ୍ତି ଭାଂଗିବାକୁ ଆରମ୍ଭ କଲାଣି – ତେଣୁ ଏ ଘର ଆଉ ବେଶୀ ଦିନ ସ୍ଥାୟୀ ହେବନି ।

କିନ୍ତୁ, କ'ଣ ମୁଁ କହୁଛି ? କ'ଣ ମୁଁ ଭାବୁଛି ? ମନଯଦି ଦୂରେଇ ଯାଏ ଦେହଠାରୁ ତାହାଲେ ଦେହଭିତରେ ବଂଧୁତା ରହିବ କେମିତି ? ଏଇ ଶରୀର ନେଇ ସିନା ଯାବତୀୟ ଯନ୍ତ୍ରଣା, ଅଥଚ ଏଇଟା ନହେଲେ ନଚଳେ । ଭଗବାନଙ୍କର ଇଏ ଏକ ଆଶ୍ଚର୍ଯ୍ୟ ଓ ନିଷ୍ଠୁର ବିଧାନ ଯେ ଆମର ମନ ବା ଆତ୍ମା ବା ଆଉ ଯାହା କୁହ – ଯିଏ ଚାହେଁ ଆକାଶ, ଅସୀମ, ଅମୃତ ଇତ୍ୟାଦି ଅନେକ କିଛି । କିନ୍ତୁ ସେଇ ମନ ଯେତେବେଳେ ଭଲପାଏ, ସେତେବେଳେ ତା'ର ଯନ୍ତ୍ର ହିସାବରେ, ଭାଷା ହିସାବରେ ବା ଉପାୟ ହିସାବରେ ବାଛି ନେଇଥାଏ ଏଇ ଶରୀର, ଏଇ ଛୋଟ, ଘୃଣ୍ୟ ନଗଣ୍ୟ ଶରୀରକୁ । ତାହାଲେ କେଉଁଠି ଥାଏ ସେ ପ୍ରେମର ନିଆଁ – କବିମାନେ ଯାହା ସବୁବେଳେ କହିଥାନ୍ତି ? ଆମେ ସମସ୍ତେ ବନ୍ଦୀହୋଇ ରହିଛୁ ଶରୀର ଭିତରେ, ମନେ ମନେ ଧ୍ୟାନ କରି, ଆଖିରେ ଆଖିରେ ଇଶାରା କରି – ଏପରିକି ଓଠରେ ଓଠରେ ଚୁମା ଖାଇବି ଆମେ ତୃପ୍ତ ହୋଇପାରୁନା; ଆମକୁ ଆଉ ଏକ ନିବିଡ଼ ଅନ୍ଧକାରର ଗହ୍ୱର ଭିତରକୁ ଓହ୍ଲାଇ ଆସିବାକୁ ପଡ଼ିଥାଏ – ଏକ ଜନ୍ତୁର ଗୁମ୍ଫା ଭିତରକୁ – ଏକାକୀ ଏମନ ଭଲାପାଇପାରେନା – ଏକା ଏକା ତା'ର ତୃପ୍ତି ଆସେନା । ଏକା ଏକା ଏ ଶରୀର ବି ଶରୀରକୁ ସୁଖୀ କରିପାରେନା – ତୃପ୍ତି ଦେଇପାରେନା । ଅନ୍ତତଃ ଆମେ ଆଖିରେ ଦେଖିବାକୁ ଚାହୁଁ, କାନରେ ଶୁଣିବାକୁ ଚାହୁଁ – କିନ୍ତୁ ଆଖିର ଜ୍ୟୋତି, ଗଳାର ସୁର, ଓଠର ହସ, ଏ ସବୁର ମୂଳରେ ଯୋଗସୂତ୍ରଧାରୀ ହେଉଛି – ଏଇ ମନ । ଆମେ ମନ ଦେଇ ସୁନ୍ଦରତା ଦେଖିପାରୁ, ମନଦେଇ କାମନା କରିପାରୁ – ତା'ପରେ ବାର୍ତ୍ତା ସଂଚରିଯାଏ ଶରୀର ଭିତରେ । ଆମେ ଯେତେବେଳେ କୌଣସି ନାରୀକୁ ଚାହୁଁ, ଯେତେବେଳେ ଉପଭୋଗ କରୁ ସେତେବେଳେ ତା'ର

ସମଗ୍ର ସତ୍ତାକୁ ଦଖଲ କରି ନେବାକୁ ଚାହୁଁ – ସଂଧାନ କରିନେଉ ଆଉଜଣଙ୍କ ଭିତରେ ଆମର ସବୁସ୍ୱପ୍ନ – ପଢ଼ାବହିର ସ୍ମୃତି, ବସ୍‌ରେ ଦେଖାଦେଖି, କେଉଁ ପ୍ରିୟ କୋଣାର୍କର ଭଙ୍ଗୀ, କେଉଁ ଅଭିନେତ୍ରୀର କଣ୍ଠସ୍ୱର, କିମ୍ବା ଆମ ଅଜାଣତରେ, ଆମର କାମନାର ଉତ୍ତାପରେ ସେଇସବୁ ଲକ୍ଷଣ ମିଶିଯାଏ ସେଇ ନାରୀଟି ଭିତରେ ମୁହୂର୍ତ୍ତକ ପାଇଁ, ଅଥଚ ଏ ଶରୀର ଛଡ଼ା ଆମର ଆଉ ଅନ୍ୟ ଉପାୟ କିଛିନାହିଁ । କି ସଙ୍କଟ ସତେ ? କି ଅଦ୍ଭୁତ ସମସ୍ୟା ? କିନ୍ତୁ ଏମିତି ମୋର ଭାଗ୍ୟ ଯେ ମାଳତୀ ତା'ର ଦେହ ଦେଇ କେବେ ମିଛକହିନି – ଅଥଚ ମନରେ, କଥାରେ, ବ୍ୟବହାରରେ, ଏପରିକି ତା'ର ଆଖିରେ ବି ମିଛକହିଛି – କିନ୍ତୁ ତା'ର ଶରୀର କେବେ ମିଛ କହିନି – ସେ ସର୍ବଦା ସତ୍ୟବାଦୀ । ଭଲାପଇବାର ଗର୍ଭ, ଏନ୍ତୁଡ଼ିଶାଳ, ସରାଇଖାନା ଓ ଶ୍ମଶାନ – ଏସବୁ ତା'ର ଶରୀର । ମାଳତୀ ! ତୁମର ଶରୀର ମୋତେ ନିର୍ଭୁଲ ଜବାବ ଦେଇଛି – ଜୟନ୍ତକୁ ବି ନିର୍ଭୁଲ ଜବାବ ଦେଇଛି – ତୁମେ ସତ୍ୟ ଆଚରଣ କରିଛ – ମୁଁ ତୁମକୁ ଦୋଷ ଦେଉନି ।

ପୁଣି ବର୍ଷା, ପାଖ ଗ୍ୟାରେଜର ଟିଣ ଛାତ ଉପରେ ବର୍ଷାର ଛମ୍ ଛମ୍ ଶବ୍ଦ । ଯେତେବେଳେ ଆମର ଖଟ ଅଲଗା ହୋଇନଥିଲା, ଲଗାଲଗି ପଡ଼ିଥିଲା – ସେତେବେଳେ କେତେଥର ରାତିରେ ଶୁଣିଛି ବର୍ଷାର ଏଇ ଛମ୍ ଛମ୍ ଶବ୍ଦ । ସେତେବେଳେ ଏ ସାହିରେ ବହୁତ ମଶା ହେଉଥିଲେ । ତିନିମାସର ଶିଶୁ ବୁନି ଲାଗି ମାଳତୀ ବଡ଼ ମଶାରୀଟା ଟାଣି ଦେଉଥିଲା – ଆଉ ସେଇ ମଶାରୀ ଭିତରକୁ ପଶି ଆସିଲେ ମୋର ମନେହେଉଥିଲା ସେଇଟା ଯେମିତି ମୋର ନିଜସ୍ୱ ଏକ ଦୁର୍ଗ । ଗୋଟିଏ ନିରୋଳା, ଛୋଟ – ଅତି ଛୋଟ ଅଥଚ ଅତି ଘନିଷ୍ଠ ଓ ସହଜ – ତା'ରି ଭିତରେ ମୁଁ ପାଉଥିଲି ତୁମ ଦେହର ଗନ୍ଧ, ତୁମ କେଶର ଗନ୍ଧ, ତୁମ ବୁକୁର ଗନ୍ଧ ବି । ତୁମ ସ୍ତନର ଅମୃତର ଗନ୍ଧ ବି ପାଉଥିଲି । ତୁମର ସ୍ତନରେ ଏତେ ରସ ଥିଲା ଯେ ବୁନିକୁ ଖୁଆଇଲା ବେଳେ ତା'ପାଟିରୁ ଉବୁକି ବିଛଣାର ଚଦର ଓଦା ହୋଇଯାଉଥିଲା । ଘରେ ଥିବା ପୁରୁଣା ବହିର ଗନ୍ଧପରି ତୁମ ସ୍ତନରୁ ନିର୍ଗତ ସେଇ ଅମୃତର ଗନ୍ଧ ମୋତେ ମାତାଲ କରିଦେଉଥିଲା । ଆଉ ସେଇ ମାତାଲ ଅବସ୍ଥାରେ ମୁଁ ଅନେକଥର

ମୋର ଓଠରେ ସ୍ପର୍ଶ କରିଛି ସେଇ ଅମୃତଧାରାର ଉତ୍ସକୁ । ସେତେବେଳେ କେତେ ଛୋଟ, ସହଜ, ଘନିଷ୍ଠ ଥିଲା ଆମର ସଂପର୍କ । ସବୁ ମୋର ସେତେବେଳେ – ତୁମେ ହିଁ ଥିଲ ମୋର ସବୁ – ମାଳତୀ ! ସବୁ ଥିଲ ତମେ । ଏସବୁ କ'ଣ ଭୁଲ୍, ଏସବୁ କ'ଣ ମିଥ୍ୟା, ସବୁ କ'ଣ ଅସାର, ସବୁ କ'ଣ ପଢ଼ାବହିର ସ୍ମୃତି ମାତ୍ର ଥିଲା ? ସବୁ କ'ଣ ମୁଁ କେବଳ ମୋର କଳ୍ପନାରେ ସଜାଇ ନେଇଥିଲି ମାତ୍ର ।

ମାଳତୀ, ତୁମେ କ'ଣ ମୋ କଥା ଶୁଣିପାରୁଛ ? ଉଠି ବସିଲ କାହିଁକି ? ବିଛଣାରୁ ଓହ୍ଲାଇ ଝରକା ପାଖକୁ ଚାଲିଗଲ କାହିଁକି ? ଅସ୍ପଷ୍ଟ ଭାବେ ମୁଁ ତୁମକୁ ଦେଖିପାରୁଛି – ମାଂସର ସ୍ଥୂଳତ୍ୱ ଛାଡ଼ି ତୁମର ଦେହଟା ଯେମିତି ହାଲୁକା ଓ ଶେତା ହୋଇଯାଇଛି – ବାହାରକୁ ମୁହଁକରି ତୁମେ ଠିଆହୋଇଛ – ମୋର ମନେହେଉଛି ତୁମେ ନିଶ୍ଚୟ ଆଖିବୁଜି ଠିଆହୋଇଛ – ଆଉ ବର୍ଷା, ପବନ, ତୁମ ମୁହଁକୁ ଧୀରେ ଧୀରେ ଧୋଇ ଦେଉଛି । ଆଉ ତମର ପିଠିର ଭଂଗୀରୁ ଜାଣିପାରୁଛି ଯେ ତମେ ଯେମିତି କାହାର ପ୍ରତୀକ୍ଷାରେ । ବାହାରେ ବୋଧହୁଏ ସକାଳ ହୋଇଆସିଲାଣି – କିନ୍ତୁ ମେଘ ଲାଗି ଫର୍ଚ୍ଚା ହୋଇନି । ଆସ, ଏଇ ସ୍ତବ୍ଧ ସୁନ୍ଦର ଗଭୀର ମୁହୂର୍ତ୍ତରେ ଆମେ ଆମର ସବୁ ଭୁଲ୍‌କୁ ପାଶୋରି ଦେବା । ଆସ, ଫେରିଆସ ମାଳତୀ ! ମୁଁ ଉଠିଯାଇ ତମ କାନ୍ଧ ଉପରେ ହାତରଖିଲି । ଆଙ୍ଗୁଳି ତଳେ ତା'ର କାନ୍ଧର ଉତ୍ତାପ ଓ ମୋର ନିଶ୍ୱାସରେ ତା'ର ଦେହର ସେଇ ପୁରୁଣା ଅଥଚ ପରିଚିତ ଗନ୍ଧ । ବିଶ୍ୱାସର ସୁର ତୋଳି ପୁଣି ଥରେ ଡାକିଲି – ମାଳତୀ ! ହଠାତ୍ ଥରି ଥରି କମ୍ପିଉଠିଲା ସେ – ବୁଲିପଡ଼ି ମୋ ଛାତିରେ ତା'ମୁହଁ ଲୁଚେଇ ଦେଲା । ମୁଁ ତା'ର ମୁହଁ ତୋଳିଧରି ଲୁହଭିଜା ଗାଲରେ ଚୁମାଟିଏ ଦେଲି – ଆଖି, ବେକ, ଛାତି, ସବୁଆଡ଼େ ଚୁମା ଖାଇଲି । ଆଖିର ଲୁହ ବର୍ଷା ଛିଟାରେ ଲୁଚିଗଲା ଯେମିତି – ବର୍ଷା ଓ ପବନ ଯେମିତି ଆମକୁ ଧୋଇ ଦେଉଛି । କି ଉଶ୍ୱାସ, କି ନରମ, କି ଶୀତଳ, ସତେଅବା ମୋର ବାରବର୍ଷର ବିବାହିତ ଜୀବନର ସବୁ ଆବିଳତା ଏଇ ଭୋର ବେଳାର ପବନରେ ବୋହିଯାଉଛି ସ୍ମୃତିର ସବୁ ଗନ୍ଧ ବିଚ୍ଛୁରିତ କରି – ମିଶିଯାଉଛି ବୁକୁର ଶବ୍ଦରେ – ବୁକୁର ଶବ୍ଦ, ନିଶ୍ୱାସରେ ନିଶ୍ୱାସ – ଆମେ ସ୍ୱାମୀ ସ୍ତ୍ରୀ, ସନ୍ତାନ ବଡ଼ହୋଇ ଦୂରରେ

ଅଛି, ବନ୍ଧୁ ଆଉ ବନ୍ଧୁ ହୋଇନାହିଁ - ଶେଷ ପର୍ଯ୍ୟନ୍ତ ଆମେ ଖାଲି ସ୍ୱାମୀ ସ୍ତ୍ରୀ ହୋଇରହିଛୁ। ତେଣୁ ଆସ ମାଳତୀ ! ଆସ ଆମେ ଏକା ସାଂଗେ ବଂଚିବା - ପୁଣି ଥରେ ବଂଚିଉଠିବା ଆମେ। ଏଇ ଦେଖ, ଜୀବନ ଆମକୁ କେମିତି ଅପେକ୍ଷା କରିଛି - ରାତିଯାକ ଅପେକ୍ଷା କରିଛି - ଆସ ମାଳତୀ ! ତାକୁ ତୋଳି ନେବା, ଆମେ ଜାବୁଡ଼ି ଧରିବା ତାକୁ - ଆମ ଦୁଇଜଣଙ୍କ ଭିତରେ, ଆସ ! ତୁମର ଓଠ ଦୁଇଟି ଫୁଲର ପାଖୁଡ଼ା ପରି ଖୋଲିଗଲା - ଆଗେଇ ଆସିଲା ମୋର ଓଠ ଆଡ଼କୁ - ଆଉ ଅଂଧାର ଭିତରେ ଧୀରେ ଧୀରେ ତୁମର କୋହଭରା ନରମ ହସ ଶୁଭିଲା। କିଛି କୁହନା ମାଳତୀ, କ୍ଷମା ଚାହଁନା ମାଳତୀ, ତୁମେ ଖାଲି ଲାଗି ଆସ - ଖାଲି ଆସ ମୋ ପାଖକୁ।

ମୁଁ ନଇଁପଡ଼ିଛି ତା'ର ଖୋଲା ଓଠ ଉପରେ, କିନ୍ତୁ ମୋର ଓଠ ସଫଳତାର କୌଣସି ସ୍ୱାଦ ପାଇଲାନି। ମାଳତୀ ଯେମିତି ପବନ ଭିତରେ ପବନ ହୋଇ ଉଡ଼ିଯାଉଛି ଆଉ ମୁଁ ତା'ର ତକିଆଟାକୁ ଓଠରେ କାମୁଡ଼ି ଚାଦରର ଗୋଟାଏ କୋଣରୁ ମୁଠାରେ ଜାବୁଡ଼ି ଧରିଛି - ଆଉ ମୋ ନିଦ ଉପରେ, ସ୍ୱପ୍ନ ଉପରେ ଆସିଛି କରୁଣାମୟ ଅଂଧକାର ଓ ଝରିଯାଇଛି କରୁଣାମୟ ବର୍ଷା। (ଝରିଆସ - ଆହୁରି ଜୋର୍‌ରେ ଝରିଯାଅ, ଆହୁରି ଘନହୋଇ ଅଂଧକାର ଭରିଦିଅ ସେମାନଙ୍କ ସ୍ୱପ୍ନ ଭିତରେ - ଯେଉଁମାନେ ଆଜି ଚେଇଁବାକୁ ଭୟଭୀତ। ସେମାନେ ଯେ ଗୋଟାଏ ଘରେ ଶୋଇଛନ୍ତି - ଏଇ ଲଜ୍ଜାଟିକକ ଅତ୍ୟନ୍ତ ଲୁଚେଇ ଦିଅ। ହେ ସକାଳ ! ତମେ ଟିକିଏ ଦୂରେଇଯାଅ - ଆଉ ଆଲୋକ - ଆମକୁ ଟିକେ ଦୟାକର - ତମେବି ଟିକିଏ ଦୂରେଇ ରୁହ।)





# ପାଞ୍ଚ

ପାହାନ୍ତିଆ ବେଳକୁ ଦୁଇଜଣଯାକ ଶୋଇପଡ଼ିଥିଲୁ – ନିଦ ଭାଙ୍ଗିଲା ବେଳକୁ ଅନେକ ବେଳ ହୋଇଯାଇଥିଲା । ଆକାଶରେ ଆଉ ମେଘ ନଥିଲା – ଚିକ୍‌ଚିକ୍ ଖରାରେ ଦିନଟା ବେଶ୍ ଉଜ୍ଜ୍ୱଳ ଦିଶୁଥିଲା ।

ଚା'ଟେବୁଲ ପାଖରେ ଆସି ବସିଲୁ ଦୁଇଜଣ ଯାକ । ଝରକା ଦେଇ ତେରେଛା ସୂର୍ଯ୍ୟକିରଣ ଟେବୁଲ ଉପରେ ପଡ଼ିଥାଏ – କପ୍ ପିଆଲାଗୁଡ଼ିକ ବେଶ୍ ସଫା ଓ ଚକ୍ ଚକ୍ କରୁଥାଏ । ଦୁର୍ଗାମଣୀ ଚା ନେଇଆସିଲା । ନୟନାଂଶୁ ଖବରକାଗଜ ଖୋଲି ପଢ଼ିବସିଲା । ମୁଁ କହିଲି ଆଜି ଅନେକ ଡ଼େରି ହେଲାଣି ଦୁର୍ଗାମଣି – ଶୀଘ୍ର ବଜାରକୁ ଚାଲିଯାଅ – ଅଂଶୁ କହିଲା । ମୋର ଆଜି ଅଫିସ୍ ନାହିଁ – ମହରମ୍ ଛୁଟି । ମାଳତୀ ମନେ ମନେ ଭାବିଲା – ତା'ର ଆଜି ଛୁଟି – ମୋତେ କିଛି କରିବାକୁ ହେବ – କିଛିଗୋଟାଏ ବାହାନା ଦେଖାଇ ସାରାଦିନ ବ୍ୟସ୍ତ ରହିବାକୁ ହେବ । ଆଲମାରୀରୁ ସବୁ ଶାଢ଼ୀ ତଳକୁ ପକାଇ ଦେଇ ଆଉଥରେ ଭାଙ୍ଗି ଭୁଙ୍ଗି ସଜାଇ ରଖିବି, କାନ୍ଥରେ ଅଳନ୍ଧୁ, ପଂଖାରେ ଧୂଳି, ରଂଧାଘରେ ନାନାପ୍ରକାର ଅଳିଆ, ବାଥ୍‌ରୁମ ବି ଅନେକ ଅପରିଷ୍କାର ହୋଇପଡ଼ିଛି – ସବୁ ଆଜି ସଫା କରିବାକୁ ହେବ – ନିଜେ ଠିଆହୋଇ କେଷ୍ଟୋ ଦ୍ୱାରା ସବୁ କରାଇନେବି । ସବୁଠୁ ଭଲ ନିଜ କାମ ନିଜେ କରିବା । କିଛି ଭାବିବାକୁ ଆଜି ଫୁର୍‌ସତ ନାହିଁ । ମନରୁ ଦୁଶ୍ଚିନ୍ତା, ଦୁର୍ଭାବନା ସବୁ ଆଜି ଦୂରୀଭୂତ

ହୋଇଛି । କ୍ଷୁଧା ନାହିଁ, କ୍ଲାନ୍ତି ନାହିଁ, ନିଦ ନାହିଁ । ବସ୍ତିର ଏ ଠକରାଣୀମାନେ କ'ଣ କେବେ ଭଲପାଇବା ନେଇ ଏତେ ମୁଣ୍ଡ ଘୂରାନ୍ତି ? ମେରୁଦଣ୍ଡ ବଙ୍କେଇ ବଙ୍କେଇ ଘର ଘର ବୁଲି ଘରପୋଛା, ବାସନ ମଜା, ଲୁଗାଧୁଆ – ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ସବୁଦିନ ଏକାପରି – ଆଉ ତା'ରି ତଳେ ହୁଏତ ଚପାପଡ଼ି ରହିଯାଏ ଶାଶୁଙ୍କ ଗୋଇଠା, ସ୍ୱାମୀର ହୁଙ୍କାର, ସନ୍ତାନ ସନ୍ତତିର ବହୁଳତା, ଅପମୃତ୍ୟୁ ଇତ୍ୟାଦି ଇତ୍ୟାଦି । ସୁଖ ଲାଗି ସମୟ ମିଳେନା – ଦୁଃଖପାଇଁ ବି ମିଳେନା – ଏସବୁର ଏକମାତ୍ର ମହୌଷଧି ହେଉଛି – ଖଟଣି ।।

– ଏଇ ସପୁରୀର ଜାମ୍‌ଟା ବେଶ୍ ଭଲଲାଗୁଛି – ଟିକେ ଚାଖି ଦେଖିବ କି ?

– ନା ! ପୁଣି ଏକ ରେଳ ଦୁର୍ଘଟଣା – କ'ଣ ଯେ ହେଉଛି ଏ ଦେଶରେ ?

ଅଂଶୁର ଆଖିଟା ବାହାରୁ ବୁଲି ଘର ଭିତରକୁ ଫେରିଆସିଲା – ବାତାପି ରଂଗର କାନ୍ଥ, କାନ୍ଥ ଆଲମାରୀରେ କାଚ ବାସନ ସବୁ ସୁନ୍ଦର ଭାବେ ସଜାହୋଇ ଥୁଆହୋଇଛି – ଯେମିତି କାହାର ହାତଅଙ୍କା ସୂର୍ଯ୍ୟମୁଖୀ ଛବିଟିଏ । ସବୁ ଯେମିତି ଚିକ୍ ଚିକ୍ କରୁଛି – ସକାଳର ଏ ତୋଫା ଆଲୁଅରେ ।

– ତୁମର ଆଜି ଛୁଟି ?

– ମୋର ଆଜି ଛୁଟି । (ମୋର ଆଜି ଛୁଟି ବୋଲି ସାରାଦିନ ଘରେ ବସି ବସି କ'ଣ ଯେ କରିବି) ? ମାଳତୀ ଆଉ ମୁଁ ଗୋଟିଏ ଘରେ – ପୁଣି ନିଛାଟିଆ ଘରେ ସାରାଦିନ । କ'ଣ କରିବି ? ବିବାହ ବିଚ୍ଛେଦ, ଅଦାଲତ୍ ? ହେତ୍ – ନିହାତି ନାଟକୀୟ – ବାଜେ ଚିନ୍ତା । କିନ୍ତୁ ମାଳତୀ ଯଦି ନିଜେ ଚାହେଁ ? ସତରେ କ'ଣ ସେ ତା' ଚାହିଁବ ? ସେ ବା ସେଥିରୁ ଅଧିକା କ'ଣ ପାଇବ ଯାହା ସେ ଏବେ ପାଇପାରୁନି । ମୋହ ! ସେଇଟାତ କଟିଯିବ ଧୀରେ ଧୀରେ । ଆଉ ଜୟନ୍ତ – ସେ ବି ଦୂରେଇଯିବ ଦିନେ । ତା'ର ବି ସ୍ତ୍ରୀ, ପୁତ୍ର, କନ୍ୟାର ସଂସାର ଅଛି । ଆଉ ମାଳତୀର ବି ବୁନ୍ନି ଅଛି, ବାପଘର ଅଛି, ଶାଶୂଘର ଅଛି । ଆଉ ଶେଷ ପର୍ଯ୍ୟନ୍ତ – କିଏ କ'ଣ କହିବ – ସେଇ ଚିନ୍ତା । ଆଉ ମୁଁ – ନା, ଆଉ ସହିହେବନି । ମୁଁ ଅପମାନିତ ହୋଇଛି ମାସ ମାସ ଧରି – ଦିନ ଦିନଧରି ଅସମ୍ମାନ, ଅପମାନ କେବଳ ପାଇଆସିଛି – ଆଉ ମୁଁ ସହ୍ୟ

କରିପାରିବିନି – ମୁଁ ନିଶ୍ଚୟ ପ୍ରତିଶୋଧ ନେବି । ମୁଁ ତାକୁ ଡାଇର୍ଭୋସ କରିବି – କିନ୍ତୁ ବୁନ୍ନିକୁ ଦେବିନି – ପଇସାଟିଏ ବି ଶେୟାର କରିବିନାହିଁ । ବୁନିକୁ ଶିଖାଇବି ତୋର ମାଆ ଅତି ଖରାପ, ତୋ'ର ମାଆକୁ ତୁ ଭୁଲିଯାଆ । ତା'ର ଯୁଆଡ଼େ ଇଚ୍ଛା ସେ ଯାଉ – ଚୁଲିକୁ ଯାଉ କି ଗାତକୁ ଯାଉ, ଆଉଥରେ ବାହାହେଉ – ମୁଁ କିଛିଜାଣେନା – ମୁଁ ନିଶ୍ଚୟ ପ୍ରତିଶୋଧ ନେବି ।

ଚ୍' ପିଉ ପିଉ ନୟନାଂଶୁର ତଣ୍ଟିରେ ଲାଗିଲା; ମାଳତୀ କହିଲା ଢ଼ୋକେ ପାଣି ପିଇଦିଅ ଭଲଲାଗିବ । ଅଂଶୁ ପାଣିଟିକେ ପିଇ ଖବରକାଗଜ ପଢ଼ାରେ ମନଦେଲା । କଲିକତାରେ ଆହୁରି ପାଂଚଶହ ଟେକ୍ସି ଚଳିବ । ଭଲକଥା ।

ବୁନ୍ନିକୁ ଅନେକ ଦିନରୁ କହିଆସୁଛି ତାକୁ ଥରେ ଚିଡ଼ିଆଖାନା ବୁଲାଇ ଆଣିବି – କିନ୍ତୁ କେବେ ହୋଇପାରୁନି । (ସେଇ ଭଲ, ବୁନ୍ନିକୁ ନେଇ ଚିଡ଼ିଆଖାନା ବାହାରି ପଡ଼ିଲେ ଭଲହୁଅନ୍ତା – ସାଙ୍ଗରେ ଅଂଶୁ ଆଉ ଜୟନ୍ତ । ସେଥିରେ ଦୋଷ କ'ଣ । ବରଂ ବେଶ୍ ଭଲହେବ । ଅନିଦ୍ରା, ଅଂଧକାର ତା' ସାଙ୍ଗକୁ ବର୍ଷାର ଏ ଶବ୍ଦ ସବୁକେମିତି ଭୟଙ୍କର ରୂପ ଧାରଣ କରିଥିଲା କାଲି । ମୁଁ ଖୁବ୍ ଭୟ ପାଇଯାଇଥିଲି – ହଠାତ୍ ମୋର ମନେହେଲା – ଯେମିତି କେଉଁ ଅଚିହ୍ନା ଦେଶରେ ରାସ୍ତା ହରେଇ ଦେଇଛି ମୁଁ – କିନ୍ତୁ ଆଜି ଏ ଶରତ ଋତୁର କମନୀୟ ଖରାରେ ସବୁ କେମିତି ସବୁ କେମିତି ବେଶ୍ ସହଜ ଓ ସ୍ୱାଭାବିକ ମନେ ହେଉଛି । କ'ଣ ବା ହୋଇଛି – କିଛି ହୋଇନି ତ ? ଜୟନ୍ତ ନୟନାଂଶୁର ବନ୍ଧୁ – ମୋର ବି ବନ୍ଧୁ। ବୁନ୍ନିବି ଭଲପାଏ ଜୟନ୍ତକୁ । ଜୟନ୍ତ ପାଖରେ ଥିଲେ ବେଶ୍ ନିଶ୍ଚିତ ଲାଗେ ମୋତେ – ଏଇ ସଂସାରରେ ମୋର ସବୁଠୁ ବଡ଼ସାହା । ଆଉ ଏ ସଂସାରଟା କାହାର ? ସେଇ ନୟନାଂଶୁର ତ ?)

ଚୌରଙ୍ଗୀରେ ସେ ଦୁଆର ଭଂଗା ଘରଟାକୁ ପୂରାଭାଂଗି ଦିଆଯାଇଛି – ସେଠି ଗୋଟିଏ ସ୍କାଇସ୍କ୍ରାପର ତୋଳା ହେବ ।

– ଭାବୁଥିଲି ଆଜିହିଁ ବୁନ୍ନିକୁ ନେଇ ଚିଡ଼ିଆଖାନା ଦେଖାଇ ଆଣିବି ?

ଦିନଟା ବେଶ୍ ଗରମ ଲାଗୁନି, ବର୍ଷା ବି ନାହିଁ ।

– ବେଶ୍ ତ, କେଷ୍ଟୋକୁ ପଠେଇଦିଅ ବୁନ୍ନିକୁ ନେଇଆସୁ ।

– ପଠାଇ ଦେଇଛି । ବୁନ୍ନି ଏଇକ୍ଷଣି ଆସି ପହଂଚିଯିବ । ଜୀବଜନ୍ତୁ ଦେଖିବାକୁ ତୁମକୁ ତ ବେଶ୍ ଭଲଲାଗେ – ତମେ ଚାଲୁନ ?

– ମୁଁ ? ନା, ନା – ମୁଁ ଯିବିନି (ନିର୍ଲଜୀ ! କହୁଛି କ'ଣ ନା – ତମେ ଯିବକି ? ଆଖିରେ ମିଛ, ମୁହଁରେ ମିଛ, ପ୍ରତିଟି ପଦକ୍ଷେପରେ ମିଛ । ମୁଁ କ୍ଷମା କରିପାରିବିନାହିଁ, – ତାକୁ ମୁଁ ନିଶ୍ଚୟ ଯନ୍ତ୍ରଣାଦେବି, କଷ୍ଟ ଦେବି – ଛୋଟ ଛୋଟ ଯନ୍ତ୍ରଣା ସୂକ୍ଷ୍ମ ନିର୍ଯାତନା, ଦିନ ଦିନ ଧରି – ବର୍ଷ ବର୍ଷ ଧରି – ଜୀବନସାରା । ମୁଁ କେବେ ଭୁଲିବିନି – କେବେ ଛାଡ଼ିବିନି ତାକୁ – କେବେ କ୍ଷମା ଦେବିନି – କଷ୍ଟ ପାଇବି ଓ କଷ୍ଟ ଦେବି ସାରଜୀବନ । ବୁନ୍ନି ବଡ଼ ହେଲାପରେ ତା ମାଆପାଖରୁ ଶୁଣିବ ଯେ ତା'ର ବାପା ନିଷ୍ଠୁର, ଖାମଖିଆଲି, ଅତ୍ୟାଚାରୀ ମଣିଷ। ଫଳରେ ବୁନ୍ନି ଆଉ ମୋତେ ଭଲପାଇବନାହିଁ । ସମସ୍ତେ ତା'ରି ପକ୍ଷ ନେବେ । ଯେହେତୁ ସେ ଜଣେ ସ୍ତ୍ରୀ ଲୋକ – ମୁଁ ଆଉ କେବେ କିଛି ସଫେଇ ଦେଇପାରିବିନି । ସାରାଜୀବନ ମୁହଁ ବନ୍ଦକରି ରହିବାକୁ ହେବ ମୋତେ – ମୋର ସ୍ତ୍ରୀର ଆତ୍ମସମ୍ମାନ ବଜାୟ ରଖିବାକୁ ହେବ । ସ୍ତ୍ରୀମାନଙ୍କୁ ଆମେ ଅବଳା ବୋଲି କହୁ – କିନ୍ତୁ ମାରାତ୍ମକ ବଳ ଏ ଅବଳାମାନଙ୍କର । ଆଉ ପୁରୁଷ ! ବିଶେଷକରି ସେ ଯଦି ଭଦ୍ର ଲୋକଟେ ହୁଏ ତାହାଲେ ସାଂଘାତିକ ଭାବରେ ଅସହାୟ ସେ ।)

ଗୋଟାଏ ଧଳାଭାଲୁ ଚିଡ଼ିଆଖାନାକୁ ଆସିଛି – ବରଫ ଘରେ ରଖାଯାଇଛି – ଦେଖିବାକୁ ଯିବ କି ? ମୋର ଅନ୍ୟ କାମ ଅଛି – ବରଂ ଜୟନ୍ତକୁ ଖବର ପଠେଇଦିଅ – ସେ ଆସି ବୁନ୍ନିକୁ କାନ୍ଧରେ ବସେଇ ସବୁ ଦେଖାଇପାରିବ – ଜୟନ୍ତ ବାବୁଙ୍କର କ'ଣ ଏବେ ସମୟ ହେବ ଯିବାଲାଗି ? – ତୁମେ କହି ପଠାଇଲେ ନିଶ୍ଚୟ ସମୟ ହେବ – କେଷ୍ଟୋକୁ ପଠେଇଦିଅ ।

ସକାଳୁ ଉଠିବା ପରେ ଏଇ ପ୍ରଥମଥର ଲାଗି ଦୁହେଁ ଦୁହିଁଙ୍କୁ ଚାହିଁଲେ । କିନ୍ତୁ ସେମାନଙ୍କ ଦୃଷ୍ଟି ଯେମିତି ପରସ୍ପର ସହ ଧକ୍କା ଖାଇ ଫେରିଆସିଲା। (ଏମିତି ଚାହିଁଛ କାହିଁକି ? କି ବୋକାମି ! ନା, ଠିକ୍ କରିଛ । ଏଇଟା ହିଁ ଉପଯୁକ୍ତ ପ୍ରତିଶୋଧ – ତୁମେ ଯାହା ଚାହୁଁଛ – ମୁଁ ବି ଠିକ୍ ତାହା ହିଁ ଦେଉଛି ତୁମକୁ । ତୁମକୁ ଛାଡ଼ିଦେଉଛି,

ପୁଣି ଛାଡୁନି, ବାନ୍ଧି ରଖୁଛି । ମୁଁ ତୁମକୁ ଖୁବ୍ ଯନ୍ତ୍ରଣା ଦେବି – ଛୋଟ ଛୋଟ ସୂକ୍ଷ୍ମ ଯନ୍ତ୍ରଣା, ଦିନ ପରେ ଦିନ, ବର୍ଷ ପରେ ବର୍ଷ, ସେଇଥିପାଇଁ ମୁଁ ତୁମକୁ ଚାହେଁ – ତୁମକୁ ମୋର ଦରକାର । ଖାଲି କ'ଣ ସେତିକି ? ଆଉ କିଛି ଅଛି – ବା କ'ଣ ନାହିଁ ? ହୁଏତ ଅଛି । କିନ୍ତୁ ତାକୁ ସବୁ ପୋଛିଦେବି ମୋ ମନରୁ, ଓପାଡ଼ି ଫିଙ୍ଗିଦେବି ଆଉ ଦଳିଦେବି ମୋ ପାଦତଳେ – କିନ୍ତୁ ମୁଁ ଯଦି ମନସ୍ଥିର କରିନିଏ ଯେ, ଏସବୁ ସତ୍ତ୍ୱେ ମୁଁ ତାକୁ ହିଁ ଭଲପାଇବି ? ବିନା ଆଶାରେ, ବିନା ପ୍ରତିଦାନରେ, ସବୁ କଷ୍ଟ ଭୁଲିଯାଇ ମୁଁ ତାକୁ ଭଲପାଇବି – ତା କ'ଣ ସତରେ ସମ୍ଭବ ନୁହେଁ ? ନୁହେଁ କାହିଁକି ? କଲେ – ସବୁ କରିହୁଏ । ଭଲପାଇବାଟା ସୁଖର କଥା – ଯଦି ଖାଲି ଭଲପାଇବାଟାକୁ ଭଲପାଏ – ଧରାଛୁଆଁ ଦେଲାପରି ଆଉ କିଛି ଯଦି ନଥାଏ – ତଥାପି । କିନ୍ତୁ ନା, ମୁଁ ସେଭଳି କରିବି ନାହିଁ – ଠିକ୍ ତା'ର ଓଲଟା ପ୍ରକାରେ ମନସ୍ଥିର କରିବି । ଯେଉଁ ଗଛରେ ଦିନେ ଫୁଲଫଳ ଧରିଥିଲା ତାକୁ ସଂପୂର୍ଣ୍ଣ ରୂପେ ଉତ୍ପାଟିତ କରିବି । ପ୍ରତିଟି ପତ୍ରକୁ ମୋ ନିଜ ହାତରେ ଟିକ୍ ଟିକ୍ କରି ଛିଣ୍ଡାଇବି, ପାଦତଳେ ଚକଟି ଚକଟି ନଷ୍ଟ କରିଦେବି ପତ୍ର, ଫୁଲ, ଡ଼ାଳ ସବୁକୁ । ଆଉ ସେଇଠି ସେଇ ମାଟି ଉପରେ ଜନ୍ମ ହେବ ମୋର କଷ୍ଟ, ମୋର ଘୃଣା – ଏକ ଆଶ୍ଚର୍ଯ୍ୟ ବିଶାଳ ଏକ ବିଦେଶୀ ଫୁଲପରି, କାକ୍ଟସ୍ ପରି ସୁନ୍ଦର କଣ୍ଟାରେ ପରିପୂର୍ଣ୍ଣ – କାକ୍ଟସ୍ ଫୁଲ ସାପର ଫଣା ପରି ବିଷାକ୍ତ ଅଥଚ ସୁନ୍ଦର – ଏଇ ହେବ ମୋର ପ୍ରତିଶୋଧ ।)

ନୟନାଂଶୁ ଡ୍ରଇଂରୁମ୍ ଭିତରକୁ ଆସିଲା – ସୋଫାରେ ବସି 'ଆର୍ଟ ଏଣ୍ଡ୍ ପବ୍ଲିସିଟି' ପତ୍ରିକାଟି ଓଲଟାଇବାକୁ ଲାଗିଲା । କି ଚମତ୍କାର ମଲାଟ ସବୁ କରିଛନ୍ତି – ବିଦେଶୀ କଂପାନୀମାନେ ? ସିଗାରେଟ୍ ସବୁ ବର୍ଷାଦିନେ ନେସେମା ହୋଇଥାଏ – ମୋଟେ ଧୂଆଁ ବାହାରେ ନାହିଁ । ମୋର ଫାଉଣ୍ଟେନ୍ ପେନ୍‌ଟା ସଜାଡ଼ିବାପାଇଁ ଦେବାକୁ ହେବ । ମୁଁ ଏତେବେଳ ଯାଏଁ ଖିଅର ହୋଇନି – ବର୍ତ୍ତମାନ ହେବି କି ? ନାଇଁ ଥାଉ – ଆଜିତ ଛୁଟି ଅଛି । ହେଲେ ଖିଅର ନହେଲେ ଦାଢ଼ିଗୁଡ଼ା ଭାରି କୁଣ୍ଡେଇ ହୁଏ । ଆଜି ଦିନସାରା ବସି ବସି ଗୋଟିଏ ବହି ପଢ଼ିଲେ ଭଲହୁଅନ୍ତା । ଉପନ୍ୟାସ, ନାଟକ ନା ଜୀବନୀ ? କେଉଁଟା ଭଲହେବ ? ଥାଉ ବରଂ ଅଧା ମଇଳା ପଂଜାବୀ, ପାଇଜାମା

## ମୁଁ ମାଳତୀ କହୁଛି

ପିନ୍ଧି, ଚଟିମାଡ଼ି କୁଆଡ଼େ ବୁଲିଆସିବି ଟିକିଏ ? ନା, ଥାଉ ଆଜି ଖରା, ଭାରି ଆଲୁଅ । ମୋତେ ମେଘୁଆ ପାଗ ଭଲଲାଗେ, ଛାଇ ମେଘ, ଅଧା ଛାଇ, ଅଧା ମେଘ ମୋତେ ସତେ ଭାରି ଭଲଲାଗେ । ସହରରେ ବର୍ଷା, ଦୋତାଲା ବସ୍, ଝାପ୍ସା, ରାସ୍ତାର ବତୀ, ଝାପ୍ସା ସହର, ଝାପ୍ସା ମଣିଷ – ସବୁ ଝାପ୍ସା, ଝାପ୍ସା । ମୋତେ ଏସବୁ ଖୁବ୍ ଭଲଲାଗେ ।

ଆଖି ମେଲି ଦେଖିଲି । ମାଳତୀ ଏଇମାତ୍ର ଗାଧୋଇ ଆସି ତା'ପାଖରେ ଠିଆହୋଇଛି – ପିଠି ଉପରେ ମୁକୁଳା ହୋଇ ଲୋଟିପଡୁଛି ତା'ର କେଶ ରାଶି, ହାତରେ ପାନିଆ । ନୟନାଂଶୁର ହଠାତ୍ ସମୟଟା ଗୋଳମାଳ ହୋଇଗଲା ଯେମିତି – ମନେହେଲା ଏଇଟା ଯେମିତି ଅନେକ ଆଗର ପୁରୁଣା ଗୋଟିଏ ଦିନ । ସେ ଆଖିଟେକି ମାଳତୀକୁ ଚାହିଁଲା ।

– ମାଳତୀ କହିଲା – ତମେ ବସୁ ବସୁ ଶୋଇପଡ଼ିଥିଲ ।

– ଅଂଶୁ କହିଲା – ସତେ ? ?

– ମୁଁ ଭାବୁଥିଲି ବେଲେଘାଟା ଯିବି ।

– ହଠାତ୍ ବେଲେଘାଟା ? ପିଇସୀ ମା'ଙ୍କୁ ଥରେ ଦେଖିଆସନ୍ତି ।

ପିଇସୀ ମା'ଙ୍କ କଥା ଶୁଣିବାମାତ୍ରେ ନୟନାଂଶୁର ସବୁକଥା ମନେପଡ଼ିଗଲା – ସେ ସାଂଗେ ସାଂଗେ ଆଖି ଫେରେଇ ନେଲା ।

– ଚିଡ଼ିଆଖାନା ଯିବାକଥା କ'ଣ ହେଲା ?

– ଆଉଦିନେ ଯିବା ।

– ବୁନ୍ନି ଆସିଲେ ତାକୁ ନେଇ ବେଲେଘାଟା ଚାଲିଯାଅ ।

– ହଁ, ବୁନ୍ନିକୁ ତ ନିଶ୍ଚିତ ନେବି – ଆଉ ତମେ ? ?

– ମୁଁ ? ?

– ହଁ, ତମେ ଯିବନି କି ?

– କେଉଁଠି କି ? – ଚିଡ଼ିଆଖାନା ? ?

– ନା – ବେଲେଘାଟା ଯିବନି କି ?

– ମୁଁ ତ କାଲିଯାଇଥିଲି ।
– ଆଜିବି ତ ଯାଇପାରିବ ।
– ନା, ଆଜି ମୁଁ ଯିବିନି ।

(ଯିବନି ? ଅଲବତ୍ ଯିବ । ମୁଁ ଦୁଇଚାରି ଥର କଅଁଳେଇ ଗେଲେଇ ହୋଇ କହିବି – ଚାଲନା – ଥରେ ଅଧେ ହୁଏତ ତା'ର ମୁଣ୍ଡରେ ହାତଦେବି ଆଉ ଆସ୍ତେ ଆସ୍ତେ ଆଉଁଷି ଦେବି – ସେ ଆସ୍ତେ ଆସ୍ତେ ଠିଆହେବ । ହୁଁଃ ! ପୁରୁଷ ! ଦଶଟା ପୁରୁଷକୁ ଏକାସାଂଗେ ଜଣେ ସ୍ତ୍ରୀ ଲୋକ ପରା ଖେଳାଇପାରେ – ଯଦି ମୁଣ୍ଡରେ ଟିକେ ବୁଦ୍ଧି ଥାଏ । ଏମିତି ବୋକା ଦ୍ୱିପଦ ଜନ୍ତୁଟିଏ ଭଗବାନ ଆଉ ସୃଷ୍ଟି କରିନାହାନ୍ତି । ଛି ! ଏ କ'ଣ ଭାବୁଛି ମୁଁ । ଅଂଶୁତ ମୋର କିଛି କ୍ଷତି କରିନି ଆଜିଯାଏ ? ସେ ଖୁବ୍ ଭଲ – କିନ୍ତୁ ଦୁଃଖ ଏତିକି ଯେ ଏଇ ଗୁଣଟା ତା'ର କୌଣସି ଭଲକାମରେ ଲାଗିପାରିଲା ନାହିଁ । ସେଇ ହେଉଛି ମୁସ୍କିଲ । କୌଣସି କାମରେ ଲାଗିଲାନାହିଁ – ଯାର ବା ମାନେ କ'ଣ । ମୁଁ କ'ଣ ତାକୁ ଛାଡ଼ି ଚାଲିଯାଇଛି – ବା ଚାଲିଯାଇପାରନ୍ତି – ବା, ସେ କ'ଣ କେବେ ମୋତେ କହିପାରିବ – ତମେ ଚାଲିଯାଅ ବୋଲି । ନା, ଏଇ ସୁନ୍ଦର ସଂସାରଟାକୁ ମୁଁ ଯେ ନିଜ ହାତରେ ଭାଂଗିଦେବି – ଏକଥା କେବେ କଳ୍ପନା ବି ମୁଁ କରିନି । ତା' କଣ କେବେ ସମ୍ଭବ ହୋଇପାରେ ? ମୁଁ ଯେ ବୁନ୍ନିର ମାଆ, ମୋର ଜ୍ୱାଇଁଟିଏ ଆସିବ, ନାତିନାତୁଣୀ ହେବେ, ନୂଆ ବଂଧୁ ହେବେ – ଏଇ ମୋର ସଂସାର – ମୋର ଅତି ଆପଣାର । ତିଳତିଳ ରକ୍ତଦେଇ, ଶ୍ରମଦେଇ ମୁଁ ଯାକୁ ଗଢ଼ିଛି, ସଜାଡ଼ିଛି, ବଢ଼ାଇଛି । ମୁଁ ଅଂଶୁର ସ୍ତ୍ରୀ ଓ ସବୁଦିନ ସେଇଆ ହିଁ ରହିବି । ଅଂଶୁକୁ ଚିରକାଳ ମୋର ସ୍ୱାମୀ ହୋଇ ରହିବାକୁ ହେବ – ଏହାହିଁ ତା'ର ଶାସ୍ତି ଓ ମୋର ବି ଶାସ୍ତି – ଆଉ ଏଥିରେ ଆମ ଉଭୟଙ୍କର ଶାନ୍ତି ।

ଶୁଣ, ମୁଁ ଆଜି ସାରାଦିନ ବେଲେଘାଟାରେ କଟାଇ ଆସିବି । ଅନେକ ଦିନହେଲା ସେଠିକି ଯାଇନି ।

ଅଂଶୁ, ଆଣ୍ଠୁ ଉପରେ ଆଣ୍ଠୁ ଥୋଇ ହସି ହସି ଆଖି ଫେରେଇ ନେଲା ବହି ଉପରକୁ । ମାଳତୀ ଶୋଇବା ଘରକୁ ଚାଲିଗଲା । (ଚିଡ଼ିଆଖାନା, ବେଲେଘାଟା,

## ମୁଁ ମାଳତୀ କହୁଛି

ଚିଙ୍ଗୁଡ଼ି ହାଟା, ଉଲଟା ଡାଙ୍ଗା.... ମୁଁ କ'ଣ ଶୋଇପଡ଼ିଛି କି। ନା, ଶୋଇପଡ଼ିଲେ ଚଳିବ ନାହିଁ। ମୋତେ ଭାବିବାକୁ ହେବ। ସଂଧ୍ୟାବେଳେ ଜୟନ୍ତ ଆସି ହୁଏତ ଫେରିଯିବ – ତେଣୁ ସେ ବାହାରି ପଡୁଛି ପିଇସୀ ମା'ଙ୍କୁ ଦେଖିବାକୁ। କର୍ତ୍ତବ୍ୟରେ ତ୍ରୁଟି ହେବାକୁ ଦେବନି ସେ। ଅଥବା ମୁଁ ଯାହା ଭାବୁଛି ସେସବୁ ଭୁଲ୍ – ହୁଏତ ଭୁଲ୍ ନୁହେଁ – ଅଥବା ବ୍ୟାପାରଟାକୁ ଅତିରଂଜିତ କରୁଛି – ଅଥବା ଯାହା ଭାବୁଛି ତାହା ଠିକ୍ ନୁହେଁ କିମ୍ବା ଜୟନ୍ତକୁ ଆଜି ହୁଏତ ସେ ଏଡ଼ାଇବାକୁ ଚାହୁଁଛି। ତାହା ହିଁ ଠିକ୍। ସେ ଯାହା ହେଉନା କାହିଁକି ସେଥିରେ ମୋର ଆଉ କିଛି ଯାଏ ଆସେନା। ଜୟନ୍ତ, ମାଳତୀ ଓ ମୁଁ ବୁନ୍ନିକୁ ନେଇ ଚିଡ଼ିଆଖାନା ଯିବ – ବେଶ୍ ତ ! ମୋର ଯିବା, ମୋର ନଯିବା ଏକାକଥା – କିଛି ତଫାତ୍ ନାହିଁ ସେଥିରେ। ଖିଅର ହୋଇ, ଗାଧୋଇ ପଡ଼ି, ଫିଟ୍‌ଫାଟ୍ ହୋଇ ସପରିବାର ବେଲେଘାଟା ଚାଲିଲୁ। ସେଠି ସାରାଦିନଟା କଟାଇଦେଇ ଆସିଲୁ। କିଛି ତଫାତ୍ ନାହିଁ ସେଥିରେ। ଏଇଟା ଫରାସୀ ବିପ୍ଲବ ନୁହେଁ କି ଋଷ୍ ବିପ୍ଲବ ନୁହେଁ କି ଦ୍ୱିତୀୟ ବିଶ୍ୱଯୁଦ୍ଧ ନୁହେଁ। ପଚାଶ ବର୍ଷ ପରେ ୟାର କ'ଣ କିଛି ଚିହ୍ନବର୍ଣ୍ଣ ରହିବ। ଏପରିକି ପାଞ୍ଚବର୍ଷ ପରେ ୟାର କ'ଣ କିଛି ଚିହ୍ନବର୍ଣ୍ଣ ରହିବ ? ଜୀବନ ଷ୍ଟିମ୍ ରୋଲର ପରି ଭୀଷଣ, କ୍ଷମାହୀନ ଅଥଚ ଦୟାମୟ। ଏମିତି ଚାଲିବ, ଯେମିତି ସବୁ ଚାଲିଛି, ସମସ୍ତେ ଚାଲିଛନ୍ତି – ଦିନେ ହଠାତ୍ ସ୍ୱପ୍ନରୁ ଉଠିପଡ଼ିବେ ସେମାନେ – ଜୟନ୍ତ ଓ ମାଳତୀ – ଆଉ ନୟନାଂଶୁ ବି। ଦୁଃଖ କଷ୍ଟର ରଜ୍ଜୁରେ ଇଚ୍ଛାର ମୃତ୍ୟୁ ହେବ – ଏଇ ଶରୀର ଧ୍ୱଂସପ୍ରାପ୍ତ ହେବ – କେବଳ ରହିବ କେତେ ମୁଠା ପାଉଁଶ ଓ ମାଟି। ଏଇତ ଏଇ ଦେହର ସ୍ୱପ୍ନ।

ଏବେ ଆଉ ମୋର ମୋଟେ ରାଗନାହିଁ ମନରେ, ଦିନର ଆଲୁଅ, ଖବର କାଗଜ, ଟ୍ରାମର ଶବ୍ଦ – ଦିନ ପରେ ଦିନ, ପ୍ରତିଦିନ – ତା'ପରେ ଦିନେ ଧୁମ୍‌ଧାମ୍‌ରେ ବୁନିର ବାହାଘର କରିବ ତୁମେମାନେ – ତୁମେ ଆଉ ମାଳତୀ – ଧୀରେ ଧୀରେ ବୁଢ଼ାହେବ ଦୁହେଁ – ଯେମିତି ହୋଇଚାଲିଛନ୍ତି ଚାରିଆଡ଼େ କୋଟି କୋଟି ଲୋକ – ଅନ୍ଧ, ମୂର୍ଖ, ଅଚେତନ – ଠିକ୍ ସେମିତି ତମେ ବଂଚିରହିବ ବର୍ଷ ପରେ ବର୍ଷ। କିନ୍ତୁ ଗୋଟିଏ କଥା ଠିକ୍ ଭାବେ ଜାଣିରଖ – ଛିଣ୍ଡି ଯାଇଥିବା ତାର ଆଉ ଯୋଡ଼ି ହେବନି

କି ଜୀବନର ବିସ୍ମୃତ ରାଗିଣୀ ଆଉ କେବେ ଫେରି ଆସିବନି । ଯିଏ ତୁମକୁ ଭଲପାଏନା ତା ସଙ୍ଗେ, ଯାହାକୁ ଭଲପାଇବାକୁ ହୁଏତ ତୁମେ ଭୁଲିଯିବ – ତା'ରି ସଂଙ୍ଗେ – ଏମିତି ତମକୁ ବଂଚିବାକୁ ହେବ – ତମେ ବଂଚିବ – ସାରାଜୀବନ ଏମିତି କରି ବୁଢ଼ାହେବ ଦିନେ । କିନ୍ତୁ ସେଥିରେ ବା କ'ଣ ଯାଏ ଆସେ କହୁନ ? ଭଲପାଇବା ଜରୁରୀ ନୁହେଁ, ସ୍ୱାମୀ-ସ୍ତ୍ରୀ ହୋଇ ରହିବାଟା ଜରୁରୀ । ହାତ ଗୋଟିଏ କଟିଗଲେ ବି ମଣିଷ ବଂଚି ରହୁଛି, ଗୋଟିଏ ଫୁସ୍‌ଫୁସ୍ ନଷ୍ଟ ହୋଇଗଲେ ବି ମଣିଷ ବଂଚିରହେ – ଆଉ ଆଜି ତା'ତୁଳନାରେ କେତେ ଛୋଟ, କେତେ ତୁଚ୍ଛ ତମର ଏ କ୍ଷତି – କେତେ ତୁଚ୍ଛ ଏ ଘଟଣା । କଳା ନୁହେଁ କି – ଧଳା ବି ନୁହେଁ, ହିଂସ୍ର, ସୁନ୍ଦର, ମହତ୍, ନିଷ୍ଠୁର, ଭୋଗୀ, ତ୍ୟାଗୀ କୌଣସିଟା ନୁହେଁ । କୋଟି କୋଟି ମନୁଷ୍ୟ, ଜୀବନ ଅଫୁରନ୍ତ, ମୂର୍ତ୍ତି, ଅନ୍ତହୀନ । ତୁମେ ଏମିତି କେଉଁ ମହାପୁରୁଷ ଯେ, ତୁମର ଜୀବନରେ ଏହାର ବ୍ୟତିକ୍ରମ ହେବ ?

ଉଠ ନୟନାଂଶୁ ! ଉଠ, ଚାହିଁଦେଖ ଆଜିର ଏ ଝଲ୍‌ମଲ୍ ଦିନଟିକୁ – ତୁମର ଏ ନୂତନ ଦିନଟିକୁ ପ୍ରଣାମ କର – ଅଭ୍ୟର୍ଥନା ଜଣାଅ ।

ତାକୁ ଆଲିଙ୍ଗନ କର ନୟନାଂଶୁ– ଆଲିଙ୍ଗନ କର ।



**– ସମାପ୍ତ –**

# କୃତଜ୍ଞତା

ଏ ବହିଟି ଲୋକଲୋଚନକୁ ଆସିବାପାଇଁ "ଆମରିସତ୍ୟ" ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ମନୋରମା ପାଢ଼ୀଙ୍କ ଅବିରତ ତାଗିଦା, ନିରବଚ୍ଛିନ୍ନ ଉତ୍ସାହ ହିଁ ଦାୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ଉଭୟଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି।

ଅନୁଜ ପ୍ରତିମ ବଂଧୁ ଗୀତିକବି ଶ୍ରୀ ତ୍ରିଲୋଚନ ଦାସ ଓ ଖୋରଧା ମାଟିର ବରପୁତ୍ର, ଅପ୍ରତିଦ୍ୱନ୍ଦ୍ୱୀ କବି ନିଶିକାନ୍ତ କହଲ ସିଂ – ଏ ବହିର ପ୍ରକାଶ ଲାଗି ବାରମ୍ଭାର ଫୋନ୍ ମାଧ୍ୟମରେ ମୋତେ ଚେତାଇ ଦେଉଥିଲେ ଓ ତୁରନ୍ତ ପ୍ରକାଶ ପାଉବୋଲି ଅନୁରୋଧ କରୁଥିଲେ। ସେମାନେ ସବୁବେଳେ ମୋର ହିତାକାଂକ୍ଷୀ – ସେମାନଙ୍କର ଆନ୍ତରିକ ଶୁଭେଚ୍ଛା ନେଇ ଏ ବହି ପ୍ରକାଶ ପାଇଲା – ସେଇଥିପାଇଁ ସେମାନଙ୍କ ପାଖରେ ମୁଁ ଆଜୀବନ ଋଣୀ ହୋଇ ରହିଲି।

ମହାନ ଗୀତିକାର ବଂଧୁ ରମେଶ ମଙ୍ଗରାଜ, ଗୀତିକବି ସୂର୍ଯ୍ୟ ମହାନ୍ତି ଏବଂ ମୋର ଅତି ନିଜର (ଗାଁ ଭାଇ) ଜ୍ଞାନ ଦାଶ ଏ  ସମସ୍ତେ ମୋର ଏ ବହିଟିର ଆତ୍ମପ୍ରକାଶ ପାଇଁ ଚାତକ ପରି ଅନେଇ ବସିଥିଲେ। ଏବେ ସେ ବହିଟି ପ୍ରକାଶ ପାଇଲା ଜାଣି ସେ ନିଶ୍ଚୟ ଖୁସିହେବେ। ସେମାନଙ୍କ ସଦିଚ୍ଛା, ଶୁଭକାମନା ମୋ ଲାଗି ସବୁଦିନ ଥାଉ। ମୁଁ ଏବେବି ସେମାନଙ୍କ ପାଖେ ଋଣୀ ହୋଇ ରହିଛି ଓ ରହିବି।

ବିଶିଷ୍ଟ ସାହିତ୍ୟିକ, ସମାଲୋଚକ ତଥା ଶିକ୍ଷାବିତ୍ ଶ୍ରୀ ତ୍ରିଲୋଚନ ମହାପାତ୍ର ମହାଶୟ ତାଙ୍କର ଅମୂଲ୍ୟ ସମୟ ଦେଇ ମୋର ଏଇ ପାଣ୍ଡୁଲିପିର ଭ୍ରମ ସଂଶୋଧନ କରିଦେଇଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି – ତାଙ୍କର ଏଇ ଶ୍ରମ ମୋ ପାଇଁ ଚିରନମସ୍ୟ ହୋଇ ରହିବ।

ଶେଷରେ ରାଜୀବ ରଥ ତାଙ୍କର ଅନେକ ବ୍ୟସ୍ତତା ଭିତରେ ସମୟ ଦେଇ ମୋର ବହିଟିର ପ୍ରଚ୍ଛଦପଟ ଓ ଅଂଗସଜ୍ଜା ନିଖୁଣ ଭାବେ କରିଦେଇଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି।

**ସମରଜିତ୍ ପଟ୍ଟନାୟକ**